# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୬/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 16/2020 | ★★★★

୪୬ଶ ଭାଗ ୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




### ୟୁଟ୍ୟୁବ୍ ଚ୍ୟାନେଲ ଲଞ୍ଚ କଲେ ଗୋବିନ୍ଦା

ବଲିଉଡ୍‌ରେ ଦର୍ଶକଙ୍କ ମନୋରଞ୍ଜନ କରିଆସୁଥିବା ଗୋବିନ୍ଦା ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ ଲଞ୍ଚ କରିଛନ୍ତି। ସମୟ ସହିତ ତାଳ ଦେଇ ନିଜକୁ ଡିଜିଟାଲ କରିଛନ୍ତି ସେ।

୦୨

୧୪

### ଭାୱ୍ନାଙ୍କୁ ଅଲିମ୍ପିକ ଯୋଗ୍ୟତା

ଭାୱ୍ନା ଜାଟ୍ ୨୦ କିଲୋମିଟର ଚାଲି ଇଭେଣ୍ଟରେ ଜାତୀୟ ରେକର୍ଡ ଭଙ୍ଗ କରିବା ସହ ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି।



# ଅନୁପଙ୍କ ଡ୍ରାଇଭର ଗିରଫ

## କଳ୍ପନା, ବବ୍‌ଲି ହତ୍ୟା ଘଟଣା

- ଗୁପ୍ତସ୍ଥାନରେ ରଖି ପୋଲିସର ପଚରାଉଚରା
- ବର୍ଦ୍ଧନ ନିର୍ଦ୍ଦୋଷ କହିଲେ ସ୍ତ୍ରୀ, ଝିଅ
- ସୁନ୍ଦରଗଡ଼ର ମୂଳ ବାସିନ୍ଦା ବର୍ଦ୍ଧନ
- ୧୨ବର୍ଷ ହେବ ଅନୁପଙ୍କ ଗାଡ଼ି ଚାଳକ ଥିଲେ



ଗିରଫ ଡ୍ରାଇଭର ବର୍ଦ୍ଧନ ଟପ୍ପୋ।

ଝାରସୁଗୁଡ଼ା ଅଫିସ,୧୫।୨

ଛତିଶଗଡ଼ର ହମିରପୁର ଜଙ୍ଗଲରେ ଓଡ଼ିଶାର କଳ୍ପନା ଦାଶ (୩୨) ଓ ତାଙ୍କ ଝିଅ ବବ୍‌ଲି(୧୩) ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଛି। ସେ ହେଲେ ଏହି ଡବଲ ମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋ। ହତ୍ୟା ଘଟଣାରେ ଅନୁପଙ୍କ ସହିତ ବର୍ଦ୍ଧନ ସମ୍ପୃକ୍ତ ଥିବା ସ୍ପଷ୍ଟ ହେବା ପରେ ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୁନ୍ଦରଗଡ଼ ଜିଲାର ମୂଳ ବାସିନ୍ଦା ବର୍ଦ୍ଧନ ଗତ ୧୪ ବର୍ଷ ହେବ ଅନୁପଙ୍କ ଗାଡ଼ି ଚାଳକ ଭାବେ କାମ କରୁଥିଲେ।

ଅନୁପଙ୍କୁ ଚକ୍ରଧରନଗର ଥାନା ପୋଲିସ ବୁଧବାର ରାତିରେ ଝାରସୁଗୁଡ଼ାରୁ ଉଠାଇ ନେଇଥିଲା। ଏହି ଡବଲ ମର୍ଡର ଘଟଣାରେ ସେ ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡିବା ପରେ ପୋଲିସ ଗୁରୁବାର ରାତିରେ ତାଙ୍କୁ ଗିରଫ କରିଥିଲା। ଗୁରୁବାର ଦିନ ତମାମ ତାଙ୍କୁ ଏନେଇ ପୋଲିସ ପଚରାଉଚରା ପରେ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଥିଲା। ହତ୍ୟାକାଣ୍ଡର କାରଣ କ'ଣ ଓ କିଭଳି ଭାବେ ଅନୁପ ଏହି ନାରକୀୟକାଣ୍ଡ ଘଟାଇଥିଲେ ସେ ସମ୍ପର୍କରେ ସେ ପୋଲିସକୁ ସୂଚନା ଦେଇଥିଲେ। ଏଥିରେ ତାଙ୍କୁ ତାଙ୍କ ଡ୍ରାଇଭର ବର୍ଦ୍ଧନ ସହଯୋଗ କରିଥିଲେ ବୋଲି ଅନୁପ ପୋଲିସ ଆଗରେ ସ୍ପଷ୍ଟ କରିଥିଲେ। ଏହାପରେ ପୋଲିସ ଡ୍ରାଇଭର ବର୍ଦ୍ଧନଙ୍କୁ ତାଙ୍କ ବ୍ରଜରାଜନଗର ରାଜପୁର ପଞ୍ଚାୟତ ଅନ୍ତର୍ଗତ ବଘରାଚକାସ୍ଥିତ ଘରୁ ଶୁକ୍ରବାର ରାତିରେ ଉଠାଇ ନେଇଥିଲା। ପଚରା ଉଚୁରା ପରେ ପୋଲିସ ତାଙ୍କୁ ଗିରଫ କରିଛି। ଜେରା ବେଳେ ଅନୁପ କେବଳ ବର୍ଦ୍ଧନଙ୍କ ନାଁ ନେଇଥିଲେ। ପୋଲିସ କିନ୍ତୁ ଏହି ଘଟଣାରେ ଏକାଧିକ ବ୍ୟକ୍ତି ସାମିଲ ଥିବା ସନ୍ଦେହ କରୁଛି। ସେଥିପାଇଁ ଶନିବାର ଦିନସାରା ପୋଲିସ ବର୍ଦ୍ଧନଙ୍କୁ କୌଣସି ଏକ ଗୁପ୍ତସ୍ଥାନରେ ରଖି ପଚରା ଉଚରା କରୁଛି। ତେବେ ବର୍ଦ୍ଧନଙ୍କଠାରୁ ପୋଲିସ କ'ଣ ତଥ୍ୟ ପାଇଛି ସେ ନେଇ କିଛି ଜଣାପଡି ନାହିଁ। ଅନ୍ୟପକ୍ଷେ ବର୍ଦ୍ଧନଙ୍କ ସ୍ତ୍ରୀ ଓ ଝିଅ ଏ ନେଇ ଭାଙ୍ଗି ପଡିଛନ୍ତି। ବର୍ଦ୍ଧନ ନିର୍ଦ୍ଦୋଷ ବୋଲି ସେମାନେ କହିବା ସହ ପୋଲିସ ଠିକ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ ମେ ୭ରେ ଚକ୍ରଧରନଗର ☞ପୃଷ୍ଠା–୪

## ତଦନ୍ତ ପାଇଁ ଆସିବ ଛତିଶଗଡ଼ ପୋଲିସ ପୃଷ୍ଠା–୩

# ଟ୍ରମ୍ପଙ୍କ ୩ ଘଣ୍ଟା ପାଇଁ ଖର୍ଚ୍ଚ ହେବ ୧୦୦ କୋଟି

ନୂଆଦିଲ୍ଲୀ,୧୫।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ୨୪ରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ଏହି ହାଇପ୍ରୋଫାଇଲ ଗସ୍ତ ପାଇଁ ସରକାର ବିପୁଳ ଅର୍ଥ ବ୍ୟୟ କରୁଥିବା ଜଣାପଡିଛି। ରିପୋର୍ଟ ଅନୁଯାୟୀ ୨୪ରେ ଟ୍ରମ୍ପ ଅହମଦାବାଦ ଗସ୍ତରେ ଯାଇ ସେଠାରେ ୩ ଘଣ୍ଟା ବିତାଇବେ। ତାଙ୍କୁ ସ୍ୱାଗତ କରିବା ପାଇଁ ଗୁଜରାଟ ସରକାର ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିବାକୁ ଯାଉଛନ୍ତି। ଏଥିପାଇଁ ପ୍ରସ୍ତୁତି ପୂରାଦମ୍‌ରେ ଚାଲିଛି। ଟ୍ରମ୍ପଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ ଅର୍ଥ ବାଧକ ହେବା ଉଚିତ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ବିଜୟ ରୁପାନି କହିଛନ୍ତି। ଅହମଦାବାଦରେ ରାସ୍ତା ମରାମତି ଓ ସହର ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ମ୍ୟୁନିସିପାଲ କର୍ପୋରେଶନ ଏବଂ ଅହମଦାବାଦ ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ (ଏୟୁଡିଏ)କୁ ଦିଆଯାଇଛି। ୧୭ଟି ରାସ୍ତାର ମରାମତି ଓ ବିମାନବନ୍ଦରରୁ ମୋଟେରା ଷ୍ଟାଡିୟମ୍ ୧.୫ କିଲୋମିଟର ରାସ୍ତା ସୌନ୍ଦର୍ଯ୍ୟକରଣ ପାଇଁ ୬୦ କୋଟି ମଞ୍ଜୁର ହୋଇଛି। ଏହାବ୍ୟତୀତ ଅନ୍ୟ ରାସ୍ତା ପାଇଁ ୨୬ କୋଟି ବ୍ୟୟ ହେବ। ସବୁ ବିଭାଗକୁ ଠିକ୍ ସମୟରେ ପ୍ରସ୍ତୁତି ଶେଷ କରିବାକୁ କୁହାଯାଇଛି।

# ବାଚସ୍ପତିଙ୍କ ରୁଲିଂକୁ ନେଇ ଝଡ଼

- ବିରୋଧୀଙ୍କ ହଙ୍ଗାମା, ଗୃହ କାର୍ଯ୍ୟ ବରବାଦ
- ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ
- ମାରାଥନ ଆଲୋଚନା ପରେ ସ୍ୱାଭାବିକ ହେଲା ସ୍ଥିତି
- ୯ ଥର ଗୃହ ମୁଲତବୀ



ଭୁବନେଶ୍ୱର,୧୫।୨(ବ୍ୟୁରୋ)

ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ଶନିବାର ପ୍ରଶ୍ନକାଳ, ମୁଲତବୀ, ଧନ୍ୟବାଦ ପ୍ରସ୍ତାବ ଆଲୋଚନା ସବୁକିଛି ବାଏଁ ବାଏଁ ଉଡିଯାଇଛି। ଦିନ ତମାମ ବିରୋଧୀ ଦଳ ସଦସ୍ୟମାନେ ଗୃହକୁ ନିଜ କବ୍‌ଜାକୁ ନେଇ ଯାଇଥିଲେ। ହଟ୍ଟଗୋଳ ଓ ନାରାବାଜିରେ ବିଧାନସଭା ଫାଟି ପଡିଥିଲା। ଗୃହର ମଧ୍ୟଭାଗରେ ବିରୋଧୀ ଦଳ ହଙ୍ଗାମା କଲେ ତାହା ଗଣମାଧ୍ୟମରେ ପ୍ରକାଶ ପାଇବ ନାହିଁ। ଶୁକ୍ରବାର ବାଚସ୍ପତି ଦେଇଥିବା ଏଭଳି ରୁଲିଂକୁ ନେଇ ବିଧାନସଭାରେ ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ଦଳ ସଦସ୍ୟମାନେ ରୁଲିଂକୁ ବିରୋଧ କରି ଗୃହକୁ ସମ୍ପୂର୍ଣ୍ଣ ଅଚଳ କରି ଦେଇଛନ୍ତି। ଶନିବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ଭାଜପା ଓ କଂଗ୍ରେସର ସଦସ୍ୟମାନେ ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ତୁମ୍ବିତୋଫାନ କରିଛନ୍ତି। ବାଚସ୍ପତି ତୁରନ୍ତ ଏଭଳି ରୁଲିଂକୁ ପ୍ରତ୍ୟାହାର କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ରୁଲିଂ ପ୍ରତ୍ୟାହାର ନ ହେବା ଯାଏ ଗୃହ ଚଳାଇ ଦେବୁ ନାହିଁ। ଏଭଳି ରୁଲିଂ ଅଗଣତାନ୍ତ୍ରିକ ଏବଂ ବିରୋଧୀଙ୍କ କଣ୍ଠରୋଧ କରିବାର ଏକ ପ୍ରୟାସ ବୋଲି ଉଭୟ ଦଳର ସଦସ୍ୟମାନେ ଅଭିଯୋଗ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିବାରୁ ଦିନତମାମ ଗୃହକାର୍ଯ୍ୟ ବରବାଦ ହୋଇଯାଇଛି। ବାଧ୍ୟହୋଇ ବାଚସ୍ପତି ବିଭିନ୍ନ ପର୍ଯ୍ୟାୟରେ ସନ୍ଧ୍ୟା ୬ଟା ୫୦ ଯାଏ ମୁଲତବୀ ଘୋଷଣା କରିଥିଲେ। ଗୃହ କାର୍ଯ୍ୟକୁ ସ୍ୱାଭାବିକ କରିବାକୁ ଅପରାହ୍ନରେ ସର୍ବଦଳୀୟ ବୈଠକ ଡାକିଥିଲେ। ମାରାଥନ ଆଲୋଚନା ପରେ ବାଚସ୍ପତି ବିରୋଧୀଙ୍କ ଦାବି ନିକଟରେ ହାର ମାନିଛନ୍ତି। ରୁଲିଂ କେବଳ ଗୋଟିଏ ଦିନ ପାଇଁ ଥିଲା ବୋଲି ବାଚସ୍ପତି ଘୋଷଣା ☞ପୃଷ୍ଠା–୪

# ବାଙ୍କୀରେ ଡବଲ ମର୍ଡର

## ସରପଞ୍ଚଙ୍କ ସ୍ୱାମୀ, ଖବରଦାତାଙ୍କୁ ଗୋଡ଼େଇ ହାଣିଲେ ଦୁର୍ବୃତ୍ତ



ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ପୋଲିସ ହତ୍ୟାକାଣ୍ଡର ତଦନ୍ତ କରୁଛି।

ବାଙ୍କୀ, ୧୫।୨ (ସ୍ୱ.ପ୍ର.)

କଟକ ଜିଲାର ବାଙ୍କୀରେ ଘଟିଛି ଡବଲ ମର୍ଡର। ବରପୁଟ ପଞ୍ଚାୟତର ଜୋକଲାଞ୍ଜି ପ୍ରକଳ୍ପ ନିକଟରେ ଖଜୁରିପଦା ନୂଆଗାଁ ପଞ୍ଚାୟତ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଓ ଖବରଦାତା ଆଦିତ୍ୟ ରଣସିଂହଙ୍କୁ ଶନିବାର ଅପରାହ୍ନରେ ଗୋଡାଇ ଗୋଡାଇ ହତ୍ୟା କରାଯାଇଛି। ଆଦିତ୍ୟଙ୍କ ଘର ଖଜୁରିପଦା ଗ୍ରାମରେ ହୋଇଥିବାବେଳେ ସେ ଏକ ୱେବ ପୋର୍ଟାଲରେ ଖବରଦାତା ଭାବେ କାର୍ଯ୍ୟ କରୁଥିଲେ। ଅପରାହ୍ନରେ ଉଭୟେ ଏକ ବାଇକ୍‌ରେ ବାଙ୍କୀ ଟାଉନ୍‌ରୁ ଗାଁକୁ ଫେରୁଥିଲେ। ଏହି ସମୟରେ ଜୋକଲାଞ୍ଜି ପ୍ରକଳ୍ପ ନିକଟରେ ପୂର୍ବରୁ କେତେଜଣ ଦୁର୍ବୃତ୍ତ ଲୁଚି ରହିଥିଲେ। ଭଗବାନ ଓ ଆଦିତ୍ୟ ପ୍ରକଳ୍ପ ନିକଟରେ ପହଞ୍ଚିବା କ୍ଷଣି ଦୁର୍ବୃତ୍ତମାନେ ବିଭିନ୍ନ ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ଉଭୟ ଗୁରୁତର ହୋଇଥିବାବେଳେ ଆଦିତ୍ୟଙ୍କ ଡାହାଣ ଗୋଡ଼ କଟିଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଏକ ବୋଲୋରୋରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଆଦିତ୍ୟଙ୍କୁ ମୃତ ଘୋଷଣା କରିଥିଲେ। ଭଗବାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ଓ ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଚଳାଇଛନ୍ତି। ଏନେଇ ଥାନାରେ ମାମଲା (ନଂ.୩୭/୨୦) ରୁଜୁ କରାଯାଇଛି। ଆଦିତ୍ୟଙ୍କ ମୃତଦେହ ଜବତ କରି ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିବାବେଳେ ଏହି ଘଟଣା ବାଙ୍କୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଆଇଆଇସି ପଣ୍ଡା କହିଛନ୍ତି, ତଦନ୍ତ ଆରମ୍ଭ ହୋଇଛି। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ନିମନ୍ତେ ଉଦ୍ୟମ ଜାରି ରହିଛି।




### ଆଜିର ସମ୍ପାଦକୀୟ

ବିଫଳ ଯୋଜନା

### ଆଜିର ମନ୍ତବ୍ୟ

"ଜ୍ୟୋତିରାଦିତ୍ୟ ସିନ୍ଧିଆ ରାସ୍ତାକୁ ଓହ୍ଲାଇଲେ ବି କିଛି ଫରକ ପଡ଼ିବ ନାହିଁ।

–କମଲନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଭାରତ ପ୍ରାୟ ୪୦% ଅର୍ଗାନିକ କେମିକାଲ ଚାଇନାରୁ ଆମଦାନୀ କରୁଛି।

– ବାଣିଜ୍ୟ ମନ୍ତ୍ରଣାଳୟ


Taste the difference! Vencobb FRESH CHICKEN

15.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 46 | 88 | 98 |
| CTC | 49 | 92 | 102 |
| DKL | 47 | 89 | 99 |
| BDK | 52 | 96 | 106 |
| BLS | 53 | 97 | 107 |
| ANG | 49 | 92 | 102 |
| BHM | 46 | 88 | 98 |

*Conditions Apply

Issued in the Interest of Consumers


# ଛାତ୍ରୀଙ୍କ ପ୍ୟାଣ୍ଟ ଖୋଲିଲେ ଶିକ୍ଷୟିତ୍ରୀ

## ଥାନାରେ ଦୋଷ ସ୍ୱୀକାର ପରେ ସମାଧାନ

ବ୍ରହ୍ମପୁର ଅଫିସ,୧୫।୨

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଏକ ଘରୋଇ ସ୍କୁଲରେ ଶନିବାର ଅଭାବନୀୟ ଘଟଣା ଘଟିଛି। ଶ୍ରେଣୀ ଗୃହରେ ଜଣେ ଛାତ୍ରୀଙ୍କ ପ୍ୟାଣ୍ଟ(ଲେଗିଙ୍ଗସ୍) ଶିକ୍ଷୟିତ୍ରୀ ଖୋଲି ଦେବାରୁ ମାମଲା ଥାନାକୁ ଯାଇଛି। ଏହାକୁ ନେଇ ଛାତ୍ରୀଙ୍କ ବାପା ସ୍କୁଲରେ ପହଞ୍ଚି ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସ୍କୁଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଥାନାକୁ ଆଣିଥିଲା।

ଘଟଣାରୁ ପ୍ରକାଶ, ବ୍ରହ୍ମପୁରର ଏକ ଘରୋଇ ସ୍କୁଲ ୟୁନିଫର୍ମ ଶନିବାର ଧଳା ଥିବାବେଳେ ଜଣେ ଛାତ୍ରୀ ଧଳା ଫ୍ରକ୍ ଓ କଳାରଙ୍ଗର ପ୍ୟାଣ୍ଟ(ଲେଗିଙ୍ଗସ୍) ପିନ୍ଧିଥିଲେ। କ୍ଲାସ ଆରମ୍ଭ ବେଳେ ଛାତ୍ରୀ ପିନ୍ଧିଥିବା କଳା ରଙ୍ଗର ପ୍ୟାଣ୍ଟକୁ ଏହା ସ୍କୁଲ ୟୁନିଫର୍ମ ନୁହେଁ ବୋଲି କହି ଜଣେ ଶିକ୍ଷୟିତ୍ରୀ ତାକୁ ଖୋଲି ଦେଇଥିଲେ। ଭୟରେ ଛାତ୍ରୀ ଜଣଙ୍କ କାହାକୁ କିଛି ନ କହି ଚୁପ ହୋଇ କ୍ଲାସରେ ବସିଥିଲେ। ସ୍କୁଲରୁ ଫେରିବା ବେଳେ ସେ ତାଙ୍କ ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଛାତ୍ରୀଙ୍କ ବାପା ଜଣେ ଆଇନଜୀବୀ ହୋଇଥିବାରୁ ସେ ଅଧ୍ୟକ୍ଷଙ୍କୁ ଘଟଣା ବିଷୟରେ ପଚାରିଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଜଣକ ଥାନାରେ ଲିଖିତ ଆକାରରେ ଦୋଷ ସ୍ୱୀକାର କରିବା ସହ ଭବିଷ୍ୟତରେ ଏଭଳି ଭୁଲ କରିବେ ନାହିଁ ବୋଲି କହିଥିଲେ। ଶେଷରେ ଏହାର ଆପୋସ ବୁଝାମଣାରେ ସମାଧାନ ହୋଇଥିବା ପୋଲିସ କହିଛି।

### ମଧ୍ୟପ୍ରଦେଶ କଂଗ୍ରେସରେ ଫାଟ

........୯.........

### ସ୍କୁଲ ଭ୍ୟାନ୍‌ରେ ନିଆଁ: ଜଳିଗଲେ ୪ ଶିଶୁ

........୩.........

**ପ୍ରେମ ସପ୍ତାହ ପରେ ଆଣ୍ଟି ଭାଲେଣ୍ଟାଇନ ୱିକ୍**

ଫେବୃୟାରୀ ୭ରୁ ୧୪ ମଧ୍ୟରେ ଭାଲେଣ୍ଟାଇନ ୱିକ୍ ବା ପ୍ରେମ ସପ୍ତାହ ପାଳିତ ହୋଇଥାଏ। ତେବେ ଏହାପରେ ଫେବୃୟାରୀ ୧୫ରୁ ୨୧ ପର୍ଯ୍ୟନ୍ତ ଆଣ୍ଟି ଭାଲେଣ୍ଟାଇନ ୱିକ୍ ପାଳିତ ହୋଇଥାଏ। କେତେକ ଏହାକୁ ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି। କ୍ରମାନ୍ୱୟରେ ଫେବୃୟାରୀ ୧୫ରେ ସ୍ଲାପ୍ ଡେ, ୧୬ରେ କିକ୍ ଡେ, ୧୭ରେ ପରଫ୍ୟୁମ ଡେ, ୧୮ରେ ଫ୍ଲର୍ଟିଙ୍ଗ ଡେ, ୧୯ରେ କନ୍‌ଫେସନ ଡେ, ୨୦ରେ ମିସିଙ୍ଗ ଡେ ଏବଂ ୨୧ରେ ବ୍ରେକ୍ ଅପ ଡେ ପାଳନ କରାଯାଇଥାଏ।



# ୧୪ ବର୍ଷ ଜେଲରେ କାଟିଥିବା ବ୍ୟକ୍ତି ଏବେ ଏମ୍‌ବିବିଏସ୍



**କାଲାବୁରାଗି:** କର୍ନାଟକ କାଲାବୁରାଗି ଅଫଜଲପୁରାର ସୁଭାଷ ପାଟିଲ(୪୦) ନାମକ ଜଣେ ବ୍ୟକ୍ତି ଜେଲରେ ୧୪ ବର୍ଷ ରହିବା ପରେ ବି ନିଜ ସ୍ୱପ୍ନକୁ ସାକାର କରିପାରିଛନ୍ତି। ପିଲାଟି ଦିନରୁ ଡାକ୍ତର ହେବାର ସ୍ୱପ୍ନ ଦେଖିଥିବା ସୁଭାଷ ଜେଲରୁ ଫେରିବା ପରେ ଏବେ ଏମ୍‌ବିବିଏସ ଶିକ୍ଷା ସମାପ୍ତ କରିଛନ୍ତି। ସୂଚନାଯୋଗ୍ୟ, ୧୯୯୭ରେ ସେ ଏମ୍‌ବିବିଏସ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ହେଲେ ୨୦୦୨ରେ ଏକ ହତ୍ୟା ମାମଲାରେ ତାଙ୍କୁ ଜେଲ ଯିବାକୁ ପଡିଥିଲା। ସେଠାରେ ଥିବା ସମୟରେ ସେ ଜେଲ ଓପିଡିରେ କାମ କରିଥିଲେ। ତାଙ୍କର ଭଲ ବ୍ୟବହାର ପାଇଁ ୨୦୧୬ରେ ସେ ଜେଲରୁ ମୁକୁଳିଥିଲେ। ଆଉ ୨୦୧୯ରେ ସେ ଏମ୍‌ବିବିଏସ ଶେଷ କରିଥିବା କହିଛନ୍ତି। ଚଳିତ ମାସରେ ଏମ୍‌ବିବିଏସ ଡିଗ୍ରୀ ପାଇଁ ଆବଶ୍ୟକ ଥିବା ଗୋଟିଏ ବର୍ଷର ବାଧ୍ୟତାମୂଳକ ଇଣ୍ଟର୍ଣ୍ଣସିପ ସମାପ୍ତ କରିଛନ୍ତି ସୁଭାଷ। ସୂଚନାଯୋଗ୍ୟ, ୨୦୦୨ରେ ସୁଭାଷଙ୍କୁ ଏକ ହତ୍ୟା ମାମଲାରେ ଗିରଫ କରାଯାଇଥିବା ବେଳେ ୨୦୦୬ରେ ତାଙ୍କୁ ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। ୨୦୧୬ ସ୍ୱାଧିନତା ଦିବସରେ ତାଙ୍କୁ ଜେଲରୁ ମୁକ୍ତ କରିଦିଆଯାଇଥିଲା।

## ୨୪ ଘଣ୍ଟା ପର୍ଯ୍ୟନ୍ତ ଶରୀର ବାହାରେ ସୁରକ୍ଷିତ ରହିପାରିବ ମାନବ ହୃଦୟ



**ଲଣ୍ଡନ:** ଏବେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ କରିବା ସହଜ ହୋଇପାରିବ। ଶରୀର ବାହାରେ ନୂତନ ଜ୍ଞାନକୌଶଳ ଦ୍ୱାର ୨୪ ଘଣ୍ଟା ସୁରକ୍ଷିତ ରଖାଯାଇପାରିବ। କେତେକ କୃତ୍ରିମ ଉପକରଣ ସହାୟତାରେ ଏଭଳି କରାଯାଇପାରିବ। ପରୀକ୍ଷାମୂଳକ ଭାବେ ଘୁଷୁରିର ହୃଦୟକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରିଛି। ଉତ୍ତର କୋରୋଲିନାର ଡୁରହାମ୍ରେ ଥିବା ଡ୍ୟୁକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଏଭଳି ଗବେଷଣା କରି ବେଶ ସଫଳ ରହିଛନ୍ତି। ଏସମ୍ପର୍କିତ ୧୮ ସେକେଣ୍ଡର ଏକ ଭିଡ଼ିଓ ମଧ୍ୟ ସୋସିଆଲ ମିଡ଼ିଆରେ ଶେୟାର କରାଯାଇଛି।

# ୟୁଟ୍ୟୁବ୍ ଚ୍ୟାନେଲ୍ ଲଞ୍ଚ୍ କଲେ ଗୋବିନ୍ଦା

**ମୁମ୍ବାଇ:** ୮୦ ଦଶକରୁ ବହୁମୁଖୀ ପ୍ରତିଭା ଯୋଗେ ଦର୍ଶକଙ୍କ ମନୋରଞ୍ଜନ କରିଆସୁଥିବା ଗୋବିନ୍ଦା ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଲଞ୍ଚ କରିଛନ୍ତି। ସମୟ ସହିତ ତାଳ ଦେଇ ନିଜକୁ ଡିଜିଟାଲ କରିଛନ୍ତି ଗୋବିନ୍ଦା। ବର୍ତ୍ତମାନ ତାଙ୍କ ହାତରେ କୌଣସି ଫିଲ୍ମ ନ ଥିବାରୁ ସମୟର ସଦୁପଯୋଗ କରିବାକୁ ଆଗେଇ ଆସିଛନ୍ତି। ଦର୍ଶକଙ୍କ ସହିତ ସିଧାସଳଖ ଯୋଡ଼ି ହେବାକୁ 'ଗୋବିନ୍ଦା ନଂ-୧' ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଛନ୍ତି। ଏହି ଚ୍ୟାନେଲ ଜରିଆରେ ଗୋବିନ୍ଦା ନିଜେ ଗାଇଥିବା କିଛି ଗୀତ ଏବଂ ଅନ୍ୟାନ୍ୟ ପ୍ରତିଭା ପ୍ରଦର୍ଶିତ କରିବେ। ଭାଲେଣ୍ଟାଇନ୍ସ ଡେ'ରେ ନିଜେ ଗାଇଥିବା ଗୀତ 'ଚଲ୍‌ନା ରୋମାନ୍ସ କରେ' ଏବଂ 'ତୁ ମେରୀ ଡ୍ରିମ୍ କମ୍ ଟ୍ରୁ ହୈ' ପୋଷ୍ଟ କରିଛନ୍ତି। ନିଜର ନୂତନ କ୍ୟାରିୟର ନେଇ ଗୋବିନ୍ଦା କୁହନ୍ତି, ଏହି ୟୁଟ୍ୟୁବ୍ ଚ୍ୟାନେଲ ଜରିଆରେ ଦର୍ଶକଙ୍କୁ ନିୟମିତ ମନୋରଞ୍ଜନର ଖୋରାକ ଯୋଗାଇବେ। ମୋ'ର ବିଶ୍ୱାସ ମୋତେ ଦର୍ଶକଙ୍କ ଢେରସାରା ଭଲପାଇବା ଏବଂ ଆଶୀର୍ବାଦ ମିଳିବ। ଗୋବିନ୍ଦାଙ୍କ ପୂର୍ବରୁ ଆଲିଆ ଭଟ୍ଟ, ପ୍ରିୟଙ୍କା ଚୋପ୍ରା, ଜ୍ୟାକ୍‌ଲିନ ଫର୍ନାଡିସ୍, କାର୍ତ୍ତିକ ଆର୍ୟନ, ଅଜୟ ଦେବଗନ, ମାଧୁରୀ ଦୀକ୍ଷିତ୍, ଅର୍ଜୁନ କପୁର ଏବଂ ଅନ୍ୟ ସେଲିବ୍ରିଟିମାନେ ମଧ୍ୟ ନିଜ ନିଜର ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିଆସୁଛନ୍ତି।



# ଦ୍ୱିତୀୟ ଥର ମା' ହେଲେ ଲିଜା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଲିଜା ହେଡେନ୍‌ଙ୍କ ଘରକୁ ଖୁସି ଖବର ଆସିଛି। ସେ ଦ୍ୱିତୀୟ ଥର ମା' ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ଏକ ପୁତ୍ରସନ୍ତାନକୁ ଜନ୍ମ ଦେଇଛନ୍ତି। ତା'ର ନାଁ ରଖିଛନ୍ତି ଲିଓ। ପ୍ରଶଂସକଙ୍କୁ ଏହି ଖୁସି ଜଣାଇବା ପାଇଁ ଲିଜା ସୋସିଆଲ ମିଡିଆରେ କିଛି ଫଟୋ ଶେୟାର କରିଛନ୍ତି। ଫଟୋଟିରେ ତାଙ୍କ ଦୁଇ ପୁଅ ରହିଥିବା ଦେଖିବାକୁ ମିଳିଛି। ଦୁହେଁ ଦୁହିଁଙ୍କୁ ବେଶ୍ ଖୁସି ମନରେ ଚାହିଁଛନ୍ତି। ଏଥିରେ ଲିଜା କ୍ୟାପଶନ ଲେଖିଛନ୍ତି, ଏହି ଛୋଟମାନଙ୍କ ଆଶୀର୍ବାଦ ମୋ' ହୃଦୟକୁ ଛୁଇଁଗଲା। ଯାହା କି ପ୍ରଥମରୁ କେବେ ହୋଇ ନ ଥିଲା। ମୁଁ ପୂରା ନିଶବ୍ଦ ହୋଇଗଲି। ତୁମ ଦୁଇଜଣଙ୍କୁ ଦେଖିବାଠାରୁ ମୋ' ପାଇଁ ଦୁନିଆରେ ଆଉ କିଛି ଭଲନାହିଁ। ମୋର ବିଶ୍ୱାସ ଆସୁନି ମୁଁ ଦୁଇଜଣଙ୍କ ମା'ବୋଲି। 'ଲିଓ' ଏବଂ 'ଜ୍ୟାକ୍'। ୧୩ ତାରିଖଠାରୁ ମୋ' ଜୀବନ ସବୁଦିନ ପାଇଁ ବଦଳି ଯାଇଛି। ସେ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

ଫିଲ୍ମ 'ଆୟଶା' ଜରିଆରେ ଲିଜା ବଲିଉଡ୍‌ରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ 'ହାଉସ୍‌ଫୁଲ - ୩', 'ଦ ସୌକୀନ୍ସ କ୍ୱିନ୍', 'ୟେ ଦିଲ୍ ହେ ମୁସ୍କିଲ୍' ଆଦି ଫିଲ୍ମରେ ଅଭିନୟ କରିଥିଲେ। ଏହା ସହିତ କେତେକ ଜଣାଶୁଣା ମ୍ୟାଗାଜିନ୍‌ରେ ତାଙ୍କର କଭର ଫଟୋ ମଧ୍ୟ ପ୍ରକାଶ ପାଇଥିଲା।

# ଓଦା ହୋଇଗଲେ ଜଣାଇଦେବ ସ୍ମାର୍ଟ ଡାଇପର

**ନ୍ୟୁୟର୍କ:** ମାସାଚ୍ୟୁସେଟସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (ଏମଆଇଟି)ର ଭାରତୀୟ ବଂଶୋଦ୍ଭବ ଗବେଷକମାନେ ବିକାଶ କରିଛନ୍ତି ଏକ ସ୍ମାର୍ଟ ଡାଇପର। ଏହି ଡାଇପର ସାମାନ୍ୟ ଓଦା ହୋଇଗଲେ କେୟାରଗିଭରଙ୍କୁ ସତର୍କ କରିଦେବ। ରାତିରେ ଶିଶୁଙ୍କ ଡାଏପର ଓଦା ହୋଇଗଲେ ବଦଳାଇବା ପାଇଁ ମାତାପିତାଙ୍କୁ ବି ଚିନ୍ତା କରିବାକୁ ପଡିବନି। ସ୍ମାର୍ଟ ଡାଏପର ଉପରେ ଏକ ମଏଶ୍ଚର ସେନ୍‌ସର ରହିଛି। ଏହା ଓଦା ହେବା କ୍ଷଣି ନିକଟରେ ଥିବା ରିସିଭରକୁ ସଂକେତ ପଠାଇବ। କମ୍ପ୍ୟୁଟର କିମ୍ବା ସ୍ମାର୍ଟଫୋନକୁ ଏହା ଜଣାଇ ଦେବ। ଡାଇପରରେ ଲଗାଯାଇଥିବା ସେନ୍‌ସର ବି ବୟସ୍କଙ୍କ ଡାଏପରରେ ଲଗାଯାଇପାରିବ। ଏଣୁ ଯେଉଁ ରୋଗୀମାନେ ଡାଇପର ବଦଳାଇବା ପାଇଁ ଜଣାଇବାରେ ଅକ୍ଷମ ହୋଇଥାନ୍ତି ସେ କ୍ଷେତ୍ରରେ ଏହି ସେନ୍‌ସର ଜଣାଇଦେବ ବୋଲି କୁହନ୍ତି ଏମ୍‌ଆଇଟିର ଅଟୋ ଆଇଡି ଲାବୋରେଟୋରିର ଗବେଷକ ପଙ୍କୁରୀ ସେନ୍। ପାଶିଭ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ(ଆର୍‌ଏଫ୍‌ଆଇଡି) ଟ୍ୟାଗ ଦ୍ୱାରା ଗଠିତ ଏହି ସେନସରକୁ ଡାଏପରରେ ତରଳ ଶୋଷି ନେବା ପାଇଁ ବ୍ୟବହୃତ ଉତ୍କୃଷ୍ଟ ଶୋଷକ ପଲିମର ( ଏକ ପ୍ରକାର ହାଇଡ୍ରୋ ଜେଲ୍)ତଳେ ଖଞ୍ଜାଯାଇଛି। ଟ୍ୟାଗ୍‌ରେ ରେଡିଓ ତରଙ୍ଗ ପଠାଇବା ଲାଗି ଗୋଟିଏ ଆଣ୍ଟିନା ଏବଂ ତଥ୍ୟ ଷ୍ଟୋର କରିବା ପାଇଁ ଏକ ଚିପ୍ ମଧ୍ୟ ଲଗାଯାଇଛି। ଆର୍‌ଏଫ୍‌ଆଇଡିକୁ ଚାର୍ଜ କରିବା ପାଇଁ ବ୍ୟାଟେରି ଆବଶ୍ୟକତା ପଡିବ ନାହିଁ। ଏହା ରିଡରରୁ ନିର୍ଗତ ରେଡିଓ ୱେଭ୍‌ରୁ ଶକ୍ତି ସଂଗ୍ରହ କରି ଚାର୍ଜ ହୋଇପାରିବ। ଡାଇପର୍‌ରେ ହାଇଡ୍ରୋଜେଲ ଓଦା ହୋଇଗଲେ ଏହା ସମ୍ପ୍ରସାରିତ ହୋଇ ସମାନ୍ୟ ସୁପରିବାହୀ ଗୁଣ ପ୍ରକାଶ କରେ। ଏହାଦ୍ୱାରା ଆର୍‌ଏଫ୍‌ଆଇଡି ଟ୍ୟାଗ ସକ୍ରିୟ ହୋଇଥାଏ ଓ ୧ ମିଟର ଦୂରରେ ଥିବା ଆରଏଫ୍‌ଆଇଡି ରିଡର୍‌କୁ ସଂକେତ ପଠାଇଥାଏ। ଏହାକୁ ତିଆରି କରିବାରେ କମ୍ ଖର୍ଚ୍ଚ ହେଉଥିବାରୁ ବଜାରରେ ଏହାର ଦାମ୍ ମଧ୍ୟ କମ୍ ରହିବ ବୋଲି କୁହନ୍ତି ଗବେଷକ। ମୂତ୍ର ରୋକିବାରେ ଅକ୍ଷମତା କିମ୍ବା କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ଏହା ମଧ୍ୟ ଠାବ କରି ତା'ର ରେକର୍ଡ ରଖିପାରିବ। ଏହି ଡାଏପର ଶିଶୁ ଓ ବୟସ୍କଙ୍କ ମୂତ୍ରନଳୀ ସଂକ୍ରମଣ ରୋକିବାରେ ସହାଯ୍ୟ କରିବ ବୋଲି ସହ ଗବେଷକ ନୀତିନ ଆର୍ କାଣ୍ଡାରେଡ୍ଡୀ କହିଛନ୍ତି। ମୁଖ୍ୟତଃ ଏକାବେଳକେ ଅଧିକ ଶିଶୁଙ୍କ ଯତ୍ନ ନେଉଥିବା ନର୍ସମାନଙ୍କ ଲାଗି ଏହା ବେଶି କାମରେ ଆସିବ। କେଉଁ ଶିଶୁର ଡାଇପର ବଦଳାଇବା ଦରକାର ତାହା ସେମାନେ ସହଜରେ ଜାଣିପାରିବେ।




## ପେଚା ସହିତ ଟିକ୍‌ଟକ୍ ଭିଡିଓ କରିବା ମହଙ୍ଗା ପଡ଼ିଲା

**ଅହମଦାବାଦ:** ବନ୍ୟପ୍ରାଣୀଙ୍କ ସହିତ ଟିକ ଟିକ ଭିଡ଼ିଓ କରିବା ଜଣେ ଯୁବତୀଙ୍କୁ ମହଙ୍ଗା ପଡ଼ିଛି। ଗୁଜରାଟର ସୁରଟରେ ବାସ କରୁଥିବା ଟିକ୍‌ଟକ ଷ୍ଟାର କୀର୍ତ୍ତି ପଟେଲ ଏକ ପେଚା ସହିତ ଭିଡ଼ିଓ କରି ଏହାକୁ ସୋସିଆଲ ମିଡ଼ିଆରେ ଶେୟାର କରିଥିଲେ। ଏହାକୁ ଦେଖିବା ପରେ ବନ ବିଭାଗ ପକ୍ଷରୁ ତାଙ୍କ ଉପରେ ୨୫ ହଜାର ଟଙ୍କାର ଜରିମାନା ନୋଟିସ ଜାରି ହୋଇଛି। ଏହା ସହିତ କୀର୍ତ୍ତିଙ୍କୁ ପେଚା ଯୋଗାଇଥିବା ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କାର ଜରିମାନା ଦଣ୍ଡାଦେଶ ହୋଇଛି। ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ ଅନ୍ତର୍ଗତ ଏଭଳି କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଅଭିଯୋଗ ମିଳିବା ପରେ ଏହାର ତଦନ୍ତ କରାଯାଇ ଏଭଳି ଦଣ୍ଡାଦେଶ କରାଯାଇଛି।



## ଶୁଭଫଳ ଆଣିଦିଏ କଳସ

**ନୂଆଦିଲ୍ଲୀ:** ଗୃହପ୍ରବେଶ, ନବରାତ୍ରି ପୂଜା, ଦୀପାବଳି, ଲକ୍ଷ୍ମୀପୂଜା, ଯଜ୍ଞ ଅନୁଷ୍ଠାନ, ବିବାହ ଆଦି ଯେକୌଣସି ମାଙ୍ଗଳିକ କାର୍ଯ୍ୟରେ ପ୍ରଥମେ କଳସ ସ୍ଥାପନ କରାଯାଇଥାଏ। ଧର୍ମଶାସ୍ତ୍ରରେ ଲିଖିତ ଅଛି, ଏହି ମଙ୍ଗଳ କଳସ ସମୁଦ୍ର ମନ୍ଥନ ସମୟର ପ୍ରତୀକ। ସୁଖ ଏବଂ ସମୃଦ୍ଧି ପାଇଁ ପ୍ରତୀକ କଳସ ସ୍ଥାପନ କରାଯାଇଥାଏ। ବାସ୍ତୁଶାସ୍ତ୍ର ଅନୁସାରେ, ଇଶାନ କୋଣରେ ଜଳପୂର୍ଣ୍ଣ କଳସ ସ୍ଥାପନ କଲେ ଶୁଭଫଳ ମିଳିଥାଏ। ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ। ତମ୍ବାଧାତୁରେ ତିଆରି କଳସକୁ ଦ୍ୱାର ସମ୍ମୁଖରେ ରଖିଲେ ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ। ଘରେ ଶାନ୍ତି ବିରାଜ କରେ। ଘରର ଇଶାନ କୋଣରେ ତମ୍ବା କିମ୍ବା ମାଟି କଳସରେ ଜଳ ପୂର୍ଣ୍ଣ କରି ଏହା ଉପରେ ଆମ୍ବଡାଳ ଏବଂ ନଡ଼ିଆ ରଖନ୍ତୁ। କଳସ ଉପରେ ସ୍ୱସ୍ତିକ୍ ଚିହ୍ନ ଆଙ୍କି ଏହା ଉପରେ ଏକ ଲାଲ୍ ରଙ୍ଗର କପଡ଼ା ଘୋଡ଼ାନ୍ତୁ। ଏପରି କଲେ ଘରୁ ନକରାତ୍ମକ ଶକ୍ତି ଦୂରେଇଯାଇ ପରିବାରରେ ସୁଖ ଶାନ୍ତି ବଜାୟ ରହେ।



## ରାଜା-ରାଣୀଙ୍କ ବାହାଘର ଫଟୋ ଭାଇରାଲ

**ବେଙ୍ଗାଲୁରୁ:** କର୍ନାଟକ ରାଜଧାନୀ ବେଙ୍ଗାଲୁରୁର କୁବନ ପାର୍କରେ ଏକ ଘୋଡ଼ା(ରାଜା) ଏବଂ ଘୋଡ଼ୀ(ରାଣୀ)ର ବିବାହ ଭାଲେଣ୍ଟାଇନ୍ସ ଡେ'ରେ ସମ୍ପନ୍ନ ହୋଇଛି। ଏହି ବିବାହ ପାରମ୍ପରିକ ରୀତିନୀତିରେ ହୋଇଥିଲା। ଘୋଡ଼ା ଧୋତି ଏବଂ ଶାର୍ଟ ପିନ୍ଧିଥିବା ବେଳେ ଘୋଡ଼ୀ ଶାଢ଼ି ସହିତ ମଙ୍ଗଳସୂତ୍ର ମଧ୍ୟ ପିନ୍ଧିଥିଲା। ଏହି ବିବାହ ପାଇଁ କେନ୍ଦ୍ର ସରକାର ୧ ଲକ୍ଷ ଏବଂ ରାଜ୍ୟ ସରକାର ୫୦ ହଜାର ଟଙ୍କା ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଟଙ୍କାରେ ବିବାହ ଉତ୍ସବରେ ଯୋଗ ଦେଇଥିବା ଅତିଥିଙ୍କୁ ମିଷ୍ଟାନ୍ନ ଖାଇବାକୁ ଦିଆଯାଇଥିଲା। ବିବାହ ସମ୍ପନ୍ନ ନ ହେଉଣୁ ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ଲୋକେ ବେଶ୍ ମଜାଳିଆ କମେଣ୍ଟ ସବୁ ଦେଇଛନ୍ତି। କିଛି ୟୁଜର କହିଛନ୍ତି, ବ୍ୟାଚଲର ଥାଇ ଘୋଡ଼ା ଭଲରେ ଥିଲା। ବିଚରା! ଆଉ କିଛି ୟୁଜର ବିବାହ ନେଇ ଶୁଭକାମନା ଜଣାଇଛନ୍ତି। ସେହିପରି ଆଉ ଜଣେ ୟୁଜର ଲେଖିଛନ୍ତି, କାହିଁକି ତାଙ୍କ ଜୀବନକୁ ନଷ୍ଟ କଲ? ବିବାହ କରି କିଏବା ଖୁସିରେ ଅଛି! ଏପରି ଅନେକ କୌତୂହଳପୂର୍ଣ୍ଣ କମେଣ୍ଟ ସବୁ ଦେଇଛନ୍ତି ୟୁଜର।



## ସଂକ୍ଷେପରେ

### ପୁଣି ଗଣିତ ପ୍ରଶ୍ନପତ୍ର ଲିକ୍ ଗୁଜବ

ସମ୍ବଲପୁର,୧୫।୨(ବ୍ୟୁରୋ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ତୃତୀୟ ବର୍ଷ କେମେଷ୍ଟ୍ରି ଓ ଜୁଲୋଜି ଦ୍ୱିତୀୟ ସେମିଷ୍ଟାର ପ୍ରଶ୍ନପତ୍ର ବୁଧବାର ଲିକ୍ ହୋଇଥିଲା। ପୁଣି ଗଣିତ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଶନିବାର ଗୁଜବ ସୃଷ୍ଟି ହୋଇଛି। ଏହା ଜାଣିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶେଷ ସମୟରେ ପ୍ରଶ୍ନପତ୍ର ପରିବର୍ତ୍ତନ କରାଯାଇଛି। ଛାତ୍ରୀଛାତ୍ର ଅନ୍ୟ ଏକ ପ୍ରଶ୍ନପତ୍ର ସେଟ୍‌ରେ ପରୀକ୍ଷା ଦେଇଛନ୍ତି। ହେଲେ ଏହି ଘଟଣାକୁ ପରୀକ୍ଷା ନିୟନ୍ତ୍ରକ ସୂର୍ଯ୍ୟ ନାଏକ ଖଣ୍ଡନ କରିଛନ୍ତି। କୌଣସି ପ୍ରଶ୍ନପତ୍ର ଲିକ୍ ହୋଇ ନାହିଁ । ବୁଧବାର ପ୍ରଶ୍ନପତ୍ର ଲିକ୍ ହୋଇଥିବାରୁ ପରୀକ୍ଷାରେ ସ୍ୱଚ୍ଛତା ଓ ସୁରକ୍ଷା ଦୃଷ୍ଟିରୁ ଶନିବାର ଗଣିତ ପ୍ରଶ୍ନପତ୍ର ପରିବର୍ତ୍ତନ କରାଯାଇଛି ବୋଲି କହିଛନ୍ତି। ଏଣୁ ସତରେ ପ୍ରଶ୍ନପତ୍ର ଲିକ୍ ହୋଇଛି ନା ଘଟଣାକୁ ଲଚାଇବାକୁ ପରୀକ୍ଷା ନିୟନ୍ତ୍ରକ ଏଭଳି ସଫେଇ ଦେଇଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ଏଣୁ ଏ ନେଇ ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।




# ସ୍କୁଲ୍ ଭ୍ୟାନ୍‌ରେ ନିଆଁ : ଜଳିଗଲେ ୪ ଶିଶୁ

ଚଣ୍ଡିଗଡ଼,୧୫।୨(ପି.ଟି.)

ପଞ୍ଜାବର ସଙ୍ଗ୍ରୁର୍ ଜିଲାରେ ଶନିବାର ଏକ ସ୍କୁଲ୍ ଭ୍ୟାନ୍‌ରେ ନିଆଁ ଲାଗିଯିବାରୁ ୪ ଶିଶୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏକ ଘରୋଇ ସ୍କୁଲ୍‌ର ପିଲାମାନଙ୍କୁ ନେଇ ମିନିଭ୍ୟାନ୍‌ଟି ଯାଉଥିବାବେଳେ ଲଙ୍ଗୋୱାଲ-ସିଦ୍‌ସମାଚାର ରୋଡ୍‌ରେ ଏହି ଦୁର୍ଘଟଣା ଘଟିଥିଲା। ସେତେବେଳେ ଭ୍ୟାନ୍‌ରେ ୧୨ ଜଣ ପିଲା ଥିଲେ। ପାଖ କ୍ଷେତରେ କାମ କରୁଥିବା ଲୋକେ ୮ ଜଣଙ୍କୁ ଉଦ୍ଧାର କରିଥିଲେ। ଭ୍ୟାନ୍ ଭିତରେ ଜଳିଯାଇଥିବା ପିଲାଙ୍କ ବୟସ ୧୦ରୁ ୧୨ ବର୍ଷ ମଧ୍ୟରେ ବୋଲି ପୋଲିସ କହିଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଅଗ୍ନିକାଣ୍ଡର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ନିର୍ଦ୍ଦେଶ ଦେବା ସହ ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ସ୍କୁଲ ଛୁଟି ହେବା ପରେ ପିଲାମାନଙ୍କୁ ଧରି ଭ୍ୟାନ୍‌ଟି ଫେରୁଥିଲା। ସ୍କୁଲ୍‌ଠାରୁ ଅଳ୍ପ ଦୂରରେ ହୋଇଥିବାବେଳେ ନିଆଁ ଲାଗିଥିବା ଦେଖି ଜଣେ ବ୍ୟକ୍ତି ଡ୍ରାଇଭରଙ୍କୁ ଜଣାଇବା ସହ ଭ୍ୟାନ ଅଟକାଇବାକୁ କହିଥିଲେ। ଡ୍ରାଇଭର ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଓ ପାଖ ଜମିରେ କାମ କରୁଥିବା କେତେଜଣ ଧାଇଁ ଆସି କୌଣସି ପ୍ରକାରେ ୮ ଜଣ ପିଲାଙ୍କୁ ଉଦ୍ଧାର କରିପାରିଥିଲେ। ତେବେ ଭ୍ୟାନ୍‌ର ଗୋଟିଏ ଡୋର୍ ଜାମ୍ ହୋଇଯାଇଥିବାରୁ ଅନ୍ୟ ୪ ଜଣଙ୍କୁ ବାହାର କରିବା ସମ୍ଭବ ହୋଇପାରି ନ ଥିଲା। ମୃତ ୪ ଶିଶୁଙ୍କ ମଧ୍ୟରୁ ୨ ଜଣ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ସ୍କୁଲ୍ ପ୍ରଶାସନ ଶୁକ୍ରବାର ରାତିରେ ଉକ୍ତ ଭ୍ୟାନ୍ କିଣିଥିଲେ। ମାତ୍ର ୮ ଜଣ ପିଲାଙ୍କୁ ନେବା ସାମର୍ଥ୍ୟ ଉକ୍ତ ଭ୍ୟାନ୍‌ର ରହିଥିବା କୁହାଯାଉଛି।


ନିଆଁ ଲାଗି ଯାଇଥିବା ସ୍କୁଲ୍ ଭ୍ୟାନ ।

# ‘ଆଗକୁ ବଢ଼ିବା ପାଇଁ ଶକ୍ତି ଦିଏ ଶିକ୍ଷା’

## ବଲାଙ୍ଗୀର କିସ୍ ଶାଖାକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ବଲାଙ୍ଗୀର ଅଫିସ, ୧୫।୨

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍ (କିସ୍)ର ବଲାଙ୍ଗୀର ଶାଖା ମୋତିଲାଲ ଓସ୍ୱାଲ-କିସ୍ ଜନଜାତି ଆବାସିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ସମାରୋହରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଥିଲେ ଯେ, ଶିକ୍ଷା ଆଗକୁ ବଢ଼ିବା ପାଇଁ ଶକ୍ତି ଦିଏ । ଶିକ୍ଷା ସାମାଜରେ ପରିବର୍ତ୍ତନ ଆଣିଥାଏ। ବଲାଙ୍ଗୀର କିସ୍‌କୁ ଉଦ୍‌ଘାଟନ କରି ସେ ଖୁସି । ବଲାଙ୍ଗୀର ପରି ପଛୁଆ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଏହି ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ବଲାଙ୍ଗୀରରେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରିଥିବାରୁ କିସ୍ ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତ ଓ ମୋତିଲାଲ ଓସ୍ୱାଲ ଗ୍ରୁପ୍‌କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ଶିକ୍ଷାର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ୬୫୦୦ ହଷ୍ଟେଲ କରାଯାଇଛି। ଏଥିରେ ୬ ଲକ୍ଷରୁ ଉର୍ଦ୍ଧ୍ୱ ପିଲା ପଢୁଛନ୍ତି। ଏହି ସବୁ ହଷ୍ଟେଲରେ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ସହିତ ସହରାଞ୍ଚଳ ହଷ୍ଟେଲରେ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ଇଂଲିଶ ମିଡିୟମରେ ଶିକ୍ଷା ଦିଆଯାଉଛି। ସବୁ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଉଛି। ରାଜ୍ୟର ୩୦ଟି ଜିଲାର ୧୦୧ ସ୍କୁଲକୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ଗଢ଼ିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ସୂଚନା ଦେଇଥିଲେ । ପିଲାଙ୍କ ପାଖରେ ଶିକ୍ଷାର ଆଲୋକ ପହଞ୍ଚାଇବା ଲାଗି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ ।

ଉଦ୍‌ଘାଟନ ସମାରୋହରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗୀରର ଏମପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର, କିଟ୍-କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ଏମପି ଅଚ୍ୟୁତ ସାମନ୍ତ, ଜିଲାପାଳ ଅରିନ୍ଦମ ଡାକୁଆ, ମୋତିଲାଲ ଓସ୍ୱାଲ ଗ୍ରୁପ୍ ଅଧକ୍ଷ ମୋତିଲାଲ ଓସ୍ୱାଲ, ସୁନୀତା ଅଗ୍ରୱାଲ, ରାମଦେଓ ଅଗ୍ରୱାଲ ଓ ବିମଳା ଓସ୍ୱାଲ ମଞ୍ଚାସୀନ ଥିଲେ । ଜିଲାପାଳ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ଦେଇଥିଲେ। କିସ୍ ପ୍ରତିଷ୍ଠାତା ଡ ସାମନ୍ତ ବକ୍ତବ୍ୟ ରଖି କିସ୍ ବିଶ୍ୱବିଦ୍ୟାଳୟର ପରିକଳ୍ପନା, ବଲାଙ୍ଗୀର କିସ୍ ଶାଖାର ଉପଯୋଗିତା ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ସଂକଳ୍ପ ଉପରେ କହିଥିଲେ। ଏହି ଅନୁଷ୍ଠାନ ଗଢ଼ିବା ଦିଗରେ ଆର୍ଥିକ ସହାୟତା ଯୋଗାଇ ଦେଇଥିବାରୁ ମୁମ୍ବାଇର ମୋତିଲାଲ ଓସ୍ୱାଲ ଫାଇନାନ୍ସିଆଲ ଗ୍ରୁପ୍‌କୁ ଧନ୍ୟବାଦ୍ ଜଣାଇଥିଲେ। ଏହି ଆବାସିକ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ମାଗଣାରେ ବଲାଙ୍ଗୀର ଜିଲାର ଜନଜାତି ଛାତ୍ରୀଛାତ୍ରମାନେ ନିଶୁଳ୍କ ଗୁଣାତ୍ମକ ଶିକ୍ଷା ପାଇପାରିବେ ବୋଲି ସୂଚନା ଦେଇଥିଲେ। ଆଗାମୀ ଦିନରେ ରାଜ୍ୟର ୩୦ଟି ଜିଲାରେ ଏଭଳି କିସ୍ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ସେ କହିଥିଲେ। ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖି ବିଧାନସଭା ଚାଲୁଥିବାବେଳେ ସମୟ ଦେଇ ବଲାଙ୍ଗୀର କିସ୍ ଆବାସିକ ସ୍କୁଲକୁ ଉଦ୍‌ଘାଟନ କରିବା ପାଇଁ ଆସିଥିବାରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ସେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓସ୍ୱାଲ ଗ୍ରୁପ୍‌ର ସୁନୀତା ଅଗ୍ରୱାଲ ଓ ବିମଳା ଅଗ୍ରୱାଲ କିସ୍ କ୍ୟାମ୍ପସରେ ୫୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ମଧ୍ୟ ଉଦ୍‌ଘାଟନ କରିଥିଲେ।



ବଲାଙ୍ଗୀର କିସ୍ ଆବାସିକ ସ୍କୁଲ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ ।

# ରାଜ୍ୟରେ ଖାଲି ପଡ଼ିଛି ୬୦% ଇଞ୍ଜିନିୟରିଂ ସିଟ୍

ଭୁବନେଶ୍ୱର, ୧୫।୨(ବ୍ୟୁରୋ)

ରାଜ୍ୟରେ ଏବେ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛି ଇଞ୍ଜିନିୟରିଂ କଲେଜ। ଦିନକୁ ଦିନ ଇଞ୍ଜିନିୟରିଂ ଶିକ୍ଷା ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ କମୁଛି। ଫଳରେ ରାଜ୍ୟରେ ୬୦%ରୁ ଅଧିକ ଇଞ୍ଜିନିୟରିଂ ସିଟ୍ ଖାଲି ପଡ଼ିଛି। ୨୦୧୯-୨୦ ଶିକ୍ଷାବର୍ଷରେ ମାତ୍ର ୧୧,୭୪୫ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଚଳିତବର୍ଷ ମୋଟ ୩୧,୧୭୪ ସିଟ୍‌ରୁ ୧୯,୪୨୯ଟି ଖାଲି ପଡ଼ିଛି। ଇଞ୍ଜିନିୟରିଂ ପଢ଼ା ସରିବା ପରେ ଛାତ୍ରୀଛାତ୍ର ଚାକିରି ନ ପାଇ ବେକାର ରହୁଛନ୍ତି। ଏପରି କି ରାଜ୍ୟରେ ଥିବା ଘରୋଇ ଶିଳ୍ପ ସଂସ୍ଥାରେ ନିଯୁକ୍ତି ଦେବା ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଉ ନ ଥିବାରୁ ଇଞ୍ଜିନିୟରିଂ ଶିକ୍ଷାଠାରୁ ପିଲାମାନେ ଦୂରେଇ ଯାଉଛନ୍ତି। ଶନିବାର ବିଧାନସଭାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ରଖି ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଏହି ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୯୩ ଇଞ୍ଜିନିୟରିଂ କଲେଜ ଓ ୧୬୩ ଡିପ୍ଲୋମା କଲେଜ ରହିଛି। ଇତିମଧ୍ୟରେ ୩ ଇଞ୍ଜିନିୟରିଂ କଲେଜ ବନ୍ଦ କରିବାକୁ ଅନୁମତି ଦିଆଯାଇଛି। ଅନ୍ୟପକ୍ଷରେ ଉତ୍ତମ ପ୍ରଦର୍ଶନ କରୁ ନ ଥିବା ତଥା ରୁଗ୍‌ଣ ଅନୁଷ୍ଠାନକୁ ସରକାର କୌଣସି ସାହାଯ୍ୟ କରିବେ ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

**ରୁଗ୍‌ଣ କଲେଜକୁ ସହଯୋଗ କରିବେନି ସରକାର: ମନ୍ତ୍ରୀ**

# ବସ ଓଲଟି ୩ ମୃତ, ୩୬ ଆହତ

ନବରଙ୍ଗପୁର,୧୫।୨(ବି.ପ୍ର.)

ନବରଙ୍ଗପୁର-ପାପଡାହାଣ୍ଡି ୨୬ ନମ୍ବର ଜାତୀୟ ରାଜପଥ ତଥା ଡିୟରପାର୍କ ଠାରୁ କିଛି ଦୂରରେ ଜଗାକାଳିଆ ନାମକ ଏକ ଘରୋଇ ବସ (ନଂ. ଓଡି୧୦ସି-୧୧୧୪) ଶନିବାର ଓଲଟି ପଡିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଦୁଇ ଜଣ ବସ ତଳେ ଚାପି ହୋଇ ଏବଂ ଜଣେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏଥିସହ ୩୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ତେବେ ମୃତକଙ୍କ ପରିଚୟ ମିଳି ପାରି ନାହିଁ। ଜଗାକାଳିଆ ବସ୍ ଜୟପୁରରୁ ଚନ୍ଦାହାଣ୍ଡି ଯାଉଥିଲା। ନବରଙ୍ଗପୁରରୁ ମଧ୍ୟାହ୍ନ ୨ଟା ୪୦ରେ ଚନ୍ଦାହାଣ୍ଡି ଅଭିମୁଖେ ବାହାରିଥିଲା । ବସରେ ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ପାପଡାହାଣ୍ଡି - ଡିୟର ପାର୍କ ମଝି ୨୬ ନମ୍ବର ଜାତୀୟ ରାଜପଥ ଉପରେ ଗୋଟିଏ ଗାଈ ହଠାତ ବସ ସାମ୍ନାକୁ ଚାଲି ଆସିଥିଲା । ବସ ଦ୍ରୁତ ଗତିରେ ଥିବାରୁ ଗାଈକୁ ବଞ୍ଚାଇବାକୁ ଯାଇ ଡ୍ରାଇଭର ହଠାତ ବ୍ରେକ ଦେଇଥିଲେ । ବସ୍ ଗାଈ ଉପରେ ମାଡିଯାଇ ରାସ୍ତା କଡକୁ ଓଲଟି ପଡିଥିଲା ।

## ବିଧାନସଭା ପ୍ରଶ୍ନୋତ୍ତର

# ରାଜ୍ୟରେ ୫,୯୫୦ ଭିକାରୀ

- କଟକରେ ସର୍ବାଧିକ ୧,୦୬୦; ଦେବଗଡ଼ରେ ୩
- ପୁନର୍ବାସ ପାଇଁ ‘ସହାୟ’ ଯୋଜନା

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ରାଜ୍ୟରେ ୫,୯୫୦ ଜଣ ଭିକାରି ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଟକ ଜିଲାରେ ସର୍ବାଧିକ ୧,୦୬୦ଜଣ ଭିକାରି ଅଛନ୍ତି। ସେହିପରି ଗଞ୍ଜାମରେ ୫୪୫, ପୁରୀ ୩୬୬, ମୟୂରଭଞ୍ଜ ୪୮୫, ସମ୍ବଲପୁର ୩୦୩, ସୁନ୍ଦରଗଡ଼ ୪୨୩, ଅନୁଗୋଳ ୨୦୫, ବାଲେଶ୍ୱର ୧୩୧, ଭଦ୍ରକ ୧୨୮, ବଲାଙ୍ଗୀର ୩୪୪, ଢେଙ୍କାନାଳ ୧୩୨, କେନ୍ଦୁଝର ୧୮୯, ଖୋର୍ଦ୍ଧା ୧୯୭, କୋରାପୁଟ ୨୪୯, ନବରଙ୍ଗପୁର ୧୮୩, ରାୟଗଡ଼ା ୧୭୬ ଏବଂ ସୋନପୁରରେ ସର୍ବାଧିକ ୨୮୩ ଜଣ ଭିକାରି ରହିଛନ୍ତି। ଶନିବାର ବିଧାନସଭାରେ ବିଜେଡି ସଭ୍ୟ ସୌଭିକ ବିଶ୍ୱାଳଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନାନୁଯାୟୀ ଦେବଗଡ଼ ଜିଲାରେ ସର୍ବନିମ୍ନ ୩ଜଣ ଭିକାରି ଥିବା ବେଳେ ବୌଦ୍ଧରେ ୬, ଗଜପତି ୫୮, ଜଗତ୍‌ସିଂହପୁର ୬୧, ଯାଜପୁର ୬୯, ଝାରସୁଗୁଡ଼ା ୩୮, କଳାହାଣ୍ଡି ୭୪, କନ୍ଧମାଳ ୭୩, କେନ୍ଦ୍ରାପଡ଼ା ୨୨, ମାଲକାନଗିରି ୨୮, ନୟାଗଡ଼ ୬୫ ଏବଂ ନୂଆପଡ଼ାରେ ସର୍ବନିମ୍ନ ୩୧ଜଣ ଭିକାରି ଅଛନ୍ତି। ଭିକାରିଙ୍କ ପୁନର୍ବାସ ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାର ‘ସହାୟ’ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଚଳିତ ବର୍ଷ ପୁରୀ ଜିଲାରେ ଭିକ୍ଷୁକଙ୍କ ପାଇଁ ୫ଟି ପୁନର୍ବାସ ଗୃହ ପ୍ରତିଷ୍ଠା କରାଯାଇଥିବା ବେଳେ ଭୁବନେଶ୍ୱରଠାରେ ମଧ୍ୟ ଏଭଳି ପୁନର୍ବାସ ଗୃହ ସ୍ଥାପନ କରାଯିବ ବୋଲି ଗୃହରେ ସୂଚନା ଦେଇଛନ୍ତି।



# ରାଜ୍ୟରେ ୧୨.୪୪ ଲକ୍ଷ ଭିନ୍ନକ୍ଷମ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୧୨ ଲକ୍ଷ ୪୪ ହଜାର ୪୦୨ଜଣ ଭିନ୍ନକ୍ଷମ ଅଛନ୍ତି। ସେମାନଙ୍କୁ ୨୧ଟି ଭାଗରେ ଶ୍ରେଣୀଭୁକ୍ତ କରାଯାଇଛି। ସେମାନଙ୍କ ଶିକ୍ଷା ଲାଗି ୧୦୨ଟି ସ୍ୱତନ୍ତ୍ର ବିଦ୍ୟାଳୟ ଓ ୧ଟି ମହାବିଦ୍ୟାଳୟ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ୪୮ଟି ସ୍ୱତନ୍ତ୍ର ବିଦ୍ୟାଳୟ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ୧୯ଟି ବେସରକାରୀ ସଂସ୍ଥାକୁ ଧନ୍ଦାମୂଳକ ତାଲିମ ପ୍ରଦାନ ନିମିତ୍ତ ନିୟୋଜିତ କରାଯାଇଛି। ନିଯୁକ୍ତି କ୍ଷେତ୍ରରେ ସରକାରୀସ୍ତରରେ ୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଆୟ ବୃଦ୍ଧି ଲାଗି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ରିହାତି ଶୁଳ୍କ ହାରରେ ଋଣ ପ୍ରଦାନ କରାଯାଉଛି। ବିଜେଡି ସଭ୍ୟ ଉମାକାନ୍ତ ସାମନ୍ତରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି।

**୨୧ ଶ୍ରେଣୀରେ ଚିହ୍ନଟ କରାଯାଇଛି**

# ମହିଳା କମିଶନରେ ୧୦ ହଜାର ମାମଲା

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ରାଜ୍ୟ ମହିଳା କମିଶନଙ୍କ ନିକଟରେ ୧୦,୧୩୦ଟି ମାମଲା ବିଚାରାଧୀନ ରହିଛି। ସେଥିରୁ ୨,୭୨୯ ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୨,୦୫୧ ମାମଲାର ଶୁଣାଣି ଶେଷ ହୋଇଛି। ଏହି ମାମଲାଗୁଡ଼ିକ ମଧ୍ୟରୁ ଯୌତୁକ ନିର୍ଯାତନା ପାଇଁ ୭୬୦, ଘରୋଇ ହିଂସା ପାଇଁ ୧,୮୭୮, ମିଥ୍ୟା ବିବାହ ପ୍ରତିଶ୍ରୁତି ୧୦୩, ଯୌତୁକଜନିତ ମୃତ୍ୟୁ ୪୩, ଅପହରଣ ୭୮, ଯୌନ ନିର୍ଯାତନା ୮, କାର୍ଯ୍ୟସ୍ଥଳରେ ଅସଦାଚରଣ ୬୦, ମହିଳା ଅଧିକାର ଉଲ୍ଲଂଘନ ୨୯୬ ଏବଂ ଅସଦାଚରଣ ୧୩୨ଟି ମାମଲା ରୁଜୁ ହୋଇଛି। ବିଜେଡି ସଭ୍ୟ ଉମାକାନ୍ତ ସାମନ୍ତରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶନିବାର ବିଧାନସଭାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଏହି ସୂଚନା ଦେଇଛନ୍ତି।

# ତଦନ୍ତ ପାଇଁ ଆସିବ ଛତିଶଗଡ଼ ପୋଲିସ

ଭୁବନେଶ୍ୱର, ୧୫।୨(ବ୍ୟୁରେ)

ଝାରସୁଗୁଡା ଜିଲା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କ ପରକୀୟା ପାପର ପେଡ଼ି ଖୋଲିବାକୁ ଓଡ଼ିଶା ଆସିବ ଛତିଶଗଡ଼ ପୋଲିସ। ଛତିଶଗଡ଼ରେ ମା’ ଓ ଝିଅଙ୍କୁ ହତ୍ୟା ପାଇଁ ଓଡ଼ିଶାରେ ହୋଇଥିବା ବ୍ଲୁ-ପ୍ରିଣ୍ଟ ପଛରେ ଲୁଚି ରହିଥିବା ଆଉ କିଛି ରହସ୍ୟ ଖୋଜିବ ପୋଲିସ ଟିମ୍। ଏଥିସହ ହତ୍ୟାକାଣ୍ଡ ସହ ଜଡିତ ସମସ୍ତ ଘଟଣା ଓ ସ୍ଥାନକୁ ନେଇ ମଧ୍ୟ ଖୋଳତାଡ଼ ହେବ। ତଦନ୍ତ ପାଇଁ ପର୍ଯ୍ୟାୟକ୍ରମେ ୩ ସ୍ୱତନ୍ତ୍ର ଟିମ୍ ଓଡ଼ିଶା ଆସି ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବ। ରାୟଗଡ଼ ଏସ୍‌ପି ସନ୍ତୋଷ ସିଂଙ୍କ ସୂଚନା ମୁତାବକ, ଭୁବନେଶ୍ୱର ସୁନ୍ଦରପଦାରେ ଥିବା ଅନୁପଙ୍କ ଫ୍ଲାଟରେ ମଧ୍ୟ ଛାନ୍‌ଭିନ୍ କରିବ ଛତିଶଗଡ଼ ପୋଲିସ। ମୃତ ମହିଳା ବ୍ରଜରାଜନଗରର କଳ୍ପନା ଦାଶ (୩୨)ଙ୍କୁ ରଖିବା ପାଇଁ ୨୦୧୧ରେ ଅନୁପ ଉକ୍ତ ଜମିକୁ ନିଜ ସ୍ତ୍ରୀଙ୍କ ନାମରେ କିଣି ସେଠାରେ ଫ୍ଲାଟ ତିଆରି କରିଥିଲେ। ପରବର୍ତ୍ତୀ ସମୟରେ ସେ ଫ୍ଲାଟରେ କଳ୍ପନାଙ୍କ ସହ ସମୟ ବିତାଉଥିଲେ। ଏପରି କି ବିଧାୟକ ଥିବାବେଳେ ସେ ଅଧିକାଂଶ ସମୟରେ ସେହି ଘରେ ରହୁଥିଲେ। ନିକଟରେ ଥିବା ଏକ ସ୍କୁଲରେ କଳ୍ପନାଙ୍କ ଝିଅ ବବ୍‌ଲିର ନାମ ଲେଖାଇବାବେଳେ ଅନୁପ ଅଭିଭାବକ ଭାବେ ଉଲ୍ଲେଖ କରିଥିଲେ। ହେଲେ କଳ୍ପନା ତାଙ୍କୁ ବିବାହ କରିବା ସହ ଉକ୍ତ ଫ୍ଲାଟକୁ ତାଙ୍କ ନାମରେ କରିବା ପାଇଁ ଅନୁପଙ୍କୁ କହିଥିଲେ। ନିଜର ସ୍ତ୍ରୀ ଓ ପିଲା ଥିବାରୁ ଅନୁପ ଏଥିରେ ରାଜି ହୋଇ ନ ଥିଲେ। ଏହା ଆଗକୁ ତାଙ୍କ ରାଜନୈତିକ କ୍ୟାରିୟର ପାଇଁ ବିପଦ ଆଣିବ ବୋଲି ଆଶଙ୍କା କରି ଅନୁପ ଉଭୟ ମା’ ଓ ଝିଅଙ୍କୁ ରାସ୍ତାରୁ ହଟାଇବା ପାଇଁ ଉକ୍ତ ଫ୍ଲାଟରୁ ହିଁ ଯୋଜନା କରିଥିଲେ। ତେଣୁ ଛତିଶଗଡ଼ ପୋଲିସ ଭୁବନେଶ୍ୱର ଆସି ଉକ୍ତ ଫ୍ଲାଟକୁ ଯିବ। ଆଖପାଖରେ ରହୁଥିବା ଲୋକଙ୍କୁ ପଚରାଉଚରା କରିବ। ଝିଅ ପଢୁଥିବା ସ୍କୁଲକୁ ଯାଇ ମଧ୍ୟ ଖୋଳତାଡ଼ କରିବ। ତେବେ ଛତିଶଗଡ଼ ପୋଲିସ ଟିମ୍‌କୁ କମିଶନରେଟ ପୋଲିସ ସମସ୍ତ ସହଯୋଗ କରିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଏହି ପରକୀୟା ପ୍ରୀତିକୁ ଲୁଚାଇବାକୁ ଯାଇ ଅନୁପ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିଲେ। କଳ୍ପନା ଓ ତାଙ୍କ ନାବାଳିକା ଝିଅଙ୍କୁ ଲୁହାରଡ଼ରେ ନିର୍ମମଭାବେ ହତ୍ୟାକରିବା ପରେ ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ଅନ୍ତର୍ଗତ ହମିରପୁର ଜଙ୍ଗଲ ରାସ୍ତାରେ ପକାଇ ଦେଇଥିଲେ। ଏହାପରେ ପରିଚୟ ଜଣା ନ ପଡ଼ିବା ପାଇଁ ଅନୁପଙ୍କ ନିର୍ଦ୍ଦେଶରେ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଦୁଇ ମୃତଦେହ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଶନିବାର ଡ୍ରାଇଭର ଟପ୍ପୋଙ୍କୁ ଗିରଫ କରିବା ପରେ ହତ୍ୟାରେ ବ୍ୟବହୃତ ଗାଡ଼ି ଓ ଲୁହାରଡ୍ ଜବତ ପାଇଁ ଛତିଶଗଡ଼ ପୋଲିସ ଉଦ୍ୟମ ଆରମ୍ଭ କରିଛି। ଏଥିସହ ଦୁଇ ଅଭିଯୁକ୍ତଙ୍କୁ ଯେପରି ଉପଯୁକ୍ତ ଦଣ୍ଡ ମିଳିବ ସେଥିପାଇଁ ଆଉକିଛି ପ୍ରମାଣ ନିହାତି ଆବଶ୍ୟକ। ଓଡ଼ିଶା ଆସିଲେ ଏସବୁ ପ୍ରମାଣ ପାଇବାକୁ ଲକ୍ଷ୍ୟ ରଖିଛି ଛତିଶଗଡ଼ ପୋଲିସ ଟିମ୍।

**ମା’ ଝିଅଙ୍କୁ ହତ୍ୟା ମାମଲା**



- ଆସିବେ ୩ ସ୍ୱତନ୍ତ୍ର ଟିମ୍
- ରାଜଧାନୀରେ ଥିବା ଫ୍ଲାଟ୍ ସହ ବିଭିନ୍ନ ଘଟଣାର ଖୋଳତାଡ଼ କରିବେ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରୁଦ୍ରାକ୍ଷୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ଖଣି ଲିଜ୍‌ଧାରୀଙ୍କ ସମ୍ପତ୍ତି ଜବତ ନିର୍ଦ୍ଦେଶ

**କେନ୍ଦୁଝର, ୧୫।୨(ଡି.ଏନ୍.ଏ.)**

ଜରିମାନା ଖିଲାପି ୩୧ଟି ଖଣିର ୨୩ ଲିଜ୍‌ଧାରୀଙ୍କ ନାମରେ ଓପିଡିଆର୍ ସାର୍ଟିଫିକେଟ ମାମଲା ଦାଏର ହୋଇ ୬୩୫୦କୋଟି ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ଇତିମଧ୍ୟରେ କେତେ ଲିଜ୍‌ଧାରୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେଇ ସମ୍ପତ୍ତି ଜବତ ପାଇଁ ପ୍ରକ୍ରିୟା ଜାରି ରହିଛି। କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ଶନିବାର ୫ଟି ଖଣିର ଶୁଣାଣି ଥିବାବେଳେ ୩ଟି ଖଣି ଲିଜ୍‌ଧାରୀଙ୍କ ସମ୍ପତ୍ତି ଜବତ କରି ଜରିମାନା ଅର୍ଥ ଆଦାୟ କରିବାକୁ ଜିଲାପାଳଙ୍କ କୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଶନିବାର ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଏସ୍‌ଡି ଶର୍ମା, ଅର୍ଜୁନ ଲୋଧା, ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିଃ, ମିଡଇଷ୍ଟ ଇଣ୍ଟିଗ୍ରେଟେଡଷ୍ଟିଲ ବଡବିଲ ଏବଂ କେନ୍ଦୁଝର ଖଣି କାର୍ଯ୍ୟାଳୟ ଅନ୍ତର୍ଗତ ମେସର୍ସ ଗନ୍ଧମାର୍ଦ୍ଦନ ସ୍ପଞ୍ଜ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିଃର ଶୁଣାଣି ଥିଲା। ଏହି ଶୁଣାଣିରେ ଜିଲାପାଳଙ୍କ କୋର୍ଟ ସାର୍ଟିଫିକେଟ ମାମଲା (ନଂ.୨୮/୨୦୧୮)କୁ ବିଚାର କରି ଏସ୍‌ଡି ଶର୍ମା ଖଣି ଲିଜ୍‌ଧାରୀଙ୍କ ଗାଡିମୋଟର, ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଜବତ କରିବା ପାଇଁ ୱାରେଣ୍ଟ ଜାରି କରିଛନ୍ତି। ସେହିପରି ଓପିଡିଆର୍ ମାମଲା (ନଂ. ୩୩/୨୦୧୮)ର ମେସର୍ସ ଗନ୍ଧମାର୍ଦ୍ଦନ ସ୍ପଞ୍ଜ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିଃ ଉପରେ ୨୯୫, ୭୫, ୩୦୫୦୧ ଟଙ୍କା ଜରିମାନା ହୋଇଥିବାବେଳେ ଖଣି କର୍ତ୍ତୃପକ୍ଷ ଉତ୍ତରାଧିକାରୀ ଦର୍ଶାଉ ନ ଥିବା ଏବଂ ଜରିମାନା ଅର୍ଥ ଦାଖଲ ନ କରିବା କାରଣରୁ ସଂପୃକ୍ତ ଖଣି କର୍ତ୍ତୃପକ୍ଷଙ୍କ ସମ୍ପତ୍ତି ଜବତ କରିବାକୁ ୱାରେଣ୍ଟ ଜାରି କରିଛନ୍ତି। ଏଥିସହ ଓପିଡିଆର୍ ମାମଲା (ନଂ.୪୦/୨୦୧୮)ର ଅର୍ଜୁନ ଲୋଧା ଲିଜ୍‌ଧାରୀଙ୍କ ମାମଲା ବିଚାର କରି ଲିଜ୍‌ଧାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଜବତ ସହ ତାଙ୍କର ସଂପତ୍ତି ଜବତ କରି ଜରିମାନା ଅର୍ଥ ଆଦାୟ ପାଇଁ ୱାରେଣ୍ଟ ଜାରି କରିଛନ୍ତି। ଅପରପକ୍ଷେ ସାର୍ଟିଫିକେଟ ମାମଲା (ନଂ ୪୮/୨୦୧୮) ର ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିଃର ବିଚାର କରି କେନ୍ଦ୍ରୀୟ ଖଣି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ମୁତାବକ ଜରିମାନା ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାବାଦ୍ ମାମଲା (ନଂ.୬୪/୨୦୧୮)ର ମିଡଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ବଡବିଲର ବିଚାର କରାଯାଇଥିବାବେଳେ ଖଣି କମ୍ପାନୀ ତରଫରୁ ଆଗାମୀ ୭ଦିନ ମଧ୍ୟରେ ଦୁଇଟି କିସ୍ତିରେ ବକେୟା ଜରିମାନା ଅର୍ଥ ପଇଠ କରିବାକୁ ଜିଲାପାଳଙ୍କ କୋର୍ଟ ନିର୍ଦ୍ଦେଶ ଜାରି କରିଥିବା ଜଣାପଡିଛି।

# ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାଇୱା ଡ୍ରାଇଭର ମୃତ

**ମହାକାଳପଡା, ୧୫।୨ (ଡି.ଏନ.ଏ.)**



କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ତରପଦା ଗ୍ରାମରେ ଶନିବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ବାଲି ବୋଝେଇ ହାଇୱା ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମନଗର ପଞ୍ଚାୟତ ବରଜ ଗ୍ରାମର ପ୍ରଭାତ ସେଠୀ (୩୦)।

ପ୍ରକାଶ ଯେ, ପ୍ରଭାତ ସକାଳ ପ୍ରାୟ ୯ଟାରେ ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ତରପଦା ଗ୍ରାମର ଜଣେ ବ୍ୟକ୍ତିଙ୍କ କୋଠାଘର କାମ ପାଇଁ ଏକ ହାଇୱାରେ ବାଲି ନେଇ ଯାଉଥିଲେ। ଗାଁ ରାସ୍ତାରେ ଯିବା ସମୟରେ ଟଣା ଯାଇଥିବା ଟିଭି କେବୁଲ ତାର ହାଇୱାରେ ଲାଗି ଯାଇଥିଲା। ଫଳରେ ସେ ଗାଡ଼ି ଉପରେ ଚଢି କେବୁଲ ତାର ଟେକିବା ସମୟରେ ଅଳ୍ପ ଉଚ୍ଚରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୋଡି ହୋଇଯାଇଥିଲ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ପ୍ରଭାତ ବରଜ ଗ୍ରାମର ଗୋପୀ ସେଠୀଙ୍କ ପୁଅ। ପୋଲିସ ଏହି ଘଟଣାରେ ଓଆର୦୪ ଏମ୍ ୧୮୧୫ ନଂ ହାଇୱାକୁ ଜବତ କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମାଞ୍ଚଳରେ କମ୍ ଉଚ୍ଚତାରେ ବିଦ୍ୟୁତ ତାର ଯାଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ଗଞ୍ଜାମ ବସ୍ ଟ୍ରାଜେଡି ପରେ ଭବିଷ୍ୟତରେ ଯେପରି ଏଭଳି ଦୁର୍ଘଟଣା ନ ଘଟିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଯେଉଁଠି ବିଦ୍ୟୁତ ଖୁଣ୍ଟ, ତାର ଓ ଟ୍ରାନ୍ସଫର୍ମର ବିପଦଶଙ୍କୁଳ ଅବସ୍ଥାରେ ଅଛି ତାହା ଚିହ୍ନଟ କରି ବିହିତ ପଦକ୍ଷେପ ନିଆଯିବାକୁ ବ୍ୟବସ୍ଥା ହୋଇଛି। ଏହାସତ୍ତ୍ୱେ ଏଭଳି ଅଭାବନୀୟ ଘଟଣା ବିଦ୍ୟୁତ୍ ବିଭାଗର ଅପାରଗତାକୁ ପଦାରେ ପକାଇ ଦେଇଛି।

# ଏନ୍‌ଏଚ୍‌ରେ ଛିଣ୍ଡି ପଡ଼ିଲା ୧୩୩ କେ.ଭି. ବିଦ୍ୟୁତ୍ ତାର

**ଝାରସୁଗୁଡ଼ା ଅଫିସ, ୧୫।୨**

ଝାରସୁଗୁଡ଼ା ଜିଲା ବୁଡିପଥର ଗ୍ରୀଡ୍‌ରୁ ଧୁତ୍ରା ଅଲ୍‌ଟ୍ରାଟେକ୍ ସିମେଣ୍ଟ କାରଖାନାକୁ ଯାଇଥିବା ୧୩୩ କେଭି ବିଶିଷ୍ଟ ବିଦ୍ୟୁତ ତାର ଶନିବାର ଅପରାହ୍ନରେ ହଠାତ ଛିଣ୍ଡି ଯାଇ ବିଟିଏମ୍ ଛକ (ଜାତୀୟ ରାଜପଥ-୪୯)ରେ ପଡିଥିଲା। ହେଲେ ସୌଭାଗ୍ୟ ବଶତଃ ଏଥିଯୋଗୁ କୌଣସି ଦୁର୍ଘଟଣା ଘଟି ନାହିଁ। ଜାତୀୟ ରାଜପଥ ଉପରେ ଏହି ତାର ପଡି ରହିବାରୁ ପ୍ରାୟ ୨ଘଣ୍ଟା ଯାତାୟାତ ବନ୍ଦ ରହିଥିଲା। ଖବର ପାଇ ବୁଡିପଥର ଗ୍ରୀଡର କର୍ମଚାରୀ ପହଞ୍ଚି ବିଦ୍ୟୁତ ପ୍ରବାହ ବନ୍ଦ କରି ମରାମତି କରିଥିଲେ। ତେବେ ସେଠାରେ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ, ଏହି ତାର ଛିଣ୍ଡି ତଳେ ପଡିବା ପରେ ନିଆଁ ବାହାରିଥିଲା। ତାର ଛିଣ୍ଡିଲା ସମୟରେ ଘଟଣା ସ୍ଥଳରୁ ଅଳ୍ପ ଦୂରରେ ଏକ ଯାତ୍ରୀବାହୀ ବସ୍ ଥିଲା। ଆଖପାଖରେ ଲୋକେ ମଧ୍ୟ ଚଳପ୍ରଚଳ କରୁଥିଲେ। ଦିନ ହୋଇଥିବାରୁ ଏବଂ ସେଠାରେ ଲୋକେ ଉପସ୍ଥିତ ଥିବାରୁ ଗାଡିମୋଟର ଅଟକାଇ କାହାରିକୁ ଯିବାକୁ ଦେଇ ନ ଥିଲେ। ଏଣୁ ଏକ ବଡ ଧରଣର ଦୁର୍ଘଟଣା ଟଳିଛି। ଭବିଷ୍ୟତରେ ଯେଭଳି ଏପରି ନ ଘଟେ ସେଥିପ୍ରତି ବିଦ୍ୟୁତ୍ ବିଭାଗ ଧ୍ୟାନ ଦେଉ ବୋଲି ଲୋକେ କହିଛନ୍ତି । ଅନ୍ୟପଟେ ଏହି ତାର କିପରି ଛିଣ୍ଡିଲା ତାହା ବିଦ୍ୟୁତ ବିଭାଗ ଅଧିକାରୀ ତଦାରଖ କରୁଛନ୍ତି। ଏ ସମ୍ପର୍କରେ ଓପିଟିସିଏଲ୍ ଡିଜିଏମ୍ ଟିକନାଥ ହରିଜନଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ ।

ପ୍ରଥମ ପୃଷ୍ଠାରୁ...

## ବାଚସ୍ପତିଙ୍କ...

କରିବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାକାର୍ଯ୍ୟ ଚଳାଇବା ଲାଗି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ପ୍ରବେଶ କରିଥିଲେ। ସଦସ୍ୟମାନେ ଛିଡ଼ା ହୋଇ ବାଚସ୍ପତିଙ୍କୁ ନମସ୍କାର ଜଣାଇ ସ୍ୱାଗତ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯିବା ପୂର୍ବରୁ କଂଗ୍ରେସ ଦଳର ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ଗୃହର ମଧ୍ୟଭାଗକୁ ଆସି ବାଚସ୍ପତି ଦେଇଥିବା ରୁଲିଂକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏହି ସମୟରେ କଂଗ୍ରେସର ଅନ୍ୟ ସଦସ୍ୟ ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ସନ୍ତୋଷ ସିଂ ସାଲୁଜା, ରମେଶ ଜେନା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହଇଗୋଳ କରିଥିଲେ। ଭାଜପା ସଦସ୍ୟମାନେ ମଧ ଏହି ପ୍ରସଙ୍ଗରେ କଂଗ୍ରେସ ସଦସ୍ୟମାନଙ୍କୁ ସମର୍ଥନ କରି ହୋ-ହଲ୍ଲା କରିଥିଲେ। ପ୍ରବଳ ହଇଗୋଳକୁ ଦେଖି ବାଚସ୍ପତି ମାତ୍ର ଅଧ ମିନିଟ ପରେ ଗୃହକୁ ୧୧ ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ପୁଣି ୧୧ ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ପୂର୍ବଭଳି ତାରା ଗୃହର ମଧ୍ୟଭାଗକୁ ଆସି ରୁଲିଂ ପ୍ରତ୍ୟାହାର କରିବାକୁ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ। ବାଚସ୍ପତିଙ୍କ ମନମୁଖି ଶାସନ ଚଳିବ ନାହିଁ, ଚଳିବ ନାହିଁ...ସ୍ଲୋଗାନ ଦେଇଥିଲେ। କଂଗ୍ରେସ ଓ ଭାଜପା ସଦସ୍ୟମାନେ ମଧ ତାଙ୍କ ସହ ତାଳ ଦେଇଥିଲେ। ବାଚସ୍ପତି ଉଭୟ ଦଳର ସଦସ୍ୟମାନଙ୍କୁ ସିଟ୍‌ରେ ବସିବା ଲାଗି ଅନୁରୋଧ କରିଥିଲେ। ମାତ୍ର ଏହି ଅନୁରୋଧ ବିରୋଧୀଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ରୁଲିଂ ପ୍ରତ୍ୟାହାର ନ କରିବା ଯାଏ ସିଟ୍‌କୁ ଯିବେ ନାହିଁ ବୋଲି ସେମାନେ ଅଡ଼ି ବସିଥିଲେ। ୪ ମିନିଟ୍ କାଳ ବାଚସ୍ପତି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ସେ କହିଥିଲେ ଯେ, ଏକ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବାର ଅଛି। ଆପଣମାନେ ନିଜ ସିଟ୍‌କୁ ଯାଆନ୍ତୁ। ତା'ପରେ ବିଚାର କରାଯିବ। ମାତ୍ର ବାଚସ୍ପତିଙ୍କ ପରାମର୍ଶକୁ ସଦସ୍ୟମାନେ ଗ୍ରହଣ ନ କରି ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ଗୃହରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। କୌଣସି ଉପାୟ ନ ପାଇ ବାଚସ୍ପତି ଗୃହକୁ ୧୧ ଟା ୩୪ ମିନିଟରେ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଅପରାହ୍ନରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ବିରୋଧୀ ଦଳ ସଦସ୍ୟମାନେ ରୁଲିଂକୁ ନେଇ ହଇଗୋଳ କରିଥିଲେ। ବାଚସ୍ପତି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ମଧ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ବାଚସ୍ପତି ପୁଣି ଗୃହକୁ ୧୫ ମିନିଟ ପାଇଁ ମୁଲତବୀ ଘୋଷଣା କରିଦେଇଥିଲେ। ୩ଟା ୧୮ରୁ ପୁଣି ଅଧଘଣ୍ଟା ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ୩ଟା ୫୦ ମିନିଟରେ ବାଚସ୍ପତି ଗୃହରେ ଦେଖା ଦେଇଥିବା ଅଚଳାବସ୍ଥାକୁ ଏଡାଇବା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, କଂଗ୍ରେସ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ତାରା ପ୍ରସାଦ ବାହିନୀପତି, ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାଶ ଏବଂ ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡାଙ୍କୁ ଯୋଗ ଦେବାକୁ ବାଚସ୍ପତି ଅନୁରୋଧ କରିଥିଲେ। ଗୃହକୁ ଅପରାହ୍ନ ୩ଟା ୫୧ରୁ ଅପରାହ୍ନ ୫ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ସର୍ବଦଳୀୟ ବୈଠକରେ କୌଣସି ନିର୍ଯ୍ୟାସ ବାହାରି ନ ପାରିବାରୁ ଗୃହକୁ ସନ୍ଧ୍ୟା ୬ଟା ୫୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ଦୀର୍ଘ ଆଲୋଚନା ପରେ ବିରୋଧୀଙ୍କ ଦାବିକୁ ବାଚସ୍ପତି ଗ୍ରହଣ କରି ରୁଲିଂ ଗୋଟିଏ ଦିନ ପାଇଁ ଥିଲା ବୋଲି ଘୋଷଣା କରିବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାକେଇ ନାକରେ ଗୁଣା,**
**ପାକେଇ ଖାଉଛି ଚଣା,**
**କୁମ୍ଭାର ଉହାରେ ଚାନ୍ଦୁଆ ଟଣା,**
**ଏସବୁ ବିଡ଼ମ୍ବନା ।**

ଯାହାର ନାକ ଅସୁନ୍ଦର ତା' ପାଇଁ ନାକଗୁଣା ସେତେ ଗୁରୁତ୍ୱ ରଖିନଥାଏ । ଚଣା ଭଳି ଟାଣ ଜିନିଷ ଖାଇବା ପାଇଁ ମଜଭୁତ ଦାନ୍ତର ଆବଶ୍ୟକତା ପଡ଼ିଥାଏ । ବିନା ଦାନ୍ତରେ ଚଣା ଖାଇବା ନିହାତି କଷ୍ଟକର ହୋଇଯାଇଥାଏ । କୁମ୍ଭାର ଯାହାର ମାଟି କାଦୁଅରେ କାମ ତା' ଦୁଆରେ ଚାନ୍ଦୁଆ ଟଣାଯିବା ମୂଲ୍ୟହୀନ ହୋଇଯାଏ । ଏସବୁ ଅକାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ନୂଆ ଯୋଗୀ ଭିକେ ବାଇ,**
**ପାଉ କି ନ ପାଉ ବୁଲୁଥାଇ ।**

ଯୋଗୀ ଭିକ୍ଷା କରି ପେଟ ପୋଷିଥାଏ। ଯିଏ ନୂଆ ନୂଆ ଯୋଗୀ ହୋଇଥାଏ ତା'ର ସେତେ ଚିହ୍ନାଜଣା ନ ଥିବାରୁ ଭିକ ମିଳିବା କଷ୍ଟକର ହୋଇଯାଇଥାଏ । ପରୋକ୍ଷରେ ନୂଆ କରି କାମ ଆରମ୍ଭ କରୁଥିବା ବ୍ୟକ୍ତି ପକ୍ଷେ ଅଭିଜ୍ଞତା ଅଭାବରୁ ସେଥିରେ ସଫଳ ହେବା ନିମନ୍ତେ ସମୟ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ଅନୁପଙ୍କ...

ଥାନା ଅଧୀନ ହମିରପୁର ଜଙ୍ଗଲ ରାସ୍ତାରେ ଜଣେ ମହିଳା ଓ ତାଙ୍କ ଶିଶୁ କନ୍ୟାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତ ବେଳେ ଏହା ଦୁର୍ଘଟଣାଜନିତ ମୃତ୍ୟୁ ଭଳି ଲାଗୁଥିଲା। ହେଲେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା। ସେତେବେଳେ ଦୁଇ ମୃତଦେହର ପରିଚୟ ମିଳି ନ ଥିଲା। ଉଭୟ ମୃତଦେହ ଡିଏନଏ ଟେଷ୍ଟ କରାଯାଇଥିଲା। ଶେଷରେ ଏକ ହତ୍ୟା ମାମଲା (ନଂ.୧୫୮/୧୬)ରୁଜୁ କରି ଉଭୟ ମୃତଦେହର ଫଟୋକୁ ଓଡିଶା, ପଶ୍ଚିମବଙ୍ଗ, ବିହାର, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡର ବିଭିନ୍ନ ଥାନାକୁ ପଠାଯାଇଥିଲା। ଏହି ଘଟଣାର ତଦନ୍ତ କରିବା ପାଇଁ ଏକ ପୋଲିସ ଟିମ୍ ବି ଗଠନ କରାଯାଇଥିଲା। ପ୍ରାୟ ୧ ବର୍ଷ ପରେ ମୃତ ମା'ଝିଅଙ୍କ ପରିଚୟ ମିଳିଥିଲା। ଓଡିଶା ପୋଲିସରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲ ସେହି ମା'ଝିଅଙ୍କ ସମ୍ପର୍କରେ ତଥ୍ୟ ଦେଇଥିଲେ। ଘଟଣାସ୍ଥଳରୁ ମହିଳାଙ୍କ ମୋବାଇଲ ଫୋନ ମିଳି ନ ଥିଲା। ପରେ ତାଙ୍କ ମୋବାଇଲ ଫୋନ ନମ୍ବର ଆଣିବା ପରେ କଲ୍ ଡିଟେଲ୍ସ ଅଣାଯାଇଥିଲା। ସେଥିରୁ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ସହିତ ତାଙ୍କର ଲିଙ୍କ୍ ଥିବା ଜଣାପଡିଥିଲା।

୨୦୧୧ରେ କଳ୍ପନାଙ୍କ ସହିତ ତାଙ୍କ ସ୍ୱାମୀ ସୁନୀଲ ଶ୍ରୀବାସ୍ତବଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଏହାପରେ କଳ୍ପନାଙ୍କ ସହିତ ଅନୁପଙ୍କ ସମ୍ପର୍କ ବଢ଼ିଥିଲା। ସେହିବର୍ଷ ଅନୁପ ଭୁବନେଶ୍ୱର ସୁନ୍ଦରପଦାରେ ଏକ ୩ ମହଲାର ଫ୍ଲାଟ୍ କିଣି କଳ୍ପନାଙ୍କୁ ସେଠାରେ ରଖିଥିଲେ। ଏମିତି ଦୀର୍ଘଦିନ ଧରି ଏକା ସଙ୍ଗେ ରହିବାରୁ କଳ୍ପନା ସ୍ତ୍ରୀର ମର୍ଯ୍ୟାଦା ଦାବି କରିବା ସହିତ ସମ୍ପତ୍ତିର ଭାଗ ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ପାଟିତୁଣ୍ଡ ହେଉଥିଲା। ଏହାପରେ କଳ୍ପନାଙ୍କୁ ରାସ୍ତାରୁ ହଟାଇବାକୁ ଅନୁପ ଯୋଜନା କରିଥିଲେ। ରାୟଗଡ ଯାଇ ଏକ ମନ୍ଦିରରେ ବିବାହ କରିବାକୁ କଳ୍ପନାଙ୍କୁ ରାଜି କରାଇଥିଲେ ଅନୁପ। କଳ୍ପନା ରାଜି ହେବା ପରେ ଅନୁପ ଏଥିପାଇଁ ସମସ୍ତ ଯୋଜନା ପ୍ରସ୍ତୁତ କରିଥିଲେ। ଅନୁପ ୨୦୧୬ ମେ' ୬ ତାରିଖ ରାତି ପ୍ରାୟ ୯ଟାରେ କଳ୍ପନା ଓ ବବ୍‌ଲିଙ୍କୁ ନେଇ ନିଜ ଗାଡିରେ ରାୟଗଡ ଅଭିମୁଖେ ବାହାରିଥିଲେ। ବର୍ଦ୍ଧନ ଗାଡ଼ି ଚଳାଇଥିଲେ। ରାତିର ଅନ୍ଧକାର ଓ ଜଙ୍ଗଲ ରାସ୍ତାରେ ଅନୁପ ଗାଡିରେ ଥିବା ଏକ ଲୁହା ରଡରେ କଳ୍ପନା ଓ ବବଲିଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିଲେ। ଶେଷରେ ଉଭୟଙ୍କ ମୃତଦେହକୁ ରାସ୍ତା ଉପରେ ପକାଇ ତାଙ୍କ ଉପରେ ଗାଡି ମଡ଼ାଇ ଦୁର୍ଘଟଣାର ରୂପ ଦିଆଯାଇଥିଲା।

# ମୃତକଙ୍କ ପରିଚୟ ପାଇବା ଚ୍ୟାଲେଞ୍ଜ ଥିଲା

ହତ୍ୟା ଘଟଣାରେ ଅଜଣା ମୃତଦେହକୁ ଚିହ୍ନଟ କରି ଅପରାଧୀଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ଥାଏ। ଏଭଳି ଏକ ଘଟଣାରେ ଅଭିଯୁକ୍ତଙ୍କୁ ଧରିଥିଲେ ବାରଙ୍ଗ ଥାନାର ଭାରପ୍ରାପ୍ତ ଅଧିକାରୀ ଶଶିକାନ୍ତ ରାଉତ। ବର୍ଷାରେ ସବୁ ପ୍ରମାଣ ନଷ୍ଟ ହୋଇଯାଇଥିଲେ ମଧ ୮ ଦିନ ଭିତରେ ସେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ। ଏନେଇ ପାଇଥିବା ଅନୁଭୂତି ସମ୍ପର୍କରେ ସେ ଯାହା କୁହନ୍ତି...

**ଥାନା ଅଧିକାରୀଙ୍କ ଅନୁଭୂତି**



୨୦୧୯ ସେପ୍ଟେମ୍ବର ୧୧ ସକାଳେ ପ୍ରବଳ ବର୍ଷା ହେଉଥିଲା। ଏହି ସମୟରେ ଥାନାକୁ ଫୋନ ଆସିଲା ଯେ, ପଞ୍ଚୁପାଳ ଗ୍ରାମ କେନାଲ ନିକଟ ତାରିଣୀ ମନ୍ଦିର ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଛି। ସଙ୍ଗେ ସଙ୍ଗେ ମୁଁ ମୋର ଟିମ୍‌କୁ ନେଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କଲି। ଏକ ଧାରୁଆ ଅସ୍ତ୍ରରେ ଉକ୍ତ ବ୍ୟକ୍ତିଙ୍କ ବେକ ଓ ମୁହ କଟାଯିବା ସହ ଛେଚା ଯାଇଥିଲା। ଏନେଇ ଫୋରେନସିକ ଟିମ୍ ଓ ଡଗ୍ ସ୍କ୍ୱାଡ୍‌କୁ ଖବର ଦିଆଗଲା। ସେମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୂର୍ବଦିନ ରାତିରୁ ପ୍ରବଳ ବର୍ଷା ହେଉଥିବାରୁ ହତ୍ୟାକାରୀଙ୍କ ପ୍ରମାଣ ମିଳିବା ଟିମ୍ ପାଇଁ କଷ୍ଟସାଧ୍ୟ ଥିଲା। ପାଖରେ ଥିବା ଏକ ମଣ୍ଡପ ଉପରେ ଏକ ମୋଟା ବାଉଁଶରେ କିଛି ରକ୍ତ ଲାଗିଥିବା ଦେଖି ଏହା ସାହାଯ୍ୟରେ ହତ୍ୟା କରାଯାଇଥିବା ଆଶଙ୍କା କରାଯାଉଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ରିପୋର୍ଟକୁ ଅପେକ୍ଷା କରିଥିଲୁ। ଅପରପକ୍ଷେ ମୃତକଙ୍କ କୌଣସି ପରିଚୟ ନ ମିଳିବା ଆମ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥିଲା। ମୃତକଙ୍କ ଫଟୋକୁ ବିଭିନ୍ନ ଥାନାକୁ ପଠାଯିବା ସହ ସୋସିଆଲ ମିଡିଆରେ ସେୟାର କରାଯାଇଥିଲା। ଘଟଣା ଘଟିଥିବା ଗାଁ ପାଖରେ ଏକ ବିଶେଷସୂତ୍ରରୁ ଖବରମିଳିଲା ଯେ, ମୃତକଙ୍କ ସହ ଆଗରୁ ସେହି ଗ୍ରାମର ଶୁଭେନ୍ଦୁ ରଥ କାମ କରିବା ସହ ମିଳାମିଶା କରୁଥିଲେ। ମାତ୍ର ଘଟଣା ଘଟିବା ପରଠାରୁ ସେ ଫେରାର ଥିଲେ। ଏନେଇ ଆମେ ଶୁଭେନ୍ଦୁଙ୍କୁ ଖୋଜିଥିଲୁ। ଧରିବା ପରେ ତାଙ୍କୁ ଏବିଷୟରେ ପଚରାଉଚରା କରିଥିଲୁ। ମାତ୍ର ସେ କିଛି ମାନି ନ ଥିଲେ। ଏନେଇ ତାଙ୍କୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ ବସାଇ ସିସିଟିଭିରେ ତାଙ୍କ ଗତିବିଧି ଲକ୍ଷ୍ୟ କରିଥିଲୁ। ସେଥିରେ ତାଙ୍କ ମାନସିକ ଅବସ୍ଥା ଦେଖି ସନ୍ଦେହ ଅଧିକ ବଢ଼ିବାରୁ ମାମଲାର ତଦନ୍ତ ଚାଲିବା ପର୍ଯ୍ୟନ୍ତ ସବୁଦିନ ଥାନାକୁ ଆସିବା ପାଇଁ କହିଥିଲି। ମାତ୍ର ସେ ୨ ଦିନ ଥାନାକୁ ଆସିବା ପରେ ଫେରାର ହୋଇଯାଇଥିଲେ। କୌଣସି ସୂତ୍ରରୁ ମୃତକଙ୍କ ଫଟୋ ମୋବାଇଲ ଫୋନରେ ଦେଖି ତାଙ୍କ ସ୍ତ୍ରୀ ସେପ୍ଟେମ୍ବର ୧୪ରେ ବାରଙ୍ଗ ଥାନାକୁ ଆସିଥିଲେ। ଏହି ସମୟରେ ମୃତକଙ୍କ ପରିଚୟ ମଣ୍ଟୁ ବୋଲି ଜଣାପଡିଥିଲା। ତାଙ୍କ ଘର ଚନ୍ଦକା ଥାନା ଅନ୍ତର୍ଗତ ଚୁଡ଼ଙ୍ଗଗଡ଼ରେ ବୋଲି ସ୍ତ୍ରୀ କହିଥିଲେ। ଏହାପରେ ତଦନ୍ତରେ ଅସୁବିଧା ହୋଇ ନ ଥିଲା। ସେପଟେ ରକ୍ତ ନମୁନା ରିପୋର୍ଟରେ ମଣ୍ଟୁ ମଦ ପିଇଥିବା ବାହାରିବାରୁ ବାରଙ୍ଗ ଅଞ୍ଚଳର ବିଭିନ୍ନ ମଦଦୋକାନୀଙ୍କୁ ପଚରାଉଚରା କରାଯାଇଥିଲା। ଘଟଣାଦିନ ରାତିରେ ମଣ୍ଟୁ ଓ ଶୁଭେନ୍ଦୁ ବାରଙ୍ଗ ପରିବାମାର୍କେଟ ପାଖ ମଦଦୋକାନରୁ ମଦଆଣି ପିଇଥିବା ଜଣାପଡ଼ିଥିଲା। ସେହି ତଥ୍ୟକୁ ଆଧାରକରି ପୁନର୍ବାର ଶୁଭେନ୍ଦୁଙ୍କୁ ଧରି ପଚାରଉଚୁରା କରିଥିଲୁ। ଏଥର ସେ ସତକଥା ମାନିଯିବା ସହ ନିଜ ଦୋଷ ସ୍ୱୀକାର କରିଥିଲେ। ଶୁଭେନ୍ଦୁଙ୍କ କହିବାନୁଯାୟୀ ସେମାନେ ମଦ ଆଣି ମନ୍ଦିର ପାଖ କେନାଲ କଡ଼ରେ ବସି ପିଇଥିଲେ। ଏହି ସମୟରେ ମଣ୍ଟୁଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଶୁଭେନ୍ଦୁ ରାଗିଯାଇ ମଣ୍ଟୁଙ୍କ ମୁଣ୍ଡକୁ ପାଖରେ ପଡ଼ିଥିବା ଏକ ବାଉଁଶରେ ବାଡ଼େଇ ଦେଇଥିଲେ। ଫଳରେ ସେ ସେଠାରେ ପଡ଼ିଯାଇଥିଲେ। ଏହାପରେ ଶୁଭେନ୍ଦୁ ପାଖରେ ଥିବା ଘାସକଟା ଖଣ୍ଡାରେ ମଣ୍ଟୁଙ୍କ ବେକ ଓ ମୁହଁକୁ ହାଣିଦେଇଥିଲେ। ଉକ୍ତ ଖଣ୍ଡାକୁ କେନାଲ ପାଖ ବୁଦାକୁ ଫୋପାଡି ଚାଲିଯାଇଥିଲେ। ଦୋଷ ସ୍ୱୀକାର କରିବା ପରେ ଶୁଭେନ୍ଦୁଙ୍କୁ ଗିରଫ କରାଯାଇଥିଲା।

ରିପୋର୍ଟ- ମନୋଜ ସ୍ୱାଇଁ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କେତୁଙ୍କ ନକ୍ଷତ୍ରରେ ରହି କେତୁଯୁକ୍ତ କାରଣରୁ ସାଧାରଣ କଥାରେ ବେଶି ବିବ୍ରତ ହେବା ନିଜ ପାଇଁ କ୍ଷତିର କାରଣ ହୋଇପାରେ । ଶନି ଦୃଷ୍ଟିରେ ଚନ୍ଦ୍ର ରହିଥିବାରୁ ସାମାଜିକ ସ୍ତରରେ ଅନ୍ୟମନସ୍କ ଓ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ।

**ବୃଷ** ଅଷ୍ଟମସ୍ଥ ତିନୋଟି ଗ୍ରହ ଆପଣଙ୍କୁ ଅର୍ଥ ସମ୍ପର୍କୀୟ କିମ୍ବା ମତ ମନ୍ତବ୍ୟ ସକାଶେ ସମସ୍ୟା ସୃଷ୍ଟି କରିବେ । ଶୁକ୍ର ଉଚ୍ଚ ରାଶିରେ ଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ କିଛି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ର କିମ୍ବା ପାରିବାରିକ ସମସ୍ୟା ସୁଧାରିବାରେ ଅସଫଳତାକୁ ନେଇ ବନ୍ଧୁ କିମ୍ବା ପାଖ ପଡ଼ୋଶୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମିଥୁନ** ଅଭାବ ନ ଥିଲେ ମଧ ଚନ୍ଦ୍ରଙ୍କ ଅଶୁଭ ସମ୍ପର୍କରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଫାଇଦା ହାସଲ ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ବନ୍ଧୁଙ୍କ ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ, କିନ୍ତୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହେବ। ସଭା ସମିତିରେ ପ୍ରଶଂସା, ମନୋରଞ୍ଜନରେ ରୁଚିଯୁକ୍ତ ହୋଇପାରନ୍ତି।

**କର୍କଟ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଇନ, ଅଦାଲତ, ଲୋକସମ୍ପର୍କ କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। କିନ୍ତୁ ପୁଷ୍ୟା ନକ୍ଷତ୍ରଜାତ ବ୍ୟକ୍ତିମାନେ କଠୋର ପରିଶ୍ରମ ଜନିତ ଦୈହିକ ଦୁର୍ବଳତା ଯୋଗୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଆର୍ଥିକ ଅବନତିର ସମୀକ୍ଷା କରି ଚିନ୍ତିତ ରହିପାରନ୍ତି। ବ୍ୟବସାୟ, ପ୍ରଶାସନ ଓ ଆଇନ କ୍ଷେତ୍ର ପୂର୍ବବତ୍ ରହିବ।

**ସିଂହ** ରାଶି ପ୍ରତି ରବି ଓ ବୁଧଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଯୋଗୁ ଶାରୀରିକ ସୁସ୍ଥତା, ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା, ଅର୍ଥଲାଭ ସହ କାର୍ଯ୍ୟ ସିଦ୍ଧି ଅବଶ୍ୟମ୍ଭାବୀ । ଗ୍ରହଗୁଡ଼ିକ ଅନୁକୂଳତାରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇଲେ ମଧ ଆବଶ୍ୟକତା ଅପୂରଣ ରହିବ ନାହିଁ । କଚେରି ମାମଲା କିମ୍ବା ଜମିଜମା କ୍ଷେତ୍ରରେ ମାନସିକ ଅବସାଦ କାରଣରୁ କୌଣସି କାମ ଉତ୍ସାହପ୍ରଦ ହୋଇନପାରେ।

**କନ୍ୟା** ଆଜିର ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ । କିନ୍ତୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ଭାଇଙ୍କ ସମସ୍ୟାର ସମାଧାନ ଏବଂ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଯୋଗୁ ଚିନ୍ତା କରିପାରନ୍ତି। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟିବା ସାଙ୍ଗକୁ ଅର୍ଥ ସଂକଟର ସମାଧାନ କରିବାରେ ସଫଳ ହେବେ।

**ତୁଳା** ଶନିଙ୍କ ପ୍ରଭାବରେ ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ, କିନ୍ତୁ କୌଣସି ଅସୁବିଧା ହେବନାହିଁ। କିନ୍ତୁ ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ । କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ ସକାଶେ ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ ।

**ବିଛା** ଶତ୍ରୁଗୃହୀ କର୍ମାଧିପ ଯୋଗୁ ଆକସ୍ମିକ ସମସ୍ୟା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହେବ। ଯାତ୍ରା ସମୟରେ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ହୋଇପାରେ । ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ । ସାମୟିକ କ୍ରନିକ୍ ରୋଗଜନିତ ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ ।

**ଧନୁ** ଅଧୈର୍ଯ୍ୟ ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ସଫଳତା ପାଇବାରେ ଅସୁବିଧା ହେବନାହିଁ । ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି । ଏଣୁ ଅନ୍ୟର କଥାକୁ ସତ ମନେକରି କାମ କଲେ ଅପଦସ୍ଥ ହେବାକୁ ପଡ଼ିପାରନ୍ତି । ଆଲୋଚନାରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ବହୁତ ସମ୍ଭାବନା ରହିଛି ।

**ମକର** ଅନୁକୂଳ ଗ୍ରହ ପ୍ରଭାବରୁ ଯେମିତି ଯାହା ଚାହିଁବେ, ସବୁଥିରେ ସଫଳତା ହାସଲ କରି ଖୁସୀ ହେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିବ। ସାମୟିକ ସମ୍ପର୍କ ରହିଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ । ଗୃହସୀମା, ନିର୍ମାଣ, ଜମିଜମା କାରବାରରେ ସମସ୍ୟାମୁକ୍ତ ରହିବା ସହ ଆର୍ଥିକ ସ୍ଥିତି ପୂର୍ବପରି ରହିବ ।

**କୁମ୍ଭ** ବିଭିନ୍ନ ପୁରାତନ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ । ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଯାତ୍ରା ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହୋଇପାରନ୍ତି।

**ମୀନ** ଷଷ୍ଠାଧିପ ଯୁକ୍ତ ବୁଧଙ୍କ କୁପ୍ରଭାବରେ ସକାଳୁ ସକାଳୁ ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । କିନ୍ତୁ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କର୍ମକ୍ଷେତ୍ରରେ ଚେଷ୍ଟା ଅବ୍ୟାହତ ରଖନ୍ତୁ, ନିଶ୍ଚିତ ଉପକୃତ ହେବେ । ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ । କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ମଧ ସୁଫଳ ମିଳିବାର ଆଶା ରହିଛି ।

ଆଜି ଫାଲ୍‌ଗୁନ୍ କୃଷ୍ଣ ଅଷ୍ଟମୀ ରବିବାର, ଫେବୃୟାରୀ ୧୬ ତାରିଖ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ମେଷ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ୭।୦୪ମି. ଗତେ ଘ୧୦।୦୬ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୯ମି. ଗତେ ଘ୧୦।୩୫ମି. ମଧ୍ୟେ, ଘ୧।୨୪ମି. ଗତେ ଘ୨।୫୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୬ମି. ଗତେ ଘ୫।୦୪ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ବିଧାନସଭା ବିବରଣୀ କମ୍ପ୍ୟୁଟରୀକୃତ ହେବ

ଭୁବନେଶ୍ୱର,୧୫।୨(ବ୍ୟୁରୋ): ପୂର୍ବରୁ ଓଡ଼ିଶା ବିଧାନସଭାର ବିବରଣୀ ହାତରେ ଲେଖା ଯାଉଥିଲା। କିନ୍ତୁ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏଣିକି ହାତଲେଖା ପରିବର୍ତ୍ତେ ବିଧାନସଭା ବିବରଣୀ କମ୍ପ୍ୟୁଟର ଦ୍ୱାରା ପ୍ରସ୍ତୁତ କରାଯାଇ ଗୃହର ମାନ୍ୟବର ବିଧାୟକ,ବିଧାୟିକାମାନଙ୍କ ନିକଟକୁ ସଦୟ ସ୍ୱୀକୃତି /ସଂଶୋଧନ ନିମନ୍ତେ ପଠାଯିବ । ଷୋଡ଼ଶ ବିଧାନସଭାର ତୃତୀୟ ଅଧିବେଶନଠାରୁ ଏହା କାର୍ଯ୍ୟକାରୀ କରାଯିବ ବୋଲି ବାଚସ୍ପତି ଡ. ପାତ୍ର ପ୍ରକାଶ କରିଛନ୍ତି । ଶନିବାର ବାଚସ୍ପତି ଡ. ପାତ୍ର ଏହି କାର୍ଯ୍ୟର ତଦାରଖ କରିବା ପାଇଁ ରିପୋର୍ଟର୍ସ ଶାଖା ପରିଦର୍ଶନ କରି ସଂପୃକ୍ତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ଉପସଚିବ (ରିପୋର୍ଟିଂ) ଦେବାନନ୍ଦ ଦୋରା ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ସ୍ୱାଭିମାନ ଅଞ୍ଚଳରେ ଲ୍ୟାଣ୍ଡମାଇନ ବିସ୍ଫୋରଣ

ମାଲକାନଗିରି,୧୫।୨(ସ୍ୱ.ପ୍ର.): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ହାନ୍ତାଲଗୁଡାରେ ମାଓବାଦୀ ମାନେ ଶନିବାର ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଛନ୍ତି। ଗତ କିଛି ଦିନ ହେଲା ମାଓବାଦୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଛକାପଞ୍ଝା ଲାଗିରହିଛି। ଏହି ଅଞ୍ଚଳରେ ରାସ୍ତା କାମ ଚାଲିଥିବାବେଳେ କିଛି ଦୂରରେ ସେମାନେ ବିସ୍ଫୋରଣ କରିଛନ୍ତି। ମାଓବାଦୀମାନେ ନିଜ ସ୍ଥିତି ଜାହିର କରିବାକୁ ଏଭଳି ଘଟାଇଥିବା ଅନୁମାନ କରାଯାଉଛି। ଏନେଇ ଏସ୍‌ପି ରିଶିକେଶ ଡି. ଖିଲାରୀଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ତେବେ ମାଓବାଦୀମାନେ ଯେଉଁ ଉଦ୍ଦେଶ୍ୟ ନେଇ ବିସ୍ଫୋରଣ ଘଟାଇଥିଲେ ତାହା ଫେଲ୍ ମାରିଛି। ଏଥିରେ କାହାର କିଛି କ୍ଷତି ହୋଇନାହିଁ ବୋଲି ସେ କହିଛନ୍ତି।

# ଟ୍ରକରୁ ୧.୮୧କୋଟିର ଗଞ୍ଜେଇ ଜବତ

**ନୟାଗଡ ଅଫିସ,୧୫।୨**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଡୁମୁଡି ପଞ୍ଚାୟତ ରଙ୍ଗମାଟିଆ ଗ୍ରାମ ନିକଟ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥ କଡରେ ଥିବା ଏକ ଢାବା ନିକଟରୁ ଶୁକ୍ରବାର ରାତିରେ ଏକ ଟ୍ରକରୁ ୧୨୦୬ କେଜି ୭୨୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧ କୋଟି ୮୧ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପକ୍ଷରୁ ଉକ୍ତ ଗଞ୍ଜେଇକୁ ଜବତ କରାଯାଇ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ତେବେ ତଦନ୍ତ ଚାଲିଥିବା ଓ କୋର୍ଟ ଚାଲାଣ କରାଯାଇ ନ ଥିବାରୁ ଡ୍ରାଇଭରଙ୍କ ନାଁ ମିଳିପାରି ନାହିଁ । ଅନ୍ୟପକ୍ଷେ ତଳେ ଗଞ୍ଜେଇ ଓ ଉପରେ ବହ୍ଲା କାଠ ରଖାଯାଇ ଟ୍ରକ ଯୋଗେ ରାୟଗଡାରୁ ଭୁବନେଶ୍ୱରକୁ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିଲା। ଜବତ କାଠର ମୂଲ୍ୟ ୫୧ହଜାର ୪୪୮ଟଙ୍କା ହେବ ।

ପ୍ରାପ୍ତ ସୂଚନା ଅନୁସାରେ, ଓଆର୧୧ ଇ ୮୧୯୯ ନଂ ବିଶିଷ୍ଟ ଟ୍ରକରେ ୧୨୦୬ କେଜି ୭୨୫ ଗ୍ରାମର ୩୯ ବସ୍ତା ଗଞ୍ଜେଇ ରହିଥିଲା । ଗୋଟିଏ ବସ୍ତା ଭିତରେ ୩ କେଜିଆ ପ୍ୟାକେଟ ୮ରୁ ୧୦ଟା ରହିଥିଲା ।



ଗଞ୍ଜେଇ ଚାଲାଣ ସମ୍ପର୍କରେ ଜଣା ନ ପଡିବା ପାଇଁ ଉପରେ ବହ୍ଲା କାଠ ରଖାଯାଇଥିଲା। ଗଞ୍ଜେଇ ଚାଲାଣ ନେଇ ସୂଚନା ପାଇବା ପରେ ଗୁରୁବାର ଠାରୁ ନୟାଗଡ ପୋଲିସର ସହାୟତା ନେଇଥିଲେ କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ । କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟର ୭ ଜଣିଆ ଦଳ ଓ ନୟାଗଡ ପୋଲିସ ଫୋର୍ସ ମିଳିତ ଭାବେ ରାୟଗଡାରୁ ଆସୁଥିବା ଗଞ୍ଜେଇ ଟ୍ରକକୁ ଧରିବାକୁ ପ୍ରସ୍ତୁତି ଜାରି ରଖିଥିଲେ । ଏପରିସ୍ଥଳେ ଟ୍ରକକୁ ଆଗ ଓ ପଛରୁ ଏସକର୍ଟ କରି ଗଞ୍ଜେଇ ଚାଲାଣ

### ଉପରେ ବହ୍ଲା କାଠ ତଳେ ଗଞ୍ଜେଇ

ହେଉଥିଲା । କିନ୍ତୁ ବାଣିଗୋଛା ଢାବା ନିକଟରେ ପାଇଲଟିଂ ଦଳ ଅଦୃଶ୍ୟ ହୋଇ ଯାଇଥିଲେ । ସେହି ସମୟରେ କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟର ୭ ଜଣିଆ ଦଳ ଗଞ୍ଜେଇ ଟ୍ରକ ଜବତ କରିବା ସହ ଡ୍ରାଇଭରଙ୍କୁ କାବୁ କରିଥିଲେ । ଶନିବାର ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଜବତ ଗଞ୍ଜେଇକୁ ଓଜନ କରାଯାଇଛି ।

# ରୋକାଗଲା ବାଲ୍ୟ ବିବାହ

**ବାହାନଗା,୧୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଚଳରେ ବାଲ୍ୟ ବିବାହ ରୋକିବାକୁ ଆସିଥିବା ଖଇରାସ୍ଥିତ ଚାଇଲ୍ଡଲାଇନ କର୍ମକର୍ତ୍ତା ହରଡଘଣାରେ ପଡିଛନ୍ତି। ଏନେଇ କର୍ମକର୍ତ୍ତାମାନେ ଖନ୍ତାପଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ୍ ଏଥିରେ ହସ୍ତକ୍ଷେପ କରିଥିଲା। ଫଳରେ ବିବାହ କରିବାକୁ ଆସିଥିବା ବର ବରଯାତ୍ରୀ ନେଇ ଫେରିଯାଇଥିଲେ।

ଏହି ଅଞ୍ଚଳର ଜଣେ ନାବାଳିକା (୧୭ବର୍ଷ ୨ ଦିନ)ଙ୍କର ବିବାହ ଖଇରା ଥାନା ଡାଲଙ୍ଗ ଗ୍ରାମ ନିକଟସ୍ଥ ଡୁଡିଗଡିଆ ଅଞ୍ଚଳର ଶରତ କୁମାର ମହାରଣା(୩୫)ଙ୍କ ସହ ସ୍ଥିର ହୋଇଥିଲା। ଶୁକ୍ରବାର ରାତିରେ ବିବାହ ପାଇଁ ନାବାଳିକାଙ୍କ ପରିବାର ପକ୍ଷରୁ ସମସ୍ତ ଆୟୋଜନ ହୋଇସାରିଥିଲା। ଖବରପାଇ ଖଇରାସ୍ଥିତ ଚାଇଲ୍ଡଲାଇନ ଉପକେନ୍ଦ୍ରର ନିର୍ଦ୍ଦେଶକ ମଦନମୋହନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ଲିଡର

### ଫେରିଗଲେ ବର

ତପସ୍ୱିନୀ ରାଉତ, ଟିମ୍ ସଭ୍ୟ ପଞ୍ଚାନନ ତ୍ରିପାଠୀ, ଜ୍ୟୋତିପ୍ରକାଶ କର, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଗୋପାଳପୁର ଫାଣ୍ଡି ପୋଲିସ ଓ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ନାବାଳିକାଙ୍କ ଘର ପାଖରେ ରାତି ସାଢେ ୭ଟାରେ ପହଞ୍ଚିଥିଲେ । ଏହି ସମୟରେ ନାବାଳିକା ଘର ପାଖରେ ଗ୍ରାମବାସୀ ଭୋଜି ଖାଇବା ପାଇଁ ପ୍ରସ୍ତୁତ ହେଉଥିଲେ। ଚାଇଲ୍ଡଲାଇନ କର୍ମଚାରୀ ସ୍ଥାନୀୟ ଲୋକଙ୍କୁ ଏଠାରେ ବାଲ୍ୟ ବିବାହ ହେଉଥିବା ବାବଦରେ ପଚାରିବା ସହ ବନ୍ଦ କରିବା ପାଇଁ କହିବାରୁ ଉପସ୍ଥିତ ଲୋକଙ୍କ ଆକ୍ରୋଶରେ ଶିକାର ହୋଇଥିଲେ। ଲୋକେ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିବା ସହିତ ବାନ୍ଧିବାକୁ ଉଦ୍ୟମ କରିବାରୁ ସେମାନେ ସେଠାରୁ ପଳାଇ ଆସି ଖନ୍ତାପଡା ଥାନାରେ ଅଭିଯୋଗ କରିଥିଲେ। ତେବେ ରାତିରେ ବର ବିବାହ ପାଇଁ ଆସିବାରୁ ଗୋପାଳପୁର ଫାଣ୍ଡି ପୋଲିସ ଓ ଖନ୍ତାପଡା ଥାନା ପୋଲିସ ପହଞ୍ଚି ବରଘର ଲୋକମାନଙ୍କୁ ବୁଝାଇବା ସହିତ ବିବାହ ନ କରିବା ପାଇଁ ବାରଣ କରିଥିଲେ । ବିବାହ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଉଭୟ ପକ୍ଷଙ୍କ ନାମରେ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। କାଗଜପତ୍ର ଅନୁଯାୟୀ ନାବାଳିକାଙ୍କ ବର୍ତ୍ତମାନର ବୟସ ୧୭ବର୍ଷ ୨ ଦିନ ହୋଇଥିବାରୁ ବିବାହ କରିବା ଆଇନ ବିରୋଧୀ। ତେଣୁ ୧୮ବର୍ଷ ହେଲେ ବିବାହ କରିପାରିବ ବୋଲି ପୋଲିସ ବୁଝାଇବା ପରେ ବିବାହ କରିବାକୁ ଆସିଥିବା ଯୁବକ ଶିଶୁପାଳ ହୋଇ ଫେରି ଯାଇଥିଲେ। କେତେକ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳକୁ ଯାଇ ଫଟୋ ଉଠାଉଥିବା ବେଳେ ସେମାନେ ମଧ୍ୟ ଗ୍ରାମବାସୀଙ୍କ ଆକ୍ରୋଶରେ ଶିକାର ହୋଇଥିଲେ ।


## ଜୀବାଣୁ ପ୍ରତିରୋଧର ମୂଳମନ୍ତ୍ର

Brought to you by: Apollo HOSPITALS BHUBANESWAR

ପ୍ରଶ୍ନ: ଜୀବାଣୁର ସଞ୍ଚାରକୁ ନିମିଷକ ମଧ୍ୟରେ କିପରି ରୋକିବେ?

କ. କାଶିବା ଓ ଛିଙ୍କିବା ସମୟରେ ନିଜର ମୁହଁ ଓ ନାକକୁ ଘୋଡ଼ାଇଦିଅନ୍ତୁ ।

ଖ. ନିଜ ହାତକୁ ସଫା ରଖନ୍ତୁ ।



ଏକ ଆଲ୍‌କହଲ୍ ଭିତ୍ତିକ ହ୍ୟାଣ୍ଡ କ୍ଲିନର୍ ବ୍ୟବହାର କରି କିମ୍ବା ଆଣ୍ଟିମାଇକ୍ରୋବିଆଲ୍ ସାବୁନ ଓ ଉଷୁମ ପାଣିରେ ଧୋଇ ନିଜ ହାତକୁ ସଫା କରନ୍ତୁ ।

ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


# ଏପ୍ରିଲ ୫ରୁ ବିଶାଳ ଆର୍ମି ନିଯୁକ୍ତି ମେଳା

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ଆସନ୍ତା ଏପ୍ରିଲ ୫ ତାରିଖରୁ ୧୬ ଯାଏ ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ବିଶାଳ ଆର୍ମି ନିଯୁକ୍ତି ମେଳା ଆୟୋଜିତ ହେବ । ରାଜ୍ୟର ୧୦ ଜିଲା ଯଥା କଟକ, ମୟୂରଭଞ୍ଜ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ନୟାଗଡ, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଜିଲାର ଇଚ୍ଛୁକ ପ୍ରାର୍ଥୀମାନେ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିପାରିବେ । ଆର୍ମି ପକ୍ଷରୁ ୨୦୧୫ ଅକ୍ଟୋବର ପହିଲାରୁ ଉକ୍ତ ନିଯୁକ୍ତି ମେଳା ବ୍ୟବସ୍ଥା ପରିବର୍ତ୍ତିତ ହୋଇ ଅନ୍‌ଲାଇନ୍ ପଞ୍ଜୀକରଣ ଓ ଆବେଦନପତ୍ର ଦାଖଲ ବ୍ୟବସ୍ଥା ଅନୁସୃତ ହୋଇଆସୁଛି। ସେଥିପାଇଁ ଏହି ନିଯୁକ୍ତି ମେଳାରେ ଭାଗନେବାକୁ ହେଲେ ପ୍ରାର୍ଥୀମାନେ http://www.joinindianarmy.nic.in ୱେବ୍‌ସାଇଟ୍‌ରେ ନିଜର ନାମ ପ୍ରଥମେ ପଞ୍ଜୀକୃତ କରିବେ ।

ଫେବୃୟାରୀ ୮ରୁ ମାର୍ଚ୍ଚ ୨୩ ମଧ୍ୟରେ ଏହି ପଞ୍ଜୀକରଣ ପ୍ରକ୍ରିୟା ଚାଲୁରହିବ । ଆର୍ମି ନିଯୁକ୍ତି ମେଳାରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବ । ସମସ୍ତ ପ୍ରକ୍ରିୟା ସ୍ୱୟଂସମ୍ପୂର୍ଣ୍ଣ ହେବ । ଶାରୀରିକ, ଲିଖିତ ଓ ମେଡିକାଲ ପରୀକ୍ଷାରେ କୌଣସି ମଧ୍ୟସ୍ଥ ସହାୟତା କରିପାରିବେ ନାହିଁ । ତେଣୁ ଦଲାଲ, ଟାଉଟର ବା ମଧ୍ୟସ୍ଥଙ୍କ ଫାନ୍ଦରେ ନ ପଡିବା ପାଇଁ ନିର୍ଦ୍ଦେଶକ (ନିଯୁକ୍ତି) କର୍ଣ୍ଣେଲ୍ ଆଶିଷ ମୋହନ ତ୍ରିଖା ସୂଚନା ଦେଇଛନ୍ତି । ଅଧିକରୁ ଅଧିକ ଓଡ଼ିଆ ପିଲାମାନେ ଆର୍ମିରେ ନିଯୁକ୍ତି ପାଇବା ପାଇଁ ଏହି ବିଶାଳ ନିଯୁକ୍ତି ମେଳାର ଉଦ୍ଦେଶ୍ୟ ବୋଲି ତ୍ରିଖା କହିଛନ୍ତି ।


ବିଶ୍ୱ ଗବାକ୍ଷରେ ପ୍ରକୃତିର ଗନ୍ତାଘର ଆମ ଭିତରକନିକା ବିଶ୍ୱ ଐତିହ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର। ଏହାର ବିଭବକୁ ସାରା ଜଗତରେ ପରିଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ରାଜନଗର ବ୍ଲକ ନଳିତାପାଟିଆଠାରେ ପାଳନ କରାଯାଉଥିବା ଭିତରକନିକା ମହୋତ୍ସବ ଆମକୁ ଗୌରବାନ୍ୱିତ କରିଛି। ଆସନ୍ତୁ ଆମେ ଭିତରକନିକା ସୁରକ୍ଷା ପାଇଁ ଶପଥ ନେବା।





ଭଗବତୀ ନାୟକ
ପ୍ରାଧ୍ୟାପିକା, ସମାଜସେବିକା, ରାଜନଗର



## ଜିଲା ଚିଠି



## ପୁରୀ


### ବାଡ଼ ଖାଉଛି ଫସଲ

ମହାପ୍ରଭୁଙ୍କ ବିଭିନ୍ନ ଯାନିଯାତ୍ରା ମଧ୍ୟରୁ ପ୍ରସିଦ୍ଧ ହେଉଛି ରଥଯାତ୍ରା। ପବିତ୍ର ଆଷାଢ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଏହା ଅନୁଷ୍ଠିତ ହୋଇଥାଏ। ଏହା କେବଳ ପୁରୀ କି ଓଡ଼ିଶାରେ ସୀମିତ ନୁହେଁ, ଭାରତର ବିଭିନ୍ନ ରାଜ୍ୟ ଏପରି କି ବିଦେଶର ଅନେକ ସ୍ଥାନରେ ମଧ୍ୟ ରଥଯାତ୍ରା ଆୟୋଜନ ହେଉଛି। ଏହା ନିଶ୍ଚିତ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। କିନ୍ତୁ କିଛିବର୍ଷ ହେଲା ଅଦିନରେ ବିଭିନ୍ନ ଜାଗାରେ ଆୟୋଜନ ହେଉଛି ରଥଯାତ୍ରା, ଯାହାକି ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରତି ଘୋର ଅପମାନ ଏବଂ ଶାସ୍ତ୍ର ବିରୋଧୀ। ଏହାକୁ ନେଇ ହୋହଲ୍ଲା, ବିକ୍ଷୋଭ, କୁଶପୁତଳିକା ଦାହ ଏପରି କି ଥାନା ଯାଏ ବି କଥା ଯାଉଛି। ପ୍ରତିବାଦ ପରେ କେଉଁଠି ଆୟୋଜକ ତାଙ୍କ ନିଷ୍ପତ୍ତିରୁ ଓହରି ଯାଉଛନ୍ତି ତ ପୁଣି କେହି କେହି ଅବମାନନା କରୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏଥିରେ ରୋକ୍ ଲଗାଇବା ପାଇଁ ଅନେକ ସମୟରେ ଚେଷ୍ଟା କରୁଛି। କିନ୍ତୁ ଏ ପର୍ଯ୍ୟନ୍ତ ଏଥିରେ ଶତ ପ୍ରତିଶତ ସଫଳତା ମିଳିନାହିଁ। ଗତବର୍ଷ ସେପ୍ଟେମ୍ବର ୬ତାରିଖ ପରିଚାଳନା କମିଟି ବୈଠକରେ ଏ ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ପୁରୀରେ ଯେଉଁଭଳି ବିଧି ଓ ପରମ୍ପରା ଅନୁସାରେ ରଥଯାତ୍ରା କରାଯାଉଛି ଅଧିକାଂଶ ସ୍ଥାନରେ ବିଧି ମୁତାବକ ହେଉନାହିଁ। ତେଣୁ ରାଜ୍ୟ ସରକାରଙ୍କ ସହଯୋଗରେ ରଥଯାତ୍ରାର ବିଧି ବିଶ୍ୱବାସୀଙ୍କୁ ଅବଗତ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହାସତ୍ତ୍ୱେ କେତେକ ଅନୁଷ୍ଠାନ ଏହାକୁ ବେଖାତିର କରିଆସୁଛନ୍ତି। ଗତ ମାସ ୩୦ ତାରିଖ ବସନ୍ତ ପଞ୍ଚମୀରେ ମୁମ୍ବାଇରେ ଇସ୍କନ ପକ୍ଷରୁ ରଥଯାତ୍ରା କରାଯିବାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, କୁଶପୁତଳିକା ଦାହ ସହ ଇସ୍କନ ଅଧିକାରୀଙ୍କ ନାଁରେ ଥାନାରେ ଏତଲା ଦିଆଯାଇଛି। ହେଲେ ମୁମ୍ବାଇରେ ଅଦିନିଆ ରଥଯାତ୍ରା ଆୟୋଜନ କରାଯିବାରେ ପୁରୀର ଜଣେ ଯୁବ ଦଇତାପତିଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ସମ୍ପୃକ୍ତ ଦଇତାପତି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ମହାପ୍ରଭୁଙ୍କ ବିଧି ପରମ୍ପରାକୁ ଆଡ଼େଇ ଆୟୋଜକଙ୍କ ସହ ହାତ ମିଶାଇ ରଥଯାତ୍ରା କରିଛନ୍ତି। ସେହିପରି ଭୁବନେଶ୍ୱରରେ ମହାପ୍ରଭୁଙ୍କ ରଘୁନାଥ ବେଶକୁ ନେଇ ବି ବିବାଦ ଉପୁଜିଥିଲା। ରତ୍ନସିଂହାସନ ବାହାରେ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ କରାଯାଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ପୁରାଣ ଅନୁସାରେ, ସ୍ୱତନ୍ତ୍ର ତିଥିରେ ଶ୍ରୀମନ୍ଦିର ରତ୍ନସିଂହାସନରେ ଏହି ବେଶ କରାଯିବାର ବିଧି ଥିବାବେଳେ ଏହା ବାହାରେ ହେବା ପଛରେ ବି ଶ୍ରୀମନ୍ଦିରର କେତେଜଣ ସେବାୟତଙ୍କ ହାତ ରହିଥିଲା। ସେହିପରି କୋଲକାତାରେ ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ସ୍ଥାପନ କରିଥିଲେ ଶ୍ରୀମନ୍ଦିରର କେତେଜଣ ସେବାୟତ। ଏଠି ବାଡ଼ ଫସଲ ଖାଉଛି। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ କିପରି ସୁରକ୍ଷିତ ରଖାଯିବ ସେନେଇ ଗବେଷକ ଓ ବୁଦ୍ଧିଜୀବୀ ପ୍ରଶ୍ନ କରୁଛନ୍ତି। **–ହେମନ୍ତ ନାୟକ**

# ସଂରକ୍ଷଣ ଉଠାଇବା ପାଇଁ ଚକ୍ରାନ୍ତ କରୁଛି କେନ୍ଦ୍ର : କଂଗ୍ରେସ

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାକୁ ଉଠାଇ ଦେବାକୁ ଚକ୍ରାନ୍ତ କରୁଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ବିରୋଧରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିର୍ଦ୍ଦେଶକ୍ରମେ ଶନିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ଏସ୍‌ଟି, ଏସ୍‌ସି ଏବଂ ଓବିସି ସେଲ୍ ପକ୍ଷରୁ ରାଜ୍ୟପାଳ ଗଣେଶୀ ଲାଲଙ୍କ ପ୍ରତିନିଧିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସର ସମସ୍ତ ପ୍ରତିନିଧିଙ୍କୁ ଏକକାଳୀନ ରାଜଭବନ ଭିତରକୁ ପ୍ରବେଶ ଅନୁମତି ନ ମିଳିବାରୁ ଫାଟକ ସମ୍ମୁଖରେ ପ୍ରତିନିଧିମାନେ ପ୍ରତିବାଦ କରିଥିଲେ। ଭୁବନେଶ୍ୱର ଡିସିପିଙ୍କ ଅନୁରୋଧ କ୍ରମେ ରାଜ୍ୟପାଳଙ୍କ ପ୍ରତିନିଧି ଫାଟକ ନିକଟକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ।

ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗର ଲୋକଙ୍କ ସୁରକ୍ଷା, ଶିକ୍ଷା, ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ସମ୍ବିଧାନ ସ୍ୱୀକୃତ ସଂରକ୍ଷଣ ବ୍ୟବସ୍ଥାକୁ ଦୃଢ଼ ଭାବେ କାର୍ଯ୍ୟକାରୀ ପାଇଁ ଦାବି କରାଯାଇଛି। ଦେଶ ସ୍ୱାଧୀନତା ସମୟରୁ ଏହି ବର୍ଗର ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସମ୍ବିଧାନର ଅନୁଚ୍ଛେଦଗୁଡିକରେ ବ୍ୟବସ୍ଥା କରାଯାଇଛି। ତେଣୁ ଏହି ବ୍ୟବସ୍ଥାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ଓଡ଼ିଶାରେ ବସବାସ କରୁଥିବା ବହୁଜନବର୍ଗର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯତ୍ନବାନ ହୁଅନ୍ତୁ ବୋଲି ପ୍ରଦୀପ ମାଝି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଭୁଜବଳ ମାଝି, ବିଜୟଲକ୍ଷ୍ମୀ ସାହୁ, ବିଷ୍ଣୁଚରଣ ବାରିକ, ବାଙ୍କନିଧି ବେହେରା, ହଳଧର ସେଠୀ, ବିଦ୍ୟାଧର ଦେହୁରୀ, ଦେବେନ୍ଦ୍ର ମଲ୍ଲିକ, ଫକୀର ଖଟୁଆ, ଅଭିଷେକ ରାଉତ, ଅମିୟ ପାଣ୍ଡବ, ପ୍ରତିମା ମଲିକ, କୈଳାସ ସାହୁ, ଦୀପକ ମହାପାତ୍ର, ଜାନକୀ ମଲ୍ଲିକ, ବିଶ୍ୱଭୂଷଣ ମହାପାତ୍ର, ଅମିର ଭୂୟାଁ, ସର୍ବେଶ୍ୱର ସେଠୀ, ତାପସ ସେଠୀ, କାଶୀନାଥ ଡାକୁଆ, ସେକ୍ କାଦିର୍, ଦେବେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଏମ୍‌ଏଲ୍‌ଏଙ୍କ ସ୍ତ୍ରୀ/ସ୍ୱାମୀଙ୍କୁ ମିଳିବ ସ୍ୱାସ୍ଥ୍ୟବୀମା

**ଭୁବନେଶ୍ୱର, ୧୫।୨**

(ବ୍ୟୁରୋ) ଓଡ଼ିଶା ବିଧାନସଭାର ସଭ୍ୟମାନଙ୍କ ସହ ସେମାନଙ୍କ ସ୍ତ୍ରୀ/ସ୍ୱାମୀଙ୍କୁ ମଧ୍ୟ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏ ସମ୍ପର୍କରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଅର୍ଥ ବିଭାଗ ଗ୍ରହଣ କରିଛି। ଏଥି ପୂର୍ବରୁ ପୂର୍ବତନ ଏମ୍‌ଏଲ୍‌ଏମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ।

# ବେଲପାହାଡ ଅଞ୍ଚଳରୁ ୭ ଶିଶୁ ଶ୍ରମିକ ଉଦ୍ଧାର

**ଝାରସୁଗୁଡା ଅଫିସ, ୧୫।୨**

ଝାରସୁଗୁଡା ଜିଲା ବେଲପାହାଡ ଅଞ୍ଚଳର ବିଭିନ୍ନ ଗ୍ୟାରେଜ, ମାଂସ ଦୋକାନ, ତେଜରାତି ଦୋକାନ ଓ ହୋଟେଲ ଗୁଡିକରେ ଚଢ଼ାଉ କରି ୭ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଜିଲା ଟାସ୍କ ଫୋର୍ସ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ବେଲପାହାଡ ଥାନାରେ ଏ ନେଇ ଏକ ଷ୍ଟେଶନ ଡାଏରି କରାଯାଇଛି। ଉଦ୍ଧାର ଶିଶୁ ଶ୍ରମିକମାନଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି। ଏହି ଚଢ଼ାଉରେ ଜିଲା ସହ ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାଏକ, ଚାଇଲ୍ଡ ଲାଇନର ଜିଲା ସଂଯୋଜକ ଆଶିଷ କୁମାର ପଣ୍ଡା, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଗୁଣନିଧି ଭଇଁସା, ଜିଲା ଶିଶୁ ସୁରକ୍ଷା ୟୁନିଟର ସମୀର ମିଶ୍ର, ଶ୍ରମ ବିଭାଗର ଜନ୍ମେଜୟ ସା, ଚାଇଲ୍ଡ ଲାଇନର ସଦସ୍ୟ ରାଧେଶ୍ୟାମ ନାଏକ, ଡୋଳାମଣି ସେଠ, ପୋଲିସ କର୍ମଚାରୀ ନିର୍ମଳା ତ୍ରିପାଠୀ ଓ ଅମରେଶ ପଣ୍ଡା ପ୍ରମୁଖ ସାମିଲ ଥିଲେ । ଶିଶୁମାନଙ୍କୁ ଶ୍ରମିକ ଭାବେ ଖଟାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରମ ଅଧିକାରୀ କହିଛନ୍ତି।


ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଆନ୍ତର୍ଜାତିକ ସ୍ତରରେ ଜୈବବିବିଧତା, ଆର୍ଦ୍ରଭୂମି, ହେନ୍ତାଳ ବଣ, ବନ୍ୟ ଜୀବଜନ୍ତୁଙ୍କ ପାଇଁ ରାଜନଗରକୁ ବିଶ୍ୱ ସ୍ତରରେ ପରିଚିତ କରିଛି। ସର୍ବ ପ୍ରଥମ ଭିତରକନିକା ମହୋତ୍ସବ ପାଳନ ଅବସରରେ ଆଗନ୍ତୁକ ଅତିଥି, ପର୍ଯ୍ୟଟକ ଏବଂ ଆମ ବ୍ଲକର ସମସ୍ତ ନାଗରିକଙ୍କୁ ଅଭିନନ୍ଦନ ଜଣାଉଅଛୁ।



ମନ୍ଦରଧର ମହାଲିକ
ବି.ଡି.ଓ, ରାଜନଗର ବ୍ଲକ



ଇଂ. ଜଳଧର ବେହେରା
ସହକାରୀ ଯନ୍ତ୍ରୀ, ରାଜନଗର



## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସଡ୍ ଆସେଟ୍ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା , କଟକ- ୭୫୩୦୧୦(ଓଡିଶା)

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୩) ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।**

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର/ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ବିନୋଦ କୁମାର ଅଗ୍ରୱାଲ୍ ଏବଂ ଶ୍ରୀମତୀ ରେଖା ଅଗ୍ରୱାଲ୍, ପ୍ଲଟ୍ ନଂ.: ୧୫୦୩/ବି, ସେକ୍ଟର-୬, ସିଡିଏ, ପୋ: ମର୍କତ ନଗର, ଥାନା: ବିଡ଼ାନାସୀ, ଜିଲ୍ଲା: କଟକ । | ସମ୍ପତ୍ତି ମାଲିକ: ଶ୍ରୀ ବିନୋଦ କୁମାର ଅଗ୍ରୱାଲ | ଶ୍ରୀ ବିନୋଦ କୁମାର ଅଗ୍ରୱାଲ୍‌ଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶ ବିଶେଷ ଯାହାକି ବିଡ଼ାନାସୀ ପ୍ରୋଜେକ୍ଟ ଏରିଆ, ସେକ୍ଟର-୬, ସିଡିଏ, ଥାନା: ବିଡ଼ାନାସୀ, ଏସ୍‌ଆରଓ: କଟକ ସିଟି, ଜିଲ୍ଲା: କଟକ, 'ବି' କାଟାଗୋରୀ, ପ୍ଲଟ୍ ନଂ.: ୧୫୦୩, ଡ୍ରଇଂ ନଂ.: ସିଡିଏ (ପିଏଲ) ବି/୧୧୦, କ୍ଷେତ୍ର: ୫୦ ଫୁଟ X ୮୦ଫୁଟ = ୪୦୦୦ ବର୍ଗଫୁଟ, କିସମ: ଘରବାଡ଼ି, ଚୌହଦୀ-ପୂର୍ବ: ୪୦ ଫୁଟ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୪୮୮, ଉତ୍ତର: ପ୍ଲଟ ନଂ.: ୧୫୦୨, ଦକ୍ଷିଣ: ପ୍ଲଟ ନଂ.: ୧୫୦୪ । | ୧୮.୧୨.୨୦୧୭ | ୧୪.୦୨.୨୦୨୦ | ୧୧.୧୨.୨୦୧୭ ସୁଦ୍ଧା ଟ.୨୦,୫୯,୩୧୧/- ଏବଂ ତା.୧୨.୧୨.୨୦୧୭ ଠାରୁ ତତ୍‌ପରବର୍ତ୍ତୀ ସୁଧ |

ସ୍ଥାନ: କଟକ, ତାରିଖ: ୧୫.୦୨.୨୦୨୦ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପ୍ରେମର ସାମର୍ଥ୍ୟ ଯୋଗୁ ଏବଂ ଆତ୍ମଦାନର ପ୍ରେରଣା ଯୋଗୁ ମନୁଷ୍ୟ ଦେବତାମାନଙ୍କ ସହ ସମାନ କ୍ଷମତାର ଅଧିକାରୀ ହୋଇପାରେ। କିନ୍ତୁ ସେ ଯେତେବେଳେ ନିଜର ଅହଂକାର ଓ ସ୍ୱାର୍ଥପରତାରୁ ମୁକ୍ତ ହୁଏ- ସେତେବେଳେ ସେ ଦେବତାଙ୍କଠାରୁ ମଧ୍ୟ ଅଧିକ କ୍ଷମତାଶାଳୀ ହୋଇପାରେ। -ଶ୍ରୀମା



# ବିଫଳ ଯୋଜନା



ଆକାର ପଟେଲ

ସେପ୍ଟେମ୍ବର ୨୦୧୪ରେ 'ମେକ୍ ଇନ୍ ଇଣ୍ଡିଆ'ର ଶୁଭାରମ୍ଭ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ୱେବ୍‌ସାଇଟ୍ (pmindia.gov.in)ରେ ଲେଖାଯାଇଛି ଯେ, ଭାରତକୁ ଏକ ଗ୍ଲୋବାଲ ମାନୁଫାକ୍ଚରିଂ ହବ୍‌ରେ ପରିଣତ କରିବା ପାଇଁ ଆମ ନିର୍ମାଣ ଶିଳ୍ପକୁ କିପରି ଆଗେଇ ନିଆଯାଇପାରିବ ତାହା ଉପରେ ଭାରତର ନୀତି-ନିର୍ମାତାମାନେ ଢେର୍ ବର୍ଷ ଧରି ବିତର୍କ କରିଆସୁଥିଲେ। କିନ୍ତୁ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲା ପରେ କେଇ ମାସ ଭିତରେ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା, ନବୋଭାବନକୁ ପ୍ରୋତ୍ସାହିତ କରିବା, ଦକ୍ଷତାର ବିକାଶ ସାଧନ କରିବା, ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା କରିବା ଏବଂ ସର୍ବୋତ୍ତମ ମାନର ନିର୍ମାଣ ଭିତ୍ତିଭୂମି ତିଆରି କରିବା ଲାଗି 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଆରମ୍ଭ କରିଛନ୍ତି। ନିର୍ମାଣ ଶିଳ୍ପ ହେଉଛି ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଭିତରଦେଇ ନିମ୍ନ ଆୟକାରୀ ଗୋଷ୍ଠୀ ମଧ୍ୟବିତ୍ତ ଏବଂ ମଧ୍ୟମ ଆୟକାରୀ ଗୋଷ୍ଠୀ ଧନୀ ହୋଇପାରିବେ। ଏକ ଗ୍ରାମୀଣ ଓ କୃଷିଭିତ୍ତିକ ଅର୍ଥନୀତିର ଦେଶକୁ ଉନ୍ନତ ଅର୍ଥନୀତିରେ ପରିଣତ କରିବା ଲାଗି ପ୍ରଥମେ ହାଲୁକା ଶିଳ୍ପ (ମୁଖ୍ୟତଃ ପୋଷାକ ଶିଳ୍ପ)ରୁ ଆରମ୍ଭ କରି ପରେ ଅଧିକ ଜଟିଳ ପ୍ରଯୁକ୍ତିବିଦ୍ୟାଭିତ୍ତିକ ଭାରି ଶିଳ୍ପରେ ପ୍ରବେଶ କରିବା ଛଡ଼ା ଅନ୍ୟ ରାସ୍ତା ନାହିଁ। ୨୦୧୪ରେ ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଭାରତୀୟ ନିର୍ମାଣ ଶିଳ୍ପର ଅବଦାନ ଥିଲା ୧୫ ପ୍ରତିଶତ। ଗତବର୍ଷ ଏହା ୧୪ ପ୍ରତିଶତକୁ ହ୍ରାସ ପାଇଛି। ସୁତରାଂ ପ୍ରଧାନମନ୍ତ୍ରୀଙ୍କ 'ମେକ୍ ଇନ୍ ଇଣ୍ଡିଆ' ଫେଲ୍ ମାରିଛି ଏବଂ ଏହା ଲାଗୁ ହେବାର ଇତି ମଧ୍ୟରେ ପାଞ୍ଚବର୍ଷ ଅତିକ୍ରାନ୍ତ ହୋଇସାରିଲାଣି।

ସରକାରଙ୍କ ବିଫଳତାକୁ ବୁଝାଇବା ପାଇଁ ଅନ୍ୟ ଦେଶଗୁଡ଼ିକ ସହ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରୁଛି। ଆମେ ଯେଉଁ ପଡ଼ୋଶୀ ଦେଶ ଚାଇନା ସହ ଅନେକ ସମୟରେ ନିଜର ତୁଳନା କରୁ ତାହାର ଅର୍ଥନୀତିର ଆକାର ଭାରତର ପାଞ୍ଚଗୁଣରୁ ଅଧିକ। ଏହାର ଜିଡିପିକୁ ନିର୍ମାଣ ଶିଳ୍ପର ଅଂଶ ୨୯ ପ୍ରତିଶତ ଯାହା ଭାରତର ପ୍ରାୟ ଦୁଇଗୁଣ ଏବଂ ଏହା ୨୦୧୪ରୁ ୨୦୨୦ ଭିତରେ ସ୍ଥିର ଅଛି। ଭିଏଟ୍‌ନାମର ଜିଡିପିକୁ ନିର୍ମାଣ ଶିଳ୍ପର ଅବଦାନ ଏବେ ୧୬ ପ୍ରତିଶତ ଅଛି ଏବଂ ଆମେ ଯେତେବେଳେ ମେକ୍ ଇନ୍ ଇଣ୍ଡିଆ ଆରମ୍ଭ କଲୁ ସେତେବେଳେ ଏହା ଥିଲା ୧୩ ପ୍ରତିଶତ। ଶ୍ରୀଲଙ୍କାରେ ଏହା ବର୍ତ୍ତମାନ ୧୬ ପ୍ରତିଶତ ଅଛି। ସେହିପରି ଏହା ଥାଇଲାଣ୍ଡରେ ୨୭ ପ୍ରତିଶତ, ଇଣ୍ଡୋନେସିଆରେ ୧୯ ପ୍ରତିଶତ, ଫିଲିପାଇନ୍ସରେ ୧୯ ପ୍ରତିଶତ, ମାଲେସିଆରେ ୨୧ ପ୍ରତିଶତ ଏବଂ ସିଙ୍ଗାପୁରରେ ୨୦ ପ୍ରତିଶତ ଅଛି। ଜର୍ମାନୀରେ ଏହା ୨୦ ପ୍ରତିଶତ ଅଛି, ଯାହା ଆଶ୍ଚର୍ଯ୍ୟଜନକ ନୁହେଁ କାରଣ ଏହା ବିଶ୍ୱର ବୃହତ୍ତମ ଅଟୋମୋବାଇଲ ଶିଳ୍ପର ଦେଶ ଭାବେ ଜଣାଶୁଣା। ପୋଷାକ ପରେ ଅଟୋମୋବାଇଲ ହେଉଛି ଶିଳ୍ପ ବିକାଶର ଦ୍ୱିତୀୟ ପାହାଚ। ଯେତିକି ବର୍ଷ ହେଲା ଭାରତରେ ମେକ୍ ଇନ୍ ଇଣ୍ଡିଆ ଲାଗୁ ହେଲାଣି, ସେହି ଅବଧି ଭିତରେ ବାଂଲାଦେଶର ନିର୍ମାଣ ଶିଳ୍ପ ୧୬ରୁ ୧୮ ପ୍ରତିଶତକୁ ବୃଦ୍ଧି ପାଇଛି। ବାଂଲାଦେଶର ଜିଡିପି ମୋଟାମୋଟି ଭାବେ ବାର୍ଷିକ ୮ ପ୍ରତିଶତ ହାରରେ ବୃଦ୍ଧି ପାଉଛି, ଯାହା ଭାରତଠାରୁ ଢେର୍ ଅଧିକ। ଆଉ ଏକ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ସମୟ ଭିତରେ ବାଂଲାଦେଶର ପୋଷାକ ରପ୍ତାନି ୩୮ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି। ଅଥଚ ଭାରତର ରପ୍ତାନି ୧୮ ବିଲିୟନରୁ ୧୬ ବିଲିୟନ ଡଲାରକୁ ହ୍ରାସ ପାଇଛି। ପୋଷାକ ଶିଳ୍ପ ଅତି ଗୁରୁତ୍ୱପୂର୍ଣ୍ଣ କାରଣ ଏଥିରେ ବହୁ ସଂଖ୍ୟାରେ ଅର୍ଦ୍ଧକୁଶଳୀ ଶ୍ରମିକ ଏବଂ ବିଶେଷତଃ ମହିଳା ନିଯୁକ୍ତି ପାଇଥାନ୍ତି। ବାଂଲାଦେଶରେ ପ୍ରାୟ ୫୦୦୦ ପୋଷାକ ତିଆରି କାରଖାନା ଥିବାବେଳେ ସେଗୁଡ଼ିକରେ ନିଯୁକ୍ତ ୮୫ ପ୍ରତିଶତ କର୍ମଚାରୀ ହେଉଛନ୍ତି ମହିଳା। ଏପରି କି ଭିଏଟ୍‌ନାମ ବି ଭାରତଠାରୁ ଅଧିକ ପୋଷାକ ରପ୍ତାନି କରୁଛି। ନିର୍ମାଣ ଶିଳ୍ପରେ କର୍ମଚାରୀମାନଙ୍କୁ ନିର୍ଦ୍ଦିଷ୍ଟ ବେତନରେ ପୂର୍ଣ୍ଣକାଳୀନ ନିଯୁକ୍ତି ମିଳିଥାଏ। ତେଣୁ ଅନ୍ୟତ୍ର ଅସ୍ଥାୟୀ ନିଯୁକ୍ତି ଅପେକ୍ଷା ଏହି ଶିଳ୍ପରେ ନିଯୁକ୍ତି ପାଇବାକୁ ଲୋକେ ବେଶି ପସନ୍ଦ କରିଥାନ୍ତି। ତେବେ ଭାରତ ଏ କ୍ଷେତ୍ରରେ ବିଫଳ ହେବାର କାରଣ କ'ଣ? ମୋ ମତରେ ମେକ୍ ଇନ୍ ଇଣ୍ଡିଆ ବାସ୍ତବରେ ଏକ ରଣନୀତି ନୁହେଁ, ଏକ ଲୋଗୋ ଓ କିଛି ଶବ୍ଦ ମାତ୍ର। ତେଣୁ ତାହା ନିରର୍ଥକ।

ଚାଇନାରେ ନିର୍ମାଣ ଶିଳ୍ପ ପ୍ରତିଷ୍ଠା କରିବା ଅଧିକ ବ୍ୟୟସାପେକ୍ଷ କାରଣ ସେଠାରେ ଶ୍ରମିକ ଓ କର୍ମଚାରୀମାନଙ୍କ ବେତନ ଅଧିକ। ତା' ସତ୍ତ୍ୱେ ଗତ ପାଞ୍ଚବର୍ଷ ଭିତରେ ସେଠାରେ ଜିଡିପିକୁ ନିର୍ମାଣ ଶିଳ୍ପର ଅବଦାନ ହ୍ରାସ ପାଇ ନାହିଁ, ଯାହା ମେକ୍ ଇନ୍ ଇଣ୍ଡିଆ ଆରମ୍ଭ ପରେ ଭାରତରେ ଘଟିଛି। ଏଣେ ପ୍ରଧାନମନ୍ତ୍ରୀ କହୁଛନ୍ତି, ଭାରତକୁ ୫ ଟ୍ରିଲିୟନ ଡଲାରର ଅର୍ଥନୀତି କରିବେ। ଏହା ଏକ ବାସ୍ତବ ଲକ୍ଷ୍ୟ ନୁହେଁ। ଭାରତର ଜିଡିପି ଦିନେ ନା ଦିନେ ସେହି ସ୍ତରରେ ପହଞ୍ଚିବ କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଧାର୍ଯ୍ୟ ଅବଧି ଭିତରେ ନୁହେଁ। ପ୍ରଶ୍ନ ହେଉଛି କେତେ ଶୀଘ୍ର ଆମେ ସେହି ଜାଗାରେ ପହଞ୍ଚିପାରିବା ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର କ'ଣ କରିପାରିବେ?

ଭାରତର ଅର୍ଥନୀତିକୁ ବିକଶିତ କରିବା ପାଇଁ ମୋଦି ଯେଉଁ ମେକ୍ ଇନ୍ ଇଣ୍ଡିଆ ଆରମ୍ଭ କଲେ ତାହା ଫେଲ୍ ମାରିଲା। ବାସ୍ତବରେ ସେ ତା' ଉପରେ ବିଶେଷ ଗୁରୁତ୍ୱ ଦେଇ ନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ୱେବ୍‌ସାଇଟରେ ୨୦୧୪ ପରଠାରୁ କୌଣସି ତଥ୍ୟ ଅପ୍‌ଡେଟ୍ କରାଯାଇ ନାହିଁ। ଏହାକୁ ଅପ୍‌ଡେଟ୍ କରାଯିବା ଦରକାର ଏବଂ ଲୋକଙ୍କୁ ଜଣାଇବା ଦରକାର ଯେ ମେକ୍ ଇନ୍ ଇଣ୍ଡିଆ ବିଫଳ ହୋଇଛି। ତା'ହେଲେ କିଛି ନୂଆ ଯୋଜନା ଆରମ୍ଭ କରାଯାଇପାରିବ, ନ ହେଲେ ଆମର ନିର୍ମାଣ ଶିଳ୍ପ ଅଧୋଗତି କରିଚାଲିଥିବ।

Email: aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | | E | 8 | | | | | | | 1 | D | | 4 |
| | | | | | 4 | | | | | | 8 | | | |
| | B | | | 9 | | A | | | | D | | 5 | | |
| | 3 | | 7 | 1 | | | | 4 | 2 | | B | | C | E |
| | | | | | 0 | | 7 | 2 | | 6 | 9 | | | A |
| | 5 | D | 9 | 3 | | | | A | | | 6 | E | | 7 |
| | | | 6 | | | | 0 | | | | D | | | |
| | C | E | | 7 | | 2 | | | | | | 1 | | |
| | 8 | 7 | | | | | D | | | | | 6 | 2 | 3 |
| | | 6 | | C | E | | | | | | | | 8 | 9 |
| | | | 2 | | | | A | 1 | | 5 | 0 | | | |
| | | | 8 | | | | B | E | | 3 | 7 | 0 | D | |
| | 4 | 3 | 1 | | | | | | | | | 9 | | C |
| 8 | 6 | | 4 | B | | | | | | | C | | | 5 |
| 5 | | | | 6 | | | | 3 | 1 | 2 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 4 | A | 0 | E | 8 | 9 | 7 | 3 | D | B | 6 | 1 | 5 |
| 6 | 0 | D | C | 1 | 4 | 3 | B | 5 | E | 2 | 9 | 8 | 7 | A |
| 7 | 9 | 8 | 3 | D | 5 | 6 | 0 | 4 | A | 1 | C | 2 | E | B |
| 5 | B | 1 | 8 | 9 | 2 | A | E | D | 7 | 6 | 4 | C | 0 | 3 |
| E | 3 | A | 6 | 7 | B | C | 1 | 2 | 0 | 5 | 8 | 4 | 9 | D |
| 4 | 5 | 6 | 2 | A | 3 | B | 7 | 9 | 1 | 8 | D | 0 | C | E |
| 0 | A | 7 | 9 | E | D | 2 | 3 | 1 | C | B | 6 | 5 | 8 | 4 |
| C | D | 9 | 5 | B | 7 | E | 6 | 8 | 4 | 0 | A | 3 | 2 | 1 |
| 3 | 8 | 2 | 1 | 6 | C | 4 | D | 0 | 5 | E | 7 | A | B | 9 |
| 1 | E | B | 4 | 8 | 0 | 5 | A | C | 2 | 9 | 3 | 7 | D | 6 |
| D | 2 | 5 | 0 | 4 | 9 | 7 | 8 | B | 6 | 3 | 1 | E | A | C |
| 8 | 6 | 3 | E | C | 1 | 9 | 5 | A | B | 7 | 2 | D | 4 | 0 |
| A | 7 | C | B | 3 | 6 | D | 2 | E | 9 | 4 | 0 | 1 | 5 | 8 |
| B | 4 | 0 | 7 | 5 | 8 | 1 | C | 6 | D | A | E | 9 | 3 | 2 |
| 9 | 1 | E | D | 2 | A | 0 | 4 | 3 | 8 | C | 5 | B | 6 | 7 |

ଗତକାଲିର ଉତ୍ତର

# ଚାଲ ସାଧାରଣ ମଣିଷ ହେବା



ଡ. ରମେଶ ଚନ୍ଦ୍ର ପରିଡ଼ା

ନିଜକୁ ଜଣେ ସାଧାରଣ ମଣିଷଠାରୁ ଭିନ୍ନ ରୂପେ, ଅର୍ଥାତ୍ ଉଚ୍ଚତର ରୂପେ ଉପସ୍ଥାପିତ କରିବା ପ୍ରବୃତ୍ତି ଆମ ସମସ୍ତଙ୍କ ମଧ୍ୟରେ ଅଳ୍ପବହୁତ ରହିଛି। ପୋଷାକପତ୍ର, ଚାଲିଚଳନ, କଥାବାର୍ତ୍ତାର ଭଙ୍ଗୀଠାରୁ ଆରମ୍ଭକରି ଅଧିକ ଧନ ଉପାର୍ଜନ କରି ଧନୀ ହେବା କିମ୍ବା ଜ୍ଞାନ ଉପାର୍ଜନ କରି ଜ୍ଞାନୀ ବୋଲାଇବା ଇତ୍ୟାଦି ଆକାଂକ୍ଷା ମୂଳରେ ଏହା ପ୍ରଚ୍ଛନ୍ନ ଭାବେ ନିହିତ। ସେଥିପାଇଁ ଆମେ ଜୀବନବ୍ୟାପୀ ପ୍ରତି ମୁହୂର୍ତ୍ତରେ ତତ୍ପର ରହିଥାଉ। ଏଥିରେ ସଫଳତା ଆମ ଅହଂକାରକୁ ସନ୍ତୁଷ୍ଟ କରେ ସତ, ତେବେ ସର୍ବଦା ଆମକୁ ରଖିଥାଏ ଶାରୀରିକ ତଥା ମାନସିକ ଚାପ ମଧ୍ୟରେ। ସମୟକ୍ରମେ ଜୀବନ ଅଧିକରୁ ଅଧିକ ପ୍ରତିଯୋଗିତାମୂଳକ ହୋଇଚାଲିଛି। ଫଳରେ ଏ ଚାପ ବଢ଼ିବାରେ ଲାଗିଛି। ଯେଉଁ ଦେଶ ଯେତେ ଉନ୍ନତ ସେଠାର ଲୋକଙ୍କଠାରେ ଏହା ସେତେ ଅଧିକ। ଫଳରେ ତାହାର କୁପରିଣାମ ପ୍ରକଟିତ ହେଉଛି ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଏବଂ ସାମାଜିକ ଜୀବନ ସମେତ ପ୍ରକୃତି ଓ ପରିବେଶ ଉପରେ। ଉଚ୍ଚ ରକ୍ତଚାପ, ମଧୁମେହ, ମାନସିକ ବିକୃତି, ହିଂସ୍ର ମନୋଭାବ ଆଦି ବ୍ୟାପକ ହେବାଠାରୁ ଆରମ୍ଭକରି ନିଜକୁ ବଡ଼ ବୋଲି ଉପସ୍ଥାପିତ କରିବା ଲାଗି ପ୍ରାକୃତିକ ସମ୍ପଦର ଦୁରୁପଯୋଗ ତଥା ବିବିଧ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ଓ ପରିସଂସ୍ଥାକୁ କ୍ଷତି ପହଞ୍ଚାଇବା ଏହାର ଗୋଟିଏ ଗୋଟିଏ କୁପରିଣତି। ଏଥିରୁ ନା ମିଳୁଛି ସୁଖ ନା ଶାନ୍ତି। କେବଳ ଲୋଭ ଓ ଅହଂକାରର ମାୟାମୃଗ ପଛରେ ଧାଇଁବା ହିଁ ସାର ହେଉଛି।

ଅନ୍ୟପକ୍ଷରେ ସାଧାରଣ ମଣିଷଟିଏ ଭଳି ବଞ୍ଚିବା ମନକୁ ଚାପମୁକ୍ତ କରିଥାଏ। ଏଣୁ ଶାନ୍ତିରେ ବଞ୍ଚିହୁଏ। ଏ କଥା ଚିନ୍ତା କଲେ ମନକୁ ଆସେ ଇଂରେଜ କବି ଚାର୍ଲସ ମାକେଙ୍କ 'ମିଲର ଅଫ୍ ଦ ଡି'କବିତାଟି। ଏହି ପ୍ରସିଦ୍ଧ ଲୋକଗୀତରେ ସେ ସୂଚିତ କରିଛନ୍ତି, କିପରି ଜଣେ ଅଟାକଳ ଚଳାଉଥିବା ସାଧାରଣ ମଣିଷଟିଏ ବିତାଉଥିବା ଶାନ୍ତିପୂର୍ଣ୍ଣ ଜୀବନ ଦେଖି ସେଥିପ୍ରତି ଈର୍ଷାନ୍ୱିତ ହୋଇ ପଡ଼ିଥିଲେ ଇଂଲଣ୍ଡର ମହାମହିମ ରାଜା। ଏବେ ଆମେ ବସ୍ତୁବାଦର ଚରମସୀମାରେ ଉପନୀତ ହେଲା ପରେ କ୍ରମେ ଆମଠାରେ ଅନୁରୂପ ପ୍ରବୃତ୍ତି ଜାଗ୍ରତ ହେବାର ସୂଚନା ମିଳିଲାଣି। ଫଳରେ ଆମ ମଧ୍ୟରୁ ଅନେକେ ମାନସିକ ଚାପ ସୃଷ୍ଟିକାରୀ ଧନ ଓ ପ୍ରତିପତ୍ତି ଅପେକ୍ଷା ଅଧିକ ଚାହିଁଲେଣି ଶାନ୍ତିରେ ଅର୍ଥାତ୍ ସାଧାରଣ ମଣିଷ ଭାବେ ବଞ୍ଚିବାକୁ। ବିଶେଷକରି ଏଭଳି ମାନସିକତା ଅଧିକରୁ ଅଧିକ ଦାନା ବାନ୍ଧିବାରେ ଲାଗିଛି କର୍ମ ନିଶାଗ୍ରସ୍ତ ବା ୱାର୍କ ହୋଲିକ୍‌ସଙ୍କ ଦେଶ ଜାପାନ ସମେତ ଅନ୍ୟ କିଛି ଦେଶର ଯୁବମାନସରେ।

ନିଜକୁ 'ବୌଦ୍ଧ ଯୁବା' ବୋଲି ଅଭିହିତ କରୁଥିବା ଏମାନଙ୍କ ମତରେ ଆଜିକାଲି ଜୀବନ ଅତ୍ୟନ୍ତ ଜଟିଳ ଏବଂ କ୍ଲାନ୍ତିଯୁକ୍ତ ହୋଇପଡ଼ିଛି। ସେଥିପାଇଁ ଆମକୁ



ସର୍ବଦା କିଛି ନା କିଛି ବିଷୟରେ ଚିନ୍ତାଗ୍ରସ୍ତ ରହିବାକୁ ପଡୁଛି। ଏଥିରୁ ମୁକ୍ତ ରହିବାକୁ ହେଲେ ସବୁ ପରିସ୍ଥିତିରେ ଶାନ୍ତ ଏବଂ ବ୍ୟାକୁଳତାହୀନ ହେବା ଦରକାର। ତାଙ୍କର ଏ ମାନସିକତାରେ ପ୍ରତିଫଳିତ ହେଉଛି ମହାଯୋଗୀ ଶ୍ରୀଅରବିନ୍ଦଙ୍କ ବାଣୀ- ଯଦି ତୁମେ ଯେପରି ଅଛ ସେଥିରେ ସନ୍ତୁଷ୍ଟ ନୁହଁ, ତେବେ ତୁମେ କଦାପି ସନ୍ତୁଷ୍ଟ ହୋଇପାରିବ ନାହିଁ। ତେଣୁ ସେମାନେ ଶ୍ରେଷ୍ଠତା ଲାଭ କରିବାର କୁକୁର ଧାଉଡ଼ିରେ ରହୁନାହାନ୍ତି ଏବଂ ବଡ଼ ବଡ଼ ଅସରନ୍ତି ସ୍ୱପ୍ନ ଦେଖି ତା'ପଛରେ ଅଣନିଃଶ୍ୱାସୀ ହୋଇ ଧାଉଁନାହାନ୍ତି। ବରଂ ସବୁ ସାଧାରଣ ମଣିଷଙ୍କ ଭିତରେ ନିଜକୁ ଅନ୍ୟତମ ବୋଲି ଧରିନେଇ ନିର୍ଲିପ୍ତ ଭାବେ କାମ କରିବାକୁ ପସନ୍ଦ କରୁଛନ୍ତି।

ସାଧାରଣତଃ ପିଲାମାନଙ୍କୁ ମା'ବାପା ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହାର ଠିକ୍ ଓଲଟା ଶିକ୍ଷା ଦିଅନ୍ତି। ସେମାନଙ୍କୁ ଅନ୍ୟମାନଙ୍କଠାରୁ ନିଜକୁ ଅଲଗା ବୋଲି ପ୍ରତିପାଦିତ କରିବା ତଥା ଶ୍ରେଷ୍ଠତା ପଛରେ ଧାଇଁବାକୁ ପ୍ରରୋଚିତ କରନ୍ତି। ଫଳରେ ସେମାନେ ନିଜ ଭାବାବେଗର ଅନୁଧାବନ କରିବା ପରିବର୍ତ୍ତେ ଏହା ହିଁ କରିବାକୁ ଲାଗନ୍ତି ଏବଂ ନିଜକୁ ଏକ ଚାପଗ୍ରସ୍ତ ବିଚିତ୍ର ବ୍ୟକ୍ତିତ୍ୱରେ ପରିଣତ କରିଦିଅନ୍ତି। ଏହା ମନକୁ ଆଣିଥାଏ ଆମେରିକୀୟ କବି ଉଇଷ୍ଟାନ୍ ଲ୍ୟୁଗ୍ ଏଭଡେନଙ୍କ 'ଦ ଆଭରେଜ' କବିତାର ପଂକ୍ତିଟିଏ। ଓଡ଼ିଆରେ ତାହାକୁ ନିମ୍ନୋକ୍ତ ରୂପେ ପ୍ରକାଶ କରାଯାଇପାରିବ। ମାତାପିତାଙ୍କର ଉଚ୍ଚାକାଂକ୍ଷା ସରଳ ଲଜ୍ଜାଶୀଳ ଶିଶୁଟିକୁ ଭୟଭୀତ କରି ପକାଇଲା। କୌଣସି ସାଧାରଣ ବୃତ୍ତିଟିଏ ଯଥେଷ୍ଟ ନୁହେଁ, ତାକୁ ସର୍ବୋଚ୍ଚରେ ପହଞ୍ଚି ନାୟକଟିଏ ହେବାକୁ ପଡିବ। ସେମାନଙ୍କ ଶ୍ରଦ୍ଧାଭାଜନ ହେବାକୁ ହେଲେ ମନ ଭିତରେ ତା'ର ନୀରବ ଅଶାନ୍ତି ଗର୍ଜନ କରିବାକୁ ଲାଗିଲା। ତଳକୁ ଚାହିଁ ସେ ଦେଖିଲା ଜଣେ ସାଧାରଣ ମଣିଷର ଛାୟା ଅସାଧାରଣ ହେବାକୁ ଉପେକ୍ଷା କରି ପଳାୟନ କଲା।

ଜଣେ ବ୍ୟକ୍ତିବିଶେଷ ହିସାବରେ ଈଶ୍ୱର ଆମକୁ ଏକ ନିର୍ଦ୍ଦିଷ୍ଟ ଦକ୍ଷତା ପ୍ରଦାନ କରିଛନ୍ତି। ତାହାକୁ ନୀଚ ବୋଲି ଭାବି ଅତିକ୍ରମ କରିବାକୁ ଚାହିଁଲେ ଆମେ ନିଶ୍ଚିତ ରୂପେ ବିଫଳ ହେବା। ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଆଇନଷ୍ଟାଇନ ମଧ୍ୟ ଏହା ସ୍ୱୀକାର କରିଥିଲେ। ଏଣୁ ସେ କହିଥିଲେ, ଯେତେ ଚେଷ୍ଟା କଲେ ବି ଗାଈ ଗଛ ଚଢ଼ିବାକୁ କଦାପି କ୍ଷମ ହୋଇ ପାରିବ ନାହିଁ। ଏପରିସ୍ଥଳେ ଆମେ ପ୍ରତ୍ୟେକେ ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ଲାଗି ଧ୍ୟାନଦେବା ଉଚିତ। ତାହା ଆମକୁ ଜଣେ ସାଧାରଣ ମଣିଷର ଶାନ୍ତ ସରଳ ଜୀବନ ଜିଇବାକୁ ଦେଇପାରିବ।

ବୌଦ୍ଧ ଯୁବାମାନେ ଏହାକୁ ହୃଦୟଙ୍ଗମ କରିଛନ୍ତି। ତାଙ୍କ ମତରେ ସବୁ କଥାକୁ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ କରିବାକୁ ବସିଲେ ତାହା ଆମକୁ ଅମଣିଷ କରିଦିଏ। ଆମର ମାନବସୁଲଭ ଦୁର୍ବଳତାକୁ ଗ୍ରହଣ କରିବାର କ୍ଷମତା ଅପହରଣ କରିନିଏ ଏବଂ ଆମକୁ ପାଗଳାମି ଆଡକୁ ଠେଲିଦିଏ। ତେଣୁ ସେମାନେ କେବଳ ସାଧାରଣ ଭାବେ ବଞ୍ଚିବାକୁ ଚାହାନ୍ତି। ଏହି କାରଣରୁ ତାଙ୍କ ମଧ୍ୟରୁ ଅନେକେ ଏବେ ଉଚ୍ଚ ପଦପଦବୀ ପରିତ୍ୟାଗ କରି କୃଷି, ଶିକ୍ଷାଦାନ ଆଦି ସହଜ ସରଳ ବୃତ୍ତି ଆପଣାଇବାକୁ ଲାଗିଲେଣି।

ଏହାକୁ ଲକ୍ଷ୍ୟକରି କର୍ପୋରେଟ ଗୁରୁ ଆଜମୀ ଜମଲ କହନ୍ତି ଯେ, ଆଜିକାଲିର ଯୁବତୀଯୁବକମାନେ ଅତ୍ୟନ୍ତ ଆତ୍ମସଚେତନ। ସେମାନଙ୍କର ନିଜ କ୍ଷମତା ଓ ଦୁର୍ବଳତାର ମୂଲ୍ୟାୟନ କରିବାର ବେଶ୍ ଦକ୍ଷତା ରହିଛି। ସେମାନେ ପଦପଦବୀ ଓ ଅର୍ଥ ଉପାର୍ଜନର ମୂଲ୍ୟ ବୁଝନ୍ତି ଏବଂ ତା'ର ସସୀମତା ମଧ୍ୟ ବୁଝନ୍ତି। ଅତଏବ ସେମାନେ ଅନୁଭବ କରିବାକୁ ଲାଗିଲେଣି ଯେ, ତାଙ୍କ ପୂର୍ବବର୍ତ୍ତୀ ପିଢ଼ି 'ଆତ୍ମାରହିତ' ସଫଳତା ଏବଂ 'ବସ୍ତୁବାଦୀ ଲକ୍ଷ୍ୟ' ପଛରେ ଧାଇଁ ଧାଇଁ ନକାରାତ୍ମକ ଭାବପ୍ରବଣତାର ଭଉଁରି ଭିତରେ ନିଜକୁ ହଜାଇ ଦେଇଛନ୍ତି। ତାହା ତାଙ୍କୁ ସୁଖ କି ଶାନ୍ତି ଦେଇପାରିନି। ତେଣୁ ସେମାନେ ସେଥିରୁ ମୁକ୍ତ ହେବାକୁ ଚାହାନ୍ତି। ସେଥିପାଇଁ ନିଜକୁ ସାଧାରଣ ମଣିଷ ରୂପେ ଉପସ୍ଥାପିତ କରିବା ଏବଂ ସରଳ ଜୀବନ ଜିଇବା ଲାଗି ସେମାନେ କୁଣ୍ଠା ବା ଲଜ୍ଜାବୋଧ କରୁନାହାନ୍ତି। ଚାଲନ୍ତୁ ଆମେ ତାଙ୍କୁ ଅନୁସରଣ କରିବା। ତାହା କେବଳ ଯେ ଆମକୁ ପ୍ରକୃତ ସୁଖ ଓ ଶାନ୍ତିରେ ବଞ୍ଚିବାକୁ ସମର୍ଥ କରିବ ତା' ନୁହେଁ ସମଗ୍ର ବିଶ୍ୱକୁ ଯୁଦ୍ଧବିଗ୍ରହ ଓ ଆତଙ୍କବାଦରୁ ମୁକ୍ତ ଏବଂ ଏହାର ପରିବେଶ ଓ ପରିସଂସ୍ଥାର ସୁରକ୍ଷା ମଧ୍ୟ ସମ୍ଭବ କରିପାରିବ।

ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

# ବ୍ରିଟେନ ଅର୍ଥମନ୍ତ୍ରୀ

ବ୍ୟକ୍ତିତ୍ୱ



ରିଷି ସୁନକ

ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ଅଲଗା ହେବା (ବ୍ରେକ୍‌ଜିଟ୍) ପ୍ରସଙ୍ଗ ଅଦ୍ୟାବଧି ସେଠାରେ ସର୍ବାଧିକ ଚର୍ଚ୍ଚିତ ଘଟଣା ରହିଆସିଛି। ଏଭଳି ସ୍ଥଳେ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିଛନ୍ତି। ଜନ୍‌ସନ୍‌ଙ୍କ ମୁଖ୍ୟ ଉପଦେଷ୍ଟା ଡୋମିନିକ୍ କୁମିଙ୍ଗ୍‌ସଙ୍କ ସହ ସରକାରଙ୍କ ନୀତିକୁ ନେଇ ମତଭେଦ ହେବା ପରେ ୧୩ ଫେବୃୟାରୀରେ ସାଜିଦ୍ ଜାଭିଦ ଅର୍ଥମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଯୁବ ଏମ୍‌ପି ରିଷି ସୁନକଙ୍କୁ ଜନ୍‌ସନ ଅର୍ଥମନ୍ତ୍ରୀ ପଦବୀରେ ଅବସ୍ଥାପିତ କରିଛନ୍ତି। ଭାରତୀୟ ବଂଶୋଦ୍ଭବ କଞ୍ଜରଭେଟିଭ୍ ପାର୍ଟି ନେତା ରିଷି ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ଏନ.ଆର୍. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ ହୋଇଥିବାରୁ ଏହା ଭାରତୀୟଙ୍କ ପାଇଁ ଗର୍ବ ଆଣିଦେଇଛି। ଫଳରେ ତାଙ୍କ ରାଜନୈତିକ ଉତ୍ଥାନ ବିଷୟରେ ଜାଣିବାକୁ ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ଇଂଲଣ୍ଡର ସାଉଥ୍‌ହାମ୍ପଟନ୍‌ରେ ୧୨ ମେ ୧୯୮୦ରେ ରିଷି ଏକ ପଞ୍ଜାବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ୱିଞ୍ଚେଷ୍ଟର କଲେଜରେ ହୋଇଥିଲା। ସେ ଅକ୍ସଫୋର୍ଡର ଲିଙ୍କନ୍ କଲେଜରୁ ଦର୍ଶନ, ରାଜନୀତି ଓ ଅର୍ଥନୀତି (ପିପିଇ)ରେ ପଢ଼ା ଶେଷ କରିବା ପରେ ଫୁଲ୍‌ବ୍ରାଇଟ୍ ସ୍କଲାର ଭାବେ ଷ୍ଟାନ୍‌ଫର୍ଡ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢ଼ିଥିଲେ। ମ୍ୟାନେଜ୍‌ମେଣ୍ଟ ଡିଗ୍ରୀ ଅର୍ଜନ କରିବା ପରେ ରିଷି ଗୋଲ୍‌ଡମ୍ୟାନ୍ ସାଚ୍‌ରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ୨୦୦୬ ମସିହାରେ ହେଜ୍ ଫଣ୍ଡ ମ୍ୟାନେଜମେଣ୍ଟ ଫାର୍ମ 'ଚିଲ୍‌ଡ୍ରେନ୍ସ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ମ୍ୟାନେଜମେଣ୍ଟ'ର ସହଯୋଗୀ ପାଲଟିଥିଲେ। ୨୦୦୯ରେ ସେ ଏହି କାର୍ଯ୍ୟରୁ ଅବ୍ୟାହତି ନେଇଥିଲେ। ୨୦୧୦ରେ ନିଜସ୍ୱ ହେଜ୍‌ଫଣ୍ଡ ସୃଷ୍ଟି କରି ସେଥିରେ ୭୦୦ ନିୟୁତ ଡଲାର ବିନିଯୋଗ କରିଥିଲେ। ଶ୍ୱଶୁର ବିଶ୍ୱର ଜଣେ ନାମକରା ଶିଳ୍ପପତି ହୋଇଥିବାରୁ ତାଙ୍କ ପଦାଙ୍କ ଅନୁସରଣ କରିଥିଲେ ରିଷି। ନାରାୟଣମୂର୍ତ୍ତିଙ୍କ ମାଲିକାନାରେ ଥିବା କାଟାମାରାନ୍ ଭେଞ୍ଚର୍ସରେ ତାଙ୍କୁ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଥିଲା।

ରିଷିଙ୍କ ରାଜନୈତିକ ଅଭ୍ୟୁଦୟ ୨୦୧୪ରେ କଞ୍ଜରଭେଟିଭ୍ ପ୍ରାର୍ଥୀ ଚୟନ ହେବାରୁ ଆରମ୍ଭ ହୋଇଥିଲା। ସେ ବ୍ରିଟେନ୍ ପାର୍ଲାମେଣ୍ଟକୁ ୨୦୧୫ ସାଧାରଣ ନିର୍ବାଚନରେ ରିଚ୍‌ମଣ୍ଡରୁ ନିର୍ବାଚିତ ହୋଇଥିଲେ। ସୂଚନା ଦିଆଯାଇପାରେ ଯେ, ପୂର୍ବରୁ ଏହି ଆସନରୁ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ୱିଲିୟମ୍ ହେଗ୍ ଜିତି ବ୍ରିଟେନ୍‌ର ଗୁରୁତ୍ୱପୂର୍ଣ୍ଣ ପଦବୀ ଅକ୍ତିଆର କରିପାରିଥିଲେ। ତେବେ ରିଷିଙ୍କୁ ୨୦୧୫ରୁ ୨୦୧୭ ଯାଏ ପରିବେଶ, ଖାଦ୍ୟ ଓ ଗ୍ରାମୀଣ ବ୍ୟାପାର ସଂକ୍ରାନ୍ତ ସିଲେକ୍ଟ କମିଟିର ସଦସ୍ୟ କରାଯାଇଥିଲା। ତାଙ୍କ ରାଜନୈତିକ ଆଭିମୁଖ୍ୟ ସ୍ପଷ୍ଟ ଥିବାରୁ ସେ ବ୍ରେକ୍‌ଜିଟ୍‌କୁ ସମର୍ଥନ କରିଛନ୍ତି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି କାର୍ଯ୍ୟ କରିଥିବା ରିଷି ପ୍ରଧାନମନ୍ତ୍ରୀ ଜନ୍‌ସନଙ୍କ ଦ୍ୱାରା ଟ୍ରେଜେରିର ଚିଫ୍ ସେକ୍ରେଟାରୀ ଦାୟିତ୍ୱରେ ଥିବା ବେଳେ ଅନେକ ଦୃଢ଼ ନିଷ୍ପତ୍ତି ନେଇଥିଲେ। ଫଳରେ ତାଙ୍କୁ ପ୍ରିଭି କାଉନ୍‌ସିଲର ସଦସ୍ୟ କରାଯାଇଥିଲା। ୧୩ ଫେବୃୟାରୀରେ ହୋଇଥିବା ମନ୍ତ୍ରିମଣ୍ଡଳ ଅଦଳବଦଳରେ ରିଷିଙ୍କୁ ଅର୍ଥମନ୍ତ୍ରୀ କରାଯିବା ପରେ ଏବେ ବ୍ରିଟିଶ ପାର୍ଲାମେଣ୍ଟରେ ତାଙ୍କ ଭୂମିକା ବଢ଼ିଯାଇଛି। କୁହାଯାଉଛି ବ୍ରେକ୍‌ଜିଟ୍‌କୁ ନେଇ ବ୍ରିଟେନ୍ ଅର୍ଥନୀତି ଅନେକ ସମସ୍ୟା ଦେଇ ଗତି କରୁଛି। ଏଭଳି ଏକ ସମୟରେ ରିଷି ଆର୍ଥିକ ନୀତି ପ୍ରଣୟନ ଦିଗରେ କିଭଳି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଦେଶବାସୀଙ୍କ ନଜର ରହିଛି।

ରିଷିଙ୍କ ପାରିବାରିକ ଇତିହାସ ଦେଖିଲେ ତାଙ୍କ ଜେଜେବାପା ଥିଲେ ପଞ୍ଜାବର ବାସିନ୍ଦା। କାର୍ଯ୍ୟ ଅନ୍ୱେଷଣରେ ପରିବାର ଲୋକେ ପୂର୍ବ ଆଫ୍ରିକା ଚାଲିଯାଇଥିଲେ। ୧୯୬୦ରେ ସେଠାରୁ ସେମାନେ ବ୍ରିଟେନ ପଳାଇଥିଲେ। ରିଷିଙ୍କ ବାପା ୟାଶଭିର୍ ଜଣେ ଡାକ୍ତର ଥିବା ବେଳେ ମାତା ଉଷା ଫାର୍ମାସିଷ୍ଟ ଭାବେ ଏକ ସ୍ଥାନୀୟ ଫାର୍ମାସୀ ଚଳାଉଥିଲେ। ୩ ସନ୍ତାନଙ୍କ ମଧ୍ୟରୁ ରିଷି ସମସ୍ତଙ୍କଠାରୁ ବଡ଼। ନିଜ କଥା ଦେଖିଲେ ନାରାୟଣମୂର୍ତ୍ତିଙ୍କ କନ୍ୟା ଅକ୍ଷତା ହେଉଛନ୍ତି ରିଷିଙ୍କ ସହଧର୍ମିଣୀ ଓ ଦୁଇ ସନ୍ତାନକୁ ନେଇ ତାଙ୍କ ସଂସାର।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଭଲ ଚାକିରି ଓ ଭଲ ଜାଗାରେ ବାହା ହୋଇ ଘରସଂସାର କରିବା ଲାଗି ସ୍ୱପ୍ନ ଦେଖନ୍ତି ଯୁବପିଢି। କିନ୍ତୁ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘବର୍ଷ ପରେ ମଧ୍ୟ ରାସ୍ତା ଓ ପାଣି ଅଭାବରୁ ଏମାନେ ଅବିବାହିତ ରହିବା କଥା ବିଶ୍ୱାସ ହେଉ ନ ଥିଲେ ବି ସତ। ମଧ୍ୟପ୍ରଦେଶର ସନଚିରାୟା ଅଭୟାରଣ୍ୟରେ ଥିବା ୨୪ଟି ଗାଁରେ ଘଟୁଛି ଏମିତି ଘଟଣା। ଏହି ସବୁ ଗାଁର ଯୁବଗୋଷ୍ଠୀଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ବାହା ହୋଇପାରିନାହାନ୍ତି। ଗତବର୍ଷ ସୁଦ୍ଧା ଅବିବାହିତ ୬୯୦ ଜଣ ମଧ୍ୟରୁ ୪୦ରୁ ଉର୍ଦ୍ଧ୍ୱ ବୟସର ଥିଲେ ୪୦୦ ଜଣ। ପାଣି ଅଭାବରୁ ଖରାଦିନେ ଏଠାକାର ଗ୍ରାମବାସୀ ଗାଁ ଛାଡି ବାହାରକୁ ଚାଲିଯାଆନ୍ତି। ଜଙ୍ଗଲିଆ ରାସ୍ତା ଏତେ ଖରାପ ଯେ, କେବଳ ମୋଟରସାଇକେଲ ଓ ସ୍କୁଟର ହିଁ ଯାଇହୁଏ। ଏଭଳି ସମସ୍ୟାରେ ଗାଁର ଝିଅପୁଅଙ୍କୁ କାହିଁକିବା କିଏ ବାହାହେବ? ଏବେ ୩୪ କିମି ଲମ୍ବ ସଡକ ଛାଓ୍ୱନିରୁ ଘାଟିଗାଁ ଯାଏ ନିର୍ମାଣ କରାଯାଉଛି। ପ୍ରତି ଗାଁରେ ଟ୍ୟୁବଓ୍ୱେଲ ମଧ୍ୟ ବସାଯାଇଛି। ଏଣିକି ଗାଁଗୁଡିକରେ ସାହାନାଇ ବାଜିବ। ସେମାନଙ୍କ ପାଇଁ ଏହାଠାରୁ ବଡ଼ କଥା ଆଉ କ'ଣ ବା ଥାଇପାରେ!

## ଚିରନ୍ତନୀ

କେଉଁ ଜୋଛନା ମରଇ ତୋ ନୀଳ ଜଳେ
ମୋହରି ଜୋଛନା ସେ ଗୋ ଖେଳେ କଉଶଳେ
କାନ୍ଦଇ ତୋହରି ତୁଳ
ତୁଷାରେ ସେ କେଉଁ ଫୁଲ,
ମୋହରି ପରାଣ ପ୍ରିୟ ଏମାନ ସକଳେ। (ଚିତ୍ରୋତ୍ପଳା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଫେବୃୟାରୀ ୧୯୯୫

- ଜୁଲାଇ ମାସରେ ଭିଏଟନାମ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ସହଯୋଗୀ (ଏସିଆନ) ସଂସ୍ଥାରେ ଯୋଗଦେବ ବୋଲି ଦେଶର ବିଦେଶ ମନ୍ତ୍ରୀ ପ୍ରକାଶ କରିଛନ୍ତି।
- ବୌଦ୍ଧିକ ସମ୍ପତ୍ତି ଅଧିକାର ଓ କପିରାଇଟ ସୁରକ୍ଷା ନେଇ ଆମେରିକା ଓ ଚାଇନା ମଧ୍ୟରେ କଥାବାର୍ତ୍ତା ଆରମ୍ଭ।

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ସଂରକ୍ଷଣ ଆବଶ୍ୟକ

ମହାଶୟ,

ଜଳ ବିନା ଜୀବଜଗତ ବଞ୍ଚିବା ଅସମ୍ଭବ। ବର୍ଷାଦିନେ ନଦୀ ଜଳପୂର୍ଣ୍ଣ ହୋଇଯାଉଛି। ମାତ୍ର କେତେଟା ଦିନ ପରେ ନଦୀନାଳ ଶୁଖିଯାଉଛି। ଗ୍ରୀଷ୍ମଋତୁରେ ପଶୁପକ୍ଷୀ ବୁନ୍ଦାଏ ପାଣି ପାଇଁ ତହଳବିକଳ ହେଉଛନ୍ତି। ନଦୀରେ ପାଣି ନ ରହିବାରୁ ଜଳସ୍ତର କମି କମି ଯାଉଛି। କୂଅ, ନଳକୂପ ଆଦି ଶୁଖିଯାଉଛି। ପାଣି ବିନା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ଦୃଷ୍ଟିରୁ ସରକାର ଜଳ ସଂରକ୍ଷଣ କରିବା ଜରୁରୀ। ନଦୀ, ନାଳ ସବୁ ଖନନ କରି ଜଳ ସଞ୍ଚୟ କରିବା ଆବଶ୍ୟକ। ଜଳାଶୟମାନ ପୋତି ହୋଇଯିବାରୁ ଜଳ ସଂରକ୍ଷଣ ହୋଇପାରୁନାହିଁ। ଜଳ ସଂରକ୍ଷଣ ନ କରି ଜଳକୁ ନେଇ ରାଜନୀତି କରିବା ହାସ୍ୟାସ୍ପଦ। ଜନସାଧାରଣ ମଧ୍ୟ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଭାବରେ ଜଳାଶୟଗୁଡ଼ିକୁ ପୁନରୁଦ୍ଧାର କରିପାରିଲେ ସମସ୍ତଙ୍କର ମଙ୍ଗଳ ହେବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ପର୍ଯ୍ୟଟକ ସାବଧାନ

ଏବେ ପର୍ଯ୍ୟଟନ ଋତୁ। ଦୂରଦୂରାନ୍ତରୁ ପକ୍ଷୀ ଯେପରି ଉଡିଆସନ୍ତି ଚିଲିକାକୁ, ପର୍ଯ୍ୟଟକ ମଧ୍ୟ ସେପରି ନଦୀକୂଳ, ସମୁଦ୍ରତଟ, ପର୍ବତ, ବଣ ପାଖକୁ ବାଛନ୍ତି ଭୋଜିଭାତ କରି ଖୁସି ହେବାକୁ। ହେଲେ ପକ୍ଷୀମାନଙ୍କର ମାଂସକୁ ରୋଷେଇ ପାଇଁ ସଂଗ୍ରହ କରି ବନାନୀର ଶୋଭାକୁ ଉପଭୋଗ କରୁଥିବା ମଣିଷ ଚିନ୍ତା କରିପାରେ ନାହିଁ ଆମେ ଯେପରି ଆନନ୍ଦ ପାଇଁ ବ୍ୟାକୁଳ ଅନ୍ୟ ଜୀବ ମଧ୍ୟ ସେପରି ଆନନ୍ଦ ଅନ୍ୱେଷଣ କରିଆସିଛି। ପର୍ଯ୍ୟଟକ ଦଳ ପରିବେଶକୁ ଧ୍ୟାନ ନ ଦେଇ ଜଙ୍ଗଲରେ ଚୁଲି କରି ରୋଷେଇ କରୁଛନ୍ତି। ଗରିଷ୍ଠ ଭୋଜନ କରି ଉଦର ଶାନ୍ତିକରି ଆନନ୍ଦରେ ଚାଲିଗଲା ପରେ ଦେଖନ୍ତି ନାହିଁ ଏ ସ୍ଥାନରେ କେତେ ବର୍ଜ୍ୟବସ୍ତୁ ଛାଡି ଦେଇଯାଇଛନ୍ତି। ଏହାକୁ ପରିଷ୍କାର କରିବ କିଏ? ସର୍ବୋପରି ଚୁଲିରେ ନିଆଁକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି। ପରେ ପବନ ଶୁଖିଲା ପତ୍ରର ସମ୍ମିଶ୍ରଣରେ ସେହି ନିଆଁ ବନାଗ୍ନି ସାଜି ଆଜି ଅଷ୍ଟ୍ରେଲିଆ ପରି ପରିସ୍ଥିତ ସୃଷ୍ଟି କରଛି। ଆଗାମୀ ଦିନରେ ବଣଭୋଜି ପାଇଁ ଆଉ ବଣ ରହିବ ତ? ସେ କଥାକୁ ହେଜି ସୁଖ ଅନ୍ୱେଷୀ ପର୍ଯ୍ୟଟକମାନେ ସତର୍କ ହେବାକୁ ପାଠକ ଶ୍ରେଷ୍ଠ ବିଚାର କରେ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭଲ ମଣିଷ ହେବା ପାଇଁ ଶିକ୍ଷାର ଗୁରୁତ୍ୱ ଅଧିକ

ଡେରାବିଶି,୧୫।୨ (ସ୍ୱ.ପ୍ର.): ଶିକ୍ଷା ଜାଣିବାର ଇଚ୍ଛାକୁ ବୃଦ୍ଧି କରାଏ । ଏଥିପାଇଁ ଶିକ୍ଷାର୍ଥୀ ନିଷ୍ଠାର ସହ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ । ଶିକ୍ଷିତ ବ୍ୟକ୍ତି ଭଲ ମଣିଷ ଭାବେ ସମାଜଗଠନରେ ସହାୟକ ହୋଇଥାଏ ବୋଲି ସୁଦର୍ଶନ ହାଇସ୍କୁଲର ବାର୍ଷିକ ଉତ୍ସବରେ ଅତିଥିମାନେ ମତ ଦେଇଛନ୍ତି । ଡେରାବିଶି ବ୍ଲକ ଠାକୁରହାଟସ୍ଥିତ ସୁଦର୍ଶନ ହାଇସ୍କୁଲର ଏହି ଉତ୍ସବ ଗତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶାରଦାପ୍ରସାଦ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ ଡ. ସର୍ବେଶ୍ୱର ସେଣ, ତପନ କୁମାର ସିଂ, ଡ. ସ୍ମୃତିରଞ୍ଜନ ବେହେରା, ସରୋଜ କୁମାର ମହାନ୍ତି, ଏବିଇଓ ନରହରି ସୂତାର, ଗୁଆଳସିଂ ସରପଞ୍ଚ ବଟକୃଷ୍ଣ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜକୁ ଜଣେ ଭଲ ମଣିଷ ଭାବେ ଗଢ଼ିତୋଳିବାର ସଙ୍କଳ୍ପ ନେଇ ନିଜ ଭିତରେ ମଣିଷ ପଣିଆ ଭାବନା ସୃଷ୍ଟି କରବା ପାଇଁ ଆହ୍ୱାନ ଦେଇଥିଲେ । ଉତ୍ସବକୁ ହୃଷୀକେଶ ପଣ୍ଡା, ସବିତାରାଣୀ ସାହୁ, ସୁଷମା ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଭିତରକନିକା ସୁରକ୍ଷା ପାଇଁ ସଂକଳ୍ପ ନେବାର ସମୟ: ମନ୍ତ୍ରୀ

## ଭିତରକନିକା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ରାଜନଗର,୧୫।୨(ଡି.ଏନ.ଏ.)

ଭିତରକନିକା ବିଭବ ଆମ ପାଇଁ ପ୍ରକୃତିର ବରଦାନ ସ୍ୱରୂପ । ଏହାର ସୁରକ୍ଷା ପାଇଁ ଆମର ସଂକଳ୍ପ ନେବାର ସମୟ ଆସିଛି ବୋଲି ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ମତ ପ୍ରକାଶ କରିଛନ୍ତି । ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ନଳିତାପାଟିଆଠାରେ ସର୍ବପ୍ରଥମ କରି ଆୟୋଜନ କରାଯାଇଛି ଭିତରକନିକା ମହୋତ୍ସବ । ଶନିବାର ଏହି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମନ୍ତ୍ରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତ ପ୍ରକାଶ କରିଥିଲେ । ଏହି ଅବସରରେ ସେ ଭିତରକନିକା ମହୋତ୍ସବ ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ସହ ଗ୍ରୀନ ମହୋତ୍ସବ ଭାବେ ଏହା ପାଳନ କଲେ ଆମର ଆଗାମୀ ପିଢ଼ିମାନଙ୍କ ପାଇଁ ପଥ ପ୍ରଦର୍ଶକ ହେବ ବୋଲି କହିଥିଲେ । ଏହି ମାଟିର ସାଧବପୁଅମାନେ ଦରିଆ ପାରି ହୋଇ ବଣିଜ ବେପାର କରି ଆସୁଥିଲେ। ସେହି ପୂର୍ବ ଗୌରବକୁ



ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିମାନେ।

ମନେ ପକାଇବା ପାଇଁ ଆଜିର ଯୁବପିଢ଼ୀ ଆଗେଇ ଆସିବାର ବେଳ ଆସିଛି ବୋଲି ମନ୍ତ୍ରୀ ମିଶ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ଶଙ୍ଖୁଆ କୁମ୍ଭୀର ଗୋରୀ ଭିତରକନିକାର ପ୍ରାଣୀ ସମ୍ପଦକୁ ବିଶ୍ୱ ଦରବାରରେ ପରିଚିତ କରାଇଥିବାରୁ ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ସୁରେଶ କୁମାର ମହାପାତ୍ର ଯୋଗଦେଇ କହିଥିଲେ ଯେ, ଭିତରକନିକା ମହୋତ୍ସବ ମାଧ୍ୟମରେ ଆମେ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ ଆରମ୍ଭ କରିଛୁ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ଓଟିଡିସିର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସଂପର୍କ ବିଭାଗ ଅଧିକାରୀ ଅଭୟ ଦାସ ଏବଂ ଶୋଭନା ମିଶ୍ର ଏହାକୁ ପରିଚାଳନା କରିଥିଲେ। କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ମିଶ୍ର ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାଛଡା ଭିତରକନିକା ଜୈବ ବିବିଧତା ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜନ କରାଯାଇଥିବା ବକ୍ତୃତା ଓ ତର୍କ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ୧୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ମହୋତ୍ସବକୁ ଉପଭୋଗ କରିଥିଲେ।

## ଏ ସପ୍ତାହର କାର୍ଯ୍ୟକ୍ରମ

୧୬।୨।୨୦୨୦ (ରବିବାର)

- କନ୍ଦରାସୁର ଦରବାର ଓ ତୁଳସୀ ବିବାହ ଉତ୍ସବ ପାଇଁ ଆଜ୍ଞାମାଳ ଯାତ୍ରା। ସ୍ଥାନ- ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, ସମୟ- ପୂର୍ବାହ୍ନ ୮ଟା
- ଭିତରକନିକା ମହୋତ୍ସବ ଉଦ୍‌ଯାପନୀ ଉତ୍ସବ। ସ୍ଥାନ- ନଳିତାପାଟିଆ, ଡାଙ୍ଗମାଳ, ରାଜନଗର, ସମୟ- ପୂର୍ବାହ୍ନ ୧୦ଟା
- ଓଡିଶା ଅଭିଭାବକ ସଂଘର ବୈଠକ। ସ୍ଥାନ- ଗରାପୁର ଡାକବଙ୍ଗଳା, କେନ୍ଦ୍ରାପଡା, ସମୟ- ଅପରାହ୍ନ ୪ଟା
- ଅଭିରାମ ପରମହଂସ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ। ସ୍ଥାନ- ଜୁଣପଙ୍ଗରା ଛକ, ରାଜନଗର ସମୟ – ଅପରାହ୍ନ ୪ଟା ୩୦

୧୭।୨।୨୦୨୦ (ସୋମବାର)

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର। ସ୍ଥାନ- ବ୍ଲକ କାର୍ଯ୍ୟାଳୟ, ଆଳି, ସମୟ- ପୂର୍ବାହ୍ନ ୧୦ଟା
- କନ୍ଦରାସୁର ଦରବାର ଓ ତୁଳସୀ ବିବାହ ଉତ୍ସବ। ସ୍ଥାନ- ମହିପାଳିନୀ ମନ୍ଦିର, ମହିପାଳ, କେନ୍ଦ୍ରାପଡା ସହର, ସମୟ- ଅପରାହ୍ନ ୫ଟା

୧୮।୨।୨୦୨୦ (ମଙ୍ଗଳବାର)

- ଜିଲା କଂଗ୍ରେସର ଗଣଧାରଣା ସ୍ଥାନ- ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡା,ସମୟ- ପୂର୍ବାହ୍ନ ୧୦ଟା

୨୦।୨।୨୦୨୦ (ଗୁରୁବାର)

- ରକ୍ତଦାନ ଶିବିର। ସ୍ଥାନ- ଡେରାବିଶ କଲେଜ, ସମୟ- ପୂର୍ବାହ୍ନ ୧୦ଟା

୨୧।୨।୨୦୨୦ (ଶୁକ୍ରବାର)

- ବିଶ୍ୱ ମାତୃଭାଷା ଦିବସ ସ୍ଥାନ- ପ୍ରେସ କ୍ଲବ, କେନ୍ଦ୍ରାପଡା ସମୟ- ପୂର୍ବାହ୍ନ ୧୦ଟା
- ମହାଶିବ ରାତ୍ରୀ ଜାଗର। ସ୍ଥାନ- ଚନ୍ଦ୍ରମୌଳି, ରାଜନଗର, ସମୟ- ଅପରାହ୍ନ ୫ଟା

# ଦୁଇଦିନିଆ କନ୍ଦରାସୁର ଦରବାର ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

କେନ୍ଦ୍ରାପଡା ଅଫିସ,୧୫।୨

ରବିବାର ଓ ସୋମବାର ଦୁଇଦିନ ଧରି କେନ୍ଦ୍ରାପଡା ସହରରେ କନ୍ଦରାସୁରଙ୍କ ରାଜ ଚାଲିବା ସହିତ ତୁଳସୀ ବିବାହ ଉତ୍ସବ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ । ଏଥିପାଇଁ ସହର ଓ ମହୋତ୍ସବ କମିଟିର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୋମବାର ପୂର୍ବାହ୍ନ ୮ଟାରେ ସହରର ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରୁ ଆଜ୍ଞାମାଳ ବିମାନ ବାହାରି ସହର ପରିକ୍ରମା କରି ମହିପାଳସ୍ଥିତ ମହିପାଳିନୀ ମନ୍ଦିରରେ ପହଞ୍ଚିବ । ଏହି ଅବସରରେ ଆୟୋଜିତ ହେବାକୁ ଥିବା ଶ୍ରୀଜୀଉଙ୍କ ମୃଣ୍ମୟ ମୂର୍ତ୍ତି ଶୋଭାଯାତ୍ରାରେ ବଳରାମ ଓ ତୁଳସୀ ବେଶଧାରୀ କଳାକାର ଯୋଗ ଦେବେ। ସେହିପରି କନ୍ଦରାସୁର ମହାରାଜ ନିଜର ସୈନ୍ୟସାମନ୍ତ ଧରି ସହର ପରିକ୍ରମା କରିବେ । ଅପରାହ୍ନ ୩ଟାରେ ଅତିଥିମାନେ ମହୋତ୍ସବ ଉଦ୍‌ଘାଟନ କରିବେ । ସେହିପରି ସନ୍ଧ୍ୟା ୮ଟାରେ କନ୍ଦରାସୁର ରାଜ ଦରବାର ଓ ତୁଳସୀ ବିବାହ ନାଟକର ଝଲକ ଦେଖିବାକୁ ମିଳିବ । ୧୭ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରେ ସଂକୀର୍ତ୍ତନ ମଣ୍ଡଳୀ ସହ ନୃତ୍ୟ ପରିବେଷଣ ହେବାକୁ ଥିବା ବେଳେ ରାଜଦରବାର ଅପରାହ୍ନ ୩ଟାରୁ ଆରମ୍ଭ ହେବ । ରବିବାର ସନ୍ଧ୍ୟାର ଉଦ୍‌ଘାଟନୀ ଉତ୍ସବରେ ଏମପି ଅନୁଭବ ମହାନ୍ତି, ବିଧାୟକ ଶଶିଭୂଷଣ ବେହେରା, ଶିକ୍ଷାବିତ ଡ. ବଳରାମ ଲେଙ୍କା, ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ବରଗଡ ଧନୁଯାତ୍ରାର କଂସ କଳାକାର ଭୁବନେଶ୍ୱର ପ୍ରଧାନ ଯୋଗ ଦେବେ। ସେହିପରି ସୋମବାର ଉଦ୍‌ଯାପନୀ ସଭାରେ ଜିଲାପାଳ ସମର୍ଥ ବର୍ମା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ କୁମାର ସାହୁ, ଆକବର ଅଲ୍ଲୀ, ମହୋତ୍ସବ ପ୍ରତିଷ୍ଠାତା ନେପାଳ ପ୍ରକାଶ ସାମନ୍ତ, ମୁଖ୍ୟ ଉପଦେଷ୍ଟା ସୁବାସ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ବୋଲି ମହୋତ୍ସବ କମିଟି ସଭାପତି ରଞ୍ଜିତ କୁମାର ସାହୁ ଓ ସମ୍ପାଦକ ଗଣେଶ୍ୱର ସାହୁ ସୂଚନା ଦେଇଛନ୍ତି ।

# ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଜନତାଙ୍କ ସହଯୋଗ ଆବଶ୍ୟକ

କେନ୍ଦ୍ରାପଡା ଅଫିସ,୧୫।୨

ସହରର ଟାଉନ ହଲଠାରେ ଓଡିଶା ଲୋକାୟୁକ୍ତଙ୍କ ଦିନିକିଆ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଓଡିଶା ଲୋକାୟୁକ୍ତ ଏବଂ ରାଜ୍ୟ ଓ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଏହି କର୍ମଶାଳାକୁ ଜଷ୍ଟିସ ଅଜିତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦୁର୍ନୀତିମୁକ୍ତ ସମାଜ ଗଠନରେ ସରକାରୀ କର୍ମଚାରୀଙ୍କ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ପ୍ରଦର୍ଶନରେ ଲୋକାୟୁକ୍ତର ଭୂମିକା ସମ୍ପର୍କରେ ସେ ମତ ରଖିଥିଲେ । ଏଥିରେ ସେ ଦର୍ଶାଇଥିଲେ ଯେ, ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସାଧାରଣ ଜନତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୁର୍ନୀତି ସମ୍ପର୍କରେ ପ୍ରମାଣ ସହ ଅଭିଯୋଗ ପତ୍ର ଲୋକାୟୁକ୍ତଙ୍କ ନିକଟରେ ପହଞ୍ଚିଲେ, ତାହାର ତୁରନ୍ତ ସମାଧାନ ପାଇଁ ବ୍ୟବସ୍ଥା କରିହେବ । ସାଧାରଣ ନାଗରିକ ଏବଂ ସମସ୍ତ କର୍ମଚାରୀ ସଚେତନ ହୋଇ ରାଷ୍ଟ୍ରର ଉନ୍ନତିରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲୋକାୟୁକ୍ତର ବିଚାରପତି ଦେବେନ୍ଦ୍ର ସ୍ୱାଇଁ ଯୋଗଦେଇ କେନ୍ଦ୍ରାପଡା ଠାରେ ନବମ



କର୍ମଶାଳାରେ ଯୋଗ ଦେଇଥିବା ଆଲୋଚକମାନେ।

ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ବୋଲି ସୂଚନା ଦେବା ସହ ସରକାରଙ୍କ ଲୋକାୟୁକ୍ତ ଆକ୍ଟ ୨୦୧୪ରେ ସମସ୍ତ ସରକାରୀ କର୍ମଚାରୀ, ନିର୍ବାଚିତ ପ୍ରତିନିଧିମାନେ ପରିସରଭୁକ୍ତ ବୋଲି ପ୍ରକାଶ କରିଥିଲେ । ଜଷ୍ଟିସ ବିଜୟ କୁମାର ନାୟକ ନାଗରିକଙ୍କର ସମୃଦ୍ଧି ଓ ପ୍ରଗତିରେ ଥିବା ସମସ୍ୟା ଦୂରୀକରଣ ପାଇଁ ଓଡିଶା ଲୋକାୟୁକ୍ତ ଆକ୍ଟ ୨୦୧୪ କାର୍ଯ୍ୟକାରୀ କରାଯାଉଛି ବୋଲି ପ୍ରକାଶ କରିଥିଲେ । ଜିଲାପାଳ ସମର୍ଥ ବର୍ମା, ଏସପି ନୀତିଶେଖର ଯୋଗଦେଇ ମୋ ସରକାର ଏବଂ ୫–ଟି କାର୍ଯ୍ୟକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କର୍ମଶାଳା ପ୍ରାରମ୍ଭରେ ଜିଲା ଜଜ୍ ବାସୁଦେବ ପଣ୍ଡା କର୍ମଶାଳା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ପରେ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ଜଷ୍ଟିସ ଅଜିତ ସିଂ, ଜଷ୍ଟିସ ନାୟକ ଓ ଜଜ୍ ସ୍ୱାଇଁ ପ୍ରକାଶ କରିଥିଲେ ଯେ, ଓଡିଶା ଲୋକାୟୁକ୍ତ ୨୦୧୮ ଜୁଲାଇ ୭ରେ ଗଠନ ହୋଇଥିଲା ବେଳେ ଗତ ୨୦୧୯ ଫେବୃୟାରୀ ୨୮ରୁ କାର୍ଯ୍ୟକାରୀ ହେଉଛି । ଡିସେମ୍ବର ଶେଷ ସୁଦ୍ଧା ୭୧୪ ଟି ମାମଲାର ବିଚାର ଫଇସଲା ହୋଇଥିଲା ବେଳେ ଚଳିତବର୍ଷ ୫୬ଟି ମାମଲାର ଫଇସଲା ହୋଇଛି । କେନ୍ଦ୍ରାପଡା ଜିଲାର ମୋଟ ୧୧୦ଟି ମାମଲାରୁ ଇତିମଧ୍ୟରେ ୭୦ଟି ମାମଲା ଫଇସଲା ହୋଇଥିବା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଆଇନସେବା ପ୍ରାଧିକରଣ ସଚିବ ମାନସ କୁମାର ତ୍ରିପାଠୀ, ଜିଲା ଆଇନସେବା ପ୍ରାଧିକରଣର ଅଧିକାରୀ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଏଡିଏମ ବସନ୍ତ କୁମାର ରାଉତ, ସମସ୍ତ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ । ସେହିପରି କର୍ମଶାଳାରେ ଆରଟିଆଇ କର୍ମୀ ବାନାମ୍ବର ସାହୁ, ବିଭିନ୍ନ ଏନଜିଓ କର୍ମକର୍ତ୍ତା, ଆଇନଜୀବୀ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ ।

## ସୁବର୍ଣ୍ଣ ଜୟନ୍ତୀ ସମାରୋହ

ମହାକାଳପଡା, ୧୫।୨ (ଡି.ଏନ.ଏ.)

ମହାକାଳପଡା ବ୍ଲକ ବରକନ୍ଧା ପଞ୍ଚାୟତ ଗୋଜାବନ୍ଧ ଗ୍ରାମସ୍ଥିତ ଗାନ୍ଧିଜୀ ନୋଡାଲ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇଥିଲେ।

# ପ୍ରସିଦ୍ଧ ଓଳକଣା ମେଳଣ ପାଇଁ ପ୍ରସ୍ତୁତି ବୈଠକ

ଡେରାବିଶ,୧୫।୨(ସ୍ୱ.ପ୍ର.)

ପ୍ରସିଦ୍ଧ ଓଳକଣା ମେଳଣ ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ମେଳଣ ପଡିଆରେ ଥିବା ଭକ୍ତ ବିଦୁର ମନ୍ଦିର ବେଢାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଓଳକଣା ମେଳଣ ସମନ୍ୱୟ କମିଟି ପକ୍ଷରୁ ଆହୂତ ଏହି ବୈଠକରେ କମିଟିର ସଭାପତି ମହନ୍ତ ଡ. ନାମାନନ୍ଦ ଦାସ ଅଧ୍ୟକ୍ଷତା କରି ଚଳିତବର୍ଷ ମେଳଣ କିପରି ଶୃଙ୍ଖଳିତ ହେବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ମେଳଣ କମିଟିର ସମ୍ପାଦକ ସାରଦା ପ୍ରଧାନ ବୈଠକରେ ଉପସ୍ଥିତ ସମସ୍ତ ଠାକୁରାବାଡି ସେବକ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇବା ସହ ପଡିଆକୁ ବିଭିନ୍ନ ଦ୍ୱାର ଦେଇ ଆସୁଥିବା ସମସ୍ତ ବିମାନ କିପରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପହଞ୍ଚିବେ ସେ ନେଇ ଆଲୋଚନା କରିଥିଲେ। ଏହି ବୈଠକରେ ରତିକାନ୍ତ ପ୍ରଧାନ ପୂର୍ବବର୍ଷର ବିବରଣୀ ପାଠ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଆଳି ରାଜାଙ୍କ ବିମାନ ପ୍ରତିନିଧି ବିଜୟ କୁମାର ମଲ୍ଲିକ, ଲକ୍ଷ୍ମୀ ଠାକୁରାଣୀ ସେବକ ପ୍ରତିନିଧି କରୁଣାକର କର, ନାରାୟଣ ଚନ୍ଦ୍ର ସାହୁ, ମକର ଚନ୍ଦ୍ର ପ୍ରଧାନ, ରଶ୍ମିରଞ୍ଜନ ଦାସ, ପ୍ରଭଞ୍ଜନ ପ୍ରଧାନ, ବିଶ୍ୱଭୂଷଣ ପ୍ରଧାନ, କ୍ଷୀରୋଦ ମହାରଣା, ଶ୍ୟାମସୁନ୍ଦର ଶତପଥୀ, ରଜନୀ କାନ୍ତ ଦାସ, ଦେବଦତ୍ତ ସାମଲ, ଅଧିକାରୀ ବିଚିତ୍ରାନନ୍ଦ ବିହାରୀ, ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ହଳଦିଆ ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ରାଜକିଶୋର ମଲ୍ଲ, ବାନାମ୍ବର ସାମଲ, ପ୍ରଦୀପ୍ତ କୁମାର ସାମଲଙ୍କ ସମେତ ବହୁ ଠାକୁରବାଡି ସେବକ ପ୍ରତିନିଧି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଚଳିତ ମାସ ଶେଷ ସୁଦ୍ଧା ପ୍ରଶାସନିକ ବୈଠକ ପାଇଁ ଉଭୟ କେନ୍ଦ୍ରାପଡା ଓ କଟକ ଜିଲାର ଜିଲାପାଳ ଏବଂ ଏସପିଙ୍କୁ ଅନୁରୋଧ ପାଇଁ ବୈଠକରେ ସ୍ଥିର ହୋଇଥିଲା। ମାର୍ଚ୍ଚ ୮ ଓ ୯ ତାରିଖ ମେଳଣ ପଡିଆରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ପିଇବା ପାଣି, ବିଦ୍ୟୁତ୍ ଓ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯିବା ପାଇଁ ଉଭୟ ଜିଲା ପ୍ରଶାସନଙ୍କୁ କମିଟି ପକ୍ଷରୁ ନିବେଦନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଲକ୍ଷ୍ମୀକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟ୍ରିକ ପରୀକ୍ଷା ଦେବେ ୨୧୧୧ ପରୀକ୍ଷାର୍ଥୀ

## ୫ ପରୀକ୍ଷା କେନ୍ଦ୍ରରେ ଲାଗିଲା ସିସିଟିଭି

ଆଳି, ୧୫।୨ (ଡି.ଏନ.ଏ.)

**ଆଳି ବ୍ଲକ**

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ମାସ ୧୯ ତାରିଖରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ । ଆଳି ବ୍ଲକରେ ଏଥିପାଇଁ ମୋଟ ୧୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଏହି ୧୨ଟି ପରୀକ୍ଷା କେନ୍ଦ୍ରରେ ୪୧ ହାଇସ୍କୁଲର ସମୁଦାୟ ୨୧୧୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡିଛି । ଆଳି ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇ ସେହି ସେଣ୍ଟରକୁ ପରୀକ୍ଷା ସମ୍ପର୍କିତ କାଗଜପତ୍ର ବୋର୍ଡ ପକ୍ଷରୁ ଦିଆଯାଇଛି। ପ୍ରତ୍ୟେକ ସେଣ୍ଟରକୁ ନୋଡାଲ ସେଣ୍ଟର ପକ୍ଷରୁ ଡିଆର(ଆଟେଣ୍ଡାନ୍ସ ରେଜିଷ୍ଟର) ଓ ଆଡମିଟ୍ କାର୍ଡ ପଠାଇ ଦିଆଯାଇଥିବା କଥା ନୋଡାଲ ସେଣ୍ଟର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଠାରୁ ଜଣାଯାଇଛି । ଆଳି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୬୫ ଜଣ ଛାତ୍ରୀଛାତ୍ର ,ଶରତ କୁମାର ଦେବ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୦୫ ଜଣ,ଅଟାଳ ଉତ୍କଳମଣି ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୧୭୭,ଚଣ୍ଡିଆଗଡି ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୬୦,ଆୟତପୁର ଦାମୋଦର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୪୪, ମାନପୁର ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୧୬, ଗୋବିନ୍ଦପୁର ଗୋଦାବରୀଶ ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୧୩୭,ପାଳିମୀର ଜନତା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୧୫ ଜଣ ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଛି । ସେହିପରି ପତ୍ରପୁର ଏସକେସି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୨୮ ଜଣ,ବାଟିପଡା ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୮୮,ନମୌଜା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୧୮,ସାନମଙ୍ଗ ଗଣେଶ ଦୁର୍ଗା ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ୧୫୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଛି । ଏଥିସହିତ ଆଳି ବ୍ଲକର ୫ ଟି ପରୀକ୍ଷା କେନ୍ଦ୍ରରେ ସିସି ଟିଭି ଲଗା ଯାଇଛି। ଏହି ପରୀକ୍ଷା କେନ୍ଦ୍ରଗୁଡିକ ହେଉଛି ଶରତ କୁମାର ଦେବ ନୋଡାଲ ହାଇସ୍କୁଲ,ପତ୍ରପୁର ଏସକେସି ହାଇସ୍କୁଲ, ନମୌଜା ହାଇସ୍କୁଲ, ଚଣ୍ଡିଆଗଡି ନୋଡାଲ ହାଇସ୍କୁଲ ଓ ପାଳିମୀର ଜନତା ନୋଡାଲ ହାଇସ୍କୁଲ ।

# ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକଙ୍କ ଧାରଣା

ମାର୍ଶାଘାଇ,୧୫।୨(ଡି.ଏନ.ଏ.)

ବିଭିନ୍ନ ଦାବି ନେଇ ଶନିବାର ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକର ଶତାଧିକ ଶିକ୍ଷକ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶିକ୍ଷକମାନେ ବକେୟା ଦରମା ପାଇବାରୁ ବଞ୍ଚିତ ହେଉଥିବାରୁ ଶିକ୍ଷା ବିଭାଗ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ବ୍ଲକ ଶିକ୍ଷାଧିକାରୀ ଶତୃଘ୍ନ ବେହେରା କାର୍ଯ୍ୟାଳୟକୁ ଆସି ନ ଥିବା ବେଳେ ଟେଲିଫୋନ ମାଧ୍ୟମରେ ଶିକ୍ଷକ ନେତାମାନଙ୍କ ସହିତ ଯୋଗାଯୋଗ କରି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଅବସରରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଧାରଣାରେ ଶିକ୍ଷକ ନେତା ସୁଶାନ୍ତ କୁମାର ବେଉରା, ଲକ୍ଷ୍ମୀଧର ଲେଙ୍କା, ପ୍ରଦୀପ ଲେଙ୍କା, ହିରଣ୍ୟ ବାରିକ, ପ୍ରକାଶ ନାୟକ, ଭ୍ରମର ରାଉତଙ୍କ ସମେତ ଶତାଧିକ ଶିକ୍ଷକ ସାମିଲ ହୋଇଥିଲେ।

OFFICE OF THE PRINCIPAL,
NAYAGARH AUTONOMOUS COLLEGE
NAYAGARH (ODISHA) - 752069
Phone : (06753)252234(O), www.ngrautocol.ac.in
No.537 e-mail : ngrautcol@yahoo.co.in Date: 15.02.2020

QUOTATION CALL NOTICE

Sealed quotations are invited from the registered firms/Authorised Dealers having valid GST, PAN & IT clearance for procurement of Fire Extinguisher, Dust Bin, Lab Equipments for Chemistry, Solar system, Sound system, Podium for Conference Hall and Teaching Aid from assistance for non-civil expenses under OHEPEE scheme, Govt. of Odisha.

The sealed quotations marking on the cover 'QUOTATIONS' should reach the office of the undersigned on or before 29th Feb, 2020 through Registered/Speed Post. The Authority reserves the right to reject or cancel any or all quotation without assigning any reason thereof. For further details log on www.ngrautocol.ac.in.

Sd./- (MAJ. M. Pati), Principal
Nayagarh Autonomous College, Nayagarh

nbt.india
NATIONAL BOOK TRUST, INDIA
Ministry of Human Resource Development
Government of India
in collaboration with
RAMA DEVI WOMEN'S UNIVERSITY, BHUBANESWAR
is organizing a job oriented
CERTIFICATE COURSE IN BOOK PUBLISHING (EXCLUSIVELY FOR WOMEN)
16-27 MARCH 2020

- Eligibility : Graduate in any discipline
- Age: No bar
- Course Fee : Rs. 2,000/-+18% GST=Rs.2,360/-
- Last date of application: 13 March 2020
- Venue : Rama Devi Women's University, Vidya Vihar Bhoi Nagar, Bhubaneswar 751022 (Odisha)

Application form can be downloaded from www.nbtindia.gov.in and submitted along with a Demand Draft of Rs. 2360/- drawn in favour of National Book Trust, India payable at New Delhi to Dr. Madhusmita Pati, Professor, PG Deptt of English, Rama Devi Women's University, Bhubaneswar, Odisha.

For further information please contact

Shri Manas Ranjan Mahapatra, Course Director, Mobile : 9891946178
Shri Narender Kumar, Training Incharge, Mobile : 9810743452
NATIONAL BOOK TRUST, INDIA, Nehru Bhawan, 5, Institutional Area, Phase II, Vasant Kunj, New Delhi-110070, E-mail: training.nbtindia@gmail.com, Tel : 011-26707843
Prof. Madhusmita Pati, Course Coordinator, PG Department of English, Mobile :09238511561, Rama Devi Women's University, Bhubaneswar, E-mail: hod.english@rdwu.ac.in
davp-21103/11/0057/1920

ପୂର୍ବ ତଟ ରେଳପଥ
ଇଂଜିନିୟରିଂ କାର୍ଯ୍ୟ
ଫାଇଲ ନଂ. DRM/Engg/KUR/19-20/E-Tender/51, ତା: 10.02.2020

1) ଟେଣ୍ଡର ବିଜ୍ଞପ୍ତି ସଂ. eTender-HQ-KUR-345-2019, ତା: 04.02.2020
ବିବରଣୀ : ସହାୟକ ମଣ୍ଡଳ ଯନ୍ତ୍ରୀ, ଟ୍ରାକ୍, ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ବ୍ରିଜ୍ ନଂ.66(Dn), 13(Up), 63(Up) ରେ ସମସ୍ତ ଫିକ୍ସଚର ଏବଂ ଫାଷ୍ଟେନିଙ୍ଗ୍ ସହିତ 'H' ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର 466 ଗୋଟି ଷ୍ଟିଲ୍ ଚ୍ୟାନେଲ ସ୍ଲିପରଗୁଡ଼ିକର ନବୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 109.45 ଲକ୍ଷ, EMD (ଟଙ୍କାରେ) : ₹ 2,04,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

2) ଟେଣ୍ଡର ବିଜ୍ଞପ୍ତି ସଂ. eTender-EAST-KUR-346-2019, ତା: 04.02.2020
ବିବରଣୀ : 50,000 ଘନ ମିଟରର କଠିନ ପଥରକୁ ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା 50mm ଆକାରରେ ଭାଙ୍ଗି ହରିଦାସପୁର ଡିପୋ ଠାରେ ଯୋଗାଣ ତଥା ତାହାକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯେକୌଣସି ପ୍ରକାର ରେଲୱାଇ ୱାଗନଗୁଡ଼ିକରେ ବୋଝେଇ କରିବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 616.87 ଲକ୍ଷ, EMD (ଟଙ୍କାରେ) : ₹ 4,58,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର) ମାସ ।

3) ଟେଣ୍ଡର ବିଜ୍ଞପ୍ତି ସଂ. eTender-CENT-KUR-347-2019, ତା: 05.02.2020
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ଭୁବନେଶ୍ୱର-ଲିଙ୍ଗରାଜ ଟେମ୍ପଲ ରୋଡ୍ ମଧ୍ୟରେ କି.ମି.437/3 ଠାରୁ 438/7 ପର୍ଯ୍ୟନ୍ତ କଟିଙ୍ଗ୍ ସ୍ଲୋପ୍ ସୁରକ୍ଷା ନିମନ୍ତେ ଟୋ ୱାଲ (Toe Wall) ଏବଂ ଷ୍ଟୋନ୍ ପିଚିଙ୍ଗ୍ ବ୍ୟବସ୍ଥା, ସାଇଡ୍ ଡ୍ରେନ୍‌ଗୁଡ଼ିକର ସଫେଇ, ପ୍ରୋଟେକ୍ସନ ୱାଲ, ଟ୍ରୋଲି ରେଫ୍ୟୁଜି, କ୍ୟାଚ୍ ୱାଟର ଡ୍ରେନ୍ ବ୍ୟବସ୍ଥା ଦ୍ୱାରା ଟ୍ରାକ୍ ପ୍ରୋଫାଇଲ (Profile)ର ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 116.76 ଲକ୍ଷ, EMD (ଟଙ୍କାରେ) : ₹ 2,08,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.26.02.2020 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକାକୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-709/K/19-20

See Career Appointment on every Wednesday & Saturday

ଅତିରିକ୍ତ ସହକାରୀ, ଦେବୋତ୍ତର, ଆୟୁକ୍ତ, କଟକ
ଓ.ଏ. ନଂ.– ୦୧/୨୦୨୦ ଧାରା ୪୧ରା
ଶାନ୍ତିଲତା ମିଶ୍ର ଏବଂ ଅନ୍ୟଜଣେ ... ବାଦୀ
ବନାମ
ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁ
ପ୍ରତିନିଧିତ୍ୱ .... ତହସିଲଦାର, ଯାଜପୁର ଓଗେର ... ପ୍ରତିବାଦୀ
ଯାଜପୁର ଜିଲ୍ଲା ଶୀତଳେଶ୍ୱର ଅନ୍ତର୍ଗତ ମୌଜାରେ ଥିବା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ତାଙ୍କର ସମ୍ପତ୍ତି ସର୍ବସାଧାରଣ ଠାକୁର ନୁହନ୍ତି ଏବଂ ଏହା ଏକ ଘରୋଇ ଠାକୁର ଅଟନ୍ତି। ଶାନ୍ତିଲତା ମିଶ୍ର ଓଗେର ଆମ୍ଭ ଅଦାଲତରେ ଏହା ଏକ ଘରୋଇ ଠାକୁର ଓ ଘରୋଇ ସମ୍ପତ୍ତି ଦାବିକରି ହିନ୍ଦୁ ସର୍ବସାଧାରଣଙ୍କ ପକ୍ଷରୁ ଚନ୍ଦ୍ରମଣି ଦାସଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଉକ୍ତ ପ୍ରତିନିଧିତ୍ୱ ବିରୁଦ୍ଧରେ କାହାର କିଛି ଆପତ୍ତି ଥିଲେ ଆସନ୍ତା ତା୨୭।୦୩।୨୦୨୦ରିଖ ଆମ୍ଭ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ ଜଣାଇବେ। ତାରିଖ ଗତେ କାହାର ଆବେଦନ ଗ୍ରହଣ ଯୋଗ୍ୟ ନୁହେଁ।
ଶ୍ରୀ ଦେବାଶିଷ ଦାଶ, ଓ.ଜେ.ଏସ୍ (୧)
ସ୍ୱା./– ଅତିରିକ୍ତ ସହକାରୀ
ଦେବୋତ୍ତର ଆୟୁକ୍ତ, କଟକ
ଭୂ–ସମ୍ପତ୍ତିର ତାଲିକା
RoR Vide Tahasil No.-210
RSD Vide No. 612/608 Dt.18.3.1997
RSD Vide No. 488 Dt.1.3.1994
Mouza - Sitaleswar
Khata No. 18, Stitiban - A0.23Dec.
Plot No. - 811, A0.08 Decimiles
Hal Khata No. 550, Plot - 811, Area- A0.32Dec.

ଏସ୍.ଇ. ରେଳପଥ - ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଂ.), ଏସ୍.ଇ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫର୍‌କୁ ଅଣଦେଖା କରିଦିଆଯିବ। କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇ.ଏମ୍.ଡି.: (୧) ସିକେପି-ସେଣ୍ଟ୍ରାଲ-୧୯-୨୦-୪୫, ତାରିଖ: ୧୦।୦୨।୨୦୨୦। ଏଡିଇଏନ୍ (ୱେଷ୍ଟ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏକ ବର୍ଷର ମାଗଣା ପରିଚାଳନା ପରେ ଦୁଇବର୍ଷ ପାଇଁ ପରିଚାଳନା ସମେତ ୦୬ ଗୋଟି ଟ୍ରାକ୍ ଭିତ୍ତିକ ରେଲ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ ଏବଂ କମିଶନିଂ; ₹୪୧,୪୦,୫୯୭.୧୨; ₹୮୨,୮୦୦/-। (୨) ସିକେପି-ସେଣ୍ଟ୍ରାଲ-୧୯-୨୦-୪୬, ତାରିଖ: ୧୦।୦୨।୨୦୨୦। ଏଡିଇଏନ୍/ବିଏନଡିଏମ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଏକ ବର୍ଷର ମାଗଣା ପରିଚାଳନା ପରେ ଦୁଇବର୍ଷ ପାଇଁ ପରିଚାଳନା ସମେତ ୦୬ ଗୋଟି ଟ୍ରାକ୍ ଭିତ୍ତିକ ରେଲ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ ଏବଂ କମିଶନିଂ; ₹୪୧,୪୦,୫୯୭.୧୨; ₹୮୨,୮୦୦/–(୩) ସିକେପି-ସେଣ୍ଟ୍ରାଲ-୧୯-୨୦-୪୭, ତାରିଖ: ୧୦।୦୨।୨୦୨୦। ଏଡିଇଏନ୍ (ୱେଷ୍ଟ)/ସିକେପିଙ୍କ ଅଧୀନରେ ଆର୍‌ସିସି ଜ୍ୟାକେଟିଂ ତଥା ବିଦ୍ୟମାନ ୨୦ ଫୁଟ ଗାର୍ଡରକୁ ପିଏସ୍‌ସି ସ୍ଲାବରେ ପରିବର୍ତ୍ତନ କରିବା ଦ୍ୱାରା ପ୍ରମୁଖ ସେତୁଗୁଡ଼ିକର ସୁଦୃଢ଼ୀକରଣ। (୨ୟ ଆହ୍ୱାନ); ₹୨,୬୨,୦୧,୫୭୦.୭୪; ₹୨,୮୧,୦୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: କ୍ର. ସଂ. ୧ ଓ ୨ ପାଇଁ ₹୩,୦୦୦/- ଓ କ୍ର.ସଂ. ୩ ପାଇଁ ₹୧୦,୦୦୦/- ଟେଣ୍ଡର ଖୋଲାଯିବା ତାରିଖ: ପ୍ରତ୍ୟେକ ପାଇଁ ତା୦୨।୦୩।୨୦୨୦ରିଖ। ଟେଣ୍ଡର ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-1363)

# ଭୁବନେଶ୍ୱର ମହାନଗର ନିଗମ

ସଂଖ୍ୟା 4715 ତା 12/02/2020

## ଗୃହ ଟିକସ (ହୋଲ୍ଡିଂ ଟ୍ୟାକ୍ସ) ଖିଲାପକାରୀଙ୍କୁ ନୋଟିସ୍

No. C-509:- ଏତଦ୍ୱାରା ନିମ୍ନଲିଖିତ ବାକିଆ ଗୃହଟିକସ (ହୋଲ୍ଡିଂ ଟ୍ୟାକ୍ସ) ଖିଲାପକାରୀମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ଡ଼ିସେମ୍ବର ୨୦୧୯ ରେ ରେଡ୍ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନେ ତାଙ୍କର ଗୃହଟିକସ ପୈଠ କରିନାହାନ୍ତି ।

ଏଣୁ ନିମ୍ନଲିଖିତ ଖିଲାପକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା ୨୮.୦୨.୨୦୨୦ ରିଖ ମଧ୍ୟରେ ବାକିଆ ଗୃହଟିକସ ପୈଠ ନକଲେ Odisha Public Demand Recovery Act, 1962 ଅନୁଯାୟୀ ସାର୍ଟିଫିକେଟ୍ କେସ୍ ମାଧ୍ୟମରେ ବାକିଆ ଗୃହଟିକସ ଆଦାୟ କରାଯିବ ଓ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆକ୍ଟ-୨୦୦୩ ର ବିଭିନ୍ନ ଧାରା ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ।

ଖିଲାପକାରୀଙ୍କ ସବିଶେଷ ତାଲିକା BMC Website-www.bmc.gov.in ରେ ମଧ୍ୟ ଉପଲବ୍ଧ ଅଛି ଓ ଗୃହଟିକସ (ହୋଲ୍ଡିଂ ଟ୍ୟାକ୍ସ) ଖିଲାପକାରୀମାନଙ୍କ ନାମ ନିମ୍ନରେ ଦିଆଗଲା ।

| Sl. No. | Ward No. | Holding No. | Name & Address of the defaulters | Amount |
|---|---|---|---|---|
| 1 | 2 | 26980 | Kamal Kapoor 516/1676, Sampark Vihar | 46,412.00 |
| 2 | 2 | 11957 | Smt. Santilata Mohanty Dpx-3, Maruti Villa, Patia | 1,85,640.00 |
| 3 | 2 | 12421 | Smrutiranjan Das & Aradhana Das D-15, Aryapalli, Patia, Bhuabneswar | 1,21,384.00 |
| 4 | 2 | 19545 | Dharanidhar Dash Starcity Apt, Bhubaneswar | 20,944.00 |
| 5 | 3 | 13059 | Subash Ch Patnaik 516/17929, Khadim Show Room, Magnetic Srq, Patia, Bbsr | 22,208.00 |
| 6 | 3 | 24662 | Sujata Mohapatra 522/2574, Patia Stn Road | 2,72,432.00 |
| 7 | 3 | 19558 | Pruthiraj Jena, Bijay Jena, Adhiraj Jena 442/398/4322, Xavier Int School, Patia | 2,14,180.00 |
| 8 | 3 | 12748 | Sasmita Samal Mig-70, Ph-Ii, Kanan Vihar, Patia | 10,920.00 |
| 9 | 3 | 19564 | Balaram Jena Shop No-04, Ph-Ii, Kanan Vihar | 19,089.00 |
| 10 | 4 | 6155 | Gajanan Agrawal Plot No-243 & 245, Nh-5, Pahal, | 94,96,244.00 |
| 11 | 4 | 4546 | Mohit Ku Aagrawal Plot No-63, Nh-5Pahal, | 1,02,160.00 |
| 12 | 4 | 8304 | Niranjan Rana Plot No-91, Nh-5Pahal, | 1,34,484.00 |
| 13 | 4 | 8011 | Sri Bharat Motors, Anita Didwania Plot No-212 & 203, Nh-5Pahal, | 94,33,332.00 |
| 14 | 4 | 6759 | Bharat Motors, Ommprakash Didwania Plot No-214 & 217, Nh-5 Pahal, | 61,10,568.00 |
| 15 | 4 | 6020 | Global Intstitute Plot 1717, Hanspal | 11,87,424.00 |
| 16 | 4 | 8052 | Ashok Ku Mohapatra Plot 1165, Naharkanta | 13,79,592.00 |
| 17 | 4 | 7584 | Apex B-Tech College Plot No-96, Nh-5 Pahal, | 2,71,58,768.00 |
| 18 | 4 | 4698 | Family Planning Plot No. 262/1970, Hanspal | 2,43,756.00 |
| 19 | 4 | 6278 | Sonali Mohapatra Plot No.531/337, Nh-5, Rudrapur | 5,99,168.00 |
| 20 | 4 | 9094 | Birendra Kumar Dhawan Plot No-182/2194, Nh-5 Pahal, | 23,91,440.00 |
| 21 | 4 | 8124 | Prutiraj Ray Plot No.182/2194, Nh-5, Rudrapur | 79,152.00 |
| 22 | 4 | 6776 | Niranajna Rana Plot No-91, Nh-5 Pahal, | 1,11,980.00 |
| 23 | 4 | 10635 | Sriram Building Construction C/O Suresh Kumar Patal Hanspal | 10,50,660.00 |
| 24 | 4 | 7963 | Krupa Filling Stn Plot No-1159, | 45,860.00 |
| 25 | 4 | 6569 | Swarnamanjari Devi Plot No-90,Pahal | 37,344.00 |
| 26 | 4 | 6616 | S Behera Plot No-16,Pahal | 21,728.00 |
| 27 | 4 | 9019 | Ranjit Singh Jain Plot No-08,Jayapur | 34,59,360.00 |
| 28 | 4 | 6491 | Manish Ku Agarwalla C/O-Pramod Ch Rath Plot No-445,Infront Of Lakheswar Petrol Pump | 91,140.00 |
| 29 | 4 | 9461 | Jyoti Infrastructure Pvt Ltd Utkal Signature,Pahal | 2,39,240.00 |
| 30 | 4 | 9839 | Ganapati Sahoo & Piyush Sahoo | 47,036.00 |
| 31 | 4 | 6376 | R Chouhan & Others Plot No-809/2187, Puri, Ratnapur | 19,128.00 |
| 32 | 4 | 8081 | Vijaya Ku Gupta | 15,520.00 |
| 33 | 4 | 11112 | Rabindra Nath Panda | 2,24,185.00 |
| 34 | 4 | 11144 | Dibakar Mohanty | 2,23,125.00 |
| 35 | 5 | 10055 | Amarenda Dash 592/6399/6402, Sameigadia, Chakeishiani, Bhubaneswar | 24,180.00 |
| 36 | 5 | 20109 | Lalatendu Pati & Sasilendu Pati 409, Sameigadia, Chakeishiani, Bhubaneswar | 11,444.00 |
| 37 | 5 | 513 | Bhaskar Swain & Others Palasuni, Pandara | 12,280.00 |
| 38 | 5 | 4544 | Bhagban Sahoo Palasuni, Pandara | 23,751.00 |
| 39 | 5 | 6319 | Debendra Sethy Palasuni, Pandara | 16,940.00 |
| 40 | 5 | 6602 | Ambika Parida Palasuni, Pandara | 14,280.00 |
| 41 | 5 | 9142 | Ramesh Panigrahi Plot No-1726/11394, Satya Vihar, Pandara | 1,87,880.00 |
| 42 | 5 | 10996 | Suvendu Mohapatra Plot No-1582/ 5955 Satya Vihar, Pandara | 1,11,208.00 |
| 43 | 6 | 12137 | B.Khuntia Plot No - 427 | 44,128.00 |
| 44 | 6 | 15852 | Dr Kanungo Plot No -4718 | 18,744.00 |
| 45 | 6 | 16693 | Smt T.Swain Plot No -4718 | 29,772.00 |
| 46 | 6 | 21133 | Jyotshna Kumari Biswa Plot No -46 | 1,71,360.00 |
| 47 | 6 | 21828 | Balaram Swain Plot No -Ga -133 | 2,16,884.00 |
| 48 | 6 | 24519 | Sukanta Ku Tripathy Plot No - Ga-52 | 20,040.00 |
| 49 | 6 | 5436 | S Pattnaik Plot No -58/2694 | 20,012.00 |
| 50 | 6 | 15999 | Hari Bandhu Mohanty Plot No -370/3011 | 1,07,104.00 |
| 51 | 6 | 12070 | Rajani Kanta Mohanty Plot No -370/1861 | |
| 52 | 6 | 17189 | Sanjaya Behera Plot No -369/2168/4169 | 7,10,536.00 |
| 53 | 6 | 18005 | B.K Pattnaik Plot No -370/2119 | 1,33,644.00 |
| 54 | 6 | 16315 | Biswajieet Pattnaik Plot No -306(P) | 2,22,740.00 |
| 55 | 6 | | S. Pasupati Pvt. Ltd. Plot No -386 Sp-21 | 59,300.00 |
| 56 | 6 | | Chakradhara Panda Plot No -435/1865 | 55,340.00 |
| 57 | 7 | 24214 | Muralidhar Sahoo Plot No - 9 Ss Vihar | 14,532.00 |
| 58 | 8 | 19864 | Vishal Kumar Dey Plot No -62/A,Prachi Enclave Cs Pur | 56,228.00 |
| 59 | 8 | 13772 | Dhaneswar Jena Plot No -12, District Centre,Cs Pur | 10,668.00 |
| 60 | 8 | 12502 | A.K Nayak Plot No -18, District Centre,Cs Pur | 10,640.00 |
| 61 | 8 | 12656 | B.N Pattnaik Plot No -30, District Centre,Cs Pur | 11,872.00 |
| 62 | 8 | 12515 | J.K Rath Plot No -31, District Centre,Cs Pur | 18,240.00 |
| 63 | 8 | 11748 | Dr Mmata Mohanty Plot No -279, District Centre,Cs Pur | 11,228.00 |
| 64 | 8 | 12916 | Smt M Behera Plot No -321, District Centre,Cs Pur | 53,660.00 |
| 65 | 8 | 14361 | Smt. Puspanjali Behera Plot No -328, District Centre,Cs Pur | 36,024.00 |
| 66 | 8 | 16413 | Dharani Dhara Patra Plot No -308, District Centre,Cs Pur | 3,11,824.00 |
| 67 | 8 | 19506 | Biswajit Khuntia Plot No -66, District Centre,Cs Pur | 10,500.00 |
| 68 | 8 | 25275 | Sri Ashis Ranjan Khuntia Plot No -313, District Centre,Cs Pur | 2,61,788.00 |
| 69 | 8 | 25285 | Sri Laxmidhar Jena Plot No -319/A, District Centre,Cs Pur | 1,61,468.00 |
| 70 | 8 | 20482 | Sarada Prasad Satapathy Plot No -275, District Centre,Cs Pur | 22,336.00 |
| 71 | 8 | 24298 | Sri Bijay Ku Nayak Plot No -335, District Centre,Cs Pur | 9,436.00 |
| 72 | 8 | 25626 | Sri Ramakanta Behera Plot No -322, District Centre,Cs Pur | 1,22,416.00 |
| 73 | 8 | 26700 | Smt Manjushree Sahoo Plot No -199, District Centre,Cs Pur | 52,208.00 |
| 74 | 8 | 26745 | Smt Bidyulata Dei Plot No -280, District Centre,Cs Pur | 71,652.00 |
| 75 | 8 | 24750 | Smt Suswapna Acharya Plot No -252, District Centre,Cs Pur | 73,108.00 |
| 76 | 8 | 27044 | Smt Bithika Das Plot No -83, District Centre,Cs Pur | 1,40,148.00 |
| 77 | 8 | 27003 | Smt Kamal Mishra Plot No -140, District Centre,Cs Pur | 58,008.00 |
| 78 | 8 | 27051 | Debabrat Amarnath Plot No -314, District Centre,Cs Pur | 2,60,708.00 |
| 79 | 9 | 9384 | Pratima Mishra Plot No -3/9 Vip Enclave C.S Pur | 21,420.00 |
| 80 | 9 | 8146 | Krushna Mohan Sahoo & Basanti Sahoo Plot No - 1881/384 Near P.N Bank C.S Pur | 17,388.00 |
| 81 | 9 | 10094 | Sanghamitra Pattnaik Plot No -A/1905,Sri Arobinda Nagar | 57,980.00 |
| 82 | 9 | 24797 | Smt Minati Rout Plot No -332/1803/2631 C.S Pur Near | 10,820.00 |
| 83 | 11 | 1594 | K.C Tripathy Dla - 52,Vss Nagar | 32,940.00 |
| 84 | 11 | 1835 | S.B Mohapatra Cm-4,Vss Nagar | 13,920.00 |
| 85 | 11 | 1031 | Jayakrushna Kasta Bm-18 ,Vss Nagar | 10,240.00 |
| 86 | 11 | 807 | Arun Ku Mathan Bm-100,Vss Nagar | 34,776.00 |
| 87 | 13 | 4653 | Aswin Kumar Mohanty Shop No-27,Bda Market Complex,Cs Pur | 10,580.00 |
| 88 | 15 | 10401 | K Anand Mohantyplot No- N/426,I.R.C.Village ,Nayappali | 12,57,789.00 |
| 89 | 15 | 3521 | B.Ray,Plot No-N-4,/237 ,Irc Village,Nayapalli | 12,36,037.00 |
| 90 | 15 | 13137 | The M.D Hotel Bari International,Plot No-B/6,I.R.C.Village ,Nayappali | 1,85,052.00 |
| 91 | 16 | 11330 | Smt Sarala Goswami Maitri Vihar D-24 | 5,97,996.00 |
| 92 | 16 | 18809 | Khirod Ku Sahoo Plot No -2 Maitri Vihar | 2,54,500.00 |
| 93 | 16 | 18810 | Binod Ku Sahoo Plot No -3,Maitri Vihar | 2,03,600.00 |
| 94 | 16 | 19407 | Pramod Ku Behera Phase -1,S-25,Maitri Vihar | 50,432.00 |
| 95 | 16 | 11159 | Kamala Prasad Pattnaik Phase -1,S-35,Maitri Vihar | 58,563.00 |
| 96 | 16 | 14099 | Jayanti Sahoo Plot No-258 J. Vihar | 2,45,434.00 |
| 97 | 18 | 6486 | Banshidhar Sahoo Plot No- 3010, Near Saptasati Temple,Pandra | 11,680.00 |
| 98 | 18 | 6487 | Dwijabar Sahoo Plot No- 3008,Near Saptasati Temple,Pandra | 1,05,938.00 |
| 99 | 18 | 8069 | Arun Kumar Parida Plot No-1267/5786/7396,Near Saptasati Temple,Pandra | 37,488.00 |
| 100 | 18 | 10668 | Bibhuti Bhusan Kar Green Field Hotel Plot No-2890/9153,Pandra | 6,51,140.00 |
| 101 | 19 | 6647 | Radha Devi Plot No-68/984(P), Rasulgarh | 1,47,490.00 |
| 102 | 23 | 2511 | Samir Ku Mohanty Plot No-1174,Khandagiribari,Ghatikia | 15,582.00 |
| 103 | 23 | 4149 | Manoj Ku Dash Plot No-920(P)Ghatikia | 5,89,608.00 |
| 104 | 23 | 5015 | Sumitra Pothal Plot No-596,Sampur | 37,856.00 |
| 105 | 23 | 5708 | Raghunath Cjinara Plot No-1059,Sampur | 23,520.00 |
| 106 | 23 | 5710 | Sanatan Behera Plot No-529,Sampur | 64.560.00 |
| 107 | 23 | 5711 | Jogendra Sahoo, Plot No-1212/1611,Ghatikia | 48,984.00 |
| 108 | 23 | 5789 | Khetrabai Patri Plot No- K8/555,Kalinga Nagar ,Ghatikia | 2,54,576.00 |
| 109 | 23 | 5801 | Gitanjali Nayak, Plot No-1215/1585,Khandagiibari,Ghatikia | 5,71,910.00 |
| 110 | 23 | 6003 | Dhananda Kanta Mishra, Plot No-1215/48,Khandaglibari,Ghatikia | 1,14,240.00 |
| 111 | 23 | 6568 | Sushama Nayak, Plot No-831/3357,Sampur | 1,38,108.00 |
| 112 | 23 | 7458 | Sanjaya Ku Puri, Plot No- K 8/1234 Kalinga Nagar,Ghatikia | 9,93,104.00 |
| 113 | 24 | 1813 | Subarna Barik, Plot No- M-27,Baranunda H.B.Colony | 2,31,781.00 |
| 114 | 24 | 3140 | Smt Sandhya Mishra,Plot No- Hig-A-9,Baranunda H.B.Colony | 19,320.00 |
| 115 | 26 | 14701 | Chandan Mohanty Plot No-358/3478 & 357/3477 | 1,79,575.00 |
| 116 | 26 | 15054 | Niharika Sahoo Plot No-369/4305 | 1,28,768.00 |
| 117 | 27 | 5769 | Paramananda Mishra, Shop No- Ff2,I D Market,I.R.C. Village,Nayapalli | 42,336.00 |
| 118 | 27 | 13805 | Biraja Sahu, Ff/17,I.R.C. Village,Nayapalli | 22,680.00 |
| 119 | 27 | 5785 | Rasabihari Parija, Ff-15,I.R.C. Village,Nayapalli | 42,336.00 |
| 120 | 27 | 6699 | Mahesh Pattanaik ,Fg-110,I.R.C. Village,Nayapalli | 29,280.00 |
| 121 | 27 | 5793 | Suresh Ranjan Sahu,Fg-21,I.R.C. Village,Nayapalli | 32,940.00 |
| 122 | 27 | 5773 | M Biswanath Patra, Ff-4,I.R.C. Village,Nayapalli | 30,407.00 |
| 123 | 27 | 5782 | Bijay Ku Kar, Ff-13,I.R.C. Village,Nayapalli | 21,872.00 |
| 124 | 27 | 5810 | G Arupa Patra, Fg-34,I.R.C. Village,Nayapalli | 52,372.00 |
| 125 | 27 | 5803 | Sanjib Ku Tripathy,Fg-27(B),I.R.C. Village,Nayapalli | 26,043.00 |
| 126 | 27 | 5859 | Md Ajam, Fg-77,I.R.C. Village,Nayapalli | 16.534.00 |
| 127 | 27 | 5717 | Ashok Ku. Mohapatra, Shop No-U-9, Id Market, Irc Village | 12,992.00 |
| 128 | 27 | 5716 | Akrura Ch. Satapathy, Shop No-U-10, Id Market, Irc Village | 12,992.00 |
| 129 | 27 | 5751 | Sarojini Panda, Shop No-G-3, Id Market, Irc Village | 26,656.00 |
| 130 | 27 | 5748 | Ulash Ch. Behera, Shop No-G-6, Id Market, Irc Village | 26,656.00 |
| 131 | 27 | 5745 | Kalyani Sahoo, Shop No-G-17, Id Market, Irc Village | 26,656.00 |
| 132 | 27 | 5170 | Jaganath Pradhan, Shop No-Fg-3, Id Market, Irc Village | 36,848.00 |
| 133 | 27 | 5793 | Suresh Ranjan Sahoo, Shop No-Fg-21, Id Market, Irc Village | 34,160.00 |
| 134 | 27 | 5803 | Sanjib Kumar Tripathy, Shop No-Fg-27B, Id Market, Irc Village | 34,160.00 |
| 135 | 27 | 5808 | Susama Dei, Shop No-Fg-32, Id Market, Irc Village | 34,160.00 |
| 136 | 27 | 5810 | Arupa Patra, Shop No-Fg-34, Id Market, Irc Village | 68,656.00 |
| 137 | 27 | 5812 | Subash Ch. Sahoo, Shop No-Fg-35, Id Market, Irc Village | 68,656.00 |
| 138 | 27 | 5818 | Sidheswar Routray, Shop No-Fg-40, Id Market, Irc Village | 34,160.00 |
| 139 | 27 | 5830 | Gobinda Ch. Das, Shop No-Fg-52, Id Market, Irc Village | 36,848.00 |
| 140 | 27 | 5831 | Dibyasingh Bhoi, Shop No-Fg-53, Id Market, Irc Village | 36,848.00 |
| 141 | 27 | 5836 | Basanti Biswal, Shop No-Fg-58, Id Market, Irc Village | 36,848.00 |
| 142 | 27 | 5837 | Swarnalata Parija, Shop No-Fg-58A, Id Market, Irc Village | 38,080.00 |
| 143 | 27 | 5859 | Md.Ajam, Shop No-Fg-77, Id Market, Irc Village | 20,832.00 |
| 144 | 27 | 5860 | Smt. Jyotsna Patra, Shop No-Fg-79, Id Market, Irc Village | 20,832.00 |
| 145 | 27 | 5863 | Sridhar Mohanty, Shop No-Fg-82, Id Market, Irc Village | 20,832.00 |
| 146 | 27 | 5865 | Sudhir Kumar Behera, Shop No-Fg-84, Id Market, Irc Village | 20,832.00 |
| 147 | 27 | 5870 | Ramesh Ku. Mishra, Shop No-Fg-88, Id Market, Irc Village | 20,832.00 |
| 148 | 27 | 5871 | Sarat Ch. Tripathy, Shop No-Fg-89, Id Market, Irc Village | 20,832.00 |
| 149 | 27 | 5873 | Pabitra Kumar Mohanty, Shop No-Fg-90, Id Market, Irc Village | 20,832.00 |
| 150 | 27 | 5876 | Subash Ch.Ganda, Shop No-Fg-93, Id Market, Irc Village | 20,832.00 |
| 151 | 27 | 5886 | Narendra Ku. Swain, Shop No-Fg-106, Id Market, Irc Village | 34,160.00 |
| 152 | 27 | 6699 | Maheswar Pattnaik, Shop No-Fg-110, Id Market, Irc Village | 30,500.00 |
| 153 | 27 | 5888 | Ganesh Ku. Routaray, Shop No-Fg-112, Id Market, Irc Village | 34,160.00 |
| 154 | 27 | 5893 | Santilata Padhy, Shop No-Fg-119, Id Market, Irc Village | 34,160.00 |
| 155 | 27 | 5896 | Dashrathi Chaini, Shop No-Fg-122, Id Market, Irc Village | 30,576.00 |
| 156 | 27 | 5902 | Laxmidhar Behera, Shop No-Fg-129, Id Market, Irc Village | 34,160.00 |
| 157 | 27 | 5904 | Maguni Behera, Shop No-Fg-132, Id Market, Irc Village | 66,640.00 |
| 158 | 27 | 5919 | Jadumani Sahoo, Shop No-Fg-148, Id Market, Irc Village | 66,640.00 |
| 159 | 27 | 5921 | Jayachandra Behera, Shop No-Fg-150, Id Market, Irc Village | 34,160.00 |
| 160 | 27 | 5922 | Gajendra Prusty, Shop No-Fg-151, Id Market, Irc Village | 34,160.00 |
| 161 | 27 | 5923 | Nirakar Swain, Shop No-Fg-153, Id Market, Irc Village | 34,160.00 |
| 162 | 27 | 5769 | Paramananda Mishra, Shop No-Ff-2, Id Market, Irc Village | 43,904.00 |
| 163 | 27 | 5773 | M Biswanath Patra, Shop No-Ff-4, Id Market, Irc Village | 20,832.00 |
| 164 | 27 | 5782 | Bijaya Kumar Kar, Shop No-Ff-13, Id Market, Irc Village | 29,008.00 |
| 165 | 27 | 5785 | Rahas Bihari Parija, Shop No-Ff-15, Id Market, Irc Village | 43,904.00 |
| 166 | 27 | 5790 | Sukalata Sahoo, Shop No-Ff-19, Id Market, Irc Village | 43,904.00 |
| 167 | 27 | 5792 | Bhikari Charan Pradhan, Shop No-Ff-20, Id Market, Irc Village | 43,904.00 |
| 168 | 27 | 5797 | Prakash Ku. Samal, Shop No-Ff-23, Id Market, Irc Village | 34,160.00 |
| 169 | 27 | 5811 | Pratap Ku. Patel, Shop No-Ff-34, Id Market, Irc Village | 40,768.00 |
| 170 | 27 | 12949 | Amarendra Panda, Shop No-Ff-53 (4), Id Market, Irc Village | 32,444.00 |
| 171 | 27 | 13521 | Puspalata Beura, Shop No-Ff-56, Id Market, Irc Village | 40,320.00 |
| 172 | 27 | 14997 | Purna Chandra Sahoo, Shop No-Ff-57/4, Id Market, Irc Village | 31,528.00 |
| 173 | 27 | 15021 | Srinibash Rout, Shop No-Ff-62/2, Id Market, Irc Village | 70,224.00 |
| 174 | 27 | 5847 | Golekha Chandra Barik, Shop No-Ff-67, Id Market, Irc Village | 40,768.00 |
| 175 | 27 | 5854 | Binodini Samal, Shop No-Ff-72, Id Market, Irc Village | 73,528.00 |
| 176 | 27 | 5864 | Ashok Kumar Mishra, Shop No-Ff-82, Id Market, Irc Village | 39,312.00 |
| 177 | 27 | 5866 | Niranjan Sahoo, Shop No-Ff-84, Id Market, Irc Village | 32,508.00 |
| 178 | 27 | 5872 | Latadevi Poddar, Shop No-Ff-89, Id Market, Irc Village | 39,312.00 |
| 179 | 27 | 5877 | Sudhir Chandra Singh, Shop No-Ff-93, Id Market, Irc Village | 39,312.00 |
| 180 | 28 | 3067 | Anjumum Begum, P.No-146 Sabar Sahi Neco Park Area | 1,23,000.00 |
| 181 | 28 | 14397 | Abdul Khaligue & Abdul Khusidu Alam, P.No-553/1333 Sabar Sahi Neco Park Area | 3,19,680.00 |
| 182 | 28 | 15473 | Sakhya Sing Sarangi & Smt. Premalata Sarangi , P.No-585 Sabar Sahi Neco Park Area | 21,616.00 |
| 183 | 29 | 12999 | Uma Nanda & Others , P.No-13,14,16, 16/1720, Bhoi Nagar | 3,46,248.00 |
| 184 | 30 | 3282 | Gita Mohanty, P.No- 59, Sahid Nagar | 42,840.00 |
| 185 | 30 | 2973 | B.Mohapatra, P.No-67, Sahid Nagar | 17,152.00 |
| 186 | 30 | 2572 | Kishore Mohanty, P.No-229, Sahid Nagar | 50,932.00 |
| 187 | 30 | 694 | Md.Agiguddin, P.No- 247, Sahid Nagar | 39,072.00 |
| 188 | 30 | 3430 | Umesh Ch.Dash, P.No- 349, Sahid Nagar | 31,668.00 |
| 189 | 30 | 2581 | J.M. Pattanaik, P.No- 354, Sahid Nagar | 48,804.00 |
| 190 | 30 | 3592 | Ranjan Ku. Dash, P.No- 483, .Sahid Nagar | 5,30,688.00 |
| 191 | 30 | 3445 | Deepak Ku.Mohapatra, P.No-507, Sahid Nagar | 66,640.00 |
| 192 | 30 | 4752 | Ramesh Prasad Mohanty, P.No-625-A, Sahid Nagar | 5,90,240.00 |
| 193 | 30 | 5327 | Salila Behera, P.No- A/410, 5Th Floor, Sahid Nagar | 16,980.00 |
| 194 | 30 | 5326 | Rohit Mohapatra, P.No- A/410,5Th Floor | 15,800.00 |
| 195 | 30 | 4859 | Tikaram Sahoo, P.No- F/7, 3Rd Floor, Bmc Bhawani Mrkt. | 77,320.00 |
| 196 | 30 | 4874 | Sasmita Mansingh, P.No- S-10, Bmc Bhawani Mrkt. | 52,740.00 |
| 197 | 30 | 4880 | Namita Prava Sahoo, P.No- S/4, 2Nd Floor, Sahid Nagar | 56,380.00 |
| 198 | 31 | 3676 | Annapurna Patra, Behind Santoshi Maa Temple, Bomikhal | 4,68,544.00 |
| 199 | 31 | 2001 | Pratap Singh Patra, Cuttack Road, Bomikhal | 4,43,520.00 |
| 200 | 31 | 7155 | Dhiren Ku.Kar & Others, Infront Of Santosi Maa Temple, Bomikhal | 3,10,360.00 |
| 201 | 31 | 6882 | Smt.Debaki Jena, Infront Of Santosi Maa Temple, Bomikhal | 2,91,036.00 |
| 202 | 31 | 8026 | Smt.Mona Pattnaik, Near Durga Mandap,Bomikhal | 90,768.00 |
| 203 | 31 | 6666 | Sikhar Jena & Sridhar Jena, ,P.No-738, Ctc Road | 1,85,604.00 |
| 204 | 31 | 7568 | P.C. Chhotaray, Bomikhal, Label Crossing Road,Near Hanuman Temple | 12,704.00 |
| 205 | 33 | 316 | Indra Singh, Ctc Road | 45,354.00 |
| 206 | 33 | 1319 | Nanda Kishore Jena, Ctc Road | 85,680.00 |
| 207 | 33 | 1703 | Baijayanti Sahoo, Ctc Road | 55,392.00 |
| 208 | 33 | 1875 | Radha Ranjan Das, P.No-1151/1610, Ctc Road | 15,584.00 |
| 209 | 33 | 2312 | D.N Tripathy, P.No-102,J.D Nagar | 41,076.00 |
| 210 | 33 | 2335 | Bhabagrahi Jena, P.No-1147, Ekambra Cinema Hall | 1,67,500.00 |
| 211 | 33 | 3131 | Sagarika Das, P.No-813,J.D Nagar | 27,096.00 |
| 212 | 33 | 3783 | M.S Konark Auto Spairy , Narayani Motors, P.No-813, J.D Nagar Ctc Road | 65,432.00 |
| 213 | 33 | 7623 | Chitaranjan Bala, P.No-1053 Ctc Road | 19,464.00 |
| 214 | 33 | 10289 | Biswanath Pradhan, P.No-06 Ctc Road | 42,456.00 |
| 215 | 33 | 10446 | Suresh Ku Patel & Dhirlal Patel, P.No-127/1691 Ctc Road | 4,05,930.00 |
| 216 | 33 | 658 | Rajkishore Prasad, P.No-352, Ctc Road | 1,16,160.00 |
| 217 | 33 | 1115 | Sarswati Devi, P.No-260, Ctc Road | 62,604.00 |
| 218 | 33 | 3529 | Ashok Garg, P.No-127, Ctc Road | 65,760.00 |
| 219 | 34 | 4711 | Ramundra Ku.Pujari, Hotel Sun Green, P.No- | 5,72,580.00 |
| 220 | 34 | 4811 | Asha Memorial Trust (Janaki Ballav Padhi), | 3,46,212.00 |
| 221 | 34 | 5423 | M/S Pnr Infra Co. Pvt.Ltd. P.No- | 32,51,487.00 |
| 222 | 35 | 615 | Rajkishore Kanungo, Plot No 42, Kharbele Nagar | 15,744.00 |
| 223 | 35 | 631 | Shyam Sundar Mohanty, Plot No 10, Kharbela Nagar | 12,000.00 |
| 224 | 35 | 645 | Khetabasi Das, Plot No-217, Kharbela Nagar | 48,767.00 |
| 225 | 35 | 659 | Siram Murti, Plot No-240, Kharbela Nagar | 10,304.00 |
| 226 | 35 | 2075 | Narayn Mishra, Plot No-Scr 29/41, Kharbela Nagar | 18,144.00 |
| 227 | 35 | 2074 | N.B Pattnaik, Plot No-238, Kharbela Nagar | 8,316.00 |
| 228 | 35 | 2082 | Nilamal Mohanty, Plot No-249, Kharbela Nagar | 2,69,632.00 |
| 229 | 35 | 2432 | P.P Das, Plot No-94, Kharbela Nagar | 1,42,800.00 |
| 230 | 35 | 3694 | Utam Solanki, Plot No-Scr/40, Kharbela Nagar | 19,180.00 |
| 231 | 35 | 3792 | Surendra Nath Swain, Plot No-92, Kharbela Nagar | 64,260.00 |
| 232 | 35 | 3830 | Ashok Ku Pattanaik, Plot No-105, Kharbela Nagar | 9,560.00 |
| 233 | 35 | 3901 | Akshya Ku Tripathy, Plot No-A/30, Kharbela Nagar | 9,50,985.00 |
| 234 | 35 | 552 | Kanaklata Das, Plot No-791, Bhoi Nagar | 1,98,072.00 |
| 235 | 35 | 921 | P C Patra, Plot No-1264, Bhoi Nagar | 13,520.00 |
| 236 | 35 | 1879 | Srinibas Sahoo, Plot No- C 5, Bhoi Nagar | 67,392.00 |
| 237 | 35 | 2876 | Bikas Ku Mishra, Plot No-563, Bhoi Nagar | 34,976.00 |
| 238 | 36 | 2963 | Indira Mohanty, P.No-A/28,A/29, M.S. Nagar | 99,680.00 |
| 239 | 36 | 1108 | Prafulla Ku.Rout, P.No-269, M.S. Nagar | 4,67,328.00 |
| 240 | 36 | 2541 | Surendra Prusty, P.No-779/1657, M.S. Nagar | 5,05,920.00 |
| 241 | 36 | 4313 | Gopal Singh, P.No-M-3, M.S. Nagar | 29,480.00 |
| 242 | 36 | 76 | Kanchana Bala Padhi, Plot No Scr-31, Bhouma Nagar | 1,04,160.00 |
| 243 | 36 | 52 | Hosenmoin Khaton, Bhouma Nagar | 13,100.00 |
| 244 | 36 | 1993 | Indra Mohanty (Hotel Lisa), Plot A/25, Bhouma Nagar | 27,608.00 |
| 245 | 36 | 2530 | Smt. Prama Pujari, A/31, Bhouma Nagar | 23,024.00 |
| 246 | 36 | 382 | Radhanath Patro, Plot No16, M.S Nagar | 32,792.00 |
| 247 | 36 | 2673 | C.B.S Rao, Plot No-43, M.S Nagar | 16.576.00 |
| 248 | 36 | 2294 | Soubhagin Dei, W/O-Pravakar, Plot No-M/10, M.S Nagar | 18,556.00 |
| 249 | 36 | 4894 | Radha Kanta Panda, P.No-M-73, M.S. Nagar | 10,89,720.00 |
| 250 | 38 | 14071 | Haris Kumar Sibani, Flat No-301,Amrita Shopping,Nayapali | 1,91,492.00 |
| 251 | 38 | 2924 | Tareni Pattnaik,Plot No-A/19,Nilakantha Nagar | 2,62,912.00 |
| 252 | 38 | 5691 | Satyabhama Sahoo,Plot No-1110,Nayapalli | 1,63,220.00 |
| 253 | 38 | 8836 | Urmila Subudhi,Plot No-111,Nayapalli | 1,44,560.00 |
| 254 | 38 | 7139 | Manaswani Sahoo,Plot No-1111,Nayapalli | 88,896.00 |
| 255 | 38 | 3091 | Purnamasi Sahoo,Plot No-1113,Nayapalli | 65,488.00 |
| 256 | 40 | 1930 | Sahoo Hotel & Pvt Ltd, P.No-C/12, Kharabela Nagar | 7,69,504.00 |
| 257 | 41 | 843 | Laxmidhar Sahoo, P.No-150/A, Ashok Nagar | 67,260.00 |
| 258 | 41 | 139 | Raghunath Badajena, P.No-139, Ashok Nagar | 22,944.00 |
| 259 | 41 | 933 | Kalyani Das, P.No-129, Ashok Nagar | 37,800.00 |
| 260 | 41 | 955 | Kamala Ranihans, P.No-44, Ashok Nagar | 19,264.00 |
| 261 | 41 | 4499 | Shree Auto Engineering Workshop, P.No- 118 | 56,680.00 |
| 262 | 41 | 4844 | Rajani Prusty, P.No- A/112, Kharvel Nagar | 33,280.00 |
| 263 | 42 | 606 | Basanta Ku.Nayak, Budha Nagar | 21,240.00 |
| 264 | 42 | 611 | S.K.Ahammed, Budha Nagar | 1,33,980.00 |
| 265 | 42 | 614 | Aswani Ku.Mohanty, P.No- 701,Budha Nagar | 3,41,280.00 |
| 266 | 42 | 614(A) | A.K. Mohanty, P.No- 79, Budha Nagar | 76,480.00 |
| 267 | 42 | 654 | R.M.Mohanty, P.No-64,Budha Nagar | 12,864.00 |
| 268 | 42 | 656 | Bhramarbar Routray, P.No-61, Budha Nagar | 13,560.00 |
| 269 | 42 | 672 | Kulamani Rath, P.No-36, Budha Nagar | 9,156.00 |
| 270 | 42 | 839 | K.P Mishra, P.No- 15, Budha Nagar | 35,712.00 |
| 271 | 42 | 710 | Gobind Mohapatra, P.No- | 9,000.00 |
| 272 | 42 | 757 | Rehana Begum & Ferahan Begum, P.No- , Old Station Bazar | 9,17,280.00 |
| 273 | 42 | 1124 | Diwan Ch.Gargh, P.No- Budheswari | 16.660.00 |
| 274 | 42 | 672(A) | Narayan M.Patra, P.No- Ctc Road, Laxmi Sagar | 12,780.00 |
| 275 | 42 | 6334 | K.B.Patel, P.No- Laxmi Sagar | 6,016.00 |
| 276 | 42 | 6104 | S.B.Patel, P.No- Laxmi Sagar | 6,104.00 |
| 277 | 43 | 856 | Bansidhar Panda, Ctc.Road, Near Hotel Kaveri | 52,960.00 |
| 278 | 43 | 863 | Durga Charan Nayak, Ctc Road, Near Hotel Ashoka | 81,432.00 |
| 279 | 43 | 860 | Indramani Nayak, Ctc Road | 2,15,640.00 |
| 280 | 43 | 918 | P.K.Senapati, Old Budheswar Post Office Lane,Laxmi Sagar | 30,944.00 |
| 281 | 43 | 2947 | Indumati Rout, Ctc Road, P.No-136,137, Laxmi Sagar | 7,72,681.00 |
| 282 | 43 | 4041 | Ajoy Mallick, Laxmi Sagar | 39,768.00 |
| 283 | 43 | | Smt.Sneha Prava Nayak | 48,404.00 |
| 284 | 44 | 608 | Ghanashyam Swain, Badagada Village | 10,360.00 |
| 285 | 44 | 4623 | Pravakar Das, Badagada Jharana Sahi | 41,920.00 |
| 286 | 45 | 3482 | Smt.Sabita Panda, P.No- 11/A , Bjb Nagar | 49,140.00 |
| 287 | 45 | 4282 | Mohanty Hotel Pvt.Ltd., P.No- 2271, Ctc Road | 1,14,639.00 |
| 288 | 45 | 877 | B.D Prusty, P.No-3/A, Ctc Road | 15,540.00 |
| 289 | 46 | 277 | Narayan Das ,Suryanagar,Plot No-60, | 6,396.00 |
| 290 | 46 | 358 | Subhadra Devi,Suryanagar-87(P) | 1,224.00 |
| 291 | 46 | 1206 | Soudamini Samantray, Suryanagar-108 | 1,08,295.00 |
| 292 | 46 | 1916 | Chintamani Samantray,Suryanagar-A17/14 | 41,420.00 |
| 293 | 46 | 5174 | Bibhu Dutta Patel,Prabhu Datta Patel,Surya Nagar-1R | 8,51,128.00 |
| 294 | 46 | 2905 | S.N Acharya,Ganga Nagar,Banaja Appartment-Flat No-1/69 | 10,716.00 |
| 295 | 48 | 803 | Late Dr Kailash Ch Mohanty, Plot No-32,Paikanagar | 2,21,888.00 |
| 296 | 49 | 3005 | Snigdha Nayak,Plot No-13(P) | 1,52,232.00 |
| 297 | 49 | 5124 | Krushna Ch Baliarsingh,Plot No-141 | 59,508.00 |
| 298 | 49 | 13259 | M R Samantray,Plot No-A/50 | 1,10,852.00 |
| 299 | 49 | 3250 | Debendra Nath Das, Plot No-B/36 | 31,196.00 |
| 300 | 50 | 8252 | Kishore Ku Pradhan, Plot No-307,Paikanagar | 13,080.00 |
| 301 | 50 | 13105 | Narayan Panda,Plot No-361/1070,Paikanagar | 71,168.00 |
| 302 | 51 | 13566 | Ramkrishna Dash, Plot No-1154/3794,1187/3804,Baramunda,Soubhagya Nagar | 1,37,642.00 |
| 303 | 51 | 15218 | Mamatamayee Mallick,Plot No-1518/6058,Baramunda,Soubhagya Nagar | 1,86,856.00 |
| 304 | 52 | 116 | Hadibandhu Behera,Ganga Nagar-127 | 4,736.00 |
| 305 | 52 | 2746 | B L Das,Ganganagar-222(P) | 4,888.00 |
| 306 | 52 | 5027 | Rabi Narayan Patra,Ganga Nagar-44 | 14,592.00 |
| 307 | 52 | 3958 | Mrs P Dash,Sweety Complex-House No-8 | 20,560.00 |
| 308 | 52 | 1782 | Gajendra Ch Singh,Forest Park,Plot No-57 | 1,53,536.00 |
| 309 | 53 | 3373 | Kousalya Rani Chhabra & Others, P.No- 22/B, Bapuji Nagar | 4,35,376.00 |
| 310 | 53 | 1290 | S Begum , Sqkhabul Khan, P.No- 128, Bapuji Nagar | 10,51,808.00 |
| 311 | 53 | 1311 | Kulam Khan, P.No- 148, Bapuji Nagar | 5,34,800.00 |
| 312 | 53 | 1880 | Chintamani Jena, P.No-236, B.Nagar | 18,904.00 |
| 313 | 54 | 552 | Bhagaban Panda, Near Gosagarswar Chhak, Rath Road | 1,04,400.00 |
| 314 | 54 | 540 | Gobinda Mohapatra, Near Gosagarswar Chhak, Rath Road | 45,504.00 |
| 315 | 54 | 1076 | Sri Duryodhan Pati (Droupadi College), Near Gosagarswar Chhak, Rath Road | 25,57,200.00 |
| 316 | 55 | 205 | Braja Kishore Mishra, P.No-2132/4738, N.Tangi | 82,860.00 |

**ପାକ୍‌ର ଅସ୍ତ୍ରବିରତି ଉଲ୍ଲଂଘନ** ସୀମାରେ ପୁଣି ପାକିସ୍ତାନ ପକ୍ଷରୁ ଶନିବାର ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇଛି। ଅନ୍ତର୍ଜାତୀୟ ସୀମା ନିକଟରେ ଥିବା ଫରୱାର୍ଡ ପୋଷ୍ଟ ଓ ଗ୍ରାମଗୁଡ଼ିକୁ ଟାର୍ଗେଟ କରି ପାକିସ୍ତାନୀ ରେଞ୍ଜର୍ସମାନେ ଗୁଳିଗୋଳା ବର୍ଷଣ କରିଛନ୍ତି। କଠୁଆ ଜିଲାର ସୀମାବର୍ତ୍ତୀ ଅଞ୍ଚଳରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ପାକିସ୍ତାନୀ ରେଞ୍ଜର୍ସମାନେ ମୋର୍ଟାର ମାଡ଼ କରିଥିଲେ। ବିଏସ୍‌ଏଫ୍ ପକ୍ଷରୁ ଏହାର ପାଲଟା ଜବାବ୍ ଦିଆଯାଇଛି।



ରବିବାର ଅରବିନ୍ଦ କେଜ୍ରିୱାଲ ଦିଲ୍ଲୀ ମୁଖ୍ୟମନ୍ତ୍ରୀଭାବେ ଶପଥ ନେବେ। ଏଥିପାଇଁ ରାମଲୀଳା ମଇଦାନରେ ପ୍ରସ୍ତୁତି ଜୋରଦାର ଚାଲିଛି।



ଜୟପୁରର ଏକ ବାଣ ଦୋକାନରେ ନିଆଁ ଲାଗିଯାଇଥିବା ବେଳେ ଅଗ୍ନିଶମ କର୍ମଚାରୀ ଏହାକୁ ଲିଭାଉଛନ୍ତି।




କୋଲକାତାରେ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ବିରୋଧରେ ବିଶାଳ ଶୋଭାଯାତ୍ରା।

# ମଧ୍ୟପ୍ରଦେଶ କଂଗ୍ରେସରେ ଫାଟ

ଭୋପାଳ,୧୫।୨(ପି.ଟି.)

- ପ୍ରତିଶ୍ରୁତି ପାଳନ ଲାଗି ଆନ୍ଦୋଳନ କରିବେ ସିନ୍ଧିଆ
- ଲୋକଙ୍କୁ ପ୍ରତାରିତ କରିଛନ୍ତି ଏମ୍‌ପି ସରକାର: ଭାଜପା



କମଳନାଥ | ଜ୍ୟୋତିରାଦିତ୍ୟ ସିନ୍ଧିଆ

ମଧ୍ୟପ୍ରଦେଶ କଂଗ୍ରେସରେ ଫାଟ ସ୍ପଷ୍ଟ ହୋଇଛି। କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ମଧ୍ୟରେ ରହିଥିବା ବିରୋଧାଭାସ ପୁଣିଥରେ ସାମନାକୁ ଆସିଛି। କମଳନାଥଙ୍କ ନେତୃତ୍ୱକୁ ନେଇ ସିନ୍ଧିଆ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିର୍ବାଚନ ବେଳେ ଦଳ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଉ ନ ଥିବାରୁ ସେ ଏହା ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି। ସିନ୍ଧିଆଙ୍କ ଏହି ଚେତାବନୀର ଦିନକ ପରେ କମଳନାଥ ଏହାର ଜବାବ ରଖିଛନ୍ତି। ସେ କହିଛନ୍ତି, ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ୫ ବର୍ଷ ପାଇଁ, ତାହା ୫ ମାସ ପାଇଁ ନୁହେଁ। ଯଦି ସରକାର ପ୍ରତିଶ୍ରୁତି ରଖିବାରେ ବିଫଳ ହୋଇଛନ୍ତି, ତେବେ ସିନ୍ଧିଆ ଏହା ବିରୋଧରେ ଆନ୍ଦୋଳନକୁ ଓହ୍ଲାନ୍ତୁ ବୋଲି କମଳନାଥ ଚ୍ୟାଲେଞ୍ଜ କରିଛନ୍ତି। ତାଙ୍କୁ ରାସ୍ତାକୁ ଓହ୍ଲାଇବାକୁ କିଏ ମନା କରୁଛି କି ବୋଲି କମଳନାଥ କହିଛନ୍ତି।

ଦୁଇ କଂଗ୍ରେସ ନେତାଙ୍କ ମଧ୍ୟରେ ଏଭଳି କାଦୁଅଫିଙ୍ଗାକୁ ନେଇ ରାଜନୈତିକ ନେତାଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକ ସିନ୍ଧିଆଙ୍କୁ ସମର୍ଥନ କରିଥିବାବେଳେ ଦଳ ଭିତରେ ଆଭ୍ୟନ୍ତରୀଣ କନ୍ଦଳ ବନ୍ଦ ହେବା ଆବଶ୍ୟକ ବୋଲି ଅନ୍ୟମାନେ ମତ ଦେଇଛନ୍ତି। ନିର୍ବାଚନ ଜିତି କ୍ଷମତାକୁ ଆସିଲେ କଂଗ୍ରେସ କୃଷିଋଣ ଛାଡ଼ କରିବା ସହ ଅତିଥି ଶିକ୍ଷକମାନଙ୍କୁ ସ୍ଥାୟୀ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏଥିସହିତ ନିର୍ବାଚନୀ ଇସ୍ତାହାରରେ ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା, ଯାହା ପାଳନ ହେବା ଆବଶ୍ୟକ। ଜଣେ ବରିଷ୍ଠ ନେତା ଭାବରେ ସିନ୍ଧିଆ ଏଥିପାଇଁ ଚିନ୍ତାପ୍ରକଟ କରିବା ସ୍ୱାଭାବିକ ବୋଲି ଦଳର ଅନ୍ୟତମ ନେତା କେଟିଏସ୍ ତୁଲ୍‌ସି କହିଛନ୍ତି। ଅନ୍ୟପକ୍ଷରେ ଭାଜପା ନେତା ଜି.ଭି.ଏଲ୍ ନରସିଂହ ରାଓ କହିଛନ୍ତି, ମଧ୍ୟପ୍ରଦେଶର କମଳନାଥ ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ ନ କରି ଜନସାଧାରଣଙ୍କୁ ପ୍ରତାରିତ କରିଛନ୍ତି। ସିନ୍ଧିଆଙ୍କ ଆନ୍ଦୋଳନ ନିଷ୍ପତ୍ତି ସରକାରଙ୍କ ପାଇଁ ଏକ ଚେତାବନୀ ବୋଲି ସେ କହିଛନ୍ତି। ସିନ୍ଧିଆଙ୍କୁ ରାଜ୍ୟ କଂଗ୍ରେସ ସଭାପତି କରାଯାଇ ନାହିଁ କିମ୍ବା ମୁଖ୍ୟମନ୍ତ୍ରୀ କରାଗଲା ନାହିଁ। ତେଣୁ ଦଳ ଭିତରେ କ୍ଷମତାକୁ ନେଇ କନ୍ଦଳ ଜାରି ରହିଥିବା ଭାଜପା ନେତା ଗଣେଶ ସିଂ କହିଛନ୍ତି। ଦିଲ୍ଲୀ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପ୍ରଦର୍ଶନକୁ ନେଇ ସିନ୍ଧିଆ ଦଳର କେନ୍ଦ୍ରୀୟ ନେତୃତ୍ୱକୁ ସମାଲୋଚନା କରିଥିଲେ।

ଶୁକ୍ରବାର ଟିକମଗଡ଼ ଜିଲାର କୁଡିଲା ଗ୍ରାମରେ ଏକ ସଭାକୁ ଉଦ୍‌ବୋଧନ ଦେଇ ସେ ଅତିଥି ଶିକ୍ଷକମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ଲଢ଼େଇ କରିବେ ବୋଲି କହିଥିଲେ। ଏଥିସହିତ ଫସଲ କ୍ଷୟକ୍ଷତି ସର୍ଭେ ଓ କୃଷିଋଣ ଛାଡ଼ ପ୍ରତିଶ୍ରୁତି ପୂରଣ ହୋଇ ନ ଥିବାରୁ ସେ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଆବଶ୍ୟକ ପଡିଲେ ସେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ସୂଚନାଯୋଗ୍ୟ ମହାରାଷ୍ଟ୍ରରେ କଂଗ୍ରେସ ସରକାର ଗଢ଼ିବା ଦିନଠାରୁ ଦୁଇ ବରିଷ୍ଠ ନେତାଙ୍କ ମଧ୍ୟରେ ମତପାର୍ଥକ୍ୟ ଜାରି ରହିଛି। ସିନ୍ଧିଆ ସମର୍ଥକମାନେ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିଲେ। ପରେ ତାଙ୍କୁ ରାଜ୍ୟ କଂଗ୍ରସ ସଭାପତି କରିବା ପାଇଁ ଦାବି ହୋଇଥିଲା।

## ଏସିଆ ବାହାରେ ପ୍ରଥମ କରୋନା ମୃତ୍ୟୁ

ପ୍ୟାରିସ୍,୧୫।୨(ଏଏଫ୍‌ପି)

ଏସିଆ ମହାଦେଶ ବାହାରେ ପ୍ରଥମ କରୋନା ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁ ଫ୍ରାନ୍ସରେ ଘଟିଛି। ଚାଇନାରୁ ଯାଇଥିବା ଜଣେ ୮୦ ବର୍ଷୀୟ ପର୍ଯ୍ୟଟକ ସେଠାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ଫ୍ରାନ୍ସ ସ୍ୱାସ୍ଥ୍ୟମନ୍ତ୍ରୀ ଆଗ୍ନେସ୍ ବୁଜିନ୍ ସୂଚନା ଦେଇଛନ୍ତି। କରୋନା ସଂକ୍ରମିତ ଏହି ବ୍ୟକ୍ତିଙ୍କୁ ପ୍ୟାରିସ୍‌ର ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଅବନତି ଘଟିଥିଲା ବୋଲି ବୁଜିନ୍ କହିଛନ୍ତି। ଚାଇନାରେ କରୋନାଜନିତ ମୃତ୍ୟୁସଂଖ୍ୟା ୧୫୦୦ ଟପିଥିବାବେଳେ ୬୬,୦୦୦ରୁ ଊର୍ଦ୍ଧ୍ୱ ଏଥିରେ ଆକ୍ରାନ୍ତ ଥିବା ଜଣାପଡିଛି। ଚାଇନା ବାହାରେ ଫିଲିପାଇନ୍ସ, ହଂକଂ ଏବଂ ଜାପାନରେ ଜଣେ ଲେଖାଏ ଏହି ଭୂତାଣୁ ସଂକ୍ରମଣରେ ପ୍ରାଣ ହରାଇଛନ୍ତି। ହୁବେଇ ପ୍ରଦେଶ ଓ ଏହାର ରାଜଧାନୀ ଉହାନରେ ୫୬ ନିୟୁତ ଲୋକଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇ ଚିକିତ୍ସା କରାଯାଉଛି। ଚାଇନା ବାହାରେ ୬୦୦ ରୋଗୀ ଚିହ୍ନଟ ହୋଇଥିବାବେଳେ ସେଥିରୁ ୟୁରୋପୀୟ ୟୁନିୟନରେ ୩୫ ଜଣ ରହିଛନ୍ତି। ଫ୍ରାନ୍ସରେ ଏବେ ୬ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ମାନହାନି ମାମଲାରେ ରବିଶଙ୍କରଙ୍କୁ ସମନ

ଥିରୁଭାନନ୍ତପୁରମ୍,୧୫।୨(ପି.ଟି.)



ଏକ ମାନହାନି ମାମଲାରେ ହାଜର ହେବା ଲାଗି କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଶନିବାର କେରଳର ଏକ ଅଦାଲତ ସମନ ଜାରି କରିଛନ୍ତି। ସ୍ତ୍ରୀ ସୁନନ୍ଦା ପୁଷ୍କରଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ବରିଷ୍ଠ କଂଗ୍ରେସ ନେତା ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ୨୦୧୮ ଡିସେମ୍ବରରେ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ଏହା ପୂର୍ବରୁ ଥରୁର ରବିଶଙ୍କରଙ୍କ ନିକଟକୁ ଓକିଲ ନୋଟିସ ପଠାଇ ନିଃସର୍ତ୍ତ କ୍ଷମା ମାଗିବାକୁ କହିଥିଲେ। ସୁନନ୍ଦା ମୃତ୍ୟୁ ମାମଲାର ତଦନ୍ତ ଶେଷ ହୋଇଛି ଓ ପୋଲିସ କୋର୍ଟରେ ବୃତ୍ତାନ୍ତ ରିପୋର୍ଟ ଦାଖଲ କରିସାରିଛି। ଏଥିରେ ସୁନନ୍ଦାଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ନ ଥିବାବେଳେ ଥରୁର ଜଣେ ହତ୍ୟା ଅଭିଯୁକ୍ତ ବୋଲି ରବିଶଙ୍କର କହିଥିଲେ। ତାଙ୍କୁ ମେ ୨ରେ ହାଜର ହେବା ଲାଗି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ୧୨ ମୃତ,୨୩ ଆହତ

**ଇସ୍‌ଲାମାବାଦ,୧୫।୨ (ପି.ଟି.):** ଦକ୍ଷିଣ-ପଶ୍ଚିମ ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ ଜଣ ପ୍ରାଣ ହରାଇଛନ୍ତି। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ଖାତ ଭିତରକୁ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ୨୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଲାସ୍‌ବେଲାରୁ ଝାଲ୍ ମାଗ୍‌ସିକୁ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଉଥିବା ବେଳେ ବାରେଜା ଅଞ୍ଚଳର ଖଚଜ୍‌ଦାର-ଝାଲ୍ ମାଗ୍‌ସି ଜରତୀୟ ରାଜପଥରେ ଏଭଳି ଦୁର୍ଘଟଣା ଘଟିଥିଲା।

## ଡିଜେ ଶବ୍ଦରେ ବରଙ୍କ ମୃତ୍ୟୁ

**ହାଇଦ୍ରାବାଦ,୧୫।୨(ଆଇଏଏନ୍‌ଏସ୍):** ତେଲଙ୍ଗାନାର ନିଜାମାବାଦ ଜିଲା ଅନ୍ତର୍ଗତ ବୋଧନ ସହରରେ ଏକ ବାହାଘର ଶୋଭାଯାତ୍ରାରେ ଉତ୍କଟ ଡିଜେ ଶବ୍ଦରେ ମୂର୍ଚ୍ଛା ଯାଇଥିବା ବରଙ୍କର ମୃତ୍ୟୁ ହୋଇଯାଇଛି। ହାଇଦ୍ରାବାଦଠାରୁ ପ୍ରାୟ ୨୦୦ କିଲୋମିଟର ଦୂରରେ ଏହି ଦୁଃଖଦ ଘଟଣା ଘଟିଛି। ଅତ୍ୟଧିକ ଶବ୍ଦ ଯୋଗୁ ବର ଏମ୍. ଗଣେଶ ଅସୁସ୍ଥ ଅନୁଭବ କରିବା ସହ ବେହୋସ ହୋଇଯାଇଥିଲେ। ତାଙ୍କୁ ପାଖ ହସ୍ପିଟାଲକୁ ନିଆଯାଇଥିଲା। ସେତେବେଳକୁ ଗଣେଶଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇସାରିଥିଲା ବୋଲି ଡାକ୍ତର କହିଛନ୍ତି।

## ଶାହ ଫୈଜଲଙ୍କ ବିରୋଧରେ ପିଏସ୍‌ଏରେ ମାମଲା

ଶ୍ରୀନଗର,୧୫।୨(ପି.ଟି.)



ପୂର୍ବତନ ଆଇଏଏସ୍ ଅଫିସରରୁ ରାଜନେତା ହୋଇଥିବା ଶାହ ଫୈଜଲଙ୍କ ବିରୋଧରେ ଜମ୍ମୁ-କଶ୍ମୀର ପ୍ରଶାସନ ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ)ରେ ମାମଲା ରୁଜୁ କରିଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠାରୁ ଫୈଜଲ ଅଟକ ରହିଥିଲେ। ଶୁକ୍ରବାର ତାଙ୍କ ବିରୋଧରେ ପିଏସ୍‌ଏରେ ମାମଲା ରୁଜୁ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଉମାର ଅବ୍‌ଦୁଲ୍ଲା, ମେହବୁବା ମୁଫ୍‌ତିଙ୍କ ବିରୋଧରେ ପୂର୍ବରୁ ପିଏସ୍‌ଏ ଲାଗୁ ହୋଇଥିଲା। ଆଇନ ଶୃଙ୍ଖଳା କିମ୍ବା ରାଜ୍ୟର ସୁରକ୍ଷା ପ୍ରତି ବିପଦ ଦର୍ଶାଇ ଜଣେ ବ୍ୟକ୍ତିଙ୍କୁ ପିଏସ୍‌ଏରେ ୬ ମାସରୁ ୨ ବର୍ଷ ଅଟକ ରଖାଯାଇପାରିବ। ଗତବର୍ଷ ଅଗଷ୍ଟ ୧୩ ତାରିଖ ରାତିରେ ଫୈଜଲ ଇସ୍ତାନବୁଲ ଯିବା ପାଇଁ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିବାବେଳେ ତାଙ୍କୁ ଅଟକା ଯାଇ ଶ୍ରୀନଗର ଅଣାଯାଇଥିଲା। ସେବେଠାରୁ ସେ ଅଟକ ରହିଛନ୍ତି। ଫୈଜଲ ଆଇଏଏସ୍ ଅଫିସର ପଦବୀରୁ ଇସ୍ତଫା ଦେବା ପରେ ଜମ୍ମୁ-କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ ନାମରେ ଏକ ଦଳ ଚଳାଉଥିଲେ।

## ଜାତିଆଣ ହିଂସାରେ ୪୦ ମୃତ

ବମାକୋ,୧୫।୨ (ପି.ଟି.)

କେନ୍ଦ୍ରୀୟ ମାଲିରେ ଜାତିଆଣ ହିଂସା ଉଗ୍ରରୂପ ଧାରଣ କରିଛି। ଏହି ହିଂସାରେ ୪୦ ଜଣଙ୍କ ପ୍ରାଣହାନି ଘଟିଛି। ମୃତକଙ୍କ ମଧ୍ୟରେ ୯ ସେନା ଥିବା ଜଣାପଡ଼ିଛି। ଡୋଗୋନ୍ ସମ୍ପ୍ରଦାୟର ଲୋକଙ୍କ ଆକ୍ରମଣରେ ଓଗୋସାଗୋଉରେ ଫୁଲାନୀ ସମ୍ପ୍ରଦାୟର ୩୨ ଜଣଙ୍କ ମୃତ୍ୟୁ ଘଟିଛି। ପାଖାପାଖି ୩୦ ବନ୍ଧୁକଧାରୀ ଆକ୍ରମଣ କରିଥିଲେ। ୨୮ ଜଣ ନିଖୋଜ ଥିବାବେଳେ ପରିସ୍ଥିତି ସେଠାରେ ଭୟଙ୍କର ହୋଇପଡ଼ିଛି। ପ୍ରକାଶଥାଉ କି, ଗତବର୍ଷ ମାର୍ଚ୍ଚରେ ଏଠାରେ ସଂଘର୍ଷ ଘଟି ପ୍ରାୟ ୧୬୦ ଲୋକଙ୍କ ମୃତ୍ୟୁ ହୋଇଥିଲା।

## ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିବେ ଶାହିନବାଗ ବିକ୍ଷୋଭକାରୀ

ନୂଆଦିଲ୍ଲୀ,୧୫।୨




ଶାହିନବାଗରେ ପ୍ରାୟ ଦୁଇମାସ ହେଲା ଆନ୍ଦୋଳନ ଚଳାଇଥିବା ବିକ୍ଷୋଭକାରୀ ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରାରେ ବାହାରିବାକୁ ସଜବାଜ ହେଉଛନ୍ତି। ସେମାନେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କରେ ଶାହାଙ୍କ ସହ ଆଲୋଚନା କରିବେ। ତେବେ ଶାହାଙ୍କ ସହ କୌଣସି ବୈଠକ କାର୍ଯ୍ୟସୂଚୀ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିକ୍ଷୋଭକାରୀମାନେ ସିଏଏ ଏବଂ ଏନ୍‌ଆର୍‌ସି ପ୍ରସଙ୍ଗରେ ଆଲୋଚନା କରିବେ ବୋଲି କହିଥିବାବେଳେ ଏଥିପାଇଁ ମନ୍ତ୍ରୀଙ୍କ ଅନୁମତି ମାଗି ନ ଥିବା ସ୍ୱୀକାର କରିଛନ୍ତି। ସିଏଏକୁ ନେଇ କାହାର କିଛି ସନ୍ଦେହ ଥିଲେ ତାଙ୍କ କାର୍ଯ୍ୟାଳୟକୁ ଆସି ଆଲୋଚନା କରିପାରିବେ ବୋଲି ଶାହା ଦୁଇଦିନ ପୂର୍ବେ କହିଥିଲେ।

## ଏମ୍‌ପି, ସିକିମ,କେରଳର ଭାଜପା ମୁଖ୍ୟ ନିଯୁକ୍ତ

**ନୂଆଦିଲ୍ଲୀ,୧୫।୨ (ପି.ଟି.):** ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଶନିବାର ବିଷ୍ଣୁଦତ୍ତ ଶର୍ମାଙ୍କୁ ମଧ୍ୟପ୍ରଦେଶ(ଏମ୍‌ପି)ର ଦଳୀୟ ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ସେହିଭଳି ସିକିମ୍‌ର ଭାଜପା ମୁଖ୍ୟ ଭାବେ ବାହାଦୁର ଶର୍ମା ଓ କେରଳ ୟୁନିଟ୍ ମୁଖ୍ୟ ଭାବେ କେ. ସୁରେନ୍ଦ୍ରନ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଦଳକୁ ଅଧିକ ସୁଦୃଢ଼ କରିବା ଲାଗି ନଡ୍ଡା ଏମାନଙ୍କୁ ଶନିବାର ନିଯୁକ୍ତି ଦେଇଥିବା ଜଣାପଡ଼ିଛି।

## କୋର୍ଟରେ ହାଜର ନ ହେବାରୁ ଥରୁର୍‌ଙ୍କୁ ୫୦୦୦ ଟଙ୍କା ଜରିମାନା

ନୂଆଦିଲ୍ଲୀ,୧୫।୨(ପି.ଟି.)



ଏକ ମାନହାନି ଅଭିଯୋଗ ମାମଲାରେ କଂଗ୍ରେସ ନେତା ଶଶୀ ଥରୁର କୋର୍ଟରେ ହାଜର ହୋଇ ନ ଥିବାରୁ ତାଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ୫୦୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସେ କଙ୍କଡାବିଛା ମନ୍ତବ୍ୟ ଦେଇଥିଲେ। ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ବିଶାଲ ପହୁଜାଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଥରୁର ହାଜର ହୋଇ ନ ଥିଲେ। ଦିଲ୍ଲୀ ଭାଜପା ନେତା ରାଜୀବ ବବ୍ବର ଥରୁରଙ୍କ ବିରୋଧରେ ମାନହାନି ଅଭିଯୋଗ ଆଣିଥିଲେ। ଥରୁରଙ୍କ ମନ୍ତବ୍ୟ ତାଙ୍କ ଭଳି ଦେଶର କୋଟି କୋଟି ଶିବଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଥିବା ବବ୍ବର ଅଭିଯୋଗରେ ଦର୍ଶାଇଥିଲେ।

## [ଇତିହାସର ଆଇନାରେ] ଫେବୃୟାରୀ ୧୬ର ପ୍ରମୁଖ ଘଟଣା

୧୯୯୮ ଫେବୃୟାରୀ ୧୬ରେ ଚାଇନାର ଏକ ବିମାନ ତାଇୱାନର ଚିଆଙ୍ଗ କାଇ ଶେକ୍ ବିମାନବନ୍ଦର ଅନ୍ତର୍ଗତ ଏକ ଜନବସତି ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବାରୁ ପ୍ରାୟ ୧୯୬ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା।

୨୦୧୩ ଫେବୃୟାରୀ ୧୬ରେ ପାକିସ୍ତାନର କ୍ୱେଟା ପ୍ରଦେଶ ଅନ୍ତର୍ଗତ ହଜାରା ସହରସ୍ଥିତ ଏକ ମାର୍କେଟରେ ବୋମା ବିସ୍ଫୋରଣ ହେବା ଫଳରେ ୮୦ ଜଣଙ୍କ ପ୍ରାଣହାନି ଘଟିଥିଲା। ପ୍ରାୟ ୨୦୦ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ।

| Sl. No. | Ward No. | Holding No. | Name & Address of the defaulters | Amount |
|---|---|---|---|---|
| 317 | 55 | 257(A) | Banamali Sahoo, Bidyadhar Sahoo, Sridhar Sahoo, P.No- 2930/4579, N.Tangi | 35,048.00 |
| 318 | 55 | 277 | K.K Rout, P.No-2987, N.Tangi Infront Of Nageswar Temple | 44,336.00 |
| 319 | 55 | 314 | Bikash Deb, P.No-401, N.Tangi,Harihar Bidyapitha High School | 30,352.00 |
| 320 | 55 | 1385 | B.B Kar, P.No-4323(C), Lewis Road,New Rabitalkies | 25,568.00 |
| 321 | 55 | 1475 | Pravakar Sahoo, P.No- 3671/4304 N.Tangi.Near Hanuman Temple | 17,696.00 |
| 322 | 55 | 1645 | Chaman Lall Narula & Arunbala Narula, P.No-2132/5070, 503(P) N.Tangi,Near N.C.C.Office | 21,424.00 |
| 323 | 55 | 2369 | Sri Jugal Kishore Praharaj,Ramanath Praharaj,Rashnath Praharaj, P.No- 503/4269, Lewis Road | 44,712.00 |
| 324 | 55 | 2380 | Siromani Sahoo, W/O: Ashok Ku.Sahoo, P.No-2997/5167, N.Tangi | 29,336.00 |
| 325 | 55 | 2423 | Arnapurna Memorial,Charitable Trust & For Medical Science Spiritual Development Through The Managing Trusty.-Mrs.Mandakini Das, P.No-2763/5637 | 22,75,524.00 |
| 326 | 56 | 955(A) | Sri B. Ch.Pattnaik, P.No-03, Bjb Nagar | 37,044.00 |
| 327 | 56 | 156(A) | Sri P.K.Das & Others, P.No-392/1091, Bjb Nagar | 69,040.00 |
| 328 | 56 | 135(B) | Sri H.K.Giri, P.No-572, Bjb Nagar | 21,548.00 |
| 329 | 56 | 4061 | Mrs.H.P.Biswal, P.No- 387, Bjb Nagar | 63,108.00 |
| 330 | 56 | 978 | Dr.M.M. Pradhan, P.No- K-1, Bjb Nagar | 27,600.00 |
| 331 | 57 | 4600 | Prahallad Sarangi, P.No-S-27 | 8,712.00 |
| 332 | 57 | 1803 | Sanjukta Patra, Plot No-Eb-364 | 51,920.00 |
| 333 | 58 | 730 | Kailash Ch.Mohapatra, P.No-6, Rabitalkies | 1,54,912.00 |
| 334 | 58 | 802 | Rabi Narayan Mallick, P.No-47,Rajarani Colony | 25,088.00 |
| 335 | 58 | 2427 | Laxman Sahoo, P.No-3556, Ratnakarbag-I | 23,744.00 |
| 336 | 58 | 4104 | Mrs.Aruna Dhal, P.No-191,204, 205,206, Lewisroad Rajarani | 97,250.00 |
| 337 | 58 | 4459 | Manorama Rath & Debasis Rath, P.No-134,Kedargouri, Rajarani | 54,120.00 |
| 338 | 58 | 2218 | Sudarsan Sahoo, P.No- 181, Samantarapur | 96,000.00 |
| 339 | 58 | 2812 | Ajaya Ku.Mishra, P.No- 571, Lewisroad, Rajarani | 2,30,616.00 |
| 340 | 59 | 558 | Smt Satyabhama Patasani, P.No-2153, Samantarapur | 35,992.00 |
| 341 | 59 | 3224 | Pranati Praharaj, P.No- 992, Sriram Nagar | 30,168.00 |
| 342 | 59 | 2658 | Bijaya Ku.Praharaj & Ajaya Ku. Praharaj, P.No-992, Sriram Nagar | 2,41,721.00 |
| 343 | 60 | 1931 | Smt. Sandhyarani Mohanty & Smt. Swarnapriya Mohanty, P.No-2499, Gouri Nagar | 16,016.00 |
| 344 | 60 | 3058 | Smt.Sebati Devi, P.No- 3054/4118 Kedargouri Road | 3,15,700.00 |
| 345 | 60 | 3061 | Smt.Pitei Samartha, P.No- Hatasahi | 8,460.00 |
| 346 | 60 | 2400 | Harihara Mallia, P.No-2051 To 2060, Mahatab Road | 1,12,464.00 |
| 347 | 60 | 236 | Dilip Ku.Mandal, P.No- Bindusagar Road | 12,736.00 |
| 348 | 61 | 1822 | N.Tripathy, P.No-Lb-62, Bhimtangi | 1,92,600.00 |
| 349 | 61 | 1754 | Ch.Narendra Subudhi, P.No-Lb-18 | 28,672.00 |
| 350 | 61 | 2918 | Bimalendu Acharya, P.No-1630/3073, Kapilprasad | 37,224.00 |
| 351 | 61 | 1177 | Harekrushna Pati, P.No-M-24, Bhim Tangi | 3,28,840.00 |
| 352 | 61 | 1022 | Sudhakar Mohapatra, P.No-Al-1, Bhimtangi | 4,196.00 |
| 353 | 61 | 1060 | Laxman Behera, P.No- Al-20, Bhimtangi | 8,188.00 |
| 354 | 61 | 1026 | A.K.Biswal, P.No-Al-79, Bhimtangi | 34,524.00 |
| 355 | 62 | 3174 | Smt Sujata Mohanty,A/45,Lingaraj Vihar, Pokhariput | 35,704.00 |
| 356 | 62 | 2567 | Smt Sanjulata Moahanty.Plot - 1579/2884,Bhaktamadhu Nagar,Gandamunda | 73,824.00 |
| 357 | 62 | 3728 | Sri Kedar Nath Panda,Hig,Duplex No-07,Phase No I,Bda Colony,Pokhariput | 14,556.00 |
| 358 | 63 | 4533 | Ajit Ku Mangaraj,Plot No-804/2267,Khandagiri Resturant | 6,37,450.00 |
| 359 | 63 | 1178 | Sukalata Biswal W/O Sri Govinda Biswal,Jagamara Village | 19,332.00 |
| 360 | 63 | 1179 | Sukanti Biswal.W/O Sri Govinda Biswal,Jagamara Village | 30,624.00 |
| 361 | 63 | 493 | Kumar Behera,Plot No-1411,Siripur Chhak, | 1,23,720.00 |
| 362 | 67 | 2183 | Smt.Kunjalata Udayasingh, P.No-Hig-1/54, Bda Colony Kapila Prasad | 7,140.00 |
| 363 | 67 | 2212 | Lokanath Parida, P.No- 816, Kapilaprasad | 8,736.00 |
| 364 | 67 | 2266 | Pabitra Manjari Badajena, P.No- 1288, Infront Of Kapilaprasad Medical | 1,56,528.00 |

ନିର୍ଦ୍ଦେଶକ୍ରମେ
*Sd./- Deputy Commissioner*
*Bhubaneswar Municipal Corporation*
OIPR-13002/11/0014/1920

# ଫୁଡ୍ ବିଜ୍‌ନେସ୍: ବଢୁଛି ଡିମାଣ୍ଡ

ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ବଢୁଛି ଫୁଡ୍ ବିଜ୍‌ନେସ୍ ପ୍ରତି ଆଗ୍ରହ। ଏହା ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ବେଶ୍ ଭଲ ଆୟର ସୁଯୋଗ ବି ଦେଉଛି...












ସମୟ ସହ ତାଳ ଦେଇ ସମସ୍ତଙ୍କ ଖାଦ୍ୟରୁଚିରେ ମଧ୍ୟ ପରିବର୍ତ୍ତନ ଆସିଛି। ଏହାକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ନୂଆନୂଆ ହୋଟେଲ, ରେଷ୍ଟୁରାଣ୍ଟ, ଫୁଡ୍‌ଷ୍ଟଲ ସଂଖ୍ୟା ବି ବଢ଼ିବାରେ ଲାଗିଛି। କେବଳ ଏତିକି ନୁହେଁ, ଅନ୍‌ଲାଇନ୍‌ରେ ମଧ୍ୟ ଫୁଡ୍ ସାଇଟ୍ସର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି। ତେବେ ଏସବୁ ଯେ କେବଳ ଖାଦ୍ୟପ୍ରେମୀଙ୍କ ଭୋକ ମେଣ୍ଟାଇବାରେ ସାହାଯ୍ୟ କରୁଛି ତା' ନୁହେଁ, ବରଂ ଅପରପକ୍ଷେ ଫୁଡ୍ ବିଜ୍‌ନେସ୍‌ର ବଢୁଥିବା ଡିମାଣ୍ଡ ଅନେକଙ୍କୁ ରୋଜଗାରକ୍ଷମ ହେବାରେ ସାହାଯ୍ୟ କରୁଛି। ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଏଥିପ୍ରତି ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଜବ୍ ନ ପାଇ ବେକାର ବୁଲୁଥିବା ଶିକ୍ଷିତ ଯୁବକମାନେ ମଧ୍ୟ ବିଭିନ୍ନ ଫୁଡ୍ ଷ୍ଟଲ୍, ରେଷ୍ଟୁରାଣ୍ଟ ଏବଂ ଫୁଡ୍‌ଟ୍ରକ୍ ଖୋଲି ଭଲ ରୋଜଗାର କରିପାରୁଛନ୍ତି। ଏହାବ୍ୟତୀତ ବିଭିନ୍ନ ପ୍ରକାରର ଫୁଡ୍ ବିଜ୍‌ନେସ୍‌ର ଡିମାଣ୍ଡ ଯୁବପିଢ଼ିଙ୍କଠାରେ ବଢୁଥିବା ଦେଖିବାକୁ ମିଳୁଛି....

**କ'ଣ କୁହନ୍ତି ଏମାନେ...**

**ମନମୋହନ ନାୟକ** (ବ୍ୟବସାୟୀ, କଟକ)- ୨୦୧୪ ମସିହାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର (ପିଜି) ହାସଲ କରି କିଛି ମାସ ଏକ ସଂସ୍ଥାରେ କାର୍ଯ୍ୟ କଲି। ହେଲେ ସେଥିରୁ ମିଳୁଥିବା ଦରମାରେ ମୋର ଆର୍ଥିକ ଆବଶ୍ୟକତା ପୂରଣ ହୋଇପାରି ନ ଥିଲା। ଫଳରେ ବାଧ୍ୟ ହୋଇ ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଲି ଏବଂ ଏଥିପାଇଁ ବାଛିଲି ଫୁଡ୍‌ଷ୍ଟଲ। ପ୍ରଥମେ କଲେଜ ଛକ ଅଞ୍ଚଳରେ ମୋହନ ଫୁଡ୍‌କୋର୍ଟ ନାମରେ ଏକ ଷ୍ଟ୍ରିଟ୍ ଫୁଡ ସେଣ୍ଟର ଖୋଲିଲି। ସେଠାକୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରାୟ ୩୦୦ରୁ ୪୦୦ ଛାତ୍ରୀଛାତ୍ର ପ୍ରତ୍ୟହ ଖାଇବାକୁ ଆସନ୍ତି। ବ୍ୟବସାୟ ଭଲ ଚାଲିବାରୁ ବର୍ତ୍ତମାନ କଟକର ମେଡିକାଲ ଛକ ଓ ପୁରୀଘାଟ ଅଞ୍ଚଳରେ ଆଉ ଦୁଇଟି ଷ୍ଟଲ୍ ଖୋଲିଛି। ତେବେ ଉଚ୍ଚଶିକ୍ଷା ହାସଲ କରି ବ୍ୟବସାୟ କରିବା ବିଷୟରେ ସେ କୁହନ୍ତି, ମଣିଷକୁ ଅର୍ଥ ଦରକାର। ସତ୍ ମାର୍ଗରେ ଅର୍ଥ ଉପାର୍ଜନ କରିପାରିଲେ କିଛି କ୍ଷତି ନାହିଁ। ଚାକିରି ହେଉ କି ବ୍ୟବସାୟ, ସେଥିରେ କିଛି ଫରକ ପଡ଼େନି। ଏବେ ଚାକିରି ଜୀବନରେ ଅନେକ ସଂଘର୍ଷ କରିବାକୁ ପଡୁଛି । ତେଣୁ ମୋ' ମତରେ ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହୋଇ ରୋଜଗାର କରିବା ବର୍ତ୍ତମାନ ସବୁଠୁ ଭଲ ଉପାୟ।

**ଅକ୍ଷୟ କୁମାର ସାହୁ** (ବ୍ୟବସାୟୀ, ବ୍ରହ୍ମପୁର)- ପାଠ ପଢ଼ା ପରେ ସରକାରୀ ଚାକିରି କରିବା ଲାଗି ବହୁ ଉଦ୍ୟମ କରିଥିଲି। ସେଥିପାଇଁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ମଧ୍ୟ ଦେଇଥିଲି। ବହୁବାର ଚେଷ୍ଟା ପରେ ବିଫଳ ହେଲି। ହେଲେ ରୋଜଗାରକ୍ଷମ ହେବାର ନିଶା ଥିଲା। ତେଣୁ ଚାକିରି ପଛରେ ଧାଇଁ ଧାଇଁ ଅଯଥା ସମୟ ନଷ୍ଟ ନ କରି ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଲି। ଅନେକ ସାଙ୍ଗ ଏବଂ ପରିବାରର ବରିଷ୍ଠ ସଦସ୍ୟଙ୍କ ପରାମର୍ଶ ନେଇଥିଲି। ବ୍ରହ୍ମପୁର ସହରରେ କେଉଁ ବ୍ୟବସାୟ କରିବା ଦ୍ୱାରା ସଫଳ ହୋଇପାରିବି, ସେନେଇ ଅନେକ ଅନୁସନ୍ଧାନ କରିଥିଲି । ରାଜ୍ୟ ଏବଂ ରାଜ୍ୟ ବାହାରୁ ଛାତ୍ରୀଛାତ୍ରମାନେ ବ୍ରହ୍ମପୁରକୁ ପଢ଼ିବାକୁ ଆସୁଥିବାରୁ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ସଂଖ୍ୟା ବଢ଼ିବାରେ ଲାଗିଛି। ତା'ଛଡା ଅନେକ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ରହିଛି । ତେଣୁ ଛାତ୍ରୀଛାତ୍ର ଏବଂ ଏହି ଅନୁଷ୍ଠାନଗୁଡିକରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଖାଇବା ନେଇ ଅସୁବିଧା ଭୋଗୁଥିବା ଜାଣିବାକୁ ପାଇଲି। ସେଥିପାଇଁ ସେମାନଙ୍କ ମନମୁତାବକ ଘରୋଇ ଖାଦ୍ୟ ଯୋଗାଇବା ଲକ୍ଷ୍ୟ ନେଇ ଆରମ୍ଭ କଲି 'ଡବ୍‌ବା ଖାନା'। ଖୁବ୍ କମ୍ ଦରରେ ଲୋକମାନଙ୍କ ପାଖରେ ଘରୋଇ ଖାଦ୍ୟ ଯୋଗାଇ ଦେଉଛି। ଏହା ସେମାନଙ୍କୁ ବେଶ୍ ପସନ୍ଦ ଆସୁଛି। ସତ କହିବାକୁ ଗଲେ ନିଜସ୍ୱ ଉଦ୍ୟମରେ ବ୍ୟବସାୟ କରି ଭଲ ରୋଜଗାର ହେବା ସହ ବେଶ୍ ଆତ୍ମସନ୍ତୋଷ ବି ମିଳୁଛି।


ମନମୋହନ


ଅକ୍ଷୟ



## ଯୁ | ଥ୍ | ଆ | ଲ | ର୍ଟ

# ଡିଜିଟାଲ ଡିଟକ୍ସ

ବର୍ତ୍ତମାନ ପିଲାଙ୍କଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଘାରିଛି ମୋବାଇଲ୍ ଫୋନ ନିଶା। ତେବେ ଏହି ଆଡିକ୍ସନ ଅଜାଣତରେ ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଅନେକେ ପ୍ରତିଦିନ ଏଥିରୁ କିଛି ସମୟ ଦୂରେଇ ରହିବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ଡିଜିଟାଲ୍ ଡିଟକ୍ସ ବୋଲି କୁହାଯାଉଛି। ଯଦି ଆପଣ ଏପରି କରିବାକୁ ଚାହାନ୍ତି, ତେବେ ଜାଣନ୍ତୁ କିପରି କରିବେ ଏବଂ କ'ଣ ଲାଭ ପାଇବେ...





■ ଡିଜିଟାଲ୍ ଡିଟକ୍ସ ଲାଗି ସର୍ବପ୍ରଥମେ ଆପଣ ଏପରି କାହିଁକି କରିବେ ଏବଂ ଏହାଦ୍ୱାରା ଆପଣଙ୍କୁ କ'ଣ ଲାଭ ମିଳିବ ସେ ସମ୍ପର୍କରେ ଭଲଭାବେ ଚିନ୍ତା କରିବା ଦରକାର। ଯାହାକି ଆପଣଙ୍କୁ ଏଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ।

■ ଡିଜିଟାଲ ଡିଟକ୍ସ ମାନେ ନୁହେଁ ଯେ, ମାତ୍ର କିଛି ସମୟ ମନକୁ ବୁଝାଇ ରଖିବେ ଏବଂ ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବେ। ଏଥିପାଇଁ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିବା ଦରକାର। ଧୀରେଧୀରେ ସେହି ସମୟ ଅବଧିକୁ ବଢ଼ାଇବା ଦ୍ୱାରା ଅଧିକ ଉପକୃତ ହୋଇପାରିବେ।

■ ଏଥିପାଇଁ ଆପଣଙ୍କୁ ନିଜ ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖିବା ସହ ବିଭିନ୍ନ ଆପ୍ ବିଶେଷକରି ସୋସିଆଲ୍ ସାଇଟ୍ସ ଆପ୍‌ଗୁଡିକର ନୋଟିଫିକେଶନ ଅଫ୍ କରି ରଖିବାକୁ ହେବ। ତେବେ ଫୋନ୍‌କୁ ଆଖି ଆଗରେ ନ ରଖି ଅନ୍ୟ ରୁମ୍‌ରେ ରଖିଲେ ଆପଣଙ୍କ ଲାଗି ଡିଜିଟାଲ୍ ଡିଟକ୍ସ ଅଧିକ ସହଜ ହୋଇପାରିବ।

■ ଏଥିରୁ ଆପଣଙ୍କୁ ମିଳୁଥିବା ଫାଙ୍କା ସମୟର ସଦୁପଯୋଗ କରିବା ଲାଗି ପୂର୍ବରୁ ପ୍ଲାନିଂ କରିବା ଦରକାର। ଯେମିତିକି କିଛି ନୂଆ ଶିଖିବେ, ପରିବାର ସହ କ୍ୱାଲିଟି ସମୟ ବିତାଇବେ, ବୁଲିବେ, ନିଜ ରୁଚି ଥିବା କାର୍ଯ୍ୟ କରିବେ, ମନୋରଞ୍ଜନ କରିବେ ଇତ୍ୟାଦି। ଏହାଦ୍ୱାରା ଆପଣ ନିଜ ଫୋନ୍ ଦୁନିଆରୁ ଦୂରରେ ରହି ବୋର୍ ହେବା ବଦଳରେ ଅଧିକ ଖୁସି ପାଇବେ।

**ଲାଭ:** ମୋବାଇଲ୍ ଫୋନ୍, ଟାବ୍‌ଲେଟ୍, ଲାପ୍‌ଟପ୍, କମ୍ପ୍ୟୁଟର ଆଦିର ବ୍ୟବହାର ଏକ ନିଶା। ତେଣୁ ଏଥିରୁ ଦୂରେଇ ରହିବା ଲାଗି ବର୍ତ୍ତମାନ ଡିଜିଟାଲ୍ ଡିଟକ୍ସ ପ୍ରତି ଅନେକେ ଆଗ୍ରହୀ ହେଉଛନ୍ତି। ଏହାଦ୍ୱାରା ମାନସିକ ଶାନ୍ତି ମିଳିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ପାଉଛି। ପରିବାର ତଥା ନିଜ ବନ୍ଧୁ ପରିଜନଙ୍କ ସହ କିଛି ଭଲ ସମୟ ବିତାଇ ପାରିବେ। ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହିବା ଯୋଗୁ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ବି ଦୂରହୋଇପାରିବ।

**ଜାଣନ୍ତୁ ଦୁନିଆ**

ସୁସ୍ଥ ରହିବା ଲାଗି ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା କେତେ ଜରୁରୀ, ତାହା ସମସ୍ତଙ୍କୁ ଜଣା। ତେଣୁ ଦରକାର ବେଳେ ଆମେ ପିଇବା ପାଣି କିଣିବାକୁ ବି ପଛାଇ ନ ଥାଉ। ହେଲେ ଏହି ପାଣି ବୋତଲର ଦାମ୍ ଯେ ଏତେ ଅଧିକ ହୋଇପାରେ, ତାହା ଜାଣିଲେ ଆପଣମାନେ ଆଶ୍ଚର୍ଯ୍ୟ ହେବେ ନିଶ୍ଚିତ। ତେବେ ଆସନ୍ତୁ ଜାଣିବା ଏଭଳି କିଛି ଦାମୀ ପାଣି ବୋତଲ ସମ୍ପର୍କରେ...

# ଦାମୀ ପାଣି ବୋତଲ

**ଆକ୍ୱା ଡି କ୍ରିଷ୍ଟାଲୋ ଟ୍ରିବ୍ୟୁଟୋ ଏ ମୋଡିଗ୍ଲିଆନି:** ପୃଥିବୀର ସବୁଠୁ ଦାମୀ ପାଣି ବୋତଲ ଭାବେ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ମାତ୍ର ୭୫୦ମିଲି. ପାଣି ଥିବା ଏହି ଗୋଟିଏ ବୋତଲର ଦାମ୍ ୬୦,୦୦୦ ଡଲାର ଅର୍ଥାତ୍ ୪୨,୪୩,୧୬୦ ଟଙ୍କା। ଫ୍ରାନ୍ସ ଏବଂ ଫିଜିରେ ମିଳୁଥିବା ଉକ୍ତ ପାଣି ବୋତଲର ଦାମ୍ ଏତେ ଅଧିକ ହେବା ପଛର ମୁଖ୍ୟ କାରଣ ହେଉଛି ଏହି ବୋତଲରେ ଲାଗିଥିବା ୨୪ କ୍ୟାରେଟ୍ ସୁନା ଏବଂ ଅନ୍ୟ ମୂଲ୍ୟବାନ୍ ଧାତୁ। ତେବେ ଏହି ବୋତଲକୁ ଡିଜାଇନ୍ କରିଛନ୍ତି ମେକ୍ସିକୋର ଫର୍ଣ୍ଣାଣ୍ଡୋ ଅଲ୍ଟାମିରାନୋ।

**ଫିଲିକୋ ଜୁଏଲେରି ୱାଟର :** ୧ ଲିଟର ଯୁକ୍ତ ଏହି ପାଣି ବୋତଲର ଦାମ୍ ୬୧୬ ଡଲାର ଅର୍ଥାତ୍ ୪୩,୯୯୧ ଟଙ୍କା। ଏହାର କ୍ୟାପ୍ ଚେସ୍‌ର କିଙ୍ଗ୍ ଏବଂ କ୍ୱିନ୍ ଗୋଟି ଭଳି ଆକାରର ହୋଇଥିବା ବେଳେ ଏହାକୁ ସୁନାରେ ପ୍ରସ୍ତୁତ କରାଯାଇଛି । ୨୦୦୫ ମସିହାରେ ହଲିଉଡ୍ ସେଲିବ୍ରେଟିମାନଙ୍କୁ ଆଖି ଆଗରେ ରଖି କାଲିଫର୍ଣ୍ଣିଆରେ ଏହାର ପ୍ରଥମ ବିକ୍ରି ଆରମ୍ଭ ହୋଇଥିଲା ଏବଂ ପରେ ଏହା ଜାପାନରେ ମଧ୍ୟ ବିକ୍ରି ହେବାକୁ ଲାଗିଲା।

**କୋନା ନିଗାରି:** ଜାପାନରେ ବିକ୍ରି ହେଉଥିବା ୭୫୦ମିଲି. ବିଶିଷ୍ଟ ଏହି ପାଣି ବୋତଲର ଦାମ୍ ୪୦୨ ଡଲାର୍ ଅର୍ଥାତ୍ ପ୍ରାୟ ୨୮,୭୦୦ଟଙ୍କା। ତେବେ ଏହି ପାଣିର ଦାମ୍ ଏତେ ଅଧିକ ହେବା ପଛର ମୁଖ୍ୟ କାରଣ ହେଉଛି ଏହା ହାୱାଇ ଆଇସ୍‌ଲାଣ୍ଡ ପାର୍ଶ୍ୱ ସମୁଦ୍ରର ପ୍ରାୟ ୨୦୦୦ ମିଟର ତଳେ ଥିବା ଝରରୁ ସଂଗ୍ରହ କରାଯାଇଥାଏ। କୁହାଯାଏ ଏହି ପାଣିରେ ଭରି ରହିଥିବା ପୋଷକ ତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।



## ଏ ସପ୍ତାହର ପ୍ରଶ୍ନ

୧- ଓଭାଲ ଅଫିସ୍.......... କାର୍ଯ୍ୟାଳୟକୁ କୁହାଯାଏ ?
୨- ଏ ଚାଇଲ୍ଡ ଅଫ୍ ଡେଷ୍ଟିନି ପୁସ୍ତକ........... ଙ୍କ ଆତ୍ମଜୀବନୀ ?
୩- ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ.........ଠାରେ ପ୍ରତିଷ୍ଠା କରାଯାଇଥିଲା ?
୪- କୋଫି ଆନନ୍ ଆଫ୍ରିକୀୟ ଦେଶ......... ଠାରେ ଜନ୍ମ ଗ୍ରହଣ କରିଥିଲେ ?
୫- ଓଡ଼ିଶା ପୋଲିସର ମୋଟୋ........... ?

## ଗତ ଥରର ଉତ୍ତର

୧ ବହିର୍ବ୍ୟାପାର ମନ୍ତ୍ରଣାଳୟ
୨ ଏସିଆନ୍ ହ୍ୟୁମାନ୍ ରାଇଟ୍ସ କମିଶନ୍
୩ ଅଙ୍ଗୁର
୪ ଫିରୋଜ ଶାହ କୋଟ୍‌ଲା ଗ୍ରାଉଣ୍ଡ
୫ ୧୬୧୨

## ଉତ୍ତର ଦାତା


ମାନସୀ ସାହୁ, ଚାନ୍ଦବାଲି


କିରନ୍ କୁମାର ମହାନ୍ତି, ଫୁଲବାଣୀ


ଶେଖ୍ ରିଆଜୁଦ୍ଦିନ୍, କେନ୍ଦ୍ରାପଡ଼ା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ସଂକ୍ଷେପରେ

### ଦୁଇ ସ୍ଥାନରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି

**ବିରିଡ଼ି,୧୫।୨(ଡି.ଏନ.ଏ.):** ବିରିଡି ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ଦୁଇଟି ସ୍ଥାନରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ୧୬କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ହୋଇଛି। ସେଥିରୁ ଗୋଟିଏ ବିରିଡ଼ି ଥାନା ୨୨ମୌଜା ରଘୁନାଥପୁର ଗ୍ରାମରେ ଚୋରି ହୋଇଥିବାବେଳେ ଅନ୍ୟଟି ଜଗତ୍‌ସିଂହପୁର ଥାନା ଜୟଶୋଳ ହରିରାମପାଟଣା ଗ୍ରାମରେ ହୋଇଛି। ଫଳରେ ୩୦ଜଣ ଉପଭୋକ୍ତା ଅନ୍ଧାରରେ ରହିଛନ୍ତି। ଉକ୍ତ ସେକ୍ସନର ବିଭିନ୍ନ ସ୍ଥାନରୁ ସ୍ୱଳ୍ପକ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ସ୍ୱଳ୍ପ ବ୍ୟବଧାନରେ ଚୋରି ହେବା ସାଧାରଣ ଘଟଣା ହୋଇଯାଇଛି। ବିପିଏଲ ଉପଭୋକ୍ତାଙ୍କ ପାଇଁ ଏହି ଟ୍ରାନ୍ସଫର୍ମର ଲଗାଯାଇଥିଲା। ଟ୍ରାନ୍ସଫର୍ମ ମଧ୍ୟରୁ ତମ୍ବା କଏଲ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ଏନେଇ ବିରିଡି ବିଦ୍ୟୁତ୍ ସେକ୍ସନର କନିଷ୍ଠ ପରିଚାଳକ ବନୋଜ ନାୟକ ଉଭୟ ଥାନାରେ ଅଭିଯୋଗ କରିଛନ୍ତି। ଏସଂକ୍ରାନ୍ତରେ ବିରିଡି ଥାନା ପୋଲିସ ମାମଲା ନଂ-୧୪/୨୦ ରୁଜୁ କରି ତଦନ୍ତ ଚଳାଇଛି।

### ଶହୀଦଙ୍କ ପାଇଁ ମହମବତି ଶୋଭାଯାତ୍ରା

**ଏରସମା,୧୫।୨(ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ କୁଞ୍ଜକୋଠି ପଞ୍ଚାୟତସ୍ଥିତ କୁଞ୍ଜକୋଠି ଗ୍ରାମର ନୀଳକଣ୍ଠେଶ୍ୱର କ୍ଲବ ପକ୍ଷରୁ ପୁଲୱାମା ଶହୀଦଙ୍କ ସ୍ମୃତି ରକ୍ଷା ପାଇଁ ମହମବତୀ ଶୋଭାଯାତ୍ରା କରାଯାଇଛି। ପ୍ରଥମେ ଶହୀଦମାନଙ୍କ ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଶୋଭାଯାତ୍ରା ପଞ୍ଚାୟତ ପରିକ୍ରମା କରିଥିଲା। ଏଥିରେ କ୍ଲବର କୁଞ୍ଜବିହାରୀ ବାରିକ, ନିତ୍ୟାନନ୍ଦ ଜେନା, ଶ୍ରୀଚରଣ ଜେନା, ସଚିତ୍ର ସେଠୀ, ସାଗର ବେହେରା, ପାପୁନୀ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

### ଗୋପ ମଥୁରାରେ ଗଜଲକ୍ଷ୍ମୀ ପୂଜା

**ବଡମ୍ବା,୧୫।୨(ଡି.ଏନ୍.ଏ.)-** ବଡମ୍ବା ବ୍ଲକ୍ ଗୋପମଥୁରା ଗ୍ରାମରେ ସପ୍ତାହବ୍ୟାପୀ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଓ ଭାଗବତ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଭାଗବତ ପ୍ରତିଯୋଗିତାର ଫାଇନାଲ ଚଷା ବାରବାଟୀ ନରସିଂହପୁର ଓ ଫତେଗଡ ଖଣ୍ଡପଡା ଦଳ ମଧ୍ୟରେ ହୋଇଥିଲା । ଏଥିରେ ଚଷାବାରବାଟୀ ଦଳ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିବା ବେଳେ ଫତେଗଡ ଦଳ ରନର୍ସ ଅପ୍ ଭାବେ ପୁରସ୍କୃତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ଦେବୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ସାମାଜିକ କର୍ମୀ ରବୀନ୍ଦ୍ର ସାହୁ ଯୋଗଦେଇ ପ୍ରତିଯୋଗିତାର ମହାତ୍ମ୍ୟ ପ୍ରତିପାଦନ କରିଥିଲେ। ଗାୟକ ସୋମନାଥ ପ୍ରଧାନ, ବିଭୁତି ଦଲେଇ ଓ ନଟବର ନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗିତାରେ ବିଚାରକଭାବେ ନରେନ୍ଦ୍ର ସାହୁ, ପ୍ରହ୍ଲାଦ ରାଉତ ଓ ସତ୍ୟନାରାୟଣ ମଲ୍ଲିକ ଯୋଗଦେଇ ଥିଲେ।

# ପ୍ରହସନ ପାଲଟିଛି ପଲିଥିନ୍ ବ୍ୟାନ୍

- ଗୋଟିଏ ଦିନରେ ୭ କିଲୋଗ୍ରାମ ପଲିଥିନ୍ ଜବତ
- ଜରିମାନା ଆଦାୟ କଲା ପୌର ପ୍ରଶାସନ
- ଆଜି ବି କରାଯିବ ଚଢ଼ାଉ

**ଜଗତ୍‌ସିଂହପୁର ଅଫିସ, ୧୫।୨**

ଗତବର୍ଷ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ଓଡ଼ିଶା ସରକାର ପଲିଥିନ ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଲେଣି। କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା ଜଗତ୍‌ସିଂହପୁର ଜିଲାରେ ପ୍ରହସନ ପାଲଟିଛି। ବିଭିନ୍ନ ଦୋକାନ, ବଜାରରେ ପଲିଥିନ୍ ଖୁଲମଖୁଲା ବିକ୍ରି ଚାଲିଛି। ମାତ୍ର ବିଳମ୍ବରେ ହେଉ ବରଂ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଶନିବାର ସହରର ଏକାଧିକ ସ୍ଥାନରେ ଚଢାଉ କରାଯାଇଛି। ଏହି ସମୟରେ ୬/୭ କିଲୋଗ୍ରାମ ପଲିଥିନ୍ ଜବତ ହେବା ସହ ୩୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଅଗକୁ କ'ଣ ହେଉଛି ତା'କୁ ଦେଖିବାକୁ ପ୍ରତ୍ୟେକଙ୍କ ନଜର ରହିଛି।

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ ସେପ୍ଟେମ୍ବର ୩୦ରେ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା ଯେଉଁ ପଲିଥିନ୍‌ଗୁଡିକ ଠିକ ଭାବେ ନଷ୍ଟ ଅର୍ଥାତ୍ ଖତ ହୋଇପାରୁଛି ସେଗୁଡିକ ବ୍ୟବହାର ଉପଯୋଗୀ। ଅବଶିଷ୍ଟ ପଲିଥିନ ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ଏହି ପଲିଥିନ୍‌ଗୁଡିକର ଉତ୍ପାଦନ ହୋଇପାରିବ ନାହିଁ। ଯଦି କେଉଁଠି ରହିଯାଇଛି ତେବେ ତାହାର କିଣାବିକା ଉପରେ ଅଙ୍କୁଶ ଲଗାଯାଇଛି। ଏପରି କି ପ୍ଲାଷ୍ଟିକ ଥାଳି, ଚାମଚ, ଗିନା, କପ୍, ପ୍ଲେଟ୍, ଗ୍ଲାସ୍ ଆଦି ମଧ୍ୟ ବ୍ୟବହାର ହୋଇପାରିବ ନାହିଁ। ଯେଉଁ ପଲିଥିନ୍‌ର ସ୍ଥୁଳତା (ଥିକ୍‌ନେସ୍) ୫୦ ମାଇକ୍ରନ୍ ତଳକୁ ଥିବ ତାହା ବ୍ୟବହାର ଉପଯୋଗୀ ନୁହେଁ। କେବଳ କ୍ଷୀର କିମ୍ବା ଅନ୍ୟ ଔଷଧୀୟ ସାମଗ୍ରୀ ରଖିବା ପାଇଁ ଉପଯୁକ୍ତ ମାନର ପଲିଥିନ୍ ବ୍ୟବହାର କରାଯାଇପାରେ। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲେ ସୁଦ୍ଧା ଜିଲାରେ ଏହା ପାଳନ କରାଯାଉନାହିଁ। ବିଶେଷକରି ଜିଲା ମୁଖ୍ୟାଳୟ ଜଗତ୍‌ସିଂହପୁର ସହରରେ ଅବାଧରେ ଚାଲିଛି ପଲିଥିନ୍। ପାନଦୋକାନଠାରୁ, ରାଶନ, ଷ୍ଟେଶନାରୀ, ଜଳଖିଆ ଆଦି ପ୍ରାୟତଃ ଦୋକାନରେ ପଲିଥିନ୍ ଖୋଲାଖୋଲି କାରବାର ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେତେବେଳେ ପଲିଥିନ୍ ବ୍ୟାନ୍ ଘୋଷଣା କଲେ ସେତେବେଳେ କିଛି ଦିନ ଏହାର ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଥିଲା। ପରବର୍ତ୍ତୀ ସମୟରେ ଧୀରେ ଧୀରେ ପୂର୍ବପରି ପଲିଥିନ୍ ବ୍ୟବହାର ହେବାରେ ଲାଗିଛି। ବଡ କଥା ହେଲା ଜିଲାରେ ପଲିଥିନ୍ ଉତ୍ପାଦନ ହେଉନାହିଁ। କଟକରୁ ପ୍ରାୟତଃ ପଲିଥିନ୍ ଆସୁଛି। ସରକାର ପଲିଥିନ୍ ଉତ୍ପାଦନ ଉପରେ ଅଙ୍କୁଶ ଲଗାଉ ନ ଥିବାରୁ କାରବାର ବନ୍ଦ ହୋଇ ପାରୁନାହିଁ। ଜିଲାର ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ପକ୍ଷରୁ ପଲିଥିନ୍ ବନ୍ଦ ପାଇଁ ଏନ୍‌ଫୋର୍ସମେଣ୍ଟ କମିଟି ଗଠନ କରାଯାଇଛି। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଗଠନ କରାଯାଇଥିବା କମିଟିର ମୁଖ୍ୟ ଅଛନ୍ତି ଡ. ସରୋଜ ଷଡ଼ଙ୍ଗୀ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ସହାୟକ ବିଭୂତିଭୂଷଣ ଦାଶ, କନିଷ୍ଠ ଯନ୍ତ୍ରୀ ଦେବବ୍ରତ ମିଶ୍ର, କମ୍ପ୍ୟୁଟର ସହାୟକ ସୁଦର୍ଶନ ଭୋଇ ପ୍ରମୁଖ କମିଟିରେ ରହିଛନ୍ତି। କିନ୍ତୁ ଏହି ୫ ମାସ ଭିତରେ ଆଶାନୁରୂପ ଚଢାଉ ହୋଇ ନ ଥିବାରୁ ପଲିଥିନ୍ ପୂର୍ବପରି ବ୍ୟବହୃତ ହେଉଛି। ଏନେଇ ଅଭିଯୋଗ ହେଲାପରେ ପରିଷଦ ଶନିବାର ଚେଇଁ ଉଠିଥିଲା। ଏ ସମ୍ପର୍କରେ ଡ. ଷଡ଼ଙ୍ଗୀ କହିଛନ୍ତି, ସହରର ପୃଥକ ସ୍ଥାନରେ ଚଢାଉ ହୋଇଥିବା ବେଳେ ୪ ଜଣଙ୍କଠାରୁ ପଲିଥିନ୍ ମିଳିଥିଲା। ସେମାନଙ୍କ ମଧ୍ୟରେ କଲେଜ ଛକସ୍ଥିତ ଏକ ଜଳଖିଆ ତଥା ମିଠା ଦୋକାନ, ଜଇପୁରରୋଡ଼ସ୍ଥିତ ଏକ ମିଠା ଦୋକାନ, ଗୋପାଳସାଗରର ଏକ ହୋଲସେଲିଂ କାଉଣ୍ଟର ଓ ଟାଉନ ହଲ୍ ନିକଟ ଏକ ହୋଲସେଲ କାଉଣ୍ଟର ରହିଛି। ରବିବାର ମଧ୍ୟ ଅନୁରୂପ ଭାବେ ଚଢାଉ କରାଯିବ। ଏହିପରି ଏବେ କିଛିଦିନ ଚଢାଉ ଅବ୍ୟାହତ ରହିବ ବୋଲି ଡ. ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।


ଏକ ଦୋକାନରେ ଚଢ଼ାଉ କରାଯାଇ ପଲିଥିନ୍ ଜବତ କରାଯାଉଛି।

# ଆବାସ ଯୋଜନାରେ ଅନିୟମିତତା

**ନାଉଗାଁ,୧୫।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ଅବଦଲପୁର ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ଦେବଜ୍ୟୋତି ମହାନ୍ତି ଏନେଇ ଶନିବାର ବିଡିଓ ରଶ୍ମିରେଖା ମଲ୍ଲିକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଜଣେ ବ୍ୟକ୍ତି ୩ ବର୍ଷ ପୂର୍ବରୁ ଆସି ଅବଦଲପୁରରେ ଜମିକ୍ରୟ କରିଥିଲେ। ଏବେ ସେ ଏଠାରେ ରହୁ ନ ଥିଲେ ମଧ୍ୟ ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଛି। ତେଣୁ ୭ ଦିନ ମଧ୍ୟରେ ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ପ୍ରଦାନ କରିବା ସହିତ ଅଯୋଗ୍ୟଙ୍କୁ ବାଦ୍ ଦେବାକୁ ସେ ଦାବି କରିଛନ୍ତି। ଏହା ନ ହେଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ତହସିଲଦାର, ଥାନା ଅଧିକାରୀ ଓ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ,ଏହି ଅନିୟମିତତା ଉପରେ ସେ ୨୧ ଅକ୍ଟୋବର ୨୦୧୯ରେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ପରେ ଗ୍ରାମର ବିଷ୍ଣୁଚରଣ ପରିଡା ଓ କୁଳମଣି ବାରିକ ପୁନର୍ବାର ୧୧ ନଭେମ୍ବର ୨୦୧୯ରେ ଜିଲାପାଳଙ୍କ ଜନଶୁଣାଣିରେ ମଧ୍ୟ ଅଭିଯୋଗ କରିଥିଲେ। ଏହାପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲ୍ଲିକଙ୍କୁ ପଚାରିବାରେ ଆବାସ ଯୋଜନା ସମ୍ପର୍କିତ ଯେଉଁ ଅଭିଯୋଗ ଆସୁଛି ତାହାକୁ ଗ୍ରହଣ କରାଯାଉଛି। ପରବର୍ତ୍ତୀ ସମୟରେ ଏସବୁର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

# ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ, ଦାବିପତ୍ର


ଏସ୍‌ୟୁସିଆଇ ପକ୍ଷରୁ ପ୍ରତିବାଦ କରାଯାଉଛି।

**ନାଉଗାଁ,୧୫।୨(ସ୍ୱ.ପ୍ର.)**

ରନ୍ଧନ ଗ୍ୟାସ୍ ସମେତ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରଦାମ ବୃଦ୍ଧି ପ୍ରତିବାଦରେ ନାଉଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ନାଉଗାଁ ଆଞ୍ଚଳିକ ଶାଖା ପକ୍ଷରୁ ବିକ୍ଷୋଭ କରାଯାଇଛି। ଏଥିସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। କମିଟି ପକ୍ଷରୁ ସୁବାସ ସ୍ୱାଇଁ, ରଞ୍ଜିତ ଜେନା, ବସନ୍ତ ମଲିକ, ମହେଶ୍ୱର ଦାସ ପ୍ରମୁଖ ପ୍ରତିବାଦ କରିବା ସହିତ ବିଡିଓ ରଶ୍ମିରେଖା ମଲ୍ଲିକଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସରକାର ଜନସାଧାରଣଙ୍କ ଆର୍ଥିକ ଅବସ୍ଥାକୁ ଗୁରୁତ୍ୱ ନ ଦେଇ ଅହେତୁକ ଭାବେ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି କରି ଚାଲିଛନ୍ତି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କେବଳ ରନ୍ଧନ ଗ୍ୟାସ ନୁହେଁ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ମଧ୍ୟ ଅହେତୁକ ମୂଲ୍ୟ ବୃଦ୍ଧି ଘଟିଛି; ଯାହାକି ଜନସାଧାରଣଙ୍କ ପାଇଁ ବେଡି ଉପରେ କୋରଡା ମାଡ ସଦୃଶ ହୋଇଛି। ତେଣୁ ମୂଲ୍ୟ ବୃଦ୍ଧି ପ୍ରତ୍ୟାହାର କରିବାକୁ ଦାବିପତ୍ରରେ ଦର୍ଶାଯାଇଛି।

# ଭିନ୍ନକ୍ଷମ ସ୍କୁଲ ଜାଗୃତିକୁ ସହାୟତା


ଅତିଥି ଜଣେ ଭିନ୍ନକ୍ଷମ ଛାତ୍ରଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

**ପାରାଦୀପ,୧୫।୨(ସ୍ୱ.ପ୍ର.)**

ପାରାଦୀପର ଏକମାତ୍ର ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଶିକ୍ଷାକେନ୍ଦ୍ର 'ଜାଗୃତି'କୁ ଏଲଆଣ୍ଡଟି ହାଇଡ୍ରୋକାର୍ବନ କମ୍ପାନୀ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟ ଉପକରଣ ଓ ଆନୁସଙ୍ଗିକ ସହାୟତା ଦିଆଯାଇଛି। ନୂଆବଜାରସ୍ଥ ଜାଗୃତି ପରିସରରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ, ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ରଙ୍ଗରାଜ, ଲେଡିଜ୍ କ୍ଲବ୍ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଦକ୍ଷତା, ଶିକ୍ଷା ଓ ଚିକିତ୍ସା ସମ୍ପର୍କରେ କହିଥିଲେ। ଉକ୍ତ ଶିକ୍ଷାନୁଷ୍ଠାନକୁ ପାରାଦୀପ ବନ୍ଦର ପକ୍ଷରୁ ୧୯୯୮ରେ ଆରମ୍ଭ କରାଯାଇଥିଲା। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା, ଯାତାୟାତ, ଚିକିତ୍ସା, ଭିତ୍ତିଭୂମି ଆଦି କାମକୁ ବନ୍ଦର କର୍ତ୍ତୃପକ୍ଷ ଭରଣା କରୁଛନ୍ତି। ସେହି ଛାତ୍ରୀଛାତ୍ରଙ୍କ ମାତାପିତାଙ୍କଠାରୁ ୮ ଘଣ୍ଟା ଆମେ ପିଲାଙ୍କୁ ରଖିବା ସହ ସେମାନଙ୍କ ଦକ୍ଷତା ବିକାଶ ପାଇଁ କାମ କରୁଛୁ ବୋଲି ଅଧ୍ୟକ୍ଷ ରାୟ କହିଥିଲେ। ସେମାନଙ୍କୁ ସମସ୍ତେ ନିଜ ଦକ୍ଷତା ମୁତାବକ ସହାୟତା କରିବାକୁ ସେ ଆହ୍ୱାନ ଦେଇଥିଲେ। କମ୍ପାନୀ ମୁଖ୍ୟ ଏନ୍.ରାମାନନ୍ ଓ ଅନ୍ୟ ଅଧିକାରୀ ଡା. ଯୁଗାନ୍ତ କୌଶିକ୍, ସରୋଜ କୁମାର ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଶେଷରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜଙ୍ଗଲରୁ ୪୮୦ ଲିଟର ମଦ ଜବତ

**ଆଠଗଡ, ୧୫।୨(ସ୍ୱ.ପ୍ର.**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡ଼ାଲୁଆ ସଂରକ୍ଷିତ ଜଙ୍ଗଲରେ ଶନିବାର ଚଢ଼ାଉ କରଯାଇ ୪୮୦ ଲିଟର ଦେଶୀ ମଦ ଓ ୬୯୬୦ ଲିଟର ପୋଚ ନଷ୍ଟ କରାଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟିନୀଙ୍କ ନିର୍ଦ୍ଦେଶକ୍ରମେ କଟକ ଓ ଆଠଗଡ଼ ଅବକାରୀ ବିଭାଗ କର୍ମଚାରୀ, ଖୁଣ୍ଟୁଣୀ ଥାନା ପୋଲିସ ଏବଂ ବନ ବିଭାଗ କର୍ମଚାରୀଙ୍କ ପକ୍ଷରୁ ମିଳିତ ଚଢ଼ାଉ ହୋଇଥିଲା। ଜିଲା ଅବକାରୀ ଅଧକ୍ଷ ଅଶୋକ କୁମାର ଶତପଥୀ ଏହାର ନେତୃତ୍ୱ ନେଇଥିଲେ।ଜଙ୍ଗଲର ୩ ସ୍ଥାନରେ ଏହି ଚଢ଼ାଉ କରାଯାଇଥିଲା। ଏହି ସମୟରେ ଶବ୍ଦ ଶୁଣି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଚଢ଼ାଉ ବେଳେ ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜିତ ବାର୍ଲା, ଜିଲା ଅବକାରୀ ନିରୀକ୍ଷକ ପ୍ରବୀର ସାମଲ, ବିଜୟ ଭଞ୍ଜ, ସ୍ୱାତୀ ପଟ୍ଟନାୟକ, କେଶବ ଦାସ ଓ ବେଣୁଧର ସାମଲ ପ୍ରମୁଖ ସାମିଲ ହୋଇଥିଲେ।

**OFFICE OF THE MUNICIPAL COUNCIL, KEONJHARGARH**
email : keonjharm.hud@rediffmail.com
Invitation for Bids (IFB) 'e' Procurement Notice
Bid Identification No.KGM-10/2019-20

Letter No.1475 /KGM Date: 12.02.2020
On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement.
1 - Nature of work- Civil Work
2 - No. of Work-31 Nos.
3 - Value of works: Rs.1,34 ,200 /- to 15,88,000 /-
4 - Date & Time of availability of Bid document in the portal: From. 15.02.2020 at 11.00 A.M. up to 25.02.2020 at 5.00 P.M.
5 - Last date & time of submission of bid in portal- upto 5 P.M of 25.02.2020
6 - Date of Opening of bid in portal. 27.02.2020 at 11 .30. A.M.
7- Name & address of the officer in Inviting Bid- EO, Keonjhargarh Municipality
Further details can be seen from Website: www.tendersorissa.gov.in
Sd./- Executive Officer
Keonjhargarh Municipality

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Govt.of Odisha Undertaking)
Regd.Office: Janapath Bhubaneswar-751022
**OFFICE OF THE G.M.(ELECT) EHT (O&M)CIRCLE, JAJPUR ROAD.**
Fax/Phone No.06726-220965 (off), E-mail.id.ehtm.cle.jjp@optcl.co.in CIN: U401020R2004SGC007553
No.Tech-CR-150/156 Dated:15.02.2020
**EXPRESSION OF INTEREST(EOI)**
General Manager(Elect.),EHT(O&M) Circle, OPTCL, Jajpur Road indents to prepare a vendor list for minimum one year for execution of different Civil/Electrical works and supply of different materials for the estimated cost of more than 10(Ten) thousand up to 1(One) lakh. Interested suppliers, dealers, contractors and firm owners may apply with details documents on or before 04.03.2020 (during office hours).For details please visit our website:- www.optcl.co.in.
Corrigendum if any, will be published in the website only.
Sd./- General Manager (Elect)

**PRAGATIPATHE ATHMALIK PANCHAYAT SAMITI**
1. RURAL HOUSING FOR THE FY 2019-20.
► PMAY-G Houses - 1922
► BPGY Houses - 125
► NSPGY Houses - 225
2. MGNREGS FOR THE FY 2019-20
► Persondays Generation - 334265 days
► House Hold 100 days completed - 166
PROJECT COMPLETED UNDER MGNREGS
► AWC Building - 10
► Playground - 3
► Village Tank - 5
► Check Dam - 4
► Road - 14
3. AGAB FOR THE FY 2019-20
► Project Completed - 112
4. RURAL WATER SUPPLY AND SANITATION
► Pipe water supply completed - 28
► Overhead tank completed - 11
Minakhi Dalei, Chairman
Chairman, Athmallik Block
Sanjay Kumar Acharya
Block Development Officer, Athmallik

# ପାଇଖାନା କାମ ନ ସରୁଣୁ ବିଲ୍ କରିନେଲେ ଠିକାଦାର

**ନାଉଗାଁ,୧୫।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତ ଦହିପାଳ ଗ୍ରାମର ଦଳିତ ସାହିରେ ସରକାରଙ୍କ ପକ୍ଷରୁ ଦୀର୍ଘଦିନ ହେବ ପାଇଖାନା ନିର୍ମାଣ କରାଯାଉଛି। ମାତ୍ର ତାହା ସରି ପାରୁନାହିଁ। ହେଲେ ଠିକାଦାର ଅଧାପନ୍ତରିଆ କାମକରି ବିଲ କରି ନେଇ ଫେରାର ହୋଇ ଯାଇଥିବା ଶନିବାର ହିତାଧିକାରୀ ବିଡିଓ ରଶ୍ମିରେଖା ମଲ୍ଲିକଙ୍କୁ ଅଭିଯୋଗ କରିଛନ୍ତି। କବିତା ଭୋଇ, ତନୁଲତା ରାଉତ, ଶକ୍ଟୁନ୍ତଳା ରାଉତ, ରିଙ୍କି ରାଉତ ପ୍ରମୁଖ ୧୨ଜଣ ଦେଇଥିବା ଅଭିଯେଗାପତ୍ରରେ ଦର୍ଶାଯାଇଛିଯେ, ୨୦୧୯ରେ ସରକାରଙ୍କ ସ୍ୱଚ୍ଛଭାରତ ଅଭିଯାନ ମାଧ୍ୟମରେ ୧୨ଜଣ ହିତାଧିକାରୀଙ୍କୁ ପାଇଖାନା ପ୍ରଦାନ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଠିକାଦାର ଚୟନ କରାଯାଇ ଏହି ପାଇଖାନା ନିର୍ମାଣ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କିନ୍ତୁ ଠିକାଦାର ପାଇଖାନା କାମ ଅଧା ପନ୍ତରିଆ କରି ବିଲ କରି ନେଇଥିବା ପରେ ହିତାଧିକାରୀ ଜାଣିବାକୁ ପାଇଥିଲେ। ତେଣୁ ତୁରନ୍ତ ପାଇଖାନା କାର୍ଯ୍ୟ ଶେଷ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଯଦି ଏହା କାର୍ଯ୍ୟକାରୀ ନ ହୁଏ ତେବେ ପଞ୍ଚାୟତ ପକ୍ଷରୁ ଏହି ଗ୍ରାମକୁ ହେବାକୁ ଥିବା ରାସ୍ତା କାର୍ଯ୍ୟ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଭିଯୋଗ ପାଇବା ପରେ ବିଡିଓ ବିଭାଗୀୟ ଯନ୍ତ୍ରୀ ପ୍ରଦୀପ୍ତ ବରାଳଙ୍କୁ ଡାକି ତଦନ୍ତ ପାଇଁ କହିଛନ୍ତି। ସୋମବାର ତଦନ୍ତ ରିପୋର୍ଟ ମିଳିଲା ପରେ ଶୀଘ୍ର ପାଇଖାନା କାର୍ଯ୍ୟ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।


ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ଜନସାଧାରଣ।

**OFFICE OF THE EXECUTIVE ENGINEER** No. O-1083
**RURAL WATER SUPPLY & SANITATION DIVISION, MALKANGIRI**
Phone - (06861) 231617email:eerwss_mal@nic.in,eerwssmlkg@gmail.com
**QUOTATION CALL NOTICE No. 03 / (EB-61)2020 Dt. 12.02.2020**
The Executive Engineer, RWS&S Division, Malkangiri on behalf of Governor of Odisha invites sealed quotations from Authorised Manufactures, Authorised Dealers/ Distributers for supply of Chemicals, Glassware, Consumables of reputed makes for testing of drinking water at RWS&S Divisional Laboratory, Malkangiri/ Sub-Divisional laboratory, Mathili.
The time schedule of quotation is as follows.
1) **Date for submission of quotation:-** Dt.19.02.2020at 10.00 A.M.to 28.02.2020 up to 5.00P.M.
2) **Date of Opening of Quotation:-** Dt.29.02.2020 at 11.30A.M.
The detailed list of items and term & condition are available in office of the Executive Engineer RWS&S Division,Malkangiriduring office hoursor can be downloaded from **www.odisha.gov.in, www.malkangiri.nic.in**
Sd/12.02.20
Executive Engineer RWS&S Division, Malkangiri
OIPR-25044/11/0010/1920

**SIEP centre for Divvyang** No. gg-20
SIDR Building, Capital Hospital Campus,
Unit-6, Bhubaneswar-751001
**OPEN TENDER**
for Procurement of Equipment for SIEP
No. 132/SIEP Date: 14.02.2020
SIEP/MISC/0016/2019
The Tender aims to approve successful bidder/bidders that will be responsible for supply of different equipment for "SIEP (State Institute for Empowerment of Persons with Disabilities)" at Bhubaneswar. The details of scope of work, eligibility criteria and submission of details can be downloaded from websitehttp://www.ssepd.gov.in
1. Availability of tender document: SSEPDwebsite**www.ssepd.gov.in**
2. Date and time for submission of the Tender documents:
By speed post/ Registered post / Courier/ hand in all working days up to **12:00 noon of 16/03/2020**
3. Pre Bid **26.02.2020 at 11.00 A.M**
This Tender does not entail any commitment on the part of SIEP either financial or otherwise. SIEP reserves the right to accept or reject any or all Tenders without incurring any obligation to inform the affected applicant/s of the grounds. The Tenders will be evaluated based on the information provided.
SD/-ExecutiveDirector,SIEP,Odisha
OIPR-46003/11/0004/1920

**OFFICE OF THE D.F.O.-CUM-CEO.FFDA/ BFDA, BHADRAK AND SECRETARY, MANAGEMENT SOCIETY DHAMARA FISHING HARBOUR, DHAMARA**
TENDER CALL NOTICE No. 49// Dt. 14.02.2020
**ENGAGEMENT OF SECURITY GUARDS AND MANPOWER**
Management Society, Dhamara Fishing Harbour, Dhamara of Bhadrak District invites sealed tenders from registered private organizations / Agency for engagement of security Guards and Manpower Services. The agencies having good track record with Registration Certificate, trained manpower and relevant experience in this line is eligible to apply. The agency must be able to provide round the clock security services to Management Society, Dhamara Fishing Harbour, Dhamara. The details tender paper cost Rs. 2000/- (Rupees Two Thousand) only in shape of Cash/ Demand Draft in favour of "Secretary, Management Society, Dhamara Fishing Harbour, Dhamara" Payable at Dhamara may be obtained from the office of Manager, Management Society, Dhamara Fishing Harbour, Dhamara from Dt. 17.02.2020 to Dt. 02.03.2020 in office hours i.e. 10.00 AM to 5.30 PM should be submitted with their proposal (Technical as well as Financial Bids) along with all supporting documents in sealed envelope must superscribed with "Application for outsourcing of Security Services and Manpower at Management Society Dhamara Fishing Harbour, Dhamara" to the office of the D.F.O., Bhadrak and Secretary Management Society, Dhamara Fishing Harbour, Dhamara by Dt. 03.03.2020 till 5.30 PM. The tender will be opened on Dt. 04.03.2020 at 11.30 AM in the office of D.F.O.-cum-CEO, FFDA/BFDA, Bhadrak and Secretary, Management Society, Dhamara Fishing Harbour at Bhadrak. (Near Bonth Chaka Bus Stand). The Undersigned has reserve the rights to cancel any or all application without assigning any reason thereof.
Sd./- Santosh Kumar Dalai
D.F.O., Bhadrak & Secretary
Management Society Dhamara
Fishing Harbour, Dhamara

# SUNDAY classifieds




## BRIDE WANTED

Require Educated & culture Bride Age Between 35 to 40 for a well Establish Alone Groom (43) ,Caste No Bar No Demand Only Registry Marriage prefer call:- 9007037200. D-16745

Wanted beautiful qualified Gen/ OBC bride for handsome Rangani boy 1978/ Aries/ Ph.D. Math/ Working in Deemed University), Call- 9437178454 (No Mediator Please). D-59535

For M.Tech, (IIT Bombay), Internship (Steinbeis University Germany) Qualified Commander in Indian Navy. Contact- +919438183860. D-16583

ସଫ୍ଟୱେୟାର ଇଂଜିନିୟର ମାସିକ ଏକଲକ୍ଷ ପନ୍ଦର ହଜାର ଟଙ୍କା ଦରମାରେ ଏକ ପ୍ରତିଷ୍ଠିତ ବ୍ୟାଙ୍କରେ କାର୍ଯ୍ୟରତ ପାତ୍ର ପାଇଁ ଶିକ୍ଷିତା ସୁନ୍ଦରୀ ପାତ୍ରୀ ଆବଶ୍ୟକ। କୌଣସି ପ୍ରକାର ଯୌତୁକ ଦାବି ନାହିଁ। Mobile- 9178585570. D-69012

## GROOM WANTED

Suitable Groom wanted for Karan girl, 28 M.Sc. (Physics) B.Ed., faculty in Sailabala womens college. Contact: 8917285133 . D-16663

Gudia beautiful girl 5'4" B.Sc. BED. 1989, 27/12 wanting for Govt/ Teacher, Bhubaneswar, Khordha, Brahmapur, 9348364198, 9692968456. D-16736

Beautiful Khandayat girl 1988 MBA 5'4", 20/9 and 1992 MSC 5'3", 16/7 required Bank/Govt./Software handsome boy, 9040120506. D-67538

10th qualified ବିଧବା ଗୋଟିଏ ଶିଶୁ ଥିବା 25ବର୍ଷ ବୟସ୍କା SC ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 7381366103. D-67931

Wanted Gen/ OBC groom (Class-II Govt. service preferred) for a Rangani girl (1984/ Aries/ Govt. JE) Call- 9437178454, 9861182688 (No Mediator Please). D-59536

**Now Matrimonial ads. only on Wednesday & Sunday Book 1 Get 1 FREE**

## automobile

## SALE

Hyundai creta, I twenty, Honda City, KUV 100, Pajero & others: 9937153557. D-16735

9000K.M run March 2019 Maruti Ignis Alfa blue colour. 9437284700. D-16720

## real estate

## SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outright)ରେ ମିଳୁଛି। 9937025614, 7008390130.** D-68480

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-16225

Buy 1/2/3BHK luxury flats at Bhubaneswar near SUM Hospital Gothapatna with many amenities. 9078263828. D-16530

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16587

3BHK Duplex 35,00,000/- finishing Hanspal (Bank finance available)- 9348633789, 8093465134. D-68663

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

Commercial plot for sale 17guntha near Tankapani Road, Sai Temple, NH side, Bhubaneswar. 9861037729, 9040337729. D-63975

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16586

BDA Approved ready to move duplex at Raghunathpur 30mtr. from Nandankanan road, material used- redbrick,ultratech cement , Tatatiscon Steel- 9438419823, 9337086655. D-68662

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

**ଭୁବନେଶ୍ୱର Sumhospitalରୁ 4k.m 100' ରୋଡ଼କୁ ଲାଗି Tamando Kendriyaviharଠାରେ yellowzone ଘରବାରୀ ପ୍ଲଟ 8763886290, 9348767829.** D-68486

2250sqft. Corner plot for sale near Raghunathpur, Jali, 8986629656. D-68581

Own 2400sqft. gharabari plot, very closed to Mancheswar, Bhubaneswar for sale. 9853273211. D-69211

**ଭୁବନେଶ୍ୱର କଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843.** D-68488

**ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320.** D-68479

ଫୁଲନଖରାଠାରୁ 1.5k.m DPS ପାଖରେ ଘରବାଡି ହୋଇଥିବା 1500sqft. plot immediately sale. 9237121875, 7504500090. D-68580

**ଭୁବନେଶ୍ୱର କଟଣୀଗେଟ୍‌ଠାରେ Sqft.200/-, ବାଲକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440.** D-68472

3BHK Duplex 35,00,000/- finishing Hanspal, Gharabari plot Bhingarpur- 8093465134, 9668194157. D-68665

30'road boundary, gharabari fully developed plot Gudiapokhari (KEC) 9937166932. D-68585

**4000 Sqft. GA plot immediately sale at Surya Nagar Bhubaneswar, only buyer contact Deepak- 9937329999.** D-68066

2000 sqft land at Vijay Vihar, Samantarpur, Bhubaneswar. Mobile-9437177313 & 8917242678. D-16743

3BHK duplex for sale at Gothapatna, Bhubaneswar 3km. from SUM Hospital 8917665342, 9861444497. D-68584

4/5 BHK Duplex at Balianta. Construction - 2200 @ 60Lakhs/ 2600 @ 70Lakhs. Finance by LIC. Mplanets: 9938219397, 9861022055. D-16718

ଧଉଳି ଦୟାନଦୀବନ୍ଧ ନୂଆବ୍ରିଜ୍ ନିକଟରେ 1800sqft. 3ଟି ସ୍ଥିତିବାନ ପ୍ଲଟ୍ 10,00,000/- ରେ ବିକ୍ରିହେବ। 9777236619 D-16740

**2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746.** D-68491

**ଭୁବନେଶ୍ୱର ବାଲକାଟି ବଜାରରୁ 2km sqft.-550/-, (ଘରବାରି) କଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

Gharabari 8 guntha along with building for sale at Boniamal, Kendrapara. Contact: 9437048845. D-16722

Plot sale Banguary (Hanspal) 1300/- per sqft. construction 450/- and 850/- per sqft. Contact: 8018961216. D-16371

Gharabari plots eastfacing boundary walls Tankapani Road Saimandir Sqft. 1600/- 7735738102. D-16716

**Ready to move fully furnished flat at puri with all amenities just book at 1.40lakhs. 9078711724.** D-16738

ଭୁବନେଶ୍ୱର ହଂସପାଳଠାରୁ ୧୦କିମି ଭିଙ୍ଗାରପୁର ସୁଧାନନ୍ଦ କଲେଜ ପିଚୁରାସ୍ତାକୁ ଲାଗି ଇଲେକ୍ଟ୍ରି ପାଣିର ସୁବିଧା ଥିବା ଘରବାଡି କଟକୀ ୧୫ଗୁଣ୍ଠ ଜାଗା ବିକ୍ରି ହେବ। 8917337445. D-16742

**2BHK earthquake proof quality flats in Avantika Apartment near Gokul Residency on GGP Pandara Road touching Puri Highway for sale. Contact: 9437396718, 8763935874 during office hours immediately.** D-68065

For sale 72 Decimal gharabari Kisan Land by the side of Chandanpur Flyover infront of Samjajpur Village. On the main road @ 3lakh per Decimal (Negotiable), Contact mobile no.- 9938138185. D-69010

5270sqft. residential plot at Ranasingpur Mouza beside Bijupattnaik Police Academy 1km from Alugodam and AIIMS main gate for sale. Please Contact. 9463086662, 9437696491. D-16739

## construction

Construct your home as per your requirement, TATA rod, Ultratech Cement, Cera, Jaguar. All branded material with structural guarantee. 7537874306. D-69210

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16719

## GENERAL

## SALE

Good running Unisex Saloon with all advance machineries district center Chandrasekharpur, Bhubaneswar, 8249909768. D-68586

Fully running AC Garment showroom sale/ lease, Bhubaneswar- 9437087261, 7008275280. D-68661

## to-let

Flat 3roomed in 3rd floor interior decorated BJB Nagar, Natabar Complex behind Sri Hospital available. 7873726701, 9337651024. D-63974

**2500 Sqft. godown space, 200 meters from platform No-6. 9437026400.** D-16667

Space available at IRC Village first floor main road facing near Vishal Megha Mart suitable for office/ Clinic- 9090901043. D-68067

Independent ground floor, 3000sqft. five rooms, Dining, Store, Kitchen, Servant room, Three Toilets, Parking main road IRC Village, Bhubaneswar, 8249254037, 8289254736. D-67747

## packers & movers

Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608

Shivam logistic packers movers. Household/ car relocation countrywide. 9777044177, 9338461133. D-16741

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## healthcare

Kasturi massage club, fully relaxed by expert lady, home service: 9178845612. D-68779

Ayurvedic full body massage ladies & gents smart therapist, 9668814589. D-68784

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Ayurvedic full body massage ladies and gents. Contact: 9861064981. D-68789

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69203

Body massage @ 1099 at mystic Unisex Salon and Spa. 9556978408. D-69206

Rejuvenate and Ayurvedic full body massage by smart therapist. 9114402304. D-69204

Elite Unisex Salon- A complete family Spa. Male to male and female to female- 7326977966. D-69207

Ayurvedic refreshment massage therapy refresh mind and body. Appointment: 7894855541. D-68583

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:- 8480939300. D-68790

Monalisa Massage Club: All types body massage with hiprofile smart lady rooms service available- 9708545108. D-16737

**Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## business

Kalia Agarbati Co. ଓଡ଼ିଶାର ଏକ ସର୍ବପୁରାତନ ଅଗରବତୀ ଅନୁଷ୍ଠାନ। ଶୁଦ୍ଧ ଝୁଣାବତୀ, ରଙ୍ଗୀନ ବତୀ ଓ କଳାବତୀ ପାଇଁ ଯୋଗାଯୋଗ କରନ୍ତୁ, Phone: 9437211076, Bhubaneswar. D-16660

**Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokhariput, Bhubaneswar. Contact: 9668732935.** D-67291

**ମହାବାସ୍ତୁ ଶିଖନ୍ତୁ (ବିନା ଭଙ୍ଗାରୁଜାରେ ଘର, ଦୋକାନ, ଅଫିସ୍, କାରଖାନାର ବାସ୍ତୁ ଠିକ୍ କରନ୍ତୁ) କୋର୍ସ ୨୨-୨୩ ଫେବୃୟାରୀ ଭୁବନେଶ୍ୱରରେ ଆରମ୍ଭ ହେବା ପରାମର୍ଶ ହେତୁ Contact Sudarsan, 9040151899.** D-68068

## astrology

ସବୁ ସମସ୍ୟାର ସମାଧାନ ହେବ ଗୁଣି ଗାରେଡି, ଭୂତପ୍ରେତରୁ ରକ୍ଷା, ପ୍ରେମବିବାହ, ଗୃହସମସ୍ୟା, ବ୍ୟବସାୟ, ଚାକିରି ସମସ୍ୟାର ସମାଧାନ ହେବ। Mob: 7008953611. D-16668

## AFFIDAVIT

I Buddhadev Jena S/o- Radhakrushna Jena Address Mahabala Balasore 756024 changed my name as Rohan Jena for All Purpose. D-16746

**23rd Marriage Anniversary**



*Dusmant Kumar Moharana & Sanjukta Moharana*
Capital Hospital, BBSR
May Shree Jagannath Mahaprabhu shower his blessings upon both of you.
Wishing you a happy married life.
Best Wishes: Babi, Bapi, Barsha, Babu, Mama
D-16748

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**JOGESWAR DAS**
Rayagada Mob: 06856222611, 9437234611

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

ଯଦି କୌଣସି ଟେଲିକମ୍ କମ୍ପାନୀ ଦେବାଳିଆ ପ୍ରକ୍ରିୟାରେ ଆବେଦନ କରନ୍ତି, ତେବେ ବ୍ୟାଙ୍କଗୁଡିକ ଆର୍ଥିକ ସହାୟତା ଯୋଗାଇ ଦେବେ।

– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



ଏବେ ଋଣ ଅଭିବୃଦ୍ଧିରେ ଉନ୍ନତି ଆସୁଛି। ବଜେଟର ବିଭିନ୍ନ ପ୍ରସ୍ତାବ ମୁଦ୍ରାସ୍ଫୀତି ବଢାଇବାର ସମ୍ଭାବନା ନାହିଁ।

– ଶକ୍ତିକାନ୍ତ ଦାସ, ଗଭର୍ନର, ରିଜର୍ଭ ବ୍ୟାଙ୍କ



# ଏଜିଆର୍ ବକେୟା ପଇଠ କରିବ ଭୋଡାଫୋନ-ଆଇଡିଆ

**ନୂଆଦିଲ୍ଲୀ,୧୫-୨**

ଆଡ୍‌ଜଷ୍ଟେଡ ଗ୍ରସ୍ ରେଭେନ୍ୟୁ(ଏଜିଆର୍) ବାବଦ ବକେୟା ଅର୍ଥ ପ୍ରଦାନ କରିବାକୁ ଭୋଡାଫୋନ-ଆଇଡିଆ ସମ୍ମତି ପ୍ରଦାନ କରିଛି। ଏହି ବାବଦରେ କେତେ ଅର୍ଥ ପ୍ରଦାନ କରାଯିବ ସେ ନେଇ କମ୍ପାନୀ ବର୍ତ୍ତମାନ ବିଚାର କରୁଛି। କମ୍ପାନୀ ବର୍ତ୍ତମାନ କ୍ଷତିରେ ଚାଲୁଥିବା ବେଳେ ଭାରତରେ ଏହାର ବାଣିଜ୍ୟ ପରିଚାଳନା ଆଗକୁ ଚାଲିବ କି ନାହିଁ ସେ ନେଇ ଆଶଙ୍କା ପ୍ରକଟ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବକେୟା ଏଜିଆର୍ ଦେୟ ପଇଠ କରିବା ଲାଗି ପ୍ରସ୍ତୁତିରେ ରହିଥିବା କମ୍ପାନୀ ଶନିବାର ମତ ପ୍ରକାଶ କରିଛି। ଏଜିଆର୍ ଦେୟର ପୁନର୍ବିଚାର କରିବା ଲାଗି କମ୍ପାନୀ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଛି। ଭାରତ ବାଣିଜ୍ୟର ଭବିଷ୍ୟତ କ'ଣ ରହିବ ତାହା




ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ନିର୍ଭର କରୁଛି ବୋଲି କମ୍ପାନୀ କହିଛି। ଏଥିରୁ ବୁଝାପଡୁଛି ଯେ, ସର୍ବୋଚ୍ଚ ନ୍ୟାୟାଳୟ ଯଦି କିଛି କୋହଳ ବ୍ୟବସ୍ଥା କରନ୍ତି ତେବେ କମ୍ପାନୀ ଦେୟ ପଇଠ କରିବା ସହ ଭାରତରେ ବ୍ୟବସାୟ କରିପାରିବ।

ଆଗାମୀ କିଛି ଦିନରେ ବକେୟା ରାଶି ପଇଠ କରାଯିବ ବୋଲି ଭୋଡାଫୋନ-ଆଇଡିଆଇ ପକ୍ଷରୁ ବିଏସ୍‌ଇକୁ ଏକ ଫାଇଲିଂରେ କୁହାଯାଇଛି। ଏହି କମ୍ପାନୀ

- ଭାରତରେ କାରବାର ନେଇ ଆଶଙ୍କାରେ କମ୍ପାନୀ
- ସୁପ୍ରିମକୋର୍ଟଙ୍କ ପରବର୍ତ୍ତୀ ଶୁଣାଣିକୁ ଅପେକ୍ଷା
- ଭାରତ ବଜାର ଛାଡ଼ିବାକୁ ପୂର୍ବରୁ କହିଥିଲା

ଉପରେ ବର୍ତ୍ତମାନ ପ୍ରାୟ ୫୩,୦୩୮ କୋଟି ଟଙ୍କାର ବକେୟା ରହିଛି। ଏହା ମଧ୍ୟରେ ୨୪,୭୨୯ କୋଟି ଟଙ୍କାର ସ୍ପେକ୍ଟ୍ରମ ବକେୟା ଏବଂ ୨୮,୩୦୯ କୋଟି ଟଙ୍କାର ଲାଇସେନ୍ସ ଫି ଦେୟ ବାକି ରହିଛି। ସରକାର କମ୍ପାନୀକୁ ଯଦି କୌଣସି ରିହାତି ପ୍ରଦାନ ନ କରନ୍ତି, ତେବେ କାରବାର ବନ୍ଦ ହୋଇଯିବ ବୋଲି ଏହା ପୂର୍ବରୁ ଚେତାବନୀ ଦେଇସାରିଛି। ଡିସେମ୍ବର ତ୍ରୈମାସରେ କମ୍ପାନୀର କ୍ଷତି ବର୍ତ୍ତମାନ ଯାଏ ସର୍ବାଧିକ ରହିଛି। ଏଭଳି ସ୍ଥିତିରେ କାରବାର ଆଗକୁ ବଢ଼ାଇବା କଷ୍ଟକର ହେଉଥିବା କମ୍ପାନୀ ସୂଚନା ଦେଇଛି। ଏଣୁ ସୁପ୍ରିମକୋର୍ଟଙ୍କ ଆଦେଶ ଆସିଲା ପରେ ହିଁ କମ୍ପାନୀ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିଚାର କରିବ। ଏଜିଆର୍ ମାମଲାରେ ପରବର୍ତ୍ତି ଶୁଣାଣି ମାର୍ଚ୍ଚ ୧୭ରେ ହେବ ବୋଲି ଜଣାପଡିଛି। ସେହିଭଳି ଆଗାମୀ ଶୁଣାଣି ପର୍ଯ୍ୟନ୍ତ ୧୦ ହଜାର କୋଟି ଟଙ୍କା ପଇଠ କରିବାକୁ ଭାରତୀ ଏୟାରଟେଲ କହିଛି। ବକେୟା ପ୍ରଦାନରେ କମ୍ପାନୀଗୁଡିକ ବିଳମ୍ବ କଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବିଚାର କରାଯାଉଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# କେନ୍‌ଷ୍ଟାର ପକ୍ଷରୁ ଡିଲର ସମ୍ମିଳନୀ

**ଭୁବନେଶ୍ୱର,୧୫-୨**

ପ୍ରମୁଖ କମ୍ପାନୀ କେନ୍‌ଷ୍ଟାର ପକ୍ଷରୁ ଡିଲର ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଠାରେ ପୁରୀ, ଖୋର୍ଦ୍ଧା, ନିମାପଡ଼ା, ପିପିଲି, କାକଟପୁର, ଜଟଣୀ, ଭୁବନେଶ୍ୱର ଭଳି ସ୍ଥାନଗୁଡିକରୁ ପ୍ରାୟ ୧୫୦ ଡିଲର ଯୋଗ ଦେଇଥିଲେ। ଏହି ଅବସରରେ ନୂଆ ଡବଲକୁଲ ୱେଭ ମଡେଲ କୁଲର ବଜାର ପ୍ରବେଶ କରାଯାଇଛି। ସେହିଭଳି ନୂଆ ରେଞ୍ଜରେ କେନ୍‌ଷ୍ଟାର ୧୬ ଫ୍ୟାନ ମଡେଲକୁ ବଜାରକୁ ଛାଡିଛି। ସ୍ମଲ ଆପ୍ଲାଏନ୍ସ ବର୍ଗରେ ରହିଥିବା ବିଭିନ୍ନ ମଡେଲ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା। ଏହାବାଦ ଗ୍ରାଇଣ୍ଡର ବର୍ଗରେ ୭ ନୂଆ ମଡେଲ କମ୍ପାନୀ ଆଣିଛି। ଏହି ଅବସରରେ କମ୍ପାନୀର ଶାଖା ପ୍ରବନ୍ଧକ ବିଦ୍ୟାଧର ଦାଶ କହିଛନ୍ତି ଯେ, କେନ୍‌ଷ୍ଟାର ପ୍ରଡକ୍ଟଗୁଡିକ ଗ୍ରାହକଙ୍କ



ଆବଶ୍ୟକତାକୁ ନଜରରେ ରଖି ପ୍ରସ୍ତୁତ କରାଯାଇଛି। ଗ୍ରାହକଙ୍କୁ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଏହି ଆଧାରରେ ନୂଆ ନୂଆ ପ୍ରଡକ୍ଟ ପୋର୍ଟଫୋଲିଓରେ ଯୋଡୁଛୁ। ବ୍ରାଣ୍ଡର ସମ୍ପ୍ରସାରଣ ଲାଗି ଉଦ୍ୟମ ଜାରି ରହିଥିବା ବେଳେ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବା ସେ ମତବ୍ୟକ୍ତ କରିଛନ୍ତି। ଗ୍ରୀଷ୍ମରେ ଉନ୍ନତ ବ୍ୟବସାୟ ନେଇ ଆଶା ରହିଥିବା ଦାଶ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଏରିଆ ମ୍ୟାନେଜର ସନ୍ତୋଷ ଶତପଥୀ ଉପସ୍ଥିତ ଥିଲେ। ଭଲ ପ୍ରଦର୍ଶନ କରିଥିବା ଡିଲରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

# ଲୁଇ ଫିଲିପ୍‌ର ନୂଆ ଷ୍ଟୋର



**ଭୁବନେଶ୍ୱର,୧୫-୨**

ପୁରୁଷଙ୍କ ପରିଧାନ ବର୍ଗରେ ପ୍ରମୁଖ ବ୍ରାଣ୍ଡ ଲୁଇ ଫିଲିପ ପକ୍ଷରୁ ନୂଆ ଷ୍ଟୋର ସ୍ଥାନୀୟ ଉତ୍କଳ କନିକା ଗ୍ୟାଲେରିଆଠାରେ ଶୁଭାରମ୍ଭ ହୋଇଛି। ଏଠାରେ ଗ୍ରାହକମାନେ ଉଚ୍ଚ ଗୁଣବତ୍ତାବିଶିଷ୍ଟ ପୋଷାକପତ୍ର, ଫୁଟୱେର ଏବଂ ଆସେସୋରିଜ ଲାଭ କରିପାରିବେ। ଗତ କିଛିବର୍ଷ ଧରି ଏହି ବ୍ରାଣ୍ଡ ନୂଆ ଉଦ୍ଭାବନ ଗ୍ରାହକଙ୍କ ଲାଗି ପ୍ରଦାନ କରୁଛି। ଉନ୍ନତ କପଡା ଏବଂ କ୍ରାଫ୍ଟମ୍ୟାନଶିପକୁ ଏହା ଗୁରୁତ୍ୱ ଦେଇ ଆସିଥିବା କହିଛି। ରାଜ୍ୟରେ ଲୁଇ ଫିଲିପର ୭ ଟି ଷ୍ଟୋର ରହିଛି। ୧୨୦୦ ବର୍ଗଫୁଟ ସ୍ଥାନରେ ନୂଆ ଷ୍ଟୋରଟି ଖୋଲିଛି। ଷ୍ଟାଇଲ ପ୍ରିୟ ପୁରୁଷ ଗ୍ରାହକ ଏଠାରେ ସୁଟ, ଶାର୍ଟ, ଟ୍ରାଉଜର, ଟି-ଶାର୍ଟ, ଜିନ୍ସ, ଫୁଟୱେର, ଆସେସୋରିଜ ଲାଭ କରିପାରିବେ। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ଗ୍ରାହକଙ୍କ ଲାଗି ଅଫର ରଖାଯାଇଛି। ପ୍ରଥମ ୨୦୦ ଗ୍ରାହକଙ୍କ ଲାଗି କ୍ରୟ ଉପରେ ୧୦୦୦ ଟଙ୍କା ଅଫ୍ ମିଳିବ। ଏହି ଅଫରର ଲାଭ ଉଠାଇବା ଲାଗି ଷ୍ଟୋର ପରିଦର୍ଶନ କରିବାକୁ ଗ୍ରାହକଙ୍କୁ ଷ୍ଟୋର ପକ୍ଷରୁ ନିବେଦନ କରାଯାଇଛି। ସହରର ଗ୍ରାହକଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଦିଗରେ ଷ୍ଟୋରଟି ସହାୟକ ହେବ ବୋଲି ଲୁଇ ଫିଲିପ୍‌ର ସିଓଓ ଫରିଦା କଲିଆଦାନ କହିଛନ୍ତି।

# ୧୮ରେ ଶୁଭାରମ୍ଭ ହେବ କୋହେନ ଇଣ୍ଟରନ୍ୟାଶନାଲ ସ୍କୁଲ

**ଭୁବନେଶ୍ୱର,୧୫-୨**

କୋହେନ ଇଣ୍ଟରନ୍ୟାଶନାଲ ସ୍କୁଲ (ସିଆଇଏସ୍)ର ସ୍ପୋର୍ଟସ ଏରିନା ଚଳିତ ମାସ ୧୮ ତାରିଖରେ ଖୋର୍ଦ୍ଧାର ଜଟଣୀରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବ। ପୂର୍ବତନ କ୍ରିକେଟ ତାରକା ପଦ୍ମଶ୍ରୀ ବୀରେନ୍ଦ୍ର ସେହ୍ୱାଗ ଏହାକୁ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗ ଦେବେ। ୧୦ ଏକର ପରିମିତ ସ୍ଥାନରେ ସ୍ଥାପନ ହୋଇଥିବା ଏହି ସ୍କୁଲରେ ପ୍ରାଥମିକ ସ୍ତରଠାରୁ ଯୁକ୍ତଦୁଇ ଯାଏ ଛାତ୍ରୀଛାତ୍ର ଶିକ୍ଷାଗ୍ରହଣ କରିପାରିବେ। କୋଚିଂ କ୍ଷେତ୍ରରେ ବିଦ୍ୱାନ କ୍ଲାସେସ୍‌ର ସଫଳତା ପରେ ଏହାର ପ୍ରତିଷ୍ଠାତା ଜ୍ୟୋତି ରଞ୍ଜନ ତ୍ରିପାଠୀ ଏବେ ସ୍କୁଲ ଶିକ୍ଷା କ୍ଷେତ୍ରରେ ନୂଆ ପଦକ୍ଷେପ ଆରମ୍ଭ କରିଛନ୍ତି। ସେ କହିଛନ୍ତି ଯେ, କୋହେନ ଲାଗି ସିବିଏସ୍‌ଇ ସହ ଅନୁବନ୍ଧିତ ହୋଇଛୁ। ଛାତ୍ରୀଛାତ୍ରଙ୍କର ସର୍ବାଙ୍ଗୀନ ବିକାଶ ଲାଗି ଶିକ୍ଷା ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ର ବର୍ତ୍ତମାନର ସମୟ ସହ ତାଳଦେଇ କିଭଳି ଶିକ୍ଷଣ ପ୍ରକ୍ରିୟାରେ ନିଜକୁ ପ୍ରକୃତରେ ସାମିଲ କରିପାରିବେ ତାକୁ ବିଚାର କରାଯାଇଛି। ଗୁଣାତ୍ମକ ଶିକ୍ଷାଦାନକୁ ସର୍ବଦା ପ୍ରାଥମିକତା ଦିଆଯାଇଛି। ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ସୁଲଭ ମୂଲ୍ୟରେ ଶିକ୍ଷା ଯୋଗାଇ ଦେବା ନେଇ ଯୋଜନା ରଖାଯାଇଛି। ଶିକ୍ଷା ବାଦ୍ ଅନ୍ୟ ଦିଗଗୁଡିକୁ ମଧ୍ୟ ବିଚାର କରାଯାଇଛି। ସ୍କୁଲରେ ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ଶିକ୍ଷା ପ୍ରଦାନ କରାଯିବ। ଛାତ୍ରୀଛାତ୍ରଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଅତ୍ୟାଧୁନିକ ଶିକ୍ଷା ସହ ମଧ୍ୟ ଜଡିତ କରାଯିବ ବୋଲି ସେ ମତ ରଖିଛନ୍ତି।

## କ୍ୱିକ୍ ହିଲ୍ ପକ୍ଷରୁ ସୁରକ୍ଷା ପଦକ୍ଷେପ

Quick Heal
Security Simplified

**ଭୁବନେଶ୍ୱର,୧୫-୨:** ଆଇଟି ସୁରକ୍ଷା ଏବଂ ଡାଟା ସଂରକ୍ଷଣ ସୁବିଧା ପ୍ରଦାନ କରୁଥିବା କମ୍ପାନୀ କ୍ୱିକ ହିଲ୍ ଟେକ୍ନୋଲୋଜି ପକ୍ଷରୁ ଆନୁଆଲ ଥ୍ରେଟ୍ ରିପୋର୍ଟ ୨୦୨୦ ପ୍ରକାଶ ପାଇଛି। ଭାରତୀୟ ଉପଭୋକ୍ତାମାନେ ଅନଲାଇନରେ ସାଇବର ଅପରାଧୀଙ୍କ ଦ୍ୱାରା ସବୁଠାରୁ ସହଜ ଉପାୟରେ ଠକେଇର ଶିକାର ହେଉଥିବା ଏହି ରିପୋର୍ଟରେ କୁହାଯାଇଛି। କ୍ୟାଲେଣ୍ଡର ବର୍ଷର ଥ୍ରେଟ ଡାଟାକୁ ନେଇ କ୍ୱିକ୍ ହିଲ ପକ୍ଷରୁ ଏଭଳି ଅଧ୍ୟୟନ କରାଯାଇଛି। ୨୦୧୯ରେ ଜ୍ଞାତ ବା ଅଜ୍ଞାତରେ ଭାରତୀୟଙ୍କ ଲାଗି ଆସିଥିବା ପ୍ରାୟ ୧ ବିଲିୟନ ବିପଦକୁ କ୍ୱିକ ହିଲ ଠାବ କରିବା ସହ ଅଟକାଇ ପାରିଛି ବୋଲି କହିଛି। ଦୈନିକ ଭିତ୍ତିରେ ଏଭଳି ୨.୯ ନିୟୁତ ମାମଲା ସାମ୍ନାକୁ ଆସିଛି। ଦିଲ୍ଲୀ ଏନ୍‌ସିଆର୍ ଏବଂ ମହାରାଷ୍ଟ୍ରର ଗ୍ରାହକମାନେ ସବୁଠାରୁ ଅଧିକ ଟାର୍ଗେଟରେ ଏହି ସମୟରେ ରହିଛନ୍ତି। ଉଭୟ ସହରରେ ଯଥାକ୍ରମେ ୩୮ ନିୟୁତ ଏବଂ ୨୫ ନିୟୁତ ମାମଲା ସାମ୍ନାକୁ ଆସିଛି। ଅଧିକ ଅନଲାଇନ ବିପଦ ରହିଥିବା ଅନ୍ୟ ରାଜ୍ୟଗୁଡିକ ମଧ୍ୟରେ ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ଗୁଜରାଟ ରହିଛନ୍ତି। ଦିଲ୍ଲୀରେ ୨୪ ଲକ୍ଷ ଥ୍ରେଟ ମାମଲା ସାମ୍ନାକୁ ଆସିଛି। ଏହାବାଦ ମୁମ୍ବାଇ, ବେଙ୍ଗାଲୁରୁ, କୋଲକାତା ଏବଂ ପୁଣେ ଭଳି ସ୍ଥାନରେ ସାଇବର ଅପରାଧ ଘଟିବାର ଅଧିକ ସମ୍ଭାବନା ରହିଥିବା ରିପୋର୍ଟରେ କୁହାଯାଇଛି। ସାଇବର ଠକେଇ ଲାଗି ଅପରାଧୀମାନେ ଏବେ ବିଭିନ୍ନ ଉପାୟ ଅବଲମ୍ବନ କରିଛନ୍ତି। ଏହା ବିରୋଧରେ ସଚେତନତା ଏବଂ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା କ୍ୱିକ ହିଲ ଟେକ୍ନୋଲୋଜିର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଏବଂ ସିଟିଓ ସଞ୍ଜୟ କାଟକର କହିଛନ୍ତି।

## ସିଣ୍ଡିକେଟ ବ୍ୟାଙ୍କର ତୃତୀୟ ତ୍ରୈମାସ ଫଳାଫଳ

**ଭୁବନେଶ୍ୱର,୧୫-୨:** ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ବ୍ୟାଙ୍କ ୫ ଲକ୍ଷ କୋଟି ଟଙ୍କାର କାରବାର ହାସଲ କରିବାକୁ ସକ୍ଷମ ହୋଇଛି। ବ୍ୟାଙ୍କର ନେଟ ଲାଭ ୪୩୫ କୋଟି ଟଙ୍କା ରହିଛି। ନେଟ୍ ସୁଧଜନିତ ଆୟ ୧୬% ବୃଦ୍ଧି ଘଟି ୧୮୭୧ କୋଟି ଟଙ୍କା ରହିଛି। କାସା ଜମାରେ ୮.୧୩% ବୃଦ୍ଧି ଘଟିଥିବାବେଳେ କଷ୍ଟ ଟୁ ଇନକମ୍ ୫୨.୦୬% ରହିଛି। ଏହି ସମୟରେ ନେଟ୍ ଏନ୍‌ପିଏ ୫.୯୪% ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କସିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ASTROLOGY

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ
ଗୁରୁଜୀ ବଙ୍ଗାଳି ତାନ୍ତ୍ରିକ
9917255848
9761318693

BUSINESS
ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରିମ 40,000.00/- 70,000.00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ। + Agreement
Phase-4 Gurugram Haryana 122015
08794551889

FINANCE
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ
0% ସୁଧ 50% ଛାଡରେ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
9410319710
7579455687

ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
7653848464
H.No. 12, Sohana Distt. Mohali

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
୧% ସୁଧ ୫୦% ଛାଡ଼

ଗୁରୁ ସାହି ଖାନ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
7503449786
8800979262

BUSINESS

ହିନ୍ଦୁସ୍ତାନ ଟାୱାର
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8929313996

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000।
ମୋ. 9411277198

ଶ୍ରୀରାମ ଟାୱାର ପ୍ରାଇଭେଟ୍ ଲିମିଟେଡ୍
Digital Tower ଲଗାନ୍ତୁ।
ଅଗ୍ରିମ- 50,00,000/- + ଭଡ଼ା- 50,000/- + 20 ବର୍ଷ କୋର୍ଟ ଏଗ୍ରିମେଣ୍ଟ
TOLL FREE: 1800-102-1344

FINANCE

ଭାରତର ନଂ.1 କମ୍ପାନୀ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଶ୍ରୀରାମ ଫାଇନାନ୍ସ
ଲୋନ
2% ସୁଧ 50% ଛାଡ଼
083074-68262

FINANCE
ବାଲାଜୀ ଫାଇନାନ୍ସ
ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ସରସ ଫାଇନାନ୍ସ
ଋଣ ମାତ୍ର ୨୪ ଘଣ୍ଟାରେ
ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାର ଲୋନ, ପଶୁପାଳନ, ବିଜନେସ୍ ଏବଂ ଘର ଋଣ
8595495741
8595477915
Email: sarasfinance77@gmail.com

CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

FINANCE
CAPITAL ଋଣ ସରକାରୀ ସାକ୍ରିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
9499411272

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ ଦୁଇ ତିନୋଟି ଗେମ୍‌ର ପ୍ରଦର୍ଶନକୁ ଭିତ୍ତିକରି ବୁମ୍‌ରାଙ୍କ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇବା ଉଚିତ୍ ନୁହେଁ।
–ମହମ୍ମଦ ସାମି, ଭାରତୀୟ ପେସ୍ ବୋଲର

“ ଆଷ୍ଟ୍ରୋ ଟର୍ଫ ପିଚ୍‌ରେ ଅଭ୍ୟାସ ଯୋଗୁ ଦକ୍ଷିଣ ଆଫ୍ରିକାର ବାଉନ୍‌ସ ପିଚ୍‌ରେ ମୁଁ ଭଲ ଖେଳିପାରିଥିଲି।
–ଯଶସ୍ୱୀ ଜୈସ୍ୱାଲ, ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟର



## ସଂକ୍ଷେପରେ

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ପାଇଁ ନିଶାନ୍ତ ଜଜ୍



**ଭୁବନେଶ୍ୱର, ୧୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତୀୟ ଦଳ ଆସନ୍ତା ୨୧ ଓ ୨୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ୨ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ୨ଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଲାଗି ଓଡ଼ିଶାର ନିଶାନ୍ତ ଜ୍ୟୋତି ମହାନ୍ତିଙ୍କୁ ଟାଇମିଂ ଓ ସ୍କୋରିଂ ଜଜ୍ ଭାବେ ନିଯୁକ୍ତ କରାଯାଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ନିଶାନ୍ତଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ତ୍ତମାନ ଇଷ୍ଟକୋଷ୍ଟ ରେଲ୍‌ୱେରେ କାର୍ଯ୍ୟରତ ନିଶାନ୍ତ ଏଥିପୂର୍ବରୁ ଜଜ୍, ଅମ୍ପାୟର ଓ ଟେକ୍‌ନିକାଲ ଅଫିସିଆଲ ଭାବେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତାର ସହିତ ଦାୟିତ୍ୱ ତୁଲାଇସାରିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିବାରୁ ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ଏହି ଅବସରରେ ନିଶାନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ୟୁରୋପିଆନ ପ୍ରତିଯୋଗିତାରୁ ମାଞ୍ଚେଷ୍ଟର ସିଟି ବାସନ୍ଦ

**ନିଓନ(ସୁଇଜରଲାଣ୍ଡ), ୧୫।୨(ଏଏଫ୍‌ପି):** ମାଞ୍ଚେଷ୍ଟର ସିଟି ଫୁଟବଲ ଦଳକୁ ୟୁରୋପିଆନ ପ୍ରତିଯୋଗିତାରୁ ଆଗାମୀ ୨ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଦଳ ଆର୍ଥିକ ଫେୟାର ପ୍ଲେ ନିୟମ ଭଙ୍ଗ କରିଥିବା ୟୁଏଫା ପକ୍ଷରୁ ଘୋଷଣା କରାଯାଇଛି। ବାସନ୍ଦାଦେଶ ସହ ୩୦ ନିୟୁତ ୟୁରୋ (୩୨.୫ ନିୟୁତ ଡଲାର) ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। ସେମାନେ ଏହି ଦଣ୍ଡାଦେଶକୁ କୋର୍ଟ ଅଫ୍ ଆର୍ବିଟ୍ରାଶନ ସ୍ପୋର୍ଟ୍ସ (ସିଏଏସ୍)ରେ ଚ୍ୟାଲେଞ୍ଜ କରିବେ। ଦଳ ଚଳିତ ସିଜନରେ ଚାମ୍ପିୟନଶିପ ଲିଗ୍‌ରେ ରିୟଲ ମାଡ୍ରିଡ୍ ସହ ପ୍ରିକ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବ। ଆଡଜୁଡିକାଟୋରି ଚାମ୍ବରର ହସ୍ତଗତ ହୋଇଥିବା ସମସ୍ତ ପ୍ରମାଣରୁ ଜଣାପଡ଼ିଛି ମାଞ୍ଚେଷ୍ଟର ସିଟି ୟୁଏଫା କ୍ଲବ ଲାଇସେନ୍ସିଂ ଓ ଫାଇନାଲସିଆଲ ଫେୟାର ପ୍ଲେ ନିୟମ ଭଙ୍ଗ କରିଛି। କ୍ଲବ ତଦନ୍ତ ପ୍ରକ୍ରିୟାରେ ମଧ ସାହାଯ୍ୟ କରାଯାଇ ନ ଥିଲା।

# ଭାରତକୁ ଅଗ୍ରଣୀ ଦେଲେ ଦ୍ରୁତ ବୋଲର

**ହାମିଲଟନ, ୧୫।୨(ପି.ଟି.)**

ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷ ୩ ଦିନିଆ ଅଭ୍ୟାସ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତୀୟ ଦଳ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛି।

**ଅଭ୍ୟାସ ମ୍ୟାଚ୍**

ଶନିବାର ଦ୍ୱିତୀୟ ଦିବସରେ ଭାରତୀୟ ଦ୍ରୁତ ବୋଲରମାନେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ଓପନରମାନେ ମଧ ଉନ୍ନତ ପ୍ରଦର୍ଶନ କରିଛନ୍ତି। ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଉମେଶ ଯାଦବଙ୍କ ସମେତ ନବଦୀପ ସଇନି ପ୍ରଭାବୀ ପ୍ରଦର୍ଶନ କରି ଘରୋଇ ଦଳକୁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇନାହାନ୍ତି ଓ ଭାରତକୁ ପ୍ରଥମ ଇନିଂସରେ ଅଗ୍ରଣୀ କରାଇଛନ୍ତି।

ଟସ୍ ଜିତି ଭାରତ ଶୁକ୍ରବାର ପ୍ରଥମ ଇନିଂସରେ ହନୁମା ବିହାରୀଙ୍କ ଶତକ ଓ ଚେତେଶ୍ୱର ପୂଜାରାଙ୍କ ଲଢୁଆ ବ୍ୟାଟିଂ ବଳରେ ୭୮.୫ ଓଭରରେ ୨୬୩ ରନ କରି ଅଲ ଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ଏକାଦଶ ୭୪.୨ ଓଭରରେ ୨୩୫ ରନ କରି ଆଉଟ ହୋଇଛି। ଫଳରେ ଭାରତ ୨୮ ରନରେ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୭ ଓଭରରେ କୌଣସି ଉଇକେଟ ନ ହରାଇ ଦ୍ରୁତ ୫୯ ରନ ସଂଗ୍ରହ କରିଛି। ଫଳରେ ମୋଟ ଉପରେ ଭାରତ ୧୦ ଉଇକେଟ ହାତରେ ରଖି ୮୭ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ପୃଥ୍ୱୀ ଶ ୨୫ ବଲରୁ ୫ ଚୌକା ଓ ୧ ଛକା ସହ ୩୫ ଓ ମୟଙ୍କ ଅଗ୍ରୱାଲ ୧୭ ବଲରୁ ୪ ଚୌକା ଓ ୧ ଛକା ସହ ୨୩ ରନ କରି ଅପରାଜିତ ରହିଛନ୍ତି। ଅନ୍ତିମ ଅଧଘଣ୍ଟାରେ ପୃଥ୍ୱୀ ଓ ମୟଙ୍କ ଧୂଆଁଧାର ବ୍ୟାଟିଂ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ସ୍କଟ କୁଗେଲେଜିନ ଓ ବ୍ଲେୟାର ଟିକ୍‌ନରଙ୍କ ବଲ୍‌ରେ ଏହି ଦୁଇ ଓପନର ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଯାଇ କେତୋଟି ଛକା ଓ ଚୌକା ମାରିଥିଲେ।

ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ପ୍ରାରମ୍ଭିକ ଝଟକା ଖାଇଥିଲା। ଭାରତୀୟ ଦ୍ରୁତ ବୋଲରଙ୍କୁ ସମ୍ମୁଖୀନ ହେବାରେ ବିଫଳ ହୋଇଥିଲେ ଘରୋଇ ଦଳର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ। ୨ ରନ କରିଥିବା ବେଳେ ଓପନର ୱିଲ ୟଙ୍ଗ ବୁମ୍‌ରାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଏହାପରେ ଟିମ୍ ସିଫର୍ଟ (୯ ରନ) ନିରାଶ କରିଥିଲେ। ଅନ୍ୟତମ ଓପନର ରାଚିନ ରବୀନ୍ଦ୍ର ୩୪ ରନ କରି ଉମେଶ ଯାଦବଙ୍କ ବଲ୍‌ରେ ପ୍ୟାଭିଲିୟନ ଫେରିଥିଲେ। ୨୦ ରନ କରିଥିବା ବେଳେ ଫିନ୍ ଆଲିନ ବୁମ୍‌ରାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଦଳ ତରଫରୁ ସର୍ବାଧିକ ରନ୍ ସଂଗ୍ରହ କରିଥିଲେ ହେନେରୀ କୁପର। ସେ ୪୦ ରନ କରିଥିବା ବେଳେ ସାମିଙ୍କ ବଲ୍‌ରେ ମୟଙ୍କଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଟମ୍ ବ୍ରୁସ୍ ୩୧ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଡେନ କ୍ଲେଭର ୧୩ ରନ କରି ସଇନିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଧିନାୟକ ଡାରିଲ ମିଚେଲ ୩୨ ରନ କରିଥିବା ବେଳେ ପୃଥ୍ୱୀଙ୍କୁ କ୍ୟାଚ୍ ଦେଇଥିଲେ। ଜେମ୍ସ ନିଶାମ ୧ ରନ ସଂଗ୍ରହ କରିଥିଲେ। ଇଶ୍ ସୋଧି ୧୪ ରନ କରି ପୂଜାରାଙ୍କୁ କ୍ୟାଚ୍ ଦେଇ ଶେଷ ଉଇକେଟ ଭାବେ ଅଭିଜ୍ଞ ସ୍ପିନର ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ସ୍କଟ କୁଗେଲେଜିନ ୧୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ସାମି ସର୍ବାଧିକ ୩, ବୁମ୍‌ରା, ଉମେଶ ଓ ସଇନି ଦୁଇଟି ଲେଖାଏ ଓ ଅଶ୍ୱିନ ଗୋଟିଏ ଉଇକେଟ ହାସଲ କରିଥିଲେ।



ଉଇକେଟ୍ ହାସଲ ପରେ ମହମ୍ମଦ ସାମି ଖୁସି ମନାଉଛନ୍ତି।

### ସଂକ୍ଷିପ୍ତ ସ୍କୋର:

**ଭାରତ ପ୍ରଥମ ଇନିଂସ:** ୭୮.୫ ଓଭରରେ ୨୬୩ ଅଲଆଉଟ।
**ନ୍ୟୁଜିଲାଣ୍ଡ ଏକାଦଶ ପ୍ରଥମ ଇନିଂସ: ୭୪.୨ ଓଭରରେ ୨୩୫ ଅଲଆଉଟ** (କୁପର- ୪୦, ରବୀନ୍ଦ୍ର- ୩୪, ମିଚେଲ- ୩୨, ବ୍ରୁସ୍- ୩୧, ଆଲିନ- ୨୦, ସାମି- ୩/୧୭, ବୁମ୍‌ରା- ୨/୧୮, ଉମେଶ- ୨/୪୯, ସଇନି- ୨/୫୮, ଅଶ୍ୱିନ- ୧/୪୬)। **ଭାରତ ଦ୍ୱିତୀୟ ଇନିଂସ-** ୭ ଓଭରରେ ୫୯/୦ (ପୃଥ୍ୱୀ-୩୫*, ମୟଙ୍କ- ୨୩*)।

# ୨୦ କି.ମି. ଚାଲିରେ ଭାୱାନାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ରାଞ୍ଚି, ୧୫।୨(ପି.ଟି.)**



ଭାରତୀୟ ଭାୱାନା ଜାଟ୍ ୨୦ କିଲୋମିଟର ଚାଲି ଇଭେଣ୍ଟରେ ଜାତୀୟ ରେକର୍ଡ ଭଙ୍ଗ କରିବା ସହ ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ ରାଜସ୍ଥାନ ଆଥ୍‌ଲେଟ୍ ୨୦ କି.ମି. ଦୂରତାକୁ ୧ ଘଣ୍ଟା ୨୯ ମିନିଟ୍ ୫୪ ସେକେଣ୍ଡରେ ଶେଷ କରି ଏହି ସଫଳତା ପାଇଛନ୍ତି। ଅଲିମ୍ପିକ୍ସ ଲାଗି ଏହି ଇଭେଣ୍ଟରେ ୧:୩୧.୦୦ କ୍ୱାଲିଫାଇଂ ଟାଇମିଂ ଧାର୍ଯ୍ୟ କରାଯାଇଥିଲା। ଏହି ଇଭେଣ୍ଟରେ ପ୍ରିୟଙ୍କା ଗୋସ୍ୱାମୀ ଅଳ୍ପକେ ଅଲିମ୍ପିକ୍ସ ଯୋଗ୍ୟତାରୁ ବଞ୍ଚିତ ହୋଇଛନ୍ତି। ତାଙ୍କୁ ରେସ୍ ଶେଷ କରିବା ପାଇଁ ୧:୩୧.୩୬ ଘଣ୍ଟା ଲାଗିଥିଲା। ଭାୱାନାଙ୍କ ପ୍ରଦର୍ଶନରେ ଚମତ୍କାର ଉନ୍ନତି ଆସିଛି। ଗତବର୍ଷ ଏଠାରେ ଅନୁଷ୍ଠିତ ଜାତୀୟ ଓପନ ଚାମ୍ପିୟନଶିପବେଳେ ଭାୱାନା ୧:୩୮.୩୦ ସେ. ଟାଇମିଂ ହାସଲ କରିଥିଲେ। ଗତବର୍ଷ ଅଗଷ୍ଟରେ ପୁଣେଠାରେ ଆୟୋଜିତ ସର୍ବଭାରତୀୟ ଆନ୍ତଃ ରେଲୱେ ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ଭାୱାନା ୧:୩୬.୧୭ ସେ.ରେ ରେସକୁ ଶେଷ କରିଥିଲେ। ବର୍ତ୍ତମାନ ଜୟପୁରଠାରେ କୋଚ୍ ଗୁର୍ମୁଖ ସିହାଗଙ୍କ ସହ ଟ୍ରେନିଂ କରୁଥିବା ଭାୱାନା ଏପର୍ଯ୍ୟନ୍ତ କୌଣସି ଜୁନିୟର କିମ୍ବା ସିନିୟର ବର୍ଗର ଅନ୍ତର୍ଜାତୀୟ ଇଭେଣ୍ଟରେ ଭାଗ ନେଇନାହାନ୍ତି। ଏପରି କି ସେ କଦାପି ସାଇର ଜାତୀୟ କ୍ୟାମ୍ପରେ ସ୍ଥାନ ଭାଗ ନେଇ ନ ଥିଲେ। ସେ ସିନିୟର ବର୍ଗରେ ୨୦୧୬ରେ ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍ କ୍ୟାରିୟର ଆରମ୍ଭ କରିଥିଲେ। ସ୍ୱପ୍ନ ସତ ହେଲା ଭଳି ଲାଗୁଛି। ମୁଁ ଟ୍ରେନିଂବେଳେ ୧:୨୭.୦୦ ସେ. ଟାଇମିଂ ହାସଲ କରୁଛି। ଯଦି ପରିସ୍ଥିତି ଭଲ ରୁହେ, ତେବେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିପାରିବି ମୋର ବିଶ୍ୱାସ ଥିଲା। ମୋ କୋଚ୍‌ଙ୍କ ସହ ଗତ କିଛି ମାସ ହେଲା କଠିନ ପରିଶ୍ରମର ଏହା ଫଳ ବୋଲି ଭାରତୀୟ ରେଲ୍‌ୱେରେ ଟିଟିଇ ଭାବେ କାର୍ଯ୍ୟରତ ଭାୱାନା କହିଛନ୍ତି। ପୂର୍ବରୁ କେ. ଟି. ଇର୍ଫାନ (ପୁରୁଷ ୨୦ କି. ମି. ଚାଲି ରେସ), ଅବିନାଶ ସାବଲେ (ପୁରୁଷ ୩ ହଜାର ମି. ଷ୍ଟିପଲ ଚେଜ), ମିକ୍ସଡ୍ ୪ ଗୁଣା ୪୦୦ ମି. ରିଲେ ଦଳ ଓ ନୀରଜ ଚୋପ୍ରା (ପୁରୁଷ ଜାଭେଲିନ) ଆଦି ଟ୍ରାକ-ଫିଲ୍ଡ ଆଥ୍‌ଲେଟ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି।

# ବିଶ୍ୱକପ୍‌ରୁ ଓହରିଲେ ଚାଇନିଜ ଜିମ୍ନାଷ୍ଟ

**ମେଲବୋର୍ନ, ୧୫।୨**

**କରୋନା ଭାଇରସ ଭୟ**

ଚାଇନିଜ ଜିମ୍ନାଷ୍ଟିକ୍ସ ଦଳ ଅଷ୍ଟ୍ରେଲିଆର ମେଲବୋର୍ନଠାରେ ଆଗାମୀ ସପ୍ତାହରେ ହେବାକୁଥିବା ବିଶ୍ୱକପ୍‌ରୁ ଓହରିଯାଇଛନ୍ତି। କରୋନା ଭାଇରସ ଯୋଗୁ ଅଷ୍ଟ୍ରେଲିଆନ ସରକାର ଚାଇନିଜ ଯାତ୍ରୀଙ୍କ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଚଳିତମାସ ଆରମ୍ଭରୁ ଲାଗିଥିବା ପ୍ରତିବନ୍ଧକର ସମୟ ସୀମାକୁ ଆଉ ଗୋଟିଏ ସପ୍ତାହ ପାଇଁ ବୃଦ୍ଧି କରାଯାଇଛି। ଏଥିଯୋଗୁ ଚଳିତମାସ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱକପ୍‌ରେ ଚାଇନିଜ ଆଥ୍‌ଲେଟ୍ ଭାଗନେବା ସମ୍ଭବ ନୁହେଁ। ଏହି ଇଭେଣ୍ଟ ଟୋକିଓ ଅଲିମ୍ପିକ୍ସ ଲାଗି କ୍ୱାଲିଫାଇଂ ପଏଣ୍ଟ ପ୍ରଦାନ କରିବ। ମୁଁ ଚାଇନିଜ ଜିମ୍ନାଷ୍ଟିକ୍ସ ଆସୋସିଏଶନ ଓ ଏହାର ସଭାପତିଙ୍କ ସହ ନିୟମିତ ଯୋଗାଯୋଗରେ ଅଛି। କୌଣସି ଆଥ୍‌ଲେଟ କିମ୍ବା ଅଫିସିଆଲ ଭାଇରସ ସଂକ୍ରମଣ ଶିକାର ହୋଇ ନ ଥିବା ସେ ମୋତେ କହିଛନ୍ତି। ଏହାସତ୍ତ୍ୱେ ଆମେ ସରକାରଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବୁ ବୋଲି ଜିମ୍ନାଷ୍ଟିକ୍ସ ଅଷ୍ଟ୍ରେଲିଆ ସିଇଓ କିଟି ଚିଲର କହିଛନ୍ତି।

# ବାସନ୍ଦାଦେଶରୁ ବର୍ତ୍ତିଲେ ଉମର ଆକ୍‌ମଲ

**କରାଚୀ, ୧୫।୨(ପି.ଟି.):** ପାକିସ୍ତାନ ବ୍ୟାଟ୍ସମ୍ୟାନ ଉମର ଆକ୍‌ମଲ ଅଳ୍ପକେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ବାସନ୍ଦାଦେଶରୁ ବର୍ତ୍ତି ଯାଇଛନ୍ତି। ସେ ଲାହୋରସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ଠାରେ ଫିଟ୍‌ନେସ ଟେଷ୍ଟବେଳେ ଟ୍ରେନରଙ୍କ ସହ ଖରାପ ବ୍ୟବହାର କରିଥିଲେ। ଏହି ଘଟଣା ଗତ ମାସରେ ଘଟିଥିଲା। ମୁଖ୍ୟ କୋଚ୍ ମିଶବା ଉଲ ହକ୍‌ଙ୍କ ନୂଆ ନିୟମ ଅନୁଯାୟୀ ପ୍ରତ୍ୟେକ କେନ୍ଦ୍ର ଓ ଘରୋଇ ଚୁକ୍ତିବଦ୍ଧ ଖେଳାଳିଙ୍କୁ ଏନ୍‌ସିଏଠାରେ ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବା ବାଧ୍ୟତାମୂଳକ। ଜୁନିୟର ଆକ୍‌ମଲଙ୍କ ଖରାପ ବ୍ୟବହାର ସମ୍ପର୍କରେ ମୁଖ୍ୟ କୋଚ୍ ଓ ମୁଖ୍ୟ ଚୟନକର୍ତ୍ତା ମିଶବାଙ୍କୁ ରିପୋର୍ଟ କରାଯାଇଥିଲା। ସେ ବୋର୍ଡକୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିନିୟର ଅଫିସିଆଲ ଓ ପୂର୍ବତନ ଓପନର ହାରୁନ ରଶିଦଙ୍କ ନେତୃତ୍ୱରେ ତଦନ୍ତ କମିଟି ଗଠନ ହେବା ପରେ ଉମରଙ୍କୁ ବାସନ୍ଦାଦେଶ କିମ୍ବା ବଡ଼ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯିବା ନେଇ ଆଶା କରାଯାଉଥିଲା।

# ଶ୍ରୀନିବାସଙ୍କୁ ଡକାଇଲେ କ୍ରୀଡ଼ାମନ୍ତ୍ରୀ ରିଜିଜୁ





ଶ୍ରୀନିବାସ ଗୋଡ଼ା

**ନୂଆଦିଲ୍ଲୀ, ୧୫।୨:** ପାରମ୍ପରିକ କ୍ରୀଡ଼ା କମ୍ବାଲ ଜକିର ଦ୍ରୁତତମ ଧାବକ ଶ୍ରୀନିବାସ ଗୋଡ଼ାଙ୍କୁ ପେଶାଦାର କ୍ରୀଡ଼ାବିତ ହେବାର ସୁଯୋଗ ମିଳିଛି। ସେ ଏବେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର କୋଚ୍‌ଙ୍କ ନେତୃତ୍ୱରେ ଟ୍ରାଏଲ୍ସର ସମ୍ମୁଖୀନ ହେଉଛନ୍ତି। କର୍ନାଟକର ଶ୍ରୀନିବାସଙ୍କୁ ସାଇ କୋଚ୍ ଡକାଇଛନ୍ତି। ସାଧାରଣରେ ଅଲିମ୍ପିକ୍ସ ଆଥ୍‌ଲେଟଙ୍କ ଷ୍ଟାଣ୍ଡାର୍ଡ ସମ୍ପର୍କରେ ଅଧିକ ଜଣା ନାହିଁ। ଅଲିମ୍ପିକ୍ସରେ ଆଥ୍‌ଲେଟଙ୍କ ଶକ୍ତି ଓ ଧୈର୍ଯ୍ୟର ପରୀକ୍ଷା ହୁଏ। ଏବେ ଦେଶରେ କୌଣସି ପ୍ରତିଭାଶାଳୀ ଆଥ୍‌ଲେଟ ସୁଯୋଗରୁ ବଞ୍ଚିତ ରହିବେ ନାହିଁ ବୋଲି ଆଶ୍ୱସନା ଦେଇଛନ୍ତି କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଟୁଇଟ୍ କରିଛନ୍ତି। ପାରମ୍ପରିକ କ୍ରୀଡ଼ା କମ୍ବାଲ ପ୍ରତିଯୋଗିତାରେ ୧୪୫ ମିଟର ଦୌଡ଼ରେ ୧୩.୬୨ ସେକେଣ୍ଡ ଟାଇମିଂ ହାସଲ କରି ରାତାରାତି ସେନସେଶନ ପାଲଟି ଯାଇଥିଲେ। ତାଙ୍କୁ ବିଶ୍ୱର ଦ୍ରୁତତମ ଧାବକ ଉସେନ ବୋଲ୍ଟଙ୍କ ସହ ତୁଳନା କରାଯାଇଥିଲା। ୧୦୦ ମି. ଦୌଡ଼ରେ ବୋଲ୍ଟ ୯.୫୮ ଟାଇମିଂ ହାସଲ କରିଥିଲେ, ଯାହାକି ବିଶ୍ୱ ରେକର୍ଡ। କିନ୍ତୁ ଗୌଡ଼ା ସମାନ ଦୂରତାକୁ କମ୍ବାଲ ପ୍ରତିଯୋଗିତାରେ ୯.୫୫ ସେ. ଟାଇମିଂ ହାସଲ କରିଥିଲେ।

# ୨୫ ଜଣିଆ ସମ୍ଭାବ୍ୟ ଦଳରେ ଲିଲିମା, ଦୀପଗ୍ରେସ, ନମିତା



ଲିଲିମା ମିଞ୍ଜ



ଦୀପ ଗ୍ରେସ୍ ଏକ୍କା



ନମିତା ଟୋପ୍ପୋ

**ନୂଆଦିଲ୍ଲୀ, ୧୫।୨(ପି.ଟି.)**

ରବିବାରଠାରୁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ବେଙ୍ଗାଲୁରୁ କ୍ୟାମ୍ପସରେ ଆରମ୍ଭ ହେବାକୁଥିବା ଜାତୀୟ ସିନିୟର ମହିଳା ପ୍ରଶିକ୍ଷଣ ଶିବିର ପାଇଁ ହକି ଇଣ୍ଡିଆ ଏକ ୨୫ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛି। ଏହି ସମ୍ଭାବ୍ୟ ଦଳରେ ଓଡ଼ିଶାର ଅଭିଜ୍ଞ ଡିଫେଣ୍ଡର ଦୀପ୍ ଗ୍ରେସ୍ ଏକ୍କା, ମିଡ୍‌ଫିଲ୍ଡର ନମିତା ଟପ୍ପୋ ଓ ଲିଲିମା ମିଞ୍ଜ୍ ସ୍ଥାନ ପାଇଛନ୍ତି। ୨୭ ଦିନ ଧରି ଚାଲିବାକୁ ଥିବା ଏହି ଟ୍ରେନିଂ ଓ କଣ୍ଡିଶନିଙ୍ଗ୍ କ୍ୟାମ୍ପରେ ଯୋଗ ଦେବା ପାଇଁ ଖେଳାଳିମାନେ ଭାରତୀୟ ମହିଳା କୋଚ୍ ଜୋଏର୍ଡ ମାରିଜନେଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି। ଆଗକୁ ଜୁନରେ ଷଷ୍ଠ ମହିଳା ଏସିଆନ ଚାମ୍ପିୟନଶିପ୍ ଟ୍ରଫି ଓ ଜୁଲାଇ- ଅଗଷ୍ଟରେ ୨୦୨୦ ଅଲିମ୍ପିକ୍ସ ଭଳି ମେଗା ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ପ୍ରସ୍ତୁତି ପାଇଁ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଉଛି। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଫିଟ୍‌ନେସକୁ ଅଗ୍ରାଧିକାର ଦିଆଯିବ। ଟ୍ରେନିଂ ସେସନରେ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ତେଣୁ ଖେଳାଳିଙ୍କୁ

**ଜାତୀୟ ସିନିୟର ମହିଳା କ୍ୟାମ୍ପ**

ଦକ୍ଷତା ସହିତ ଫିଟ୍‌ନେସ ଉପରେ ଅଧିକ ଧ୍ୟାନ ଦେବାକୁ ହେବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ଭାରତୀୟ ମହିଳା ଦଳ ବେଶ୍ ଭଲ ପ୍ରଦର୍ଶନ କରିଛି। ପ୍ରାୟ ସବୁ ଟୁର୍ନାମେଣ୍ଟରେ ମହିଳା ଦଳ ଆଶାନୁରୂପ ପ୍ରଦର୍ଶନ କରିବାରେ ସଫଳ ହୋଇଛି। ଦଳ ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ହିରୋଶିମା ୨୦୧୯, ଜାପାନରେ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ, ଭୁବନେଶ୍ୱରରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟରରେ ଦଳ ବିଜୟୀ ହୋଇଥିଲା। ଏଥିସହିତ ସ୍ପେନ୍, ମାଲେସିଆ, କୋରିଆ ଓ ଇଂଲଣ୍ଡ ଗସ୍ତରେ ମଧ ଦଳ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ନ୍ୟୁଜିଲାଣ୍ଡ ଗସ୍ତରୁ ଭାରତୀୟ ଦଳ ନୂଆବର୍ଷ ଆରମ୍ଭ କରିଥିଲା। ବିଶ୍ୱର ୭ ନମ୍ବର ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ୪ ଓ ବ୍ରିଟେନ ବିପକ୍ଷରେ ଭାରତ ଗୋଟିଏ ମ୍ୟାଚ୍ ଖେଳିଥିଲା।

**ସମ୍ଭାବ୍ୟ ଦଳ: ଗୋଲକିପର-** ସବିତା, ରଜନୀ ଏଟିମାର୍ପୁ, ବିଚ୍ଛୁ ଦେବୀ ଖରିବାମ୍। **ଡିଫେଣ୍ଡର୍ସ-** ଦୀପ ଗ୍ରେସ୍ ଏକ୍କା, ରିନା ଖୋଖାର, ସାଲିମା ଟେଟେ, ମନପ୍ରୀତ କୌର, ଗୁରଜିତ କୌର, ନିଶା। **ମିଡ୍‌ଫିଲ୍ଡର୍ସ-** ନିକ୍କି ପ୍ରଧାନ, ମୋନିକା, ନେହା ଗୋଏଲ, ଲିଲିମା ମିଞ୍ଜ, ସୁଶୀଳା ଚାନୁ ପୁଖରାମ୍ବାମ, ସୋନିକା, ନମିତା ଟପ୍ପୋ। **ଫରୱାର୍ଡ୍ସ-** ରାନୀ, ଲାଲରେମସିଆମି, ବନ୍ଦନା କାଟାରିଆ, ନବଜୋତ କୌର, ନବନୀତ କୌର, ରାଜବିନ୍ଦର କୌର, ଜ୍ୟୋତି, ଶର୍ମିଳା ଦେବୀ, ଉଦୀତା।

# ଟି୨୦ ସିରିଜ୍ ବରାବର କଲା ଇଂଲଣ୍ଡ

**ଡର୍ବାନ, ୧୫।୨**

ସ୍ଥାନୀୟ କିଙ୍ଗ୍ସମେଡ ଷ୍ଟାଡିୟମରେ ଅନୁଷ୍ଠିତ ହାଇ ସ୍କୋରିଂ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡ ୨ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇ ଦେଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ରେ ବରାବର ସ୍ଥିତିରେ ପହଞ୍ଚିଛି। ବିଜୟୀ ଦଳ ପାଇଁ ଅଲରାଉଣ୍ଡର ପ୍ରଦର୍ଶନ କରିଥିବା ମୋଇନ ଅଲିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ରେ ବିବେଚିତ କରାଯାଇଛି। ଆସନ୍ତା ରବିବାର ସେଞ୍ଚୁରିୟାନଠାରେ ସିରିଜ୍‌ର ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ମିଳିତ ଉଦ୍ୟମ ଯୋଗୁ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୨୦୪ ରନ୍ କରିଥିଲା। ଦଳ ପାଇଁ ବେନ ଷ୍ଟୋକ୍ସ ୪୭*, ଜାସନ ରୟ ୪୦, ମୋଏନ ଅଲି ୩୯, ଜନି ବେୟାରଷ୍ଟୋ ୩୫ ଓ ଅଧିନାୟକ ଇଆନ ମୋର୍ଗାନ ୨୭ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ବୋଲିଂରେ ଲୁଙ୍ଗି ଏନ୍‌ଗିଡି ୩ ଓ ଆଣ୍ଡିଲେ ଫେଲୁକ୍ୱାୟୋ ୨ ଉଇକେଟ ହାତେଇଥିଲେ। ଜବାବରେ ଅଧିନାୟକ କ୍ୱିଣ୍ଟନ ଡିକକ୍‌ଙ୍କ ବିସ୍ଫୋରକ ୬୫ ଓ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ଜବରଦସ୍ତ ଉଦ୍ୟମ ସତ୍ତ୍ୱେ ଦଳ ନିର୍ଦ୍ଧାରିତ ୨୦ ଓଭର ଖେଳି ୭ ଉଇକେଟ ହରାଇ ୨୦୨ ରନ୍ କରି ବିଜୟ ଲକ୍ଷ୍ୟଠାରୁ ୩ ରନ୍ ଦୂରରେ ରହିଯାଇଥିଲା। ଅଧିନାୟକ ଡିକକ୍ ୨୨ ବଲରେ ୨୯୫ ଷ୍ଟ୍ରାଇକ ରେଟ୍‌ରେ ୬୫ ରନ୍ କରିଥିଲେ। ତାଙ୍କ ଇନିଂସରେ ଥିଲା ୮ ଛକା ଓ ୨ ଚୌକା। ଏହା ବ୍ୟତୀତ ରାସି ଭାନଡର ଡୁସେନ ୪୩*, ଟେମ୍ବା ବାଭୁମା ୩୧, ଡ୍ୱେନ ପ୍ରିଟୋରିଅସ ୨୫ ଓ ଡେଭିଡ ମିଲର ୨୧ ରନ୍ କରିଥିଲେ। ଦଳକୁ ଜିତିବା ପାଇଁ ଅନ୍ତିମ ଓଭରରେ ଦରକାର ଥିଲା ୧୫ ରନ୍। ଟମ କୁରାନଙ୍କ ପ୍ରଥମ ବଲକୁ ମିସ କରିଥିଲେ ପ୍ରିଟୋରିଅସ। ଦ୍ୱିତୀୟ ବଲରେ ଛକା, ତୃତୀୟ ବଲରେ ଚୌକା ଓ ଚତୁର୍ଥ ବଲରେ ୨ ରନ୍ ଆଦାୟ କରିଥିଲେ ପ୍ରିଟୋରିଅସ। ଫଳରେ ଦଳକୁ ଅନ୍ତିମ ଦୁଇ ବଲରେ ଜିତିବା ଲାଗି ୩ ରନ୍ ଦରକାର ଥାଏ। ମାତ୍ର ଦୁଇ ବଲରେ ଦୁଇ ଉଇକେଟ ନେଇ ଦକ୍ଷିଣ ଆଫ୍ରିକା ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ କୁରାନ। ବିଜୟୀ ଦଳ ଲାଗି କୁରାନ, କ୍ରିସ ଜୋର୍ଡାନ ଓ ମାର୍କ ଉଡ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବାବେଳେ ମୋଏନ ଗୋଟିଏ ଉଇକେଟ ନେଇଥିଲେ।



ଦ୍ରୁତ ଅର୍ଦ୍ଧଶତକୀୟ ଇଂନିସ ଅବସରରେ କ୍ୱିଣ୍ଟନ ଡି’ କକ୍।

ନ୍ୟୁଜିଲାଣ୍ଡରେ କ୍ୱାଲିଟି କ୍ରିକେଟ ଖେଳାଳି ସୃଷ୍ଟି କରିବା ପଛରେ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଯଥେଷ୍ଟ ଅବଦାନ ରହିଛି।

–ଗାଭିନ ଲାର୍ସେନ, ନ୍ୟୁଜିଲାଣ୍ଡ ଚୟନକର୍ତ୍ତା



ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମିଡଲ ଅର୍ଡରରେ ସ୍ଥିର ପ୍ରଦର୍ଶନ ଅତ୍ୟନ୍ତ ଜରୁରୀ।

–ସ୍ମୃତି ମନ୍ଧାନା, ଓପନିଂ ବ୍ୟାଟ୍ସୱମ୍ୟାନ



## ସଂକ୍ଷେପରେ

### ପ୍ରମୋଦ ଭଗତଙ୍କୁ ଡବଲ୍ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୫।୨(କ୍ରୀଡ଼ା ପ୍ରତିନିଧି):** ବ୍ରାଜିଲର ସାଓ ପାଓଲୋଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ଓଡ଼ିଶାର ପ୍ରମୋଦ ଭଗତ୍ ୨ଟି ସ୍ୱର୍ଣ୍ଣ ପଦକ ଜିତି ଦେଶ ତଥା ରାଜ୍ୟ କ୍ରୀଡ଼ା ପାଇଁ ଗୌରବ ଆଣିଛନ୍ତି। ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ପ୍ରମୋଦ ଏହି ଦୁଇଟି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ସେ ଭାରତର ମନୋଜ ସରକାରଙ୍କୁ ୨୨-୨୦, ୨୩-୨୧ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ପୁରୁଷ ଡବଲ୍ସରେ ସେ ଓ ମନୋଜ ସରକାର ଚାଇନା ଯୋଡି ଚେନ ଜିଆଓୟୁ ଓ ଗାଓ ୟୁୟାଙ୍ଗଙ୍କୁ ୨୧-୧୧, ୨୧-୭ରେ ହରାଇ ଟାଇଟଲ ହାସଲ କରିଛନ୍ତି। ଏହି ବିଶ୍ୱସ୍ତରୀୟ ସଫଳତା ପାଇଁ ପ୍ରମୋଦଙ୍କୁ ଅଭିନନ୍ଦନର ଶୁଅ ଛୁଟିଛି।

### ଆଇସିସି ମହିଳା ଟି୨୦ ବିଶ୍ୱକପ୍ ୱାର୍ମଅପ୍‌ରେ ଆଜି ପାକିସ୍ତାନକୁ ଭେଟିବ ଭାରତ

**ବ୍ରିସବେନ୍, ୧୫।୨:** ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଆସନ୍ତା ୨୧ରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବ। ଉଦ୍‌ଘାଟନ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ପରସ୍ପରକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ତେବେ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପର୍ଯ୍ୟାୟ ପୂର୍ବରୁ ପ୍ରତ୍ୟେକ ଦଳ ୨ଟି ଲେଖାଏ ୱାର୍ମଅପ୍ ମ୍ୟାଚ୍ ଖେଳିବେ ବୋଲି ଜଣାପଡ଼ିଛି। ଏହିକ୍ରମରେ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହାର ପ୍ରଥମ ୱାର୍ମଅପ୍ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ରବିବାର ସ୍ଥାନୀୟ ଆଲାନ ବର୍ଡର ଫିଲ୍ଡରେ ସକାଳ ୯ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ୱାର୍ମଅପ୍ ମ୍ୟାଚ୍ ଗୁଡ଼ିକ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନିକଟରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଭାରତକୁ ନେଇ ଅନୁଷ୍ଠିତ ହୋଇଥିବା ଟି୨୦ ତ୍ରି-ରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ରନର୍ସଅପ୍ ହୋଇଥିଲା। ଭାରତ ଏହାର ୨ୟ ୱାର୍ମଅପ୍ ମ୍ୟାଚ୍‌ରେ ଆସନ୍ତା ୧୮ରେ ୱେଷ୍ଟଇଣ୍ଡିଜକୁ ଭେଟିବ।

# ରଣଜୀ ଟ୍ରଫି ଦୁଇ ବର୍ଷ ପରେ କ୍ୱାର୍ଟରରେ ଓଡ଼ିଶା



କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିବା ଓଡ଼ିଶା ରଣଜୀ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

**କଟକ ଅଫିସ,୧୫।୨**

ରଣଜୀ ଟ୍ରଫିର କ୍ୱାର୍ଟରରେ ପ୍ରବେଶ କରିଛି ଓଡ଼ିଶା ଦଳ। ୨ବର୍ଷର ବ୍ୟବଧାନ ପରେ ରାଜ୍ୟ କ୍ରିକେଟକୁ ଏହି ସଫଳତା ମିଳିଛି। ଗତ ୨୦୧୬-୧୭ ସିଜନରେ ଓଡ଼ିଶାକୁ ଶେଷଥର ନିମନ୍ତେ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ଦେଖିବାକୁ ମିଳିଥିଲା। ବାରବାଟୀ ଷ୍ଟାଡିୟମରେ ଝାଡ଼ଖଣ୍ଡ ବିପକ୍ଷରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚ୍ ଡ୍ର ରହିବା ସତ୍ତ୍ୱେ ଓଡ଼ିଶା ଏଲିଟ୍ ଗ୍ରୁପ-ସି' ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଏହି ଗ୍ରୁପରୁ ଜମ୍ମୁ-କଶ୍ମୀର ସର୍ବାଧିକ ପଏଣ୍ଟ ହାସଲ କରି ଅନ୍ୟତମ ଦଳ ଭାବେ କ୍ୱାର୍ଟର ଖେଳିବାକୁ ଯୋଗ୍ୟତା ହାସଲ କରିଛି ।

ଦେବାଶିଷ ସାମନ୍ତରାୟଙ୍କ ୧୫୬ ରନର ଇନିଂସ ସହାୟତାରେ ଓଡ଼ିଶା ପ୍ରଥମ ଇନିଂସରେ ସମସ୍ତ ଉଇକେଟ ହରାଇ ୪୩୬ ରନ କରିଥିଲା । ଜବାବରେ ଝାଡ଼ଖଣ୍ଡ ଶୁକ୍ରବାର ଖେଳର ଷ୍ଟମ୍ପ ଅପସାରଣ ସୁଦ୍ଧା ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ୯ ଉଇକେଟ ବିନିମୟରେ ୩୫୫ ରନ କରିଥିଲା । ଦଳୀୟ ସ୍କୋରରେ ମାତ୍ର ୧ରନ ଯୋଡ଼ି ହୋଇଥିବା ବେଳେ ଝାଡ଼ଖଣ୍ଡର ଅନ୍ତିମ ଉଇକେଟର ପତନ ଘଟିଥିଲା। ୨୧ ରନ କରିଥିବା ଅଜୟ ଯାଦବଙ୍କୁ ସୂର୍ଯ୍ୟକାନ୍ତ ପ୍ରଧାନ କ୍ଲିନ୍ ବୋଲ୍ଡ କରି ଝାଡ଼ଖଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ। ପ୍ରଥମ ଇନିଂସରେ ଓଡ଼ିଶା ୮୦ ରନର ଅଗ୍ରଣୀ ହାସଲ କରିଥିଲା। ଅନୁରାଗ ଷଡ଼ଙ୍ଗୀ ଆହତ ଥିବା ଯୋଗୁ ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ଶାନ୍ତନୁ ମିଶ୍ରଙ୍କ ସହ ଓଡ଼ିଶାର ଦ୍ୱିତୀୟ ଇନିଂସ ବ୍ୟାଟିଂରେ ଓପନିଂ ଭାର ସମ୍ଭାଳିଥିଲେ। ଶାନ୍ତନୁଙ୍କୁ ୧୪ରନରେ ଝାଡ଼ଖଣ୍ଡର ସଫଳ ମିଡ଼ିୟମ ପେସ୍ ବୋଲର ଆଶିଷ କୁମାର ଏଲ୍‌ବିଡବ୍ଲ୍ୟୁ କରିଥିଲେ। ଦ୍ୱିତୀୟ ଉଇକେଟରେ ଅଧିନାୟକ ଶୁଭ୍ରାଂଶୁ ଓ ଦେବାଶିଷ ସାମନ୍ତରାୟ ୧୫୫ ରନ ସଂଗ୍ରହ କରିଥିଲେ, ତେବେ ଚଳିତ ସିଜନରେ ଏଯାବତ୍ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିବା ଶୁଭ୍ରାଂଶୁ ଏଠାରେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରର ୫ମ ଶତକ ହାସଲ କରିଥିଲେ । ୧୫୭ ବଲ ସମ୍ମୁଖୀନ ହୋଇ ୧୪ଟି ଚୌକା ଓ ଗୋଟିଏ ଛକା ବଳରେ ଶୁଭ୍ରାଂଶୁ ଅପରାଜିତ ଶତକୀୟ ଇନିଂସ ଖେଳିଛନ୍ତି। ଦେବାଶିଷ ୧୧୮ ବଲରୁ ୬୪ ରନରେ ଅପରାଜିତ ଥିଲେ। ଗୋଟିଏ ଉଇକେଟ ହରାଇ ଓଡ଼ିଶା ୧୮୭ ରନ କରିଥିବା ବେଳେ ଇନିଂସ ଘୋଷଣା କରିଥିଲା। ମ୍ୟାଚ୍ ଡ୍ର ଅଭିମୁଖେ ଗତି କରୁଥିବାରୁ ଉଭୟ ଦଳର ଅଧିନାୟକଙ୍କ ସହମତିରେ ମ୍ୟାଚ୍‌କୁ ବନ୍ଦ ରଖାଯାଇଥିଲା।

### ଚଳିତ ସିଜନରେ ଓଡ଼ିଶାର ପ୍ରଦର୍ଶନ

- ଛତିଶଗଡ଼ ବିପକ୍ଷରେ ଇନିଂସ ଓ ୩ ରନରେ ବିଜୟୀ।
- ସର୍ଭିସେସ୍ ବିପକ୍ଷରେ ଇନିଂସ ଓ ୩୧ ରନରେ ବିଜୟୀ।
- ଉତ୍ତରାଖଣ୍ଡ ବିପକ୍ଷରେ ୧୦ ଉଇକେଟ୍‌ରେ ବିଜୟୀ।
- ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ତ୍ରିପୁରା ବିପକ୍ଷରେ ଡ୍ର।
- ହରିୟାଣା ବିପକ୍ଷରେ ୧ ଉଇକେଟ୍‌ରେ ବିଜୟୀ।
- ଜମ୍ମୁ ଓ କଶ୍ମୀରଠାରୁ ୪ ଉଇକେଟ୍‌ରେ ପରାସ୍ତ।
- ଆସାମ ବିପକ୍ଷରେ ଇନିଂସ ଓ ୩ ରନରେ ବିଜୟୀ।
- ମହାରାଷ୍ଟ୍ରଠାରୁ ୧୦ ଉଇକେଟ୍‌ରେ ପରାସ୍ତ।
- ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଝାଡ଼ଖଣ୍ଡ ବିପକ୍ଷରେ ଡ୍ର।

### କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ

**ପ୍ରଥମ କ୍ୱାର୍ଟର:** ଗୁଜରାଟ ବନାମ ଗୋଆ
ସ୍ଥାନ: ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଷ୍ଟାଡିୟମ, ଭାଲ୍‌ସାଡ।
**ଦ୍ୱିତୀୟ କ୍ୱାର୍ଟର:** ଓଡ଼ିଶା ବନାମ ବେଙ୍ଗଲ
ସ୍ଥାନ: ଡ୍ରିମ୍ସ, କଟକ।
**ତୃତୀୟ କ୍ୱାର୍ଟର:** କର୍ଣ୍ଣାଟକ ବନାମ ଜମ୍ମୁ କଶ୍ମୀର
ସ୍ଥାନ: ଗାନ୍ଧୀ ମେମୋରିଆଲ ସାଇନ୍ସ କଲେଜ ଗ୍ରାଉଣ୍ଡ, ଜମ୍ମୁ।
**ଚତୁର୍ଥ କ୍ୱାର୍ଟର:** ସୌରାଷ୍ଟ୍ର ବନାମ ଆନ୍ଧ୍ର
ସ୍ଥାନ: ସିଏସ୍‌ଆର୍ ଶର୍ମା କଲେଜ ଗ୍ରାଉଣ୍ଡ, ଓନ୍‌ଗୋଲେ।
(ସମସ୍ତ ମ୍ୟାଚ୍ ଫେବୃୟାରୁ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ)

### ଡ୍ରିମ୍ସରେ କ୍ୱାର୍ଟର ମୁକାବିଲା

ଆସନ୍ତା ୨୦ରୁ ଚଳିତ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ରାଉଣ୍ଡ ଆରମ୍ଭ ହେବ। ଏଲିଟ୍ ଗ୍ରୁପ-ଏ ଆଣ୍ଡ ବି'ରେ ଦ୍ୱିତୀୟ ସ୍ଥାନରେ ରହିଥିବା ଶକ୍ତିଶାଳୀ ବେଙ୍ଗଲ ଦଳକୁ କ୍ୱାର୍ଟରରେ ଭେଟିବ ଓଡ଼ିଶା। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ।

### ଓସିଏ ପକ୍ଷରୁ ଆର୍ଥିକ ପୁରସ୍କାର

ରାଜ୍ୟ ରଣଜୀ ଦଳର ଏହି ସଫଳତା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆର୍ଥିକ ପୁରସ୍କାର ରାଶି ଘୋଷଣା କରିଛନ୍ତି ସମ୍ପାଦକ ସଞ୍ଜୟ ବେହେରା। ଦଳର ପ୍ରତ୍ୟେକ ଖେଳାଳି, କୋଚ୍ ଓ ସହକାରୀ ଷ୍ଟାଫ୍‌ଙ୍କୁ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ।

### କ୍ୱାର୍ଟର ଖେଳିବେନି ରାଜେଶ

ଦଳର ସଫଳପୂର୍ଣ୍ଣ ପେସ୍ ବୋଲର ରାଜେଶ ମହାନ୍ତି ଦଳରୁ ବାଦ୍ ପଡ଼ିଛନ୍ତି। ଗତ ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ବୋଲିଂ କରୁଥିବା ବେଳେ ସେ ଆହତ ହୋଇଥିଲେ। ଏବେ ଯାଏ ସେ ଫିଟ୍ ହୋଇ ନ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଆସନ୍ତା କ୍ୱାର୍ଟର ମୁକାବିଲାରେ ଏହି ତାରକା ପେସ୍ ବୋଲରଙ୍କ ଅନୁପସ୍ଥିତି ଓଡ଼ିଶା ଅନୁଭବ କରିବ।

### 'ଫାଇନାଲ୍ ଆମ ଲକ୍ଷ୍ୟ'

ଚଳିତ ସିଜନରେ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ଆଶା ଥିଲା ଓ ଏହା ପୂରଣ ହୋଇଛି। ଦଳଗତ ପ୍ରଦର୍ଶନ ଭଲ ରହିଛି। ବୋଲରମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏବେ ଫାଇନାଲ ଆମ ଲକ୍ଷ୍ୟ। କ୍ୱାର୍ଟରରେ ପ୍ରବେଶ କରିବା ପରେ ପ୍ରତ୍ୟେକ ଖେଳାଳିଙ୍କ ମନୋବଳ ଅଧିକ ଶକ୍ତ ହୋଇଛି।

–ଶୁଭ୍ରାଂଶୁ ଶେଖର ସେନାପତି, ଅଧିନାୟକ

### 'ପ୍ରତ୍ୟେକ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି'



ଲିଗ୍ ପର୍ଯ୍ୟାୟରେ ଦଳର ଉତ୍‌ଥାନ ପତନ ଦେଖିବାକୁ ମିଳିଲା। କିଛି ମ୍ୟାଚ୍‌ରେ ପରାଜୟ ହେବା ସତ୍ତ୍ୱେ ଦଳର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଦେଖିବାକୁ ମିଳିନି। ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଖେଳାଳି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଅଧିନାୟକ ଶୁଭ୍ରାଂଶୁ ଫାଇନାଲ ମ୍ୟାଚ୍‌ରେ ଶତକ ହାସଲ କରିବା ପରେ ଦଳର ବ୍ୟାଟିଂ ଲାଇନଅପ ଦୃଢ଼ ହୋଇଛି ବୋଲି ମୁଁ ଭାବୁଛି। କ୍ୱାର୍ଟର ଫାଇନାଲକୁ ନେଇ ଆମେ ପ୍ରସ୍ତୁତ ଅଛୁ।

–ରଶ୍ମିରଞ୍ଜନ ପରିଡ଼ା, କୋଚ୍

## ଆଫ୍ରିଦୀଙ୍କ ପଞ୍ଚମ କନ୍ୟା ସନ୍ତାନ



**ଇସଲାମାବାଦ,୧୫।୨**

ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀଙ୍କ ଘର ପଞ୍ଚମ ଥର ବାପା ହେବାର ସୁଖ ପାଇଛନ୍ତି। ଏ ନେଇ ସେ ନିଜେ ସୂଚନା ଦେଇଛନ୍ତି। ପଞ୍ଚମ କନ୍ୟାର ବାପା ହୋଇଥିବାରୁ ସେ ନିଜକୁ ଭାଗ୍ୟବାନ ବୋଲି ମନେ କରୁଛନ୍ତି। ଟୁଇଟ୍‌ରେ ଶେୟାର କରିଥିବା ଫଟୋ ଆଫ୍ରିଦୀ ଜଣେ ଶିଶୁ କନ୍ୟାଙ୍କୁ ହାତରେ ଧରିଥିବାବେଳେ ସ୍ତ୍ରୀ ନାଦିଆ ପାଖରେ ଛିଡ଼ା ହୋଇଛନ୍ତି। ଅନ୍ୟ ୪ ଝିଅ ଅକ୍‌ସା, ଅଂଶା, ଅଜୱା ଓ ଅସମାରା ମଧ୍ୟ ଫଟୋରେ ଅଛନ୍ତି। ଏହି ଫଟୋ ସୋସିଆଲ ମିଡିଆରେ ବହୁ ପ୍ରଶଂସକ ଶୁଭେଚ୍ଛା ଜଣାଇଥିବାବେଳେ କିଛି ସମାଲୋଚନା କରିଛନ୍ତି।

## ସେମିରେ ହାରିଲା ଭାରତ

**ମାନିଲା (ଫିଲିପାଇନ୍ସ), ୧୫।୨ (ପି.ଟି.)**

ଭାରତୀୟ ପୁରୁଷ ଦଳ ଏଠାରେ ଚାଲିଥିବା ଏସିଆନ ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସେମିଫାଇନାଲରୁ ବିଦାୟ ନେଇଛି। ଦଳ ୨-୩ରେ ଦୁଇଥର ଚାମ୍ପିୟନ ଇଣ୍ଡୋନେସିଆଠାରୁ ପରାସ୍ତ ହୋଇଛି। ତେବେ ଏସିଆନ ଗେମ୍ସ ଚାମ୍ପିୟନ ଜୋନାଟାନ କ୍ରିଷ୍ଟିଙ୍କ ବିପକ୍ଷରେ ଲକ୍ଷ୍ୟ ସେନ୍ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ସିଙ୍ଗଲ୍ସରେ ବିଶ୍ୱର ୩୧ନମ୍ବର ମାନ୍ୟତାପ୍ରାପ୍ତ ଲକ୍ଷ୍ୟ ବିଶ୍ୱର ୭ ନମ୍ବର ଖେଳାଳି ଜୋନାଟାନଙ୍କୁ ୨୧-୧୮, ୨୨-୨୦ରେ ହରାଇ ଦେଇଥିଲେ। ଆନ୍ଥୋନୀ ଜିନ୍‌ଟିଙ୍ଗଙ୍କ ବିପକ୍ଷ ପ୍ରଥମ ସିଙ୍ଗଲ୍ସର ଓପନିଂ ଗେମ୍‌ରେ ୬-୨୧ରେ ପଛୁଆ ଥିବା ଅବସ୍ଥାରେ ବି. ସାଇ ପ୍ରଣୀଥ ମ୍ୟାଚରୁ ଓହରି ଯାଇଥିଲେ। ଡବଲ୍ସ ଯୋଡ଼ି ଏମ୍. ଆର୍. ଅର୍ଜୁନ ଏବଂ ଧ୍ରୁବ କାପିଲା ଲଚ୍ଛୁଆ ପ୍ରଦର୍ଶନ କରି ତିନିଥର ବିଶ୍ୱ ଚାମ୍ପିୟନ ତଥା ଦ୍ୱିତୀୟ ର୍‍ୟାଙ୍କିଙ୍ଗପ୍ରାପ୍ତ ମହମ୍ମଦ ଅହସାନ ଏବଂ ହେଣ୍ଡ୍ରା ସେଟିୱାନ ଯୋଡ଼ିଙ୍କଠାରୁ ୧୦-୨୧, ୨୧-୧୪, ୨୧-୨୩ରେ ପରାଜିତ ହୋଇଥିଲେ। ଏହାଦ୍ୱାରା ଇଣ୍ଡୋନେସିଆ ୨-୧ରେ ଅଗ୍ରଣୀ ଲାଭ କରିନେଇଥିଲା। ପରେ ତୃତୀୟ ସିଙ୍ଗଲ୍ସରେ ୨୦୧୮ ସାରଲରଲକ୍ସ ଓପନ ଚାମ୍ପିୟନ ଶୁଭଙ୍କର ଦେ ବିଶ୍ୱର ୨୦ ନମ୍ବର ଖେଳାଳି ଶେସାର ହିରେନ୍ ରୁସ୍ତାଭିଟୋଙ୍କ ବିପକ୍ଷରେ ୨୧-୧୭, ୨୧-୧୫ରେ ଚମକପ୍ରଦ ବିଜୟ ହାସଲ କରିବା ଦ୍ୱାରା ଭାରତ ପୁଣି ମୁକାବିଲାକୁ ୨-୨ ସ୍ତରକୁ ନେଇଆସିଥିଲା। ମାତ୍ର ନିର୍ଣ୍ଣାୟକ ଡବଲ୍ସରେ ଚିରାଗ ଶେଟ୍ଟି ଏବଂ ଲକ୍ଷ୍ୟ ବିଶ୍ୱର ନମ୍ବର ୱାନ ଯୋଡ଼ି ମାର୍କସ ଫର୍ନାଲ୍‌ଡି ଗିଡିଅନ ଏବଂ କେଭିନ୍ ସଞ୍ଜୟ ସୁକାମୁଲ୍‌ଜୋ ଯୋଡ଼ିଙ୍କ ଉଚିତ ମୁକାବିଲା କରି ନ ପାରି ମାତ୍ର ୨୪ ମିନିଟ୍‌ରେ ୨୧-୬, ୨୧-୧୩ରେ ହାରିଯାଇଥିଲେ। ସେମିଫାଇନାଲରେ ହାରି ଭାରତ ଏହି ପ୍ରତିଯୋଗିତାରେ ଦ୍ୱିତୀୟ ଥର ପାଇଁ ବ୍ରୋଞ୍ଜ ହାସଲ କରିପାରିଛି।

## ଚିନାପ୍ପା, ଘୋଷାଲ ଚାମ୍ପିୟନ

**ଚେନ୍ନାଇ, ୧୫।୨ (ପି.ଟି.)**




ଟ୍ରଫି ସହ ସୌରଭ ଘୋଷାଲ ଓ ଜ୍ୟୋତ୍ସ୍ନା ଚିନାପ୍ପା।

ଜ୍ୟୋତ୍ସ୍ନା ଚିନାପ୍ପା ଓ ସୌରଭ ଘୋଷାଲ ଯଥାକ୍ରମେ ଜାତୀୟ ସିନିୟର ସ୍କ୍ୱାଶ୍ ଚାମ୍ପିୟନଶିପ୍ ମହିଳା ଓ ପୁରୁଷ ଟାଇଟଲ ହାସଲ କରିଛନ୍ତି। ସ୍ଥାନୀୟ ଆଇଏସଏ କୋର୍ଟଠାରେ ଅନୁଷ୍ଠିତ ୭୭ତମ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ଚିନାପ୍ପା ଓ ଘୋଷାଲ ଯଥାକ୍ରମେ ସେମାନଙ୍କର ୧୮ତମ ଏବଂ ୧୩ତମ ଟାଇଟଲ ବିଜୟୀ ହୋଇଛନ୍ତି। ଭାରତୀୟ ମହିଳା ସ୍କ୍ୱାଶରେ ଚିନାପ୍ପା ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଖେଳାଳି। ଫାଇନାଲରେ ସେ ତନ୍‌ଭି ଖାନ୍ନାଙ୍କୁ ୮-୧୧, ୧୧-୬, ୧୧-୪, ୧୧-୭ରେ ହରାଇ ଦେଇଥିଲେ। ଗତବର୍ଷ ପୁଣେଠାରେ ଟାଇଟଲ ଜିତି ଭୁବନେଶ୍ୱରୀ କୁମାରଙ୍କ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଭୁବନେଶ୍ୱରୀ ୧୬ଥର ଜାତୀୟ ଚାମ୍ପିୟନ ହୋଇ ପାରିଥିଲେ। ଚିନ୍ନାପା ୨୦୦୦ରେ ପ୍ରଥମ ଜାତୀୟ ଟାଇଟଲ ହାସଲ କରିଥିଲେ। ଏହାପରଠାରୁ ସେ ମାତ୍ର ଦୁଇଟି ମ୍ୟାଚରେ ପରାଜିତ ହୋଇଛନ୍ତି, ତାହା ପୁଣି ଫାଇନାଲରେ। ସେହିପରି ପୁରୁଷ ବିଭାଗରେ ଘୋଷାଲ ତାଙ୍କ ପ୍ରାଧାନ୍ୟ ଅବ୍ୟାହତ ରଖିଛନ୍ତି। ଫାଇନାଲରେ ସେ ଯୁବ ଖେଳାଳି ଦ୍ୱିତୀୟ ସିଡ୍ ଅଭିଷେକ ପ୍ରଧାନଙ୍କୁ ୧୧-୬, ୧୧-୫, ୧୧-୬ରେ ହରାଇ ଦେଇଥିଲେ। ଟାଇଟଲ ମୁକାବିଲାରେ ଅଭିଜ୍ଞତାସମ୍ପନ୍ନ ନମ୍ବର ୱାନ ଖେଳାଳି ଘୋଷାଲ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ କୌଣସି ସୁଯୋଗ ନ ଦେଇ ବିଜୟ ହାସଲ କରିଥିଲେ।

## ସ୍ୱର୍ଣ୍ଣ ହରାଇବେ ଉସ୍ତ୍ୟୁଗୋଭ୍

**ମସ୍କୋ, ୧୫।୨ (ଏଏଫ୍‌ପି):** ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ରୁଷୀୟ ବାଇଥଲେଟ୍ ଏଭଜେନି ଉସ୍ତ୍ୟୁଗୋଭ ସସ୍‌ପେଣ୍ଡ ହୋଇଛନ୍ତି। ଫଳରେ ୨୦୧୪ ୱିଣ୍ଟର ଅଲିମ୍ପିକ ରିଲେରେ ସେ ଯେଉଁ ପଦକ ପାଇଥିଲେ ତାହା ପ୍ରତ୍ୟାହାର କରିନିଆଯିବ। ଇଣ୍ଟରନ୍ୟାଶନାଲ ବାଇଥ୍ଲନ ୟୁନିୟମ (ଆଇବିୟୁ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ୩୪ ବର୍ଷୀୟ ଏହି ଆଥଲେଟ ଆହୁରି ମଧ୍ୟ ଭାଙ୍କୋଭରଠାରେ ୨୦୧୦ ଅଲିମ୍ପିକ ୧୫ କିମି ମାସ୍ ଷ୍ଟାର୍ଟ ଟାଇଟଲ ଜିତିଥିଲେ। ୬ ବର୍ଷ ପୂର୍ବେ ସୋଚି ୱିଣ୍ଟର ଗେମ୍ସ ପରେ ସେ ଅବସର ନେଇଥିଲେ। ୨୦୧୪ରେ ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ଏକ ପ୍ରକାର ଷ୍ଟେରଏଡ୍ ଠାବ କରାଯାଇଥିଲା। ଫଳତଃ ୨୦୧୩-୧୪ ସିଜନରେ ତାଙ୍କର ସମସ୍ତ ଫଳାଫଳରୁ ରଦ୍ଦ କରାଯାଇଛି। ଆଇବିୟୁ ଆହୁରି ମଧ୍ୟ ସ୍ୱେତଲାନା ସ୍ଲେପ୍‌ଟସୋଭାଙ୍କ ୨୦୧୩-୧୪ ଫଳାଫଳକୁ ଅବୈଧ ଘୋଷଣା କରିଛି। ଏହି ଆଥଲେଟ ଜଣକ ଅନ୍ୟ ଏକ ଷ୍ଟେରଏଡ୍ ଓଷ୍ଟାରିନ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ମସ୍କୋ ଡୋପ୍ ଟେଷ୍ଟ ଲାବରେଟୋରିରେ କେତେକ ଡାଟା ଟ୍ୟାମ୍ପରିଂ ହୋଇଥିବା ଅଭିଯୋଗକୁ ନେଇ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ରୁଷିଆକୁ ୨୦୨୦ ଅଲିମ୍ପିକ୍ସରୁ ବାସନ୍ଦ କରିଛି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନାରାୟଣ ସାହୁ
ଗ୍ରାମ: ରାଜନଗର, ଆଠଗଡ, କଟକ
ତିରୋଧାନ: ୨୬।୦୨।୨୦୧୯
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ସତ୍ୟନିଷ୍ଠା ଓ ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ବନ୍ଧୁ ପରିବାରବର୍ଗ ।
ଧ-୬୩୨୨୫

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଲୋଭବତୀ ନାୟକ
ଆବିର୍ଭାବ: ୧୯୪୫
ତିରୋଧାନ: ୦୬।୦୨।୨୦୨୦
ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମପାଇଁ ସବୁଦିନ ଆଦର୍ଶ ହୋଇ ରହିଥାଉ। ଆଜି ଏକାଦଶାହରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଦେଇ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ:
ସ୍ୱାମୀ, ଦିଅର, ଯା, ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ପୁତୁରା ବୋହୂ, ଭଣଜା, ଭାଣିଜୀ, ଭଣଜା ବୋହୂ, ନାତି, ନାତୁଣୀ, ନାତୁଣୀ ବୋହୂ, ବନ୍ଧୁ ଓ ପରିବାରବର୍ଗ ।
ସୌଜନ୍ୟ- ଓଡ଼ିଶା ସମବାୟ ସମିତି କର୍ମଚାରୀ ସଂଘ
ଧ-୧୪୫୭୫

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ମୁରଲୀଧର ବେହୁରା
ଇ-୭, ବି.ଜେ.ବି ନଗର, ଭୁବନେଶ୍ୱର
ତିରୋଧାନ:ତା. ୨୧।୦୨।୨୦୦୬ରିଖ
"ପୁଣ୍ୟତୋୟା"
ସମୟର ସୁଅରେ ଇତିମଧ୍ୟରେ ଚଉଦ ବର୍ଷ ବିତିଗଲାଣି। ଏବେ ମଧ୍ୟ ଆପଣଙ୍କ ଉପସ୍ଥିତି ଆମେ ଅନୁଭବ କରିପାରୁଛୁ। ଆପଣଙ୍କର ସ୍ମୃତି ଅମଳିନ। ଆପଣଙ୍କର ଆଶୀର୍ବାଦ ଆମର କାମ୍ୟ, ପାଥେୟ।
-:ଚରଣାଶ୍ରିତ:-
କନ୍ୟା, ପୁତ୍ର ଏବଂ ପରିବାରବର୍ଗ ।
ଧ-୧୬୬୬୫

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ପ୍ରଭାତୀ ମହଲା
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୯।୦୯।୧୯୬୯
ତିରୋଧାନ: ୦୬।୦୨।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣୀ ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନଃ ଶୋଷୟତି ମାରୁତଃ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପାର୍ଥନା।
-:ଶ୍ରଦ୍ଧାଞ୍ଜଳି ସହ:-
ଆତ୍ମୀୟସ୍ୱଜନ ଓ ଧରିତ୍ରୀ ପରିବାରବର୍ଗ
ଧ-୧୬୭୪୭

ଦ୍ୱାଦଶାହ ଉପଲକ୍ଷେ



ଁକାଞ୍ଚନବାଳା ଦାଶ
ସ୍ୱାମୀ-ପ୍ରଫୁଲ୍ଲ କୁମାର ଦାଶ
ପୂର୍ବତନ ରେଳ ଶ୍ରମିକ ନେତା
କୁଦିଆରୀ, ଜଟଣୀ
ଆବିର୍ଭାବ : ୦୪.୧୦.୧୯୪୦
ତିରୋଧାନ : ୦୫.୦୨.୨୦୨୦
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଅଚରେଣ ଆମ ଜୀବନର ଚଲାପଥରେ ପାଥେୟ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାର - ସ୍ୱାମୀ- ପ୍ରଫୁଲ୍ଲ, ପୁତ୍ର- ମୁନା, ବୁନା, ଝିଅ-ମିନା,କୁନି,ପନି, ଯାଆ- ଗୋଲାପ, ଟିକିନା, ବୋହୂ-ବେବି, ଝୁନି, ଜ୍ୱାଇଁ- ବିଷ୍ଣୁ, କେଦାର, କାଶୀ, ରଫି, ପୁତୁରା-ରୁନା, ଟୁନା, ଲୁନା, ଜିନା, ସମସ୍ତ ଝିଆରି, ପୁତୁରାବୋହୂ, ନାତିନାତୁଣୀମାନେ
ଧ-୧୬୭୪୮

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୬/୨୦୨୦ Bhubaneswar, Sunday, February 16/ 2020

## ସଂକ୍ଷେପରେ



### ଅକ୍ଷୟ ସ୍ୱାଇଁ ଜଳ ସମ୍ପଦ ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ନିଯୁକ୍ତ

**ଏରସମା,୧୫।୨(ସ୍ୱ.ପ୍ର.):** ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଜିଲା ପ୍ରତିନିଧି ଭାବରେ ଆଡ୍‌ଭୋକେଟ ଅକ୍ଷୟ କୁମାର ସ୍ୱାଇଁଙ୍କୁ ନିଯୁକ୍ତ ମିଳିଛି। ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦତ୍ତ ଚିଠି ଅନୁସାରେ ଆଡଭୋକେଟ ସ୍ୱାଇଁ ଜିଲାର ୮ ବ୍ଲକ ଓ ୨ଟି ମ୍ୟୁନିସିପାଲଟିରେ ମନ୍ତ୍ରୀଙ୍କ ପାଇଁ ପ୍ରତିନିଧିତ୍ୱ କରିବେ। ଏହି ଖବର ପ୍ରଚାରିତ ହେବାପରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ପୀତବାସ ଗଛାୟତ, ବିଜୟ ପାଲ, ପଦ୍ମପୁରର ପୂର୍ବତନ ସରପଞ୍ଚ କ୍ଷେତ୍ରବାସୀ ବେହେରା, ବଳେଇପୁରର ସରପଞ୍ଚ ମୁରଲୀଧର ମଲ୍ଲିକ, ଜିରାଇଲୋ ସରପଞ୍ଚ ଅଧିକାରୀ ଯଶୋବନ୍ତ ଦାସ ପ୍ରମୁଖ ଅଡ୍‌ଭୋକେଟ ସ୍ୱାଇଁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ୩୯ ଇଟାଭାଟି ମାଲିକଙ୍କୁ ନୋଟିସ୍

**ନିଶ୍ଚିନ୍ତକୋଇଲି, ୧୫।୨(ସ୍ୱ.ପ୍ର.)-** ବେଆଇନ୍ ଇଟାଭାଟି ଚଲାଉଥିବା ୩୯ ଜଣ ଇଟାଭାଟି ମାଲିକଙ୍କୁ ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ କୈଫିୟତ ତଲବ ନୋଟିସ ଜାରି କରାଯାଇଛି। ଏଥିସହ ବେଆଇନ ଇଟାଭାଟି ଉପରେ କଡା ନଜର ରଖିବାକୁ ତହସିଲଦାର ଜିତେନ୍ଦ୍ର ପାତ୍ର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲ ଅଧୀନ କେନ୍ଦୁପାଟଣା, କୁଳିଆ, ଜୟରାମପୁର, ନେମାଳ, ସାନ୍ତପୁର, ଦାଉଦପୁର ଓ ତରତ ଆଦି ଅଞ୍ଚଳରେ ବେଆଇନ ଇଟାଭାଟି ଦେଖିବାକୁ ମିଳିଛି।

# ମୈଥାନ୍ ଇସ୍ପାତ କାରଖାନା ସିଲ୍

**କଳିଙ୍ଗନଗର,୧୫।୨(ଡି.ଏନ.ଏ)**

କଳିଙ୍ଗନଗର ଶିଳ୍ପାଞ୍ଚଳ ମେସ୍କୋ କାରଖାନା ଦ୍ୱାରା ପରିଚାଳିତ ମୈଥାନ ଇସ୍ପାତ କାରଖାନାକୁ ଶନିବାର ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହ ମିଳିତଭାବେ ସିଲ୍ କରି ନିଜ ଦଖଲକୁ ନେଇଛନ୍ତି। କାରଖାନାର ମୁଖ୍ୟ ଫାଟକକୁ ସିଲ୍ କରିବା ସହ ଫାଟକରେ ଏ ନେଇ ସୂଚନା ବୋର୍ଡ ମଧ୍ୟ ଲଗାଇଛନ୍ତି। ସୂଚନାଥାଉକି, ଭାରତୀୟ ଷ୍ଟେଟ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲବ୍ୟାଙ୍କ, ବ୍ୟାଙ୍କ ଓଫ ବରୋଦା, ଆଲ୍ଲାହାବାଦ ବ୍ୟାଙ୍କ, ଓବିସି ବ୍ୟାଙ୍କ, ବ୍ୟାଙ୍କ ଓଫ୍ ଇଣ୍ଡିଆ ଓ ଆଇଓବିଆଇ ପ୍ରମୁଖରୁ କାରଖାନା ପ୍ରାୟ ୫୭୮ କୋଟି ଟଙ୍କା ଋଣ ଆଣି ପରିଶୋଧ କରି ନ ଥିଲା। ୧୮।୧୧।୨୦୧୯ରେ ବ୍ୟାଙ୍କଗୁଡିକ ପକ୍ଷରୁ ଋଣ ପରିଶୋଧ କିମ୍ବା ଆଲୋଚନା ନିମନ୍ତେ ୬୦ଦିନ ସମୟ ଦିଆଯାଇଥିଲା। ମାତ୍ର ଉକ୍ତ ସମୟସୀମା ମଧ୍ୟରେ କାରଖାନା ପକ୍ଷରୁ କେହି ଯୋଗାଯୋଗ ନ କରିବାରୁ ବ୍ୟାଙ୍କଗୁଡିକ ଶନିବାର ଏଭଳି ପଦକ୍ଷେପ ନେଇଛନ୍ତି। ତେବେ କାରଖାନା ସିଲ କରାଯିବା ଖବର ପାଇ ଶ୍ରମିକ ସଂଗଠନ ପକ୍ଷରୁ ମୈଥାନ କାରଖାନା ଶ୍ରମିକ ସଂଘର ସମ୍ପାଦକ ବିଜୟ ଦଳାଇଙ୍କ ସମେତ କିଶୋର ସାମଲ, ଶ୍ରୀକାନ୍ତ ବେହେରା, ପ୍ରଦୀପ ପାଲ, ଦେବେନ୍ଦ୍ର ଜେନା ପ୍ରମୁଖ ପହଞ୍ଚି ବ୍ୟାଙ୍କଗୁଡ଼ିକରୁ ଆସିଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କାରଖାନାରେ କାମ କରୁଥିବା ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ସେମାନଙ୍କ ୧୪ ମାସର ବକେୟା ଦରମା ବାବଦରେ ପାଇବାକୁ ଥିବା ଟଙ୍କା କିପରି ପାଇବେ, ସେନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ତେବେ ୭ଦିନ ମଧ୍ୟରେ ଏକ ଭାଲ୍ୟୁଏଶନ ଟିମ ପହଞ୍ଚି ଏହାର ମୂଲ୍ୟାୟନ କରିବା ପରେ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ଓ ଇଏସଆଇ, ଇପିଏଫ ଟଙ୍କା ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ବ୍ୟାଙ୍କର ଅଧିକାରୀମାନେ ପ୍ରକାଶ କରିଥିଲେ।



ଶ୍ରମିକ ସଂଘର ସଦସ୍ୟମାନେ ବ୍ୟାଙ୍କ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।




ସଂକଳ୍ପ ସମାବେଶରେ ଯୋଗ ଦେଇଥିବା ଚାଷୀ ଓ ସଂଗଠନର କର୍ମକର୍ତ୍ତା।

# ନବନିର୍ମାଣ କୃଷକ ସଂଗଠନର ସାଙ୍ଗଠନିକ ସଂକଳ୍ପ ସମାବେଶ

**ତିର୍ତ୍ତୋଲ,୧୫।୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନାଉସୀରାସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ଜଗତ୍‌ସିଂହପୁର ଜିଲା ନବନିର୍ମାଣ କୃଷକ ସଂଗଠନର 'ସାଙ୍ଗଠନିକ ସଂକଳ୍ପ ସମାବେଶ' ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ସଙ୍ଗଠନ ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସଙ୍ଗଠନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଯୋଗଦେଇ ଆସନ୍ତା ମାର୍ଚ୍ଚ ୨୫ରେ ଜିଲାରେ ଅନୁଷ୍ଠିତ ହେବାକୁ ଥିବା ଚାଷୀ ସମାବେଶରେ ଜିଲାର ୧୩୨୧ ଗ୍ରାମରୁ ଦୁଇ ଜଣ ଲେଖାଏ ଚାଷୀ ପ୍ରତିନିଧି ଯୋଗଦେବା ନିମନ୍ତେ କର୍ମକର୍ତ୍ତାଙ୍କୁ କହିଥିଲେ। ମେ' ୨୬ରୁ ଓଡ଼ିଶାର ରାଜରାସ୍ତାରେ ଲକ୍ଷଲକ୍ଷ ଚାଷୀ ଫସଲର ଉପଯୁକ୍ତ ମୂଲ୍ୟ ପ୍ରଦାନ, ସମ୍ମାନ ଓ ପେନସନ ସହ ଶୀତଳ ଭଣ୍ଡାର ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ, ଜଳସେଚନ ସୁବିଧା, ଜଳନିଷ୍କାସନ, ଧାନ ମଣ୍ଡିରେ ଧାନ କାଟ, ଅଖା ଟଙ୍କା ନ ପାଇବା ଆଦି ସମସ୍ୟାକୁ ନେଇ ଆନ୍ଦୋଳନକୁ ଓହ୍ଲାଇବେ। ଏଥିପାଇଁ ସମସ୍ତ ଚାଷୀଙ୍କୁ ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଜିଲା ସହସଂଯୋଜକ ବିଷ୍ଣୁ ଚରଣ ଦାସ, ତିର୍ତ୍ତୋଲ ବ୍ଲକ ସଂଯୋଜକ ମଙ୍ଗୁଳିଚରଣ ରାଉତରାୟ, କୁଜଙ୍ଗ ବ୍ଲକ ସଂଯୋଜକ ବିଷ୍ଣୁଚରଣ ସ୍ୱାଇଁ, ରଘୁନାଥପୁର ବ୍ଲକ ସଂଯୋଜକ ଶରତଚନ୍ଦ୍ର ମହାପାତ୍ର, ଏରସମା ବ୍ଲକ ସଂଯୋଜକ ଅମୂଲ୍ୟ ମହାନ୍ତି, ଜଗତ୍‌ସିଂହପୁର ବ୍ଲକ ସଂଯୋଜକ ଅଭୟ ସ୍ୱାଇଁ, ବାଲିକୁଦା ବ୍ଲକ ସଂଯୋଜକ ରଘୁନାଥ ନାୟକ, ନାଉଗାଁ ବ୍ଲକ ସଂଯୋଜକ କୈଳାସ ଚନ୍ଦ୍ର ସ୍ୱାଇଁ, ଯୁବଛାତ୍ର ସଂଗଠକ ଦେବଦତ୍ତ ସାହୁ, ବିଶନପୁର ସଂଯୋଜକ ଅକ୍ଷୟ ଦାସ, ଗୌରହରି ସ୍ୱାଇଁ, ଉପେନ୍ଦ୍ର ନାୟକ, ହବିବ ବେଗ, ଶିଖର ବାରିକଙ୍କ ସମେତ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ରାଜନଗର ବ୍ଲକର ନଳିତାପାଟିଆଠାରେ ଭିତର କନିକା ମହୋତ୍ସବ ଅବସରରେ ଶନିବାର ହୋଇଥିବା ବାଲୁକା କଳାକୃତି।

# ଛାତ୍ରୀଙ୍କ ଆତ୍ମହତ୍ୟା

**ଜଗତ୍‌ସିଂହପୁର ଅଫିସ,୧୫।୨:** ସ୍ଥାନୀୟ ଜୟବଡ଼ରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ୧୦ମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନାରେ ଏକ ଅପମୃତ୍ୟୁ ମାମଲା ନଂ. ୯/୨୦ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଥାନା ଫୁଲହାର ଗ୍ରାମର ମହିଳା ତାଙ୍କ ଝିଅକୁ ଧରି ଜୟବଡ଼ରେ ଭଡାଘରେ ରହୁଥିଲେ। ସେ ଅଙ୍ଗନୱାଡି କର୍ମୀ ଥିବାବେଳେ ଝିଅ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ। ଶୁକ୍ରବାର ଅପରାହ୍ନରେ ଝିଅ ଟ୍ୟୁଶନ୍ ଯାଉଥିବା କହି ଘରୁ ବାହାରି ଯାଇଥିଲେ। କିନ୍ତୁ ଫେରିଲା ବେଳକୁ ରାତି ୯ଟା ହୋଇ ଯାଇଥିଲା। ଝିଅର ବିଳମ୍ବ ଯୋଗୁ ମା' ବିଚଳିତ ଥିବାରୁ ଦେଖିବା ମାତ୍ରେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଝିଅକୁ ରାତିରେ ଖାଇବାକୁ ଡାକିଥିଲେ। କିନ୍ତୁ ଝିଅ ପାଠ ପଢୁଛନ୍ତି, ପରେ ଖାଇବେ ବୋଲି କହି ସମୟ ଗଡାଇଥିଲେ। ଏହି ସମୟ ଭିତରେ ତାଙ୍କ ମା' ଶୋଇ ପଡିଥିଲେ। ପରେ ଝିଅ ବେକରେ ଏକ ଲୁଗା ବାନ୍ଧି ପାର୍ଶ୍ୱ ଘରର ଉପର ଭାଗରେ ଥିବା ଏକ ଲୁହା ରଡ୍‌ରେ ଝୁଲି ଆତ୍ମହତ୍ୟା କରିଥିଲେ ବୋଲି ଜଣାପଡ଼ିଛି।




# ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ନିଶ୍ଚିନ୍ତକୋଇଲି,୧୫।୨(ସ୍ୱ.ପ୍ର.)–** କଟକ ଜିଲା ନେମାଳ ଥାନା ଅଧୀନ କଳମିଶ୍ରୀ ପଞ୍ଚାୟତର ବାଲିଗଡା ନିକଟ ଚିତ୍ରୋତ୍ପଳା ନଦୀରୁ ଶନିବାର ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସ୍ଥାନୀୟ ଲୋକେ ମୃତଦେହ ଭାସୁଥିବା ଦେଖି ପୋଲିସରେ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧/୨୦)ରୁଜୁ କରିଛି। ପାଖରୁ ମିଳିଥିବା ପରିଚୟ ପତ୍ରକୁ ଆଧାର କରି ମୃତକ ଜଣକ ଗଞ୍ଜାମ ଜିଲାର ବୋଲି ସନ୍ଦେହ କରାଯାଉଥିବା ଥାନା ଅଧିକାରୀ ଗୋପବନ୍ଧୁ ମଲିକ କହିଛନ୍ତି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି। ସମ୍ପୃକ୍ତ ଯୁବକ କଳା ରଙ୍ଗର ଟି ସାର୍ଟ ଓ ହାପ୍ ପ୍ୟାଣ୍ଟ ପିନ୍ଧିଥିବା ବେଳେ ଶରୀରରେ କ୍ଷତ ଚିହ୍ନ ରହିଛି।




### ୨ ବଖରା ଜଳିଗଲା, ଜଣେ ଗୁରୁତର

**ଏରସମା,୧୫।୨(ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ କୁଞ୍ଜକୋଠି ପଞ୍ଚାୟତସ୍ଥିତ ନୂଆରତନପୁର ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ନାରାୟଣ ନାୟକଙ୍କ ୨ ବଖରା ଜଳି ପାଉଁଶ ହୋଇଯାଇଛି। ନିଆଁ ଲାଗିଥିବା ଜାଣିବା ପରେ ତାଙ୍କ ପରିବାର ଲୋକେ ପାଟି କରିଥିଲେ। ଏହା ଶୁଣି ଘର ପାଖ ଲୋକ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବର ପାଇ କୁଜଙ୍ଗ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁକିଛି ଜଳି ଯାଇଥିଲା। ଅଗ୍ନିକାଣ୍ଡରେ ଗୁହାଳେ ବନ୍ଧା ହୋଇଥିବା ଏକ ଗାଈ ଦଗ୍ଧ ହୋଇଛି। ଏକ ବାଛୁରି ଅର୍ଦ୍ଧ ଦଗ୍ଧ ହୋଇଛି। ନାରାୟଣ ଗାଈକୁ ଉଦ୍ଧାର କରିବାକୁ ଉଦ୍ୟମ କରୁଥିବାବେଳେ ନିଆଁରେ ପୋଡିହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ନିଆଁ ଲାଗିବାର କାରଣ ଜଣାପଡି ନାହିଁ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



କର୍ମଫଳ ଭୋଗ କରିବା ପାଇଁ ଅହିଂସା ବ୍ରତ ପାଳନ, ବାସନାହୀନ ଜୀବନଯାପନ ଓ କଠୋର ସାଧନା କରିବା ଆବଶ୍ୟକ।
- ମହାବୀର ଜୈନ



## ସଂକ୍ଷେପରେ

### ଅବକାରୀ ବିଭାଗ ପକ୍ଷରୁ ଦେଶୀମଦ ଜବତ: ୬ ଗିରଫ

**ଜେନାପୁର/ଧର୍ମଶାଳା, ୧୫।୨(ଡ଼ିଏନଏ):** ଯାଜପୁର ଅବକାରୀ ବିଭାଗ ଓ ମୋବାଇଲ ସ୍କ୍ୱାର୍ଡ ମିଳିତ ଭାବେ ଶନିବାର ସକାଳେ ଜେନାପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ଚୋରା ଦେଶୀମଦ ଜବତ କରିବା ସହ ୬ଜଣଙ୍କୁ ଗିରଫ କରିଛନ୍ତି। ପ୍ରଥମେ ଗଡ଼ମଧୁପୁର ଗ୍ରାମର କାଙ୍ଗାଳି ବେହେରାଙ୍କ ସ୍ତ୍ରୀ ଝୁନା ବେହେରାଙ୍କ ଘରେ ଚଢ଼ାଉ କରି ୧୫ଲିଟର ପରେ ସାହାଣୀଡ଼ିହ ପଞ୍ଚାୟତର ଚାରଗୋଠ ଗ୍ରାମର ବିଜନ ମଲିକଙ୍କ ଘରୁ ୩୦ଲିଟର, ପୁରୁଣା ବଉଳମାଳ ପଞ୍ଚାୟତର ଗୟା ସାହି ଗ୍ରାମର ଲକ୍ଷ୍ମୀଧର ମୁଣ୍ଡାଙ୍କ ଘରୁ ୧୨ଲିଟର, ସାହାଣୀଡ଼ିହ ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମର ଲକ୍ଷ୍ମଣ ଦଳାଇଙ୍କ ଘରୁ ୧୦ଲିଟର, ବୁରୁସାହି ଗ୍ରାମର ରବି ଟିମାଙ୍କ ଘରୁ ୧୦ ଲିଟର ଓ ମହିସରା ପଞ୍ଚାୟତର ବରଡ଼ା ଗ୍ରାମର ଅଭିନ ମଲିକଙ୍କ ଘରେ ଚଢ଼ାଉ କରି ୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏଥିସହ ଉପରୋକ୍ତ ଅଭିଯୁକ୍ତଙ୍କ ଚୋରା ଦେଶୀମଦ କାରବାର କରୁଥିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯିବାସହ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଯଥାକ୍ରମେ କେସ୍ ନମ୍ବର ୨୧/୨୦, ୨୨/୨୦, ୨୩/୨୦,୧୦୭/୨୦, ୧୦୮/୨୦, ୧୦୯/୨୦ ରୁଜୁ କରାଯାଇଛି। ଯାଜପୁର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ରଜତ କୁମାର ପ୍ରହରାଜଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉରେ ଅବକାରୀ ଇନ୍‌ସ୍ପେକ୍ଟର ସ୍ୱପ୍ନାରାଣୀ ସାହୁ, ଏସ୍‌ଆଇ ବିଜୟଲକ୍ଷ୍ମୀ ଦାସ, କନଷ୍ଟେବଳ କ୍ଷୀରୋଦ କୁମାର ସାହୁ, ବିପିନ କୁମାର ପ୍ରଧାନ, ସରୋଜ କୁମାର ବେହେରା, ବିଶ୍ୱଜିତ ଜେନା, ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ସାମିଲ ହୋଇଥିଲେ।

### ତହସିଲ ପକ୍ଷରୁ ଚଢ଼ାଉ: ବାଲି ବୋଝେଇ ଗାଡ଼ି ଜବତ

**ଧର୍ମଶାଳା, ୧୫।୨(ଡି.ଏନ୍.ଏ.):** ଧର୍ମଶାଳା ତହସିଲ ପକ୍ଷରୁ ଶନିବାର ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ଟ୍ରକ୍‌କୁ ଜବତ କରାଯାଇଛି। ଧର୍ମଶାଳା-କବାଟବନ୍ଧ ରାସ୍ତାର ନାକପୋଲଠାରେ ବାଲି ବୋଝେଇ ଟ୍ରକକୁ ଅଟକାଇ ୱାଇ ଫର୍ମ ମାଗିଥିଲେ। ମାତ୍ର ଗାଡ଼ି ଡ୍ରାଇଭର ୱାଇ ଫର୍ମ ଦେଖାଇ ନ ପାରିବାରୁ ବାଲି ବୋଝେଇ ଟ୍ରକକୁ ଜବତ କରାଯାଇ ଜାରକା ଫାଣ୍ଡିରେ ଅଟକ ରଖାଯାଇଛି। ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି, ନାକପୋଲ ଏଆରଆଇ ଚନ୍ଦନ ସାହୁ ଚଢ଼ାଉ କରିଥିଲେ।

# ବାସ୍ତବତା ଭିନ୍ନ, ମେଶିନରେ ହେଉଛି କାମ

ଯାଜପୁର ଅଫିସ, ୧୫।୨

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଯାଜପୁର ଜିଲାର ଶ୍ରମିକମାନଙ୍କୁ ୧୦୦ଦିନ କାମ ଯୋଗାଇବାରେ ୨୦୧୯-୨୦ ଆର୍ଥିକ ବର୍ଷରେ ରେକର୍ଡ ସୃଷ୍ଟି ହୋଇଛି। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଫେବୃୟାରୀ ୧୫ ତାରିଖ ସୁଦ୍ଧା ୩ ଗୁଣରୁ ଅଧିକ ପରିବାର ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଛନ୍ତି। ଏଥିରେ ୨୦୧୮-୧୯ ବର୍ଷରେ ୩୬୭ ପରିବାର ରହିଥିବାବେଳେ ଚଳିତ ବର୍ଷ ତାହା ୧୧୬୧ପରିବାରରେ ପହଞ୍ଚିଛି। ତେବେ ଏହି ସରକାରୀ ରିପୋର୍ଟକୁ ନେଇ ସାଧାରଣରେ ସନ୍ଦେହ ପ୍ରକଟ କରାଯାଇଛି। ଜିଲାର ବିଭିନ୍ନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପରେ ମେଶିନ କାମ କରୁଥିବା ଦେଖିବାକୁ ମିଳିଥିବାବେଳେ ବିଭାଗୀୟ ଅଧିକାରୀ ନିଜ ଚାକିରିକୁ ବଞ୍ଚାଇବାକୁ ଯାଇ ଏଭଳି ମିଥ୍ୟା ରିପୋର୍ଟ ଦାଖଲ କରୁଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ ଏହି ଯୋଜନାର ଦାୟିତ୍ୱରେ ଥିବା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆର୍‌ଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟାସତ୍ୟ ଯାଞ୍ଚ ନ କରି କେବଳ ରିପୋର୍ଟ ଉପରେ ବିଶ୍ୱାସ କରୁଥିବାରୁ ପ୍ରକୃତ ଶ୍ରମିକ କାମ ପାଇବାରୁ ବଞ୍ଚିତ ରହୁଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଫେବୃୟାରୀ ୧୫ତାରିଖ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁସାରେ ୨୦୧୯-୨୦ ଆର୍ଥିକ ବର୍ଷ ଫେବୃୟାରୀ ୧୫ ସୁଦ୍ଧା ୨,୯୧,୦୪୦ ପରିବାରଙ୍କୁ ଜବକାର୍ଡ ପ୍ରଦାନ କରାଯାଇଛି। ଏଥିରେ ଏସ୍‌ସି ୭୨,୬୧୧ ପରିବାର, ଏସ୍‌ଟି ୨୨,୫୯୫ ପରିବାର ଏବଂ ଅନ୍ୟାନ୍ୟ ୧,୯୫,୫୩୪ ପରିବାରଙ୍କୁ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୨,୪୫୨ପରିବାରର ୮୫,୯୯୬ଜଣ ଶ୍ରମିକ କାମ ପାଇଁ ଆବେଦନ କରିଛନ୍ତି। କିନ୍ତୁ ୪୬,୮୬୫ ପରିବାରର ୭୪,୬୧୩ ଜଣ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୧୦୦ଦିନ ସମ୍ପୂର୍ଣ୍ଣ କରିଥିବା ପରିବାରଙ୍କ ମଧ୍ୟରେ ସର୍ବାଧିକ ବିଞ୍ଝାରପୁର ବ୍ଲକର ୩୨୬ ପରିବାର ରହିଛନ୍ତି। ସେହିପରି ବଡ଼ଚଣା ବ୍ଲକର ୪୩, ବରୀ ବ୍ଲକର ୯୩, ଦାନଗଦୀ ବ୍ଲକର ୩୨, ଦଶରଥପୁର ବ୍ଲକର ୩୧୭, ଧର୍ମଶାଳା ବ୍ଲକର ୫୦, ଯାଜପୁର ବ୍ଲକର ୧୦୮, କୋରେଇ ବ୍ଲକର ୧୩୩, ରସୁଲପୁର ବ୍ଲକର ୩୦ ଓ ସୁକିନ୍ଦା ବ୍ଲକର ୨୯ ପରିବାର ୧୦୦ଦିନର କାମ ପାଇଛନ୍ତି। କିନ୍ତୁ ବାସ୍ତବତା ଦେଖିଲେ ଏହି ରିପୋର୍ଟ ସମ୍ପୂର୍ଣ୍ଣ ଭିନ୍ନ ଭଳି ମନେ ହେଉଛି। ଜିଲାର ପ୍ରାୟ ସମସ୍ତ ପ୍ରକଳ୍ପରେ ମେଶିନରେ କାର୍ଯ୍ୟ ହେଉଥିବା ନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଇଛି। ପଞ୍ଚାୟତସ୍ତରର ନେତାମାନେ ନିଜ କବ୍‌ଜାରେ ଜବକାର୍ଡ ରଖି ଶ୍ରମିକଙ୍କୁ ୧୦୦/୨୦୦ ଟଙ୍କା ଲେଖାଏ ଦେଇ ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରୁଛନ୍ତି। କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ବର୍ତ୍ତମଣା ଗ୍ରାମର ଝାଟିଆ ଖେଳପଡ଼ିଆ ଉନ୍ନତିକରଣ ପ୍ରକଳ୍ପକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ବାରି ହୋଇପଡୁଛି। ସପ୍ତାହେ ତଳେ ଏହି ପ୍ରକଳ୍ପରେ ମେଶିନ ଲାଗିଥିବା ଅଭିଯୋଗ ହୋଇଥିଲା ଏବଂ ବର୍ଷକୁ ୧୦୦ଦିନର କାମ ନ ମିଳିଲେ ଶ୍ରମିକମାନେ ଧାରଣା ଦେବେ ବୋଲି କୋରେଇ ବିଡିଓଙ୍କୁ ଲିଖିତ ଚେତାବନୀ ଦେଇଥିଲେ। କେବଳ କୋରେଇ ବ୍ଲକ ନୁହେଁ ଜିଲାର ସମସ୍ତ ବ୍ଲକରେ ମେଶିନ ଜରିଆରେ ଏମ୍‌ଜିଏନ୍‌ଆର୍‌ଜିଏସ୍ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ତେବେ ୧୦୦ଦିନର କାମ ସମ୍ପୂର୍ଣ୍ଣ ତାଲିକାରେ ସୁକିନ୍ଦା ବ୍ଲକରେ ସର୍ବନିମ୍ନ ହୋଇଥିଲେ ହେଁ ଚଳିତ ବର୍ଷ ଅନ୍ୟବର୍ଷ ତୁଳନାରେ ଭଲ ପ୍ରଦର୍ଶନ ହୋଇଛି। ଚଳିତ ବର୍ଷ ୨୯ ପରିବାର ୧୦୦ଦିନର କାମ ପାଇଥିବାବେଳେ ଏଥିରେ ୩୨୨୪ ଶ୍ରମଦିବସ ସୃଷ୍ଟି କରାଯାଇଥିବା ଉଲ୍ଲେଖ କରାଯାଇଛି। ଚିଙ୍ଗୁଡ଼ିପାଳ ପଞ୍ଚାୟତର ଜୟା ପ୍ରଧାନ, କଙ୍କଡ଼ାପାଳ ପଞ୍ଚାୟତର ଆନନ୍ଦ ପରିଡା, କୁହିକା ପଞ୍ଚାୟତର ଦାଶରଥି ମହନ୍ତ ଓ ପୁରେନ୍ଦ୍ର ମହନ୍ତ, ଗନ୍ଧପାଳ ଗ୍ରାମର ଦୁଃଖବନ୍ଧୁ ବାରିକ ଓ ଗୋକୁଳି ପରିଡା, ସୁକିନ୍ଦାଗଡ଼ ଗ୍ରାମର ବାସନ୍ତୀ ମୁଣ୍ଡା ପ୍ରମୁଖ ୧୦୦ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ରିପୋର୍ଟ କହୁଛି। ତେବେ ଏହିସବୁ ରିପୋର୍ଟରେ କେତେ ସତ୍ୟତା ରହିଛି ଏହାର ଶ୍ରମିକ ଅନୁଯାୟୀ ତଦନ୍ତ କରାଗଲେ ସବୁ ରହସ୍ୟର ପର୍ଦ୍ଦାଫାଶ ହେବ ବୋଲି ଦାବି ହେଉଛି। ଏସଂକ୍ରାନ୍ତରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ନିରଞ୍ଜନ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ସମ୍ପୂର୍ଣ୍ଣ ଭାବେ ବାସ୍ତବ। ଏଥିରେ କୌଣସି ଭୁଲ ରିପୋର୍ଟ ନାହିଁ। ତେବେ ଯେଉଁଠି ମେଶିନରେ କାମ ହେଉଥିବା ଅଭିଯୋଗ ହୋଇଛି, ତାର ତଦନ୍ତ କରିବାକୁ ସମ୍ପୃକ୍ତ ବିଡିଓଙ୍କୁ ନିର୍ଦ୍ଦେଶ ହୋଇଛି।

### ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା



- କାଗଜପତ୍ରରେ ଚାଲିଛି ରିପୋର୍ଟ ପ୍ରସ୍ତୁତି
- ଚଳିତ ଆର୍ଥିକ ବର୍ଷରେ ୧୦୦ଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ରେକର୍ଡ
- ଗତ ବର୍ଷ ତୁଳନାରେ ୩ଗୁଣରୁ ଉର୍ଦ୍ଧ୍ୱ ବୃଦ୍ଧି

## ଶଳାଙ୍କୁ ମାଡ଼ ମାରି ଭିଣୋଇଙ୍କ ସମେତ ୨ଗିରଫ

ରସୁଲପୁର, ୧୫।୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଜାବରା ପଞ୍ଚାୟତ ଶୁକଦେଇପୁର ଗ୍ରାମରେ ଶୁକ୍ରବାର ରାତିରେ ଶଳା ଭିଣୋଇ ଗଣ୍ଡଗୋଳ ଚର୍ଚ୍ଚାର ବିଷୟ ପାଲଟିଛି। ସେହି ଗ୍ରାମର ଭିଣେଇ ଆକାଶ ଘଡ଼େଇ ଓ ତାଙ୍କ ଭାଇ ରମାକାନ୍ତ ଘଡେଇ ଶଳା ନୀଳମଣି ମଲ୍ଲିକଙ୍କୁ ମାଡ଼ମାରି ରକ୍ତାକ୍ତ କରିଥିଲେ। ଏସମ୍ପର୍କରେ କୁଆଖିଆ ଥାନାରେ ରାତି ୧ଘଟିକାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ଶନିବାର ସକାଳୁ ପୋଲିସ ଉଭୟ ଆକାଶ ଓ ରମାକାନ୍ତଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି। ପ୍ରକାଶଥାଉ କି ଆକାଶ ତାଙ୍କ ସ୍ତ୍ରୀକୁ ଅଧିକାଂଶ ସମୟରେ ମାରଧର କରୁଥିଲେ। ଏହାକୁ ନୀଳମଣି ବିରୋଧ କରିବା ସହ ଘଟଣା ଦିନ ରାତିରେ ଏନେଇ ପଚରା ଉଚୁରା କରିବା ପାଇଁ ଭିଣୋଇଙ୍କ ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଆକାଶ ଓ ରମାକାନ୍ତ ଉଭୟେ ଶଳା ନୀଳମଣିଙ୍କୁ ମାଡ଼ ମାରିଥିଲେ। ଏଥିରେ ନୀଳମଣି ଆହତ ହୋଇଥିଲେ। ତାଙ୍କୁ ମଧୁବନ ଡାକ୍ତରଖାନାରେ ଚିକିତ୍ସା କରାଯିବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ-୫୨/୨୦) ରୁଜୁ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି।

# ଥାନୁଆଳ, ହରିଦାସପୁର ବିଜୟୀ

ଧର୍ମଶାଳା, ୧୫।୨(ଡି.ଏନ୍.ଏ.)

### ରାମକୋ କପ୍ କ୍ରିକେଟ ଟୁର୍ନାମେଣ୍ଟ

ଧର୍ମଶାଳା ବ୍ଲକ ହରିଦାସପୁର-ଥାନୁଆଳ ପଞ୍ଚାୟତସ୍ଥିତ ରାମ୍‌କୋ ସିମେଣ୍ଟ କମ୍ପାନୀ ପକ୍ଷରୁ ବାଟିଜଙ୍ଗା ଖେଳ ପଡ଼ିଆରେ ଚାଲିଥିବା ରମ୍‌କୋ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ୨ମ୍ୟାଚରେ ଥାନୁଆଳ ଓ ହରିଦାସପୁର ବିଜୟୀ ହୋଇଛନ୍ତି। ଥାନୁଆଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ୱିକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭୟ ସେଠୀ ୪୬ ଓ ଦୀପକ ବଳ ୪୫ ରନ କରିଥିଲେ। ବିପକ୍ଷ ନାନପୁର ପକ୍ଷରୁ ସଞ୍ଜୟ ମଲିକ ଓ ମାନସ ମଲିକ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ନାନପୁର ଦଳ ବ୍ୟାଟିଂ କରି ୧୧.୪ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୭୦ ରନ୍ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସଞ୍ଜୟ ମଲିକ ୨୦ ଓ ଦେବୀ ପ୍ରସାଦ ୧୭ରନ କରିଥିଲେ। ବିପକ୍ଷ ଥାନୁଆଳ ପକ୍ଷରୁ ଜିତେନ୍ଦ୍ର ଜେନା ୪ଟି ଓ ସୁଶାନ୍ତ ବାରିକ ୨ଟି ୱିକେଟ ନେଇଥିଲେ। ୨ୟ ମ୍ୟାଚରେ ଆରଜେଏମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ୱିକେଟ ହରାଇ ୧୦୭ରନ କରିଥିଲ। ଦଳ ପକ୍ଷରୁ ଏସ୍. ସାହୁ ୧୯ ଓ ଭରତ ମାରାଣ୍ଡି ୧୫ ରନ କରିଥିଲେ। ବିପକ୍ଷ ହରିଦାସପୁର ପକ୍ଷରୁ ସି. ବିଶ୍ୱାଳ ୩ଟି ୱିକେଟ ନେଇଥିଲେ। ଜବାବରେ ହରିଦାସପୁର ଟିମ ୯.୩ ଓଭରରେ ୩ ୱିକେଟ ହରାଇ ୧୦୯ ରନ କରି ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ରାଜେଶ ୪୪ ଓ ନରେଶ ୩୫ ରନ କରିଥିଲେ। ବିପକ୍ଷ ଆର୍‌ଜେଏମ୍ ପକ୍ଷରୁ ହିରଣ୍ୟକ ୨ଟି ୱିକେଟ ନେଇଥିଲେ। ଆଜିର ଖେଳକୁ ରଞ୍ଜନ ପାଲ୍ ଓ ଅମରେଶ ପରିଡ଼ା ପରିଚାଳନା କରିଥିଲେ। ସମ୍ବିତ ଦଳେଇ ଓ ଅଞ୍ଜନ ଦାସ ସ୍କୋରରେ ସହାୟତା କରିଥିଲେ। ସୋମବାର ନାନପୁର ସହିତ ଆରୁହା ଓ ବାଟିଜଙ୍ଗା ସହିତ ହରିଦାସପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ରାମ୍‌କୋ ଏଜିଏମ୍ ସୁଧାଂଶୁ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

# ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

ଧର୍ମଶାଳା, ୧୫।୨(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ସର୍ବେକ୍ଷଣରେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ନ ଦିଆଯାଇ କେତେଜଣ ଆଯୋଗ୍ୟ ହିତାଧିକାରୀଙ୍କୁ ଦିଆଯାଉଛି ବୋଲି ଧର୍ମଶାଳା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏସମ୍ପର୍କରେ ଏକ ଦାବିପତ୍ର ଶନିବାର ଭାଜପା ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସରକାରଙ୍କ ପତ୍ର ସଂଖ୍ୟା ୩୨୬୮/ତା୭।୨।୨୦୨୦ ନିର୍ଦ୍ଦେଶନାମା ଅନୁଯାୟୀ, ଫେବୃଆରୀ ୧୦ରୁ ୧୬ପର୍ଯ୍ୟନ୍ତ ହିତାଧିକାରୀଙ୍କ ନାମ ପଞ୍ଚାୟତ କାର୍ଯ୍ୟାଳୟ ଓ ଅଙ୍ଗନୱାଡି କାନ୍ଥରେ ଲେଖା ହେବାର ନିୟମ ଥିଲାବେଳେ ଧର୍ମଶାଳା ବ୍ଲକରେ ତାହା କରାଯାଉ ନାହିଁ। ବ୍ଲକ କାର୍ଯ୍ୟାଳୟରେ ଏକ ଅଭିଯୋଗ ବାକ୍ସ ରହିବ ଯେଉଁଠି ଯେ, କୌଣସି ବ୍ୟକ୍ତି ନାମ ଅର୍ନ୍ତଭୁକ୍ତ କରିବା ଓ କାଟିବା ପାଇଁ ଆବେଦନକୁ ଉକ୍ତ ବାକ୍ସରେ ପକାଇ ପାରିବେ। ବ୍ଲକସ୍ତରୀୟ ଅଧିକାରୀମାନେ ପ୍ରାପ୍ତ ହୋଇଥିବା ଅଭିଯୋଗକୁ ଅଲଗା ଅଲଗା କରି ତନ୍ମଧ୍ୟରୁ ଅଯୋଗ୍ୟ ହିତାଧିକାରୀଙ୍କ ନାମକୁ ବାଦ ଦେବା ସହ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ଅର୍ନ୍ତଭୁକ୍ତ କରିବେ। ତାଲିକାରୁ ନାମ କାଟିଦେବା ଓ ଅର୍ନ୍ତଭୁକ୍ତ କରିବା ପାଇଁ ତଦନ୍ତ ପ୍ରକ୍ରିୟା ଆସନ୍ତା ଏପ୍ରିଲରେ କରାଯିବ ସେଥିପାଇଁ ଅବଲମ୍ବନ କରାଯିବାକୁ ଥିବା ସ୍ୱତନ୍ତ୍ର ପଦ୍ଧତିକୁ ପରବର୍ତ୍ତୀ ସମୟରେ ସୂଚିତ କରାଯିବ। କିନ୍ତୁ ଧର୍ମଶାଳା ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଧାର୍ଯ୍ୟ ସମୟ ସୀମାରୁ ୫ ଦିନ ଅତିକ୍ରମ କରିଥିଲେ ବି କୌଣସି ପଞ୍ଚାୟତ କାର୍ଯ୍ୟାଳୟରେ ତାଲିକା ମରାଯାଇ ନାହିଁ ବୋଲି ଅଭିଯୋଗ କରି ଧର୍ମଶାଳା ଭାଜପା ପକ୍ଷରୁ ଶନିବାର ଆଉ ଏକ ଦାବିପତ୍ର ଯାଜପୁର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଧର୍ମଶାଳା ବିଡିଓଙ୍କ ପତ୍ର ସଂଖ୍ୟା. ୪୮୧/୧୧।୨।୨୦ରେ ଅର୍ନ୍ତଭୁକ୍ତ ହୋଇଥିବା ହିତାଧିକାରୀଙ୍କ ସମ୍ବନ୍ଧରେ ଅଭିଯୋଗ ଦାଖଲ କରିବାକୁ ଅବଗତ କରାଯାଇଥିଲେ ହେଁ ନାମ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଅର୍ନ୍ତଭୁକ୍ତ କରିବା ବିଷୟ ସୂଚିତ କରାଯାଇ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଧର୍ମଶାଳା ଭାଜପା କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ମହେନ୍ଦ୍ର ପଣ୍ଡା, ଚୈତନ୍ୟ ସାମଲ, ଅଶୋକ ରାଉତ, ସୀତାକାନ୍ତ ଶତପଥୀ, ଆଶିଷ ବଳ, ରମେଶ ବେହେରା, ଦେବୀ ପ୍ରସନ୍ନ ଦାସ, ବିଜୟ ନାୟକ, କୁଳମଣି ମଲିକ, ଶରତ ଓଝା, ଇଶ୍ୱର ପ୍ରଧାନ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଧର୍ମଶାଳା ଭାରପ୍ରାପ୍ତ ବିଡିଓ ଅସିତ କୁମାର ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ଏଭଳି କୌଣସି ଅଭିଯୋଗ ପ୍ରାପ୍ତ ହୋଇନାହିଁ ବୋଲି ସେ ସୂଚନା ଦେଇଛନ୍ତି।

### ଧର୍ମଶାଳା ବ୍ଲକ

# ବାରବାଟୀ ଶିକ୍ଷା ସଂଗମର ବାର୍ଷିକୋତ୍ସବ

ରସୁଲପୁର, ୧୫।୨(ଡିଏନଏ)

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଅଧୀନସ୍ଥ ବାରବାଟୀ ଶିକ୍ଷା ସଂଗମ ପକ୍ଷରୁ ବାର୍ଷିକ ଉତ୍ସବରେ ଶୁକ୍ରବାର ପୂର୍ବତନ ଜିଲାପରିଷଦ ସଦସ୍ୟ ସୁଧିର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କର, ମୁଖ୍ୟବକ୍ତା ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ, ସମ୍ମାନିତ ଅତିଥି ଭାବେ ବାରବାଟୀ ସରପଞ୍ଚ ସୁରଜିତ୍ ମହାନ୍ତି, ସମିତିସଭ୍ୟ ଚୈତନ୍ୟ ନାୟକ, ପରିଚାଳନା କମିଟି ସଭାପତି ନିହାରଞ୍ଜନ ଦାସ, ସାମାଜିକ କର୍ମୀ ଭାଗବତ ପ୍ରସାଦ ନାୟକ, ସିଆରସି ରାମଚନ୍ଦ୍ର ମଲିକ, ଶିକ୍ଷାସଂଗମର ପ୍ରଧାନଶିକ୍ଷୟତ୍ରୀ ସୁକାନ୍ତି ପତି, ବାରବାଟୀ ୟୁଜିଏମଇର ପ୍ରଧାନ ଶିକ୍ଷକ ସତ୍ୟଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଉଭୟ ବିଦ୍ୟାଳୟ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରା କାଠ ବୋଝେଇ ଟ୍ରାକ୍ଟର ଜବତ

ବିଞ୍ଝାରପୁର, ୧୫।୨(ଡି.ଏନ.ଏ)



ବିଞ୍ଝାରପୁର ଅଞ୍ଚଳରେ ଦୈନିକ ଲକ୍ଷାଧିକ ଟଙ୍କାର ବେଆଇନ କାଠ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହି ବେଆଇନ କାଠ କାରବାର ଯୋଗୁ ବିଞ୍ଝାରପୁର ଅଞ୍ଚଳରେ ଗ୍ରାମ୍ୟଜଙ୍ଗଲ କ୍ରମେ ହ୍ରାସ ହେଉଛି। କାଠ ମାଫିଆମାନେ ବିଞ୍ଝାରପୁରରୁ ଦୈନିକ ୨୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟରରେ କାଠ ଚୋରା ଚାଲାଣ କରୁଛନ୍ତି। ଏପରି କି ବାଛୋଳ ଅଞ୍ଚଳ ଚେରାକାଠ କାରବାରର ପେଣ୍ଠସ୍ଥଳ ପାଲଟିଛି। ଏସମ୍ପର୍କରେ ଗତ ୫ ତାରିଖ ଓ ୧୫ ତାରିଖରେ ଧରିତ୍ରୀରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବନବିଭାଗ ପକ୍ଷରୁ ବିଞ୍ଝାରପୁର ଅଞ୍ଚଳରେ କାଠମାଫିଆଙ୍କ ବିରୋଧରେ ଧରପଗଡ ଆରମ୍ଭ ହୋଇଛି। ଶନିବାର ପୂର୍ବାହ୍ନରେ ବିଞ୍ଝାରପୁର ବନପାଳ ପରେଶ କୁମାର ସାହୁ ଓ ଯାଜପୁର ବନପାଳ ଦଣ୍ଡହରି ନାୟକ ସଦଳେବଦଳେ ବାଛୋଳସ୍ଥିତ ଏକ ବେଆଇନ କାଠ ଗୋଦାମରେ ଚଢାଉ କରିବାକୁ ଯାଉଥିବାବେଳେ ସେଠାରେ ଏକ ଟ୍ରାକ୍ଟରରେ ଚୋରା କାଠ ଚାଲାଣ ହେଉଥିବା ନେଇ ବନ ବିଭାଗ ଜାଣିବାକୁ ପାଇଥିଲା। ତୁରନ୍ତ ବନ ବିଭାଗ ପକ୍ଷରୁ ଏହି ବେଆଇନ ତଥା ନମ୍ବର ବିହୀନ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଥିଲା। ଏହି ସମୟରେ ଟ୍ରାକ୍ଟର ଚାଳକ ଫେରାର୍ ହୋଇଯାଇଥିବାବେଳେ ଭଣ୍ଡାରିପୋଖରୀ ଅଞ୍ଚଳର ଦୁଇଜଣ କାଠ ମାଫିଆ ବନ କର୍ମଚାରୀଙ୍କୁ ଧମକଚମକ ଦେବାସହ ମାରିବାକୁ ଉଦ୍ୟମ କରିଥିଲେ। ଏପରିକି ଜବତ ଟ୍ରାକ୍ଟରକୁ ଆଣିବା ପାଇଁ ସ୍ଥାନୀୟ ଜଣେ ଡ୍ରାଇଭରକୁ ବନ ବିଭାଗ ନିର୍ଦ୍ଦେଶ ଦେବାରୁ ସମ୍ପୃକ୍ତ କାଠ ମାଫିଆମାନେ ସେହି ଡ୍ରାଇଭରଙ୍କୁ ମଧ୍ୟ ମାଡ଼ ମାରିଥିଲେ। ପରିସ୍ଥିତି ବିଗିଡ଼ିବାରୁ ବନ ବିଭାଗ ପକ୍ଷରୁ ବିଞ୍ଝାରପୁର ପୋଲିସକୁ ଖବର ଦିଆଯାଇଥିଲା। ପରେ ବିଞ୍ଝାରପୁର ପୋଲିସ ସହାୟତାରେ ଜବତ କାଠ ବୋଝେଇ ଟ୍ରାକ୍ଟରକୁ ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା(ଜେଆର ୭୪/୨୦୨୦) ରୁଜୁ କରାଯାଇଥିବା ଜଣାପଡିଛି। ଅପରପକ୍ଷରେ ଚୋରାକାଠ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

### ଧରିତ୍ରୀରେ ଖବର ପ୍ରକାଶ ପରେ ବିଭାଗର ତତ୍ପରତା

- କାଠ ମାଫିଆ-ବନ ବିଭାଗ ମୁହାମୁହିଁ
- ବନ ବିଭାଗ କର୍ମଚାରୀଙ୍କୁ ଧମକ ଦେଲେ କାଠ ମାଫିଆ
- ପୋଲିସ ସହାୟତାରେ ଜବତ ଟ୍ରାକ୍ଟର ଅଣାଗଲା

OFFICE OF THE PRINCIPAL,
NAYAGARH AUTONOMOUS COLLEGE
NAYAGARH (ODISHA) - 752069
Phone : (06753)252234(O), www.ngrautocol.ac.in
No.537 e-mail : ngrautcol@yahoo.co.in Date: 15.02.2020
QUOTATION CALL NOTICE
Sealed quotations are invited from the registered firms/Authorised Dealers having valid GST, PAN & IT clearance for procurement of Fire Extinguisher, Dust Bin, Lab Equipments for Chemistry, Solar system, Sound system, Podium for Conference Hall and Teaching Aid from assistance for non-civil expenses under OHEPEE scheme, Govt. of Odisha.
The sealed quotations marking on the cover 'QUOTATIONS' should reach the office of the undersigned on or before 29th Feb, 2020 through Registered/Speed Post. The Authority reserves the right to reject or cancel any or all quotation without assigning any reason thereof. For further details log on www.ngrautocol.ac.in.
Sd./- (MAJ. M. Pati), Principal
Nayagarh Autonomous College, Nayagarh

nbt.india
NATIONAL BOOK TRUST, INDIA
Ministry of Human Resource Development
Government of India
in collaboration with
RAMA DEVI WOMEN'S UNIVERSITY, BHUBANESWAR
is organizing a job oriented
CERTIFICATE COURSE IN BOOK PUBLISHING (EXCLUSIVELY FOR WOMEN)
16-27 MARCH 2020
▶ Eligibility : Graduate in any discipline ▶ Age: No bar
▶ Course Fee : Rs. 2,000/-+18% GST=Rs.2,360/-
▶ Last date of application: 13 March 2020
▶ Venue : Rama Devi Women's University, Vidya Vihar Bhoi Nagar, Bhubaneswar 751022 (Odisha)
Application form can be downloaded from www.nbtindia.gov.in and submitted along with a Demand Draft of Rs. 2360/- drawn in favour of National Book Trust, India payable at New Delhi to Dr. Madhusmita Pati, Professor, PG Deptt of English, Rama Devi Women's University, Bhubaneswar, Odisha.
For further information please contact
Shri Manas Ranjan Mahapatra, Course Director, Mobile : 9891946178
Shri Narender Kumar, Training Incharge, Mobile : 9810743452
NATIONAL BOOK TRUST, INDIA, Nehru Bhawan, 5, Institutional Area, Phase II, Vasant Kunj, New Delhi-110070, E-mail: training.nbtindia@gmail.com, Tel : 011-26707843
Prof. Madhusmita Pati, Course Coordinator, PG Department of English, Mobile :09238511561, Rama Devi Women's University, Bhubaneswar, E-mail: hod.english@rdwu.ac.in
davp-21103/11/0057/1920

ପୂର୍ବ ତଟ ରେଳପଥ
ଇଂଜିନିୟରିଂ କାର୍ଯ୍ୟ
ଫାଇଲ ନଂ. DRM/Engg/KUR/19-20/E-Tender/51, ତା: 10.02.2020
1) ଟେଣ୍ଡର ବିଜ୍ଞପ୍ତି ସଂ. eTender-HQ-KUR-345-2019, ତା: 04.02.2020
ବିବରଣୀ : ସହାୟକ ମଣ୍ଡଳ ଯନ୍ତ୍ରୀ, ଟ୍ରାକ୍, ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ବ୍ରିଜ୍ ନଂ.66(Dn), 13(Up), 63(Up) ରେ ସମସ୍ତ ଫିକ୍ସଚର ଏବଂ ଫାଷ୍ଟେନିଙ୍ଗ୍ ସହିତ 'H' ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର 466 ଗୋଟି ଷ୍ଟିଲ୍ ଚ୍ୟାନେଲ ସ୍ଲିପରଗୁଡ଼ିକର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 109.45 ଲକ୍ଷ, EMD (ଟଙ୍କାରେ) : ₹ 2,04,700/-, ଟେଣ୍ଡର କାଗଜପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ।
2) ଟେଣ୍ଡର ବିଜ୍ଞପ୍ତି ସଂ. eTender-EAST-KUR-346-2019, ତା: 04.02.2020
ବିବରଣୀ : 50,000 ଘନ ମିଟରର କଠିନ ପଥରକୁ ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା 50mm ଆକାରରେ ଭାଙ୍ଗି ହରିଦାସପୁର ଡିପୋ ଠାରେ ଯୋଗାଣ ତଥା ତାହାକୁ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଯେକୌଣସି ପ୍ରକାର ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 616.87 ଲକ୍ଷ, EMD (ଟଙ୍କାରେ) : ₹ 4,58,400/-, ଟେଣ୍ଡର କାଗଜପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର) ମାସ।
3) ଟେଣ୍ଡର ବିଜ୍ଞପ୍ତି ସଂ. eTender-CENT-KUR-347-2019, ତା: 05.02.2020
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ଭୁବନେଶ୍ୱର-ଲିଙ୍ଗରାଜ ଟେମ୍ପଲ ରୋଡ଼ ମଧ୍ୟରେ କି.ମି.437/3 ଠାରୁ 438/7 ପର୍ଯ୍ୟନ୍ତ କଟିଙ୍ଗ୍ ସ୍ଲୋପ୍ ସୁରକ୍ଷା ନିମନ୍ତେ ଟୋ ୱାଲ (Toe Wall) ଏବଂ ଷ୍ଟୋନ୍ ପିଚିଙ୍ଗ୍ ବ୍ୟବସ୍ଥା, ସାଇଡ୍ ଡ୍ରେନ୍‌ଗୁଡ଼ିକର ସଫେଇ, ପ୍ରୋଟେକ୍ସନ ୱାଲ, ଟ୍ରୋଲି ରେଫ୍ୟୁଜି, କ୍ୟାଚ୍ ୱାଟର ଡ୍ରେନ୍ ବ୍ୟବସ୍ଥା ଦ୍ୱାରା ଟ୍ରାକ୍ ପ୍ରୋଫାଇଲ (Profile)ର ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 116.76 ଲକ୍ଷ, EMD (ଟଙ୍କାରେ) : ₹ 2,08,400/-, ଟେଣ୍ଡର କାଗଜପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.26.02.2020 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-709/K/19-20

See Career Appointment on every Wednesday & Saturday

ଅତିରିକ୍ତ ସହକାରୀ, ଦେବୋତ୍ତର, ଆୟୁକ୍ତ, କଟକ
ଓ.ଏ. ନଂ.- ୦୧/୨୦୨୦ ଧା୪୧ରା
ଶାନ୍ତିଲତା ମିଶ୍ର ଏବଂ ଅନ୍ୟଜଣେ ... ବାଦୀ
ବନାମ
ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁ
ପ୍ରତିନିଧିତ୍ୱ .... ତହସିଲଦାର, ଯାଜପୁର ଓଗେର ... ପ୍ରତିବାଦୀ
ଯାଜପୁର ଜିଲ୍ଲା ଶୀତଳେଶ୍ୱର ଅନ୍ତର୍ଗତ ମୌଜାରେ ଥିବା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ତାଙ୍କର ସମ୍ପତ୍ତି ସର୍ବସାଧାରଣ ଠାକୁର ନୁହନ୍ତି ଏବଂ ଏହା ଏକ ଘରୋଇ ଠାକୁର ଅଟନ୍ତି। ଶାନ୍ତିଲତା ମିଶ୍ର ଓଗେର ଆମ୍ଭ ଅଦାଲତରେ ଏହା ଏକ ଘରୋଇ ଠାକୁର ଓ ଘରୋଇ ସମ୍ପତ୍ତି ଦାବିକରି ହିନ୍ଦୁ ସର୍ବସାଧାରଣଙ୍କ ପକ୍ଷରୁ ଚନ୍ଦ୍ରମଣି ଦାସଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଉକ୍ତ ପ୍ରତିନିଧିତ୍ୱ ବିରୁଦ୍ଧରେ କାହାର କିଛି ଆପତ୍ତି ଥିଲେ ଆସନ୍ତା ତା୨୭।୦୩।୨୦୨୦ରିଖ ଆମ୍ଭ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ ଜଣାଇବେ। ତାରିଖ ଗତେ କାହାର ଆବେଦନ ଗ୍ରହଣ ଯୋଗ୍ୟ ନୁହେଁ।
ଶ୍ରୀ ଦେବାଶିଷ ଦାଶ, ଓ.ଜେ.ଏସ୍ (୧)
ସ୍ୱା./- ଅତିରିକ୍ତ ସହକାରୀ
ଦେବୋତ୍ତର ଆୟୁକ୍ତ, କଟକ
ଭୂ-ସମ୍ପତ୍ତିର ତାଲିକା
RoR Vide Tahasil No.-210
RSD Vide No. 612/608 Dt.18.3.1997
RSD Vide No. 488 Dt.1.3.1994
Mouza - Sitaleswar
Khata No. 18, Stitiban - A0.23Dec.
Plot No. - 811, A0.08 Decimiles
Hal Khata No. 550, Plot - 811, Area- A0.32Dec.

ଏସ୍.ଇ. ରେଳପଥ - ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.), ଏସ୍.ଇ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫର୍‌କୁ ଅଣଦେଖା କରିଦିଆଯିବ। କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇ.ଏମ୍.ଡି.: (୧) ସିକେପି-ସେଣ୍ଟ୍ରାଲ-୧୯-୨୦-୪୫, ତାରିଖ: ୧୦।୦୨।୨୦୨୦। ଏଡିଇଏନ୍ (ୱେଷ୍ଟ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏକ ବର୍ଷର ମାଗଣା ପରିଚାଳନା ପରେ ଦୁଇବର୍ଷ ପାଇଁ ପରିଚାଳନା ସମେତ ୦୬ ଗୋଟି ଟ୍ରାକ୍ ଭିତ୍ତିକ ରେଲ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ ଏବଂ କମିଶନିଂ; ₹୪୧,୪୦,୫୯୭.୧୨; ₹୮୨,୮୦୦/-। (୨) ସିକେପି-ସେଣ୍ଟ୍ରାଲ-୧୯-୨୦-୪୬, ତାରିଖ: ୧୦।୦୨।୨୦୨୦। ଏଡିଇଏନ୍/ବିଏନ୍‌ଡିଏମ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଏକ ବର୍ଷର ମାଗଣା ପରିଚାଳନା ପରେ ଦୁଇବର୍ଷ ପାଇଁ ପରିଚାଳନା ସମେତ ୦୬ ଗୋଟି ଟ୍ରାକ୍ ଭିତ୍ତିକ ରେଲ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ ଏବଂ କମିଶନିଂ; ₹୪୧,୪୦,୫୯୭.୧୨; ₹୮୨,୮୦୦/- (୩) ସିକେପି-ସେଣ୍ଟ୍ରାଲ-୧୯-୨୦-୪୭, ତାରିଖ: ୧୦।୦୨।୨୦୨୦। ଏଡିଇଏନ୍ (ୱେଷ୍ଟ)/ସିକେପିଙ୍କ ଅଧୀନରେ ଆରସିସି ଜ୍ୟାକେଟିଂ ତଥା ବିଦ୍ୟମାନ ୨୦ ଫୁଟ ଗାର୍ଡରକୁ ପିଏସ୍‌ସି ସ୍ଲାବ୍‌ରେ ପରିବର୍ତ୍ତନ କରିବା ଦ୍ୱାରା ପ୍ରମୁଖ ସେତୁଗୁଡ଼ିକର ସୁଦୃଢ଼ୀକରଣ। (୨ୟ ଆହ୍ୱାନ); ₹୨,୬୨,୦୧,୫୭୦.୭୪; ₹୨,୮୧,୦୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: କ୍ର.ସଂ. ୧ ଓ ୨ ପାଇଁ ₹୩,୦୦୦/- ଓ କ୍ର.ସଂ. ୩ ପାଇଁ ₹୧୦,୦୦୦/- ଟେଣ୍ଡର ଖୋଲାଯିବା ତାରିଖ: ପ୍ରତ୍ୟେକ ପାଇଁ ତା୦୨।୦୩।୨୦୨୦ରିଖ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-1363)



"ଏକମାତ୍ର କୁହୁକ ହେଉଛି କଠିନ ପରିଶ୍ରମ, ଦୂରଦୃଷ୍ଟି, କର୍ତ୍ତବ୍ୟବୋଧ ଓ ଦୃଢ଼ ସଂକଳ୍ପ।"
- ଇନ୍ଦିରା ଗାନ୍ଧୀ

## ସଂକ୍ଷେପରେ

### ୨ୟ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**କଳିଙ୍ଗନଗର,୧୫।୨(ଡିଏନଏ):** ଦାନଗଦୀ ବ୍ଲକ ଚାନ୍ଦିଆ ପଞ୍ଚାୟତ ଟାଙ୍ଗର ସାହିରେ ଦେଶାଉଲି କ୍ଲବ ଆନୁକୂଲ୍ୟରେ ୨ୟ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକଭାବେ ଦାନଗଦୀ ବ୍ଲକ ୧୦ନଂ ଜୋନ୍ ଜିଲାପରିଷଦ ସଭ୍ୟ ସୁଶାନ୍ତ କୁମାର ସାମଲ ଯୋଗଦେଇ ପତାକା ଉତ୍ତୋଳନ କରିବା ପରେ ଖେଳ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଲୋକନାଥ ଧୀର, ଖବରଦାତା ବିପ୍ଳବ ପଣ୍ଡା, ଯୁବନେତା ମନୋଜ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚ ଆରମ୍ଭରେ ଶିବଶକ୍ତି କ୍ଲବ ଟାଙ୍ଗର ସାହି ଓ ଡିଜେ କ୍ଲବ ବାଲିଗୋଠ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜେ କ୍ଲବ ବିଜୟୀ ହୋଇଥିଲା। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଫୁଟବଲ ଟୁର୍ନାମେଣ୍ଟରେ ମୋଟ ୩୨ଟି ଟିମ ଭାଗ ନେବେ। ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ ସଭାପତି ପାଣ୍ଡବ ବଦ୍ରା ସୂଚନା ଦେଇଛନ୍ତି।

### ଅଳଙ୍କାର, ଟଙ୍କା ଚୋରି

**ଯାଜପୁର ଟାଉନ,୧୫।୨(ଡିଏନଏ):** ଯାଜପୁର ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମର ଦାମୋଦର ନାଥଙ୍କ ଘରେ କେହି ନ ଥିବାବେଳେ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ତାଲା ଭାଙ୍ଗି ସୁନା ଅଳଙ୍କାର ଓ ନଗଦ ୩୨ ହଜାର ଟଙ୍କା ଚୋରି କରିନେଇଥିବା ଯାଜପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଯାଜପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ଜୋନସ୍ତରୀୟ ଭାଜପା ସାଙ୍ଗଠନିକ ବୈଠକ

**ଯାଜପୁର ଟାଉନ,୧୫।୨(ଡିଏନଏ):** ଯାଜପୁର ଓ ଦଶରଥପୁର ବ୍ଲକ ଜୋନସ୍ତରୀୟ ବୈଠକ ଯାଜପୁର ବ୍ଲକର ୨୯ନଂ ଜୋନ୍ ଭାଜପା କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯାଜପୁର ବ୍ଲକ୍ ୨୯ନଂ ଜୋନ୍‌ର ସଭାପତି ଜିତାମିତ୍ର ଦାସଙ୍କ ସଭାପତିତ୍ୱରେ ଜିଲା ସଭାପତି ଗୌତମ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣ୍ଡଳସ୍ତରୀୟ ବୁଥ୍ କମିଟି ଓ ମଣ୍ଡଳ କମିଟି ପୂର୍ଣ୍ଣାଙ୍ଗ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ବୁଥ୍‌ସ୍ତରରେ ସକ୍ରିୟ ସଦସ୍ୟ, ବୁଥ୍ ସଭାପତି ଓ ମୋର୍ଚ୍ଚା କମିଟି ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା ସଂଗଠନକୁ ମଜଭୁତ୍ କରି ବିଜେଡିର ମନମୁଖି ଓ ଦୁର୍ନୀତି ରୋକାଯାଇ ପାରିବ ବୋଲି କହିଥିଲେ। ବୈଠକରେ ଭାଷ୍କର ଚନ୍ଦ୍ର ଜେନା, କେଶବ ମିଶ୍ର, ନିରଞ୍ଜନ ବଳ, ବୈଷ୍ଣବ ରାଉତ, ହୃଶିକେଷ ବାରିକ, ଭୀମସେନ ସାହୁ, ଦେବବ୍ରତ ଦାସ, ସଞ୍ଜୟ ବେହେରା, ସୁବୋଧ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦଶରଥପୁର ସାଇମଣ୍ଡପରେ ୫ନଂ ମଣ୍ଡଳ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ପ୍ରଭାତ ନାୟକ ଅଧ୍ୟକ୍ଷତା କରିଥିବାବେଳେ ଜିଲା ସଭାପତି ଗୌତମ ରାୟ, ଲୋକସଭା ପ୍ରାର୍ଥୀ ଅମୀୟକାନ୍ତ ମଲ୍ଲିକ, ରାଜ୍ୟ ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାମଲ, ରାକେଶ ଦାସ, ଆଶୁତୋଷ ପାଣିଗ୍ରାହୀ, ଭାଗବତ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଦଳର ସାଙ୍ଗଠନିକ ବିଷୟ ଉପରେ ସବିଶେଷ ଆଲୋଚନା କରି ଦଳକୁ କିପରି ସୁଦୃଢ଼ କରାଯିବ ସେନେଇ ମତାମତ ରଖିଥିଲେ।

# ବିନା ସୂଚନା ଫଳକରେ ନିର୍ମାଣ ହେଉଛି ପୋଲ

**ବରୀ,୧୫।୨(ସ୍ୱ.ପ୍ର)**



■୨୦୧୯ ମାର୍ଚ୍ଚରୁ ଆରମ୍ଭ ହୋଇଛି ପୋଲ ନିର୍ମାଣ କାର୍ଯ୍ୟ
■୧୯କୋଟି ଟଙ୍କା ବ୍ୟୟ ଅଟକଳ
■ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ଅଭିଯୋଗ

ବରୀ ବ୍ଲକ ଅଧୀନ ବ୍ରାହ୍ମଣୀ ନଦୀର ରାଜା ତୋଟା- ଅଣିକଣା ଘାଟରେ ବିଜୁ ସେତୁ ଯୋଜନାରେ ପକ୍କା ପୋଲ ବିନା ସୂଚନାଫଳକରେ ନିର୍ମାଣ ଚାଲିଛି। ୨୦୧୯ ମାର୍ଚ୍ଚରୁ ଏହି ପୋଲ ନିର୍ମାଣ ଚାଲିଥିଲାବେଳେ ଅଦ୍ୟାବଧି କୌଣସି ସୂଚନାଫଳକ ସ୍ଥାପନ କରାଯାଇ ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜଣାଯାଇଛି ଯେ, ରାଜାତୋଟା- ଅଣିକଣା ଘାଟରେ ସ୍ଥାୟୀ ପକ୍କାପୋଲ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଏହି ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ବରୀ ବ୍ଲକର ଗମ୍ଭୁ, କୃଷ୍ଣନଗର, ସେରପୁର, ଅଣିକଣା,ରତ୍ନଗିରି ଓ କେନ୍ଦ୍ରାପଡା ଜିଲାକୁ ଯୋଗାଯୋଗ ହୋଇପାରିବ। ଏନେଇ ରାଜ୍ୟ ସରକାର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜରିଆରେ ୧୯କୋଟି ଟଙ୍କା ବ୍ୟୟ ଅଟକଳରେ ଠିକାଦାର ଜରିଆରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଇତିମଧ୍ୟରେ ବର୍ଷ ବିତି ଯିବାକୁ ବସିଥିଲାବେଳେ ଘଟଣାସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ୨୦୨୧ ମାର୍ଚ୍ଚମାସ ସୁଦ୍ଧା ଏହି ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହେବାର ନିୟମ ରହିଥିବା ସୂଚନା ମିଳିଥିବାବେଳେ ପୋଲ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଧାର୍ଯ୍ୟ ସମୟ ସୁଦ୍ଧା ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହେବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ପୋଲ ନିର୍ମାଣରେ ନିମ୍ନମାନର ସିମେଣ୍ଟ, ରଡ ଓ ଚିପ୍ସ ବ୍ୟବହାର କରାଯାଉଥିଲାବେଳେ ଗୋଟିଏ ପିଲର ଦବି ଯାଇଥିବା ଜଣାପଡିଛି। ଏହି ପୋଲ ନିର୍ମାଣରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହେଉଥିଲାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏହି ଅଭିଯୋଗକୁ ଗ୍ରହଣ କରୁ ନଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ପି. ପାଣିଙ୍କୁ ପଚାରିବାରୁ ପୋଲ ନିର୍ମାଣ ଏଷ୍ଟିମେଣ୍ଟ ଅନୁଯାୟୀ ନିର୍ମାଣ ଚାଲିଛି। ଘଟଣାସ୍ଥଳକୁ ପରିଦର୍ଶନ କରାଯାଇ ମାନ ନୀରିକ୍ଷଣ କରାଯାଉଛି। ଖୁବଶୀଘ୍ର ସେଠାରେ ଏକ ସୂଚନା ଫଳକ ସ୍ଥାପନ କରାଯିବ ବୋଲି କହିଛନ୍ତି।

# ୧୮ତମ ଇଣ୍ଡିପେଣ୍ଡେନ୍ସ କପ୍-୨୦୨୦ ଫାଇନାଲରେ ବଡ଼ଚଣା

**ରସୁଲପୁର,୧୫।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଖୋସାଲପୁର କ୍ରିକେଟ ପଡିଆରେ ଚାଲିଥିବା ୧୮ତମ ଇଣ୍ଡିପେଣ୍ଡେନ୍ସ କପ୍-୨୦୨୦ରେ ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ବଡ଼ଚଣା କ୍ରିକେଟ ଦଳ ଓ ସୋଲାର କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡଚଣା ଦଳ ସୋଲାରକୁ ହରାଇ ଦ୍ୱିତୀୟ ଦଳ ଭାବରେ ଫାଇନାରେ ପ୍ରବେଶ କରିଛି। ବଡ଼ଚଣା ଦଳ ଘରୋଇ ଖୋସାଲପୁର କ୍ରିକେଟ କ୍ଲବ ସହ ଫାଇନାଲ ମ୍ୟାଚ ଖେଳିବ।

ଶନିବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ସୋଲାର ଦଳ ଟସ୍ ଜିତି ପ୍ରଥମେ ଫିଲଡିଂ କରିବାକୁ ନଷ୍ପତ୍ତି ନେଇଥିଲା। ବଡ଼ଚଣା ଦଳ ନିର୍ଦ୍ଧାରିତ ୨୦ଓଭରରୁ ୧୯.୫ଓଭରରେ ସମସ୍ତ ୱିକେଟ ହରାଇ ୨୧୫ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ସୋଲାର ଦଳ ୨୧୬ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିଲା। ହେଲେ ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳ ୧୬ଓଭର ମଧ୍ୟରେ ସମସ୍ତ ୱିକେଟ ହରାଇ ମାତ୍ର ୧୩୫ରନ୍ ସଂଗ୍ରହ କରିପାରିଥିଲା। ବଡ଼ଚଣା ଦଳ ପକ୍ଷରୁ ଅଲରାଉଣ୍ଡର ଗିରିଜା ଶଙ୍କର ଦାସ ସର୍ବାଧିକ ରନ୍ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ଭାବରେ ପୁରସ୍କୃତ ହୋଇଥିଲେ। ଏହି ଖେଳକୁ ଚନ୍ଦନ କୁମାର ସାହୁ, ଅମର କୁମାର ସାହୁ, ବିନୋଦ ମଲିକ ପରିଚାଳନା କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ଭତ୍ତା ବଣ୍ଟନ ଅଧାରୁ ବନ୍ଦ

**ଚଣ୍ଡିଖୋଲ/ ବାଲିଚନ୍ଦ୍ରପୁର,୧୫।୨(ଡିଏନଏ)**

**ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ଅନିୟମିତତା ଅଭିଯୋଗ**



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମହିଳମାନେ ଧାରଣା ଦେଇଛନ୍ତି।

ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତର ଗହରନଗର ଗ୍ରାମର ବହୁ ହିତାଧିକାରୀଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ନ ଥିବାରୁ ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମର ୩ଟି ୱାର୍ଡର ବାସିନ୍ଦା ଧାରଣାରେ ବସିଥିଲେ। ଏ ନେଇ ଗଣ୍ଡଗୋଳ ଉପୁଜିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅଧାରୁ ବନ୍ଦ ହୋଇଯାଇଥିଲା। ଫଳରେ ବହୁ ହିତାଧିକାରୀ ଭତ୍ତା ନ ପାଇ ହତାସ ହୋଇ ଫେରି ଯାଇଥିଲେ।

ପ୍ରକାଶ ଥାଉକି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ହିତାଧିକାରୀମାନେ ୨୦୧୭ ମେରେ ଆବେଦନ କରିଥିଲେ। ଏଥିରେ ଚାରିନଙ୍ଗଳ ପଞ୍ଚାୟତରୁ ୧୭୦୦ରୁ ଅଧିକ ଆଶାୟୀ ଆବେଦନ କରିଥିଲେ। ଏହାର ତଦନ୍ତ କରାଯାଇ ୬୬୨ ଜଣଙ୍କର ତାଲିକା ରହିଥିଲା। ତେବେ ଗୁରୁବାର ବ୍ଲକ ତରଫରୁ ପ୍ରକାଶ ପାଇଥିବା ତାଲିକାରେ ମାତ୍ର ୧୨୫ ଜଣଙ୍କ ନାମ ଥିଲା। ଏଥିରେ ଗହରନଗର ରାଜସ୍ୱ ଗ୍ରାମର ୩ଟି ୱାର୍ଡରୁ ମାତ୍ର ୫ଜଣଙ୍କ ନାମ ରହିଥିଲା। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଶନିବାର ପୂର୍ବାହ୍ନରେ ଗହରନଗର ଗ୍ରାମର ବହୁ ମହିଳା ଓ ପୁରୁଷ ଏହି ଘଟଣାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାପରେ କିଛି ବ୍ୟକ୍ତି ଆସି ସେମାନଙ୍କୁ ଧାରଣାରୁ ଉଠିଯିବା ପାଇଁ ଧମକାଇ ଥିଲେ। ସେମାନେ ନ ଉଠିବାରୁ ଗଣ୍ଡଗୋଳ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଏଥିରେ କାର୍ଯ୍ୟାଳୟ ଭିତରେ ଭତ୍ତା ବଣ୍ଟନ କରୁଥିବା ଜିଆରଏସ୍ କମଳାକାନ୍ତ ବିଶ୍ୱାଳ ଓ ତାଙ୍କ ସହକର୍ମୀ ଅଟକ ରହିଥିଲେ। ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରୁ ସମସ୍ତଙ୍କୁ ହଟାଇବା ସହ ଭତ୍ତା ପ୍ରଦାନକୁ ଅଧାରୁ ବନ୍ଦ ରଖିଥିଲା। ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ ଲୋକ ଭତ୍ତା ପାଇଁ ଆସିଥିବାବେଳେ ସେଥିରୁ ମାତ୍ର ୧୫୦ଲୋକ ଭତ୍ତା ପାଇଥିବାବେଳେ ଅନ୍ୟମାନେ ଫେରି ଯାଇଥିଲେ। ଏ ସମ୍ପର୍କରେ ପଞ୍ଚାୟତର ସରପଞ୍ଚ ଯଦୁମଣୀ ଦାସଙ୍କୁ ପଚାରିବାରେ, କିଛି ଲୋକ ଭୁଲ ବାର୍ତ୍ତା ଦେଇ ଏଭଳି ଆନ୍ଦୋଳନ କରାଉଛନ୍ତି ବୋଲି କହିଛନ୍ତି। ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ, ଯେଉଁମାନଙ୍କ ତାଲିକାରେ ନାମ ନାହିଁ ସେମାନେ ଆସି ବ୍ଲକରେ ଥିବା ଅଭିଯୋଗ ବାକ୍ସରେ ସେମାନଙ୍କ ଅଭିଯୋଗପତ୍ର ପ୍ରଦାନ କରିବା ପାଇଁ କୁହାଯାଇଛି ବୋଲି ପ୍ରକାଶ କରିଛନ୍ତି।

# 'ସ୍କୁଲ ବେଳର ସ୍ମୃତି ଅବର୍ଣ୍ଣନୀୟ, ଚିରସ୍ମରଣୀୟ'

**ରସୁଲପୁର,୧୫।୨(ଡିଏନଏ)**

ମାଟ୍ରିକ ସହପାଠୀଙ୍କ ସ୍ମୃତି ଅବର୍ଣ୍ଣନୀୟ ଓ ଚିର ସ୍ମରଣୀୟ। ସେହି ସମୟରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଅନେକ ଖଟାମିଠା ସ୍ମୃତି ରହିଛି। ସେହି ପୁରୁଣା ସ୍ମୃତିସବୁ ଅବର୍ଣ୍ଣନୀୟ ଓ ଚିରସ୍ମରଣୀୟ। ସେହି ସ୍ମୃତିକୁ ମନେ ପକେଇବା ପାଇଁ ୫୦ବର୍ଷ ପୂର୍ତ୍ତି ପାଳନ କରାଯାଇଛି ବୋଲି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ମଧୁପୁର ହାଇସ୍କୁଲ-କଲଣର ୧୯୬୯ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ର ମତବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ପୁରାତନ ଛାତ୍ର ତଥା ପୂର୍ବତନ ଉପଜିଲାପାଳ ଦାମୋଦର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସେହି ବ୍ୟାଚ୍‌ର ମାଟ୍ରିକ ଟପ୍ପର ଧ୍ରୁବଚରଣ ଖୁଣ୍ଟିଆ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷକ କୁଳମଣି ନାୟକ, ବସନ୍ତ କୁମାର ଶତପଥୀ, ପୂର୍ବତନ ସମବାୟ ସମ୍ପାଦକ ଯୋଗୀନ୍ଦ୍ର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗିନ୍ଦ୍ରନାଥ ସାହୁ, କ୍ଷୀରୋଦ ଶତପଥୀ, ସତ୍ୟବାଦୀ ସ୍ୱାଇଁ, ବେଣୁଧର ଖୁଣ୍ଟିଆ, ସୁରମା ରଥ, ଅର୍ଣ୍ଣପୂର୍ଣ୍ଣା ଦେବୀ, ପ୍ରମିଳା ଦେବୀ, କିରଣବାଳା ନାୟକ, ଆଦିତ୍ୟ ଶରଣ, ମନମୋହନ ମଲ୍ଲିକ, ଶରତ ଚନ୍ଦ୍ର ପ୍ରଧାନ, ଅଭିମନ୍ୟୁ ପରିଡା, ସୁଚେତା ପ୍ରଧାନ, ପୁରୁଷୋତ୍ତମ ଖୁଣ୍ଟିଆ, ଅଇଁଠୁ ଚରଣ ପାତ୍ର ପ୍ରମୁଖ ଯୋଗଦେଇ ୫୦ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ପୁରାତନ ବନ୍ଧୁମାନେ ଏକତ୍ରିତ ହେବାର ସୁଯୋଗ ସୃଷ୍ଟି କରିଛି ବୋଲି ମତ ରଖିଥିଲେ। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଜେନା ପୁଷ୍ପଗୁଚ୍ଛ ଦେଇ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସମ୍ପାଦକ ବେଣୁଧର ନାୟକ ବିବରଣୀପାଠ କରିଥିଲେ। ପୁରାତନ ଛାତ୍ରୀଛାତ୍ର ୫୦ବର୍ଷ ପାଇଁ ୫୦ଟି ଦୀପ ଅର୍ପଣ କରି ବନ୍ଧୁଙ୍କର ଶୁଭ ମନାସିବା ସହ ଦେଶ ଜାତିର ମଙ୍ଗଳ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ବିପଦପୂର୍ଣ୍ଣ ଭାବେ ଝୁଲୁଛି ବିଦ୍ୟୁତ୍ ତାର

**ଚଢେଇଧରା,୧୫।୨(ଡ଼ିଏନଏ)**

ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ଅନେକ ସମୟରେ ନୀରିହ ଲୋକଙ୍କ ଜୀବନ ଯାଉଛି। କେଉଁଠି ଖୋଲାମେଲାରେ ଟ୍ରାନ୍ସଫର୍ମର ବସାଯାଇଛି ତ କେଉଁଠି ଖୁବ କମ୍ ଉଚ୍ଚତାରେ ତାର ଝୁଲି ରହିବା ଯୋଗୁ ଲୋକେ ତାହା ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରୁଛନ୍ତି। ଏଭଳି ଅନେକ ଘଟଣାରେ ବିଦ୍ୟୁତ ବିଭାଗ ନିଜ ଦୋଷ ସ୍ୱୀକାର କରି ମୃତବ୍ୟକ୍ତି ପରିବାରକୁ କ୍ଷତିପୂରଣ ଦେଉଛନ୍ତି। କ୍ଷତିପୂରଣରେ ଯେତିକି ଅର୍ଥ ଯାଉଛି, ସେତିକି ଯଦି ବିଦ୍ୟୁତ ଖୁଣ୍ଟ ଓ ତାର ମରାମତିରେ ଖର୍ଚ୍ଚ କରାଯାନ୍ତା ତେବେ ଅନେକ ସ୍ଥାନରେ ଏଭଳି ଦୁର୍ଘଟଣା ଘଟନ୍ତା ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଧର୍ମଶାଳା ବ୍ଲକ ନେଉଳପୁର ବିଦ୍ୟୁତ ସେକ୍ସନ ଅଧୀନରେ ଥିବା ଆରୁହା ଜାବରା ଥଳି ନିକଟରେ ବସା ଯାଇଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମରରୁ ତାର ଟଣାଯାଇ ନିକଟସ୍ଥ ଆରୁହା ପୋଖରୀ ପାଖରେ ଥିବା ଏକ ଢାବା ଓ ଏକ ଫ୍ଲାଏଆସ ଇଟା କାରଖାନାକୁ ବିଦ୍ୟୁତ ଯୋଗାଇ ଦିଆଯାଇଛି। ତେବେ ଟ୍ରାନ୍ସଫର୍ମରରୁ ଆସିଥିବା ତାରକୁ ଭଙ୍ଗା ବାଉଁଶ ସାହାରା ହୋଇଛି। ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ ତାର ଝୁଲି ରହିଥିଲେ ହେଁ ଯେତେ ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ୪୦୦ ମି. ପର୍ଯ୍ୟନ୍ତ ଲମ୍ବିଥିବା ଏହି ତାରକୁ ଗୋଟିଏ ଜାଗାରେ ଏକ କୋଳିଗଛରେ ବନ୍ଧା ଯାଇଛି। ଅନ୍ୟ ଦୁଇଜାଗାରେ ଭଙ୍ଗା ବାଉଁଶର ସାହାରା ଦିଆଯାଇଛି। ସେଠାରେ ପୂର୍ବରୁ ମଧ୍ୟ ଅଘଟଣ ଘଟିଥିବାର ଅଭିଯୋଗ ରହିଛି। ଏହି ଗାଁର ନବକିଶୋର ସାମଲ ଧର୍ମଶାଳା ଏସଡିଓ, ଧର୍ମଶାଳା ତହସିଲଦାର, ଜିଲାପାଳ, ତତ୍କାଳୀନ ଶକ୍ତିମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ କୌଣସି ସମାଧାନ କରାଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆଗକୁ କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ଏହାକୁ ସମାଧାନ କରାଯାଉ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ସ୍କୁଲ ସମ୍ମୁଖ ରାସ୍ତାରେ ଛିଡ଼ିଲା ୧୧ କେଭି ତାର

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୫।୨(ଡିଏନଏ)**

■ଚେତୁନି ବିଦ୍ୟୁତ୍ ବିଭାଗ
■ଅଳ୍ପକେ ବର୍ତ୍ତିଲେ ଲୋକେ

ଗତ କିଛି ଦିନ ତଳେ ଗଞ୍ଜାମ ଜିଲାରେ ୧୧କେଭି ତାର ବସ୍‌ରେ ଲାଗିବା ଦ୍ୱାରା ୧୦ଜଣଙ୍କର ଜୀବନ ହାନୀ ଘଟିଥିବାବେଳେ ବହୁଜଣ ଆହତ ହୋଇଥିଲେ। ବିଦ୍ୟୁତ ବିଭାଗର ଅବହେଳା ପାଇଁ ଏତେବଡ଼ ଅଘଟଣ ପରେ ମଧ୍ୟ ବିଦ୍ୟୁତ ବିଭାଗ ଚେତିନାହିଁ। ଶନିବାର ଯାଜପୁର ଜିଲା ବାଲିଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଯାଇଥିବା ୧୧କେଭି ବିଦ୍ୟୁତ ତାର ହଠାତ ରାସ୍ତା ଉପରେ ଛିଡ଼ି ପଡ଼ିଥିଲା। ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ଭୟଭୀତ ହୋଇ ଏଣେତେଣେ ଦୌଡ଼ିଥିଲେ। ପାଖରେ ଥିବା ଦୋକାନ ଗୃହଗୁଡ଼ିକରୁ ଲୋକମାନେ ପଦାକୁ ବାହାରି ପଳାଇ ଯାଇଥିଲେ। ଶନିବାର ଅପରାହ୍ଣ ହୋଇଥିବାରୁ ରାସ୍ତା ଫାଙ୍କା ଥିଲା ଏବଂ ବିଦ୍ୟାଳୟ ଛୁଟି ହୋଇଯାଇଥିଲା। ନଚେତ ଏକ ବଡ଼ ଦୁର୍ଘଟଣା ଘଟିଥାନ୍ତା ବୋଲି ପ୍ରତ୍ୟେକ୍ଷଦର୍ଶୀମାନେ କହିଛନ୍ତି। ବାଲିଚନ୍ଦ୍ରପୁର ବଜାର ମଧ୍ୟରେ ରହିଛି ବାଲିଚନ୍ଦ୍ରପୁର ହାଇସ୍କୁଲ। ଏହି ସ୍କୁଲ ଫାଟକ ସମ୍ମୁଖରେ ବାଲିଚନ୍ଦ୍ରପୁରଠାରୁ ମାହାଙ୍ଗା ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତା ରହିଛି। ସ୍କୁଲ ଫାଟକ ସମ୍ମୁଖ ଉପର ଦେଇ ୧୧ କେଭି ବିଦ୍ୟୁତ ତାର ଟଣା ଯାଇଛି। ଅପରାହ୍ଣ ୨ଟାବେଳେ ଇଲେକ୍ଟ୍ରି ଖୁଣ୍ଟ ଉପରେ ଥିବା ଏକ ଶଙ୍ଖ ଫାଟି ଯାଇଥିଲା। ଏହାପରେ ଯାଇଥିବା ୧୧ କେଭି ୩ଟି ତାରରୁ ଗୋଟିଏ ତାର ଛିଡ଼ି ତଳେ ପଡ଼ିଯିବା ସହ ତାରଟି ଜଳି ଉଠିଥିଲା। ଯାହାକୁ ଦେଖି ସେଠାରେ ଉପସ୍ଥିତ ଲୋକେ ରାସ୍ତାର ଦୁଇ ପାର୍ଶ୍ୱ ହଠାତ ବନ୍ଦ କରିଦେଇଥିଲେ। ଏବଂ ବିଦ୍ୟୁତ ବିଭାଗକୁ ଖବର ଦେଇଥିଲେ। ବିଦ୍ୟୁତ ବିଭାଗ କର୍ମଚାରୀମାନେ ଆସି ବିଦ୍ୟୁତ ସରବରାହ ବନ୍ଦ କରିବା ସହ ଆଉ ଏକ ତାର ଆଣି ଯୋଡ଼ିଥିଲେ। ସୂଚନା ଥାଉକି, ବିଦ୍ୟାଳୟ ସମ୍ମୁଖରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ମୂଳ ସମ୍ପୂର୍ଣ୍ଣ ଖାଇଯାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ମରାମତି ହୋଇପାରୁ ନାହିଁ। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରହ୍ଲାଦ ସାହୁଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ଉତ୍ତର ମିଳି ନ ଥିଲା।


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Govt.of Odisha Undertaking)
Regd.Office: Janapath Bhubaneswar-751022
**OFFICE OF THE G.M.(ELECT) EHT (O&M)CIRCLE, JAJPUR ROAD.**
Fax/Phone No.06726-220965 (off), E-mail.id.ehtm.cle.jjp@optcl.co.in CIN: U401020R2004SGC007553
No.Tech-CR-150/156 Dated:15.02.2020

**EXPRESSION OF INTEREST(EOI)**

General Manager(Elect.),EHT(O&M) Circle, OPTCL, Jajpur Road indents to prepare a vendor list for minimum one year for execution of different Civil/Electrical works and supply of different materials for the estimated cost of more than 10(Ten) thousand up to 1(One) lakh. Interested suppliers, dealers, contractors and firm owners may apply with details documents on or before 04.03.2020 (during office hours).For details please visit our website:- www.optcl.co.in.
Corrigendum if any, will be published in the website only.
Sd./- General Manager (Elect)

**OFFICE OF THE MUNICIPAL COUNCIL, KEONJHARGARH**
email : keonjharm.hud@rediffmail.com
Invitation for Bids (IFB) 'e' Procurement Notice
Bid Identification No.KGM-10/2019-20

Letter No.1475 /KGM Date: 12.02.2020

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement.

1 - Nature of work- Civil Work
2 - No. of Work-31 Nos.
3 - Value of works: Rs.1,34 ,200 /- to 15,88,000 /-
4 - Date & Time of availability of Bid document in the portal: From. 15.02.2020 at 11.00 A.M. up to 25.02.2020 at 5.00 P.M.
5 - Last date & time of submission of bid in portal- upto 5 P.M of 25.02.2020
6 - Date of Opening of bid in portal. 27.02.2020 at 11 .30. A.M.
7- Name & address of the officer in Inviting Bid- EO, Keonjhargarh Municipality

Further details can be seen from Website: www.tendersorissa.gov.in
Sd./- Executive Officer
Keonjhargarh Municipality

**PRAGATIPATHE ATHMALIK PANCHAYAT SAMITI**

1. **RURAL HOUSING FOR THE FY 2019-20.**
► PMAY-G Houses - 1922
► BPGY Houses - 125
► NSPGY Houses - 225
2. **MGNREGS FOR THE FY 2019-20**
► Persondays Generation - 334265 days
► House Hold 100 days completed - 166

**PROJECT COMPLETED UNDER MGNREGS**
► AWC Building - 10
► Playground - 3
► Village Tank - 5
► Check Dam - 4
► Road - 14
3. **AGAB FOR THE FY 2019-20**
► Project Completed - 112
4. **RURAL WATER SUPPLY AND SANITATION**
► Pipe water supply completed - 28
► Overhead tank completed - 11

Minakhi Dalei, Chairman
Chairman, Athmallik Block

Sanjay Kumar Acharya
Block Development Officer, Athmallik

**OFFICE OF THE EXECUTIVE ENGINEER** No. O-1083
**RURAL WATER SUPPLY & SANITATION DIVISION, MALKANGIRI**
Phone - (06861) 231617email:eerwss_mal@nic.in,eerwssmlkg@gmail.com
**QUOTATION CALL NOTICE No. 03 / (EB-61)2020 Dt. 12.02.2020**

The Executive Engineer, RWS&S Division, Malkangiri on behalf of Governor of Odisha invites sealed quotations from Authorised Manufactures, Authorised Dealers/ Distributers for supply of Chemicals, Glassware, Consumables of reputed makes for testing of drinking water at RWS&S Divisional Laboratory, Malkangiri/ Sub-Divisional laboratory, Mathili.

The time schedule of quotation is as follows.
1) **Date for submission of quotation:- Dt.19.02.2020at 10.00 A.M.to 28.02.2020 up to 5.00P.M.**
2) **Date of Opening of Quotation:- Dt.29.02.2020 at 11.30A.M.**

The detailed list of items and term & condition are available in office of the Executive Engineer RWS&S Division,Malkangiriduring office hoursor can be downloaded from **www.odisha.gov.in, www.malkangiri.nic.in**

Sd/12.02.20
Executive Engineer RWS&S Division, Malkangiri
OIPR-25044/11/0010/1920

**SIEP centre for Divvyang** No. gg-20
**SIDR Building, Capital Hospital Campus, Unit-6, Bhubaneswar-751001**

**OPEN TENDER**
**for Procurement of Equipment for SIEP**

No. 132/SIEP Date: 14.02.2020
SIEP/MISC/0016/2019

The Tender aims to approve successful bidder/bidders that will be responsible for supply of different equipment for "SIEP (State Institute for Empowerment of Persons with Disabilities)" at Bhubaneswar. The details of scope of work, eligibility criteria and submission of details can be downloaded from website http://www.ssepd.gov.in

1. Availability of tender document: SSEPD website **www.ssepd.gov.in**
2. Date and time for submission of the Tender documents:
By speed post/ Registered post / Courier/ hand in all working days up to **12:00 noon of 16/03/2020**
3. Pre Bid **26.02.2020 at 11.00 A.M**

This Tender does not entail any commitment on the part of SIEP either financial or otherwise. SIEP reserves the right to accept or reject any or all Tenders without incurring any obligation to inform the affected applicant/s of the grounds. The Tenders will be evaluated based on the information provided.

SD/-ExecutiveDirector,SIEP,Odisha
OIPR-46003/11/0004/1920

**OFFICE OF THE D.F.O.-CUM-CEO.FFDA/ BFDA, BHADRAK AND SECRETARY, MANAGEMENT SOCIETY DHAMARA FISHING HARBOUR, DHAMARA**

**TENDER CALL NOTICE No. 49// Dt. 14.02.2020**
**ENGAGEMENT OF SECURITY GUARDS AND MANPOWER**

Management Society, Dhamara Fishing Harbour, Dhamara of Bhadrak District invites sealed tenders from registered private organizations / Agency for engagement of security Guards and Manpower Services. The agencies having good track record with Registration Certificate, trained manpower and relevant experience in this line is eligible to apply. The agency must be able to provide round the clock security services to Management Society, Dhamara Fishing Harbour, Dhamara. The details tender paper cost Rs. 2000/- (Rupees Two Thousand) only in shape of Cash/ Demand Draft in favour of "Secretary, Management Society, Dhamara Fishing Harbour, Dhamara" Payable at Dhamara may be obtained from the office of Manager, Management Society, Dhamara Fishing Harbour, Dhamara from Dt. 17.02.2020 to Dt. 02.03.2020 in office hours i.e. 10.00 AM to 5.30 PM should be submitted with their proposal (Technical as well as Financial Bids) along with all supporting documents in sealed envelope must superscribed with "Application for outsourcing of Security Services and Manpower at Management Society Dhamara Fishing Harbour, Dhamara" to the office of the D.F.O., Bhadrak and Secretary Management Society, Dhamara Fishing Harbour, Dhamara by Dt. 03.03.2020 till 5.30 PM. The tender will be opened on Dt. 04.03.2020 at 11.30 AM in the office of D.F.O.-cum-CEO, FFDA/BFDA, Bhadrak and Secretary, Management Society, Dhamara Fishing Harbour at Bhadrak. (Near Bonth Chaka Bus Stand). The Undersigned has reserve the rights to cancel any or all application without assigning any reason thereof.

Sd./- Santosh Kumar Dalai
D.F.O., Bhadrak & Secretary
Management Society Dhamara
Fishing Harbour, Dhamara

# ହ୍ରାସ ପାଉଛି ଘଡ଼ିଆଳ କୁମ୍ଭୀର

ଲୋକନାଥ ମିଶ୍ର

ନୟାଗଡ ଅଫିସ,୧୫।୨

ବଂଶବୃଦ୍ଧି ଘଟୁନି ଘଡିଆଳ କୁମ୍ଭୀରର। ୪୩ ବର୍ଷ ଭିତରେ ୮୬୭ ଘଡିଆଳ କୁମ୍ଭୀର ମହାନଦୀର ସାତକୋଶିଆ ଗଣ୍ଡ ଅଞ୍ଚଳରେ ଛଡାଯାଇଛି। ତେବେ ୨୦୨୦ କୁମ୍ଭୀର ଗଣନା ରିପୋର୍ଟ ଅନୁଯାୟୀ ୩ଟି ଘଡିଆଳ କୁମ୍ଭୀର ଅଛନ୍ତି। ନନ୍ଦନକାନନରୁ ଆସିଥିବା ୨ଟି କୁମ୍ଭୀର ଶୁକ୍ରବାର ଛଡାଯିବା ପରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡର ସାତକୋଶିଆ ଗଣ୍ଡ ଅଞ୍ଚଳରେ ଘଡିଆଳ କୁମ୍ଭୀର ସଂଖ୍ୟା ୫ରେ ପହଞ୍ଚିଛି । ଅନ୍ୟପକ୍ଷେ ଗତବର୍ଷ ନନ୍ଦନକାନନରୁ ୫ଟି କୁମ୍ଭୀର ଛଡାଯାଇଥିଲେ ମଧ୍ୟ ସେମାନଙ୍କର ଟେର ମିଳୁନି । ଉକ୍ତ କୁମ୍ଭୀର ମହାନଦୀ ଜଳରେ ଅନ୍ୟ ଅଞ୍ଚଳକୁ ଚାଲି ଯାଉଛନ୍ତି ନା ପରିବେଶ ସହ ଖାପ ଖୁଆଇ ଚଳି ନ ପାରି ପ୍ରାଣ ହରାଉଛନ୍ତି ତାହା ତଦନ୍ତସାପେକ୍ଷ। ତେବେ ଘଡିଆଳ କୁମ୍ଭୀରଙ୍କ ସଂଖ୍ୟା ହ୍ରାସ ପାଇବା ନିଶ୍ଚିତ ପରିବେଶ ପାଇଁ ଚିନ୍ତାର କାରଣ ହୋଇଛି।

ସାତକୋଶିଆ ଅଭୟାରଣ୍ୟ ଅନୁଗୋଳ, ବୌଦ୍ଧ ଓ ନୟାଗଡ ଜିଲାକୁ ଲାଗି ରହିଛି। ବାଘ ଓ କୁମ୍ଭୀରର ସୁରକ୍ଷା ପାଇଁ ଅନୁଗୋଳ, ବୌଦ୍ଧ ଓ ନୟାଗଡରେ ଅନୁଗୋଳ ଓ ନୟାଗଡ ବନ୍ୟପ୍ରାଣୀ ବନଖଣ୍ଡ ଗଠନ କରାଯାଇଛି । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡରେ ରହିଛି କୁସଙ୍ଗ ଓ ଛାମୁଣ୍ଡିଆ ବନାଞ୍ଚଳ । ଏପରିସ୍ଥଳେ ୧୯୭୭ ମସିହାରେ ସାତକୋଶିଆ ଗଣ୍ଡରେ ୨୬ଟି ଘଡିଆଳ କୁମ୍ଭୀର ଛଡାଯାଇଥିଲା । ପରେ ୧୯୭୮ରେ ୫୬, ୧୯୮୦ରେ ୨୫, ୧୯୮୨ରେ ୪୩, ୧୯୮୪ରେ ୩୨, ୧୯୮୫ରେ ୧୦୦, ୧୯୮୬ରେ ୧୨୪, ୧୯୮୭ରେ ୧୨୬, ୧୯୮୮ରେ ୧୮, ୧୯୮୯ରେ ୫୯, ୧୯୯୫ରେ ୭୮, ୧୯୯୬ରେ ୫୧, ୧୯୯୮ରେ ୧୦୫, ୨୦୦୪ରେ ୫, ୨୦୧୫ରେ ୪, ୨୦୧୬ରେ ୮, ୨୦୧୯ରେ ୫, ୨୦୨୦ରେ ୨ଟି ଏପରି ମୋଟରେ ୮୬୭ଟି କୁମ୍ଭୀର ଛଡାଯାଇଛି । ଏହି ୮୬୭ ଘଡିଆଳ କୁମ୍ଭୀର ମଧ୍ୟରୁ ୧୯୮୬ରୁ ୨୦୧୪ ମଧ୍ୟରେ ୫୨୩ କୁମ୍ଭୀର ନନ୍ଦନକାନନରୁ ଅଣାଯାଇ ଛଡାଯାଇଛି । ନନ୍ଦନକାନନରୁ ୧୯୮୬ରେ ୩୫, ୧୯୮୭ରେ ୪ଥରରେ ୧୬୪, ୧୯୮୯ରେ ୬୨, ୧୯୯୩ରେ ୭୨, ୧୯୯୫ରେ ୧୦୦, ୧୯୯୮ରେ ୬୫, ୨୦୦୧ରେ ୧୦, ୨୦୧୪ରେ ୧୫ ଘଡିଆଳ କୁମ୍ଭୀର ଆସିଛନ୍ତି। ତେବେ ଏଥିରୁ ୭ଟିର ମୃତ୍ୟୁ ହୋଇଥିଲା। ଅବଶିଷ୍ଟ କୁମ୍ଭୀର ଟିକରପଡା କୁମ୍ଭୀର ପ୍ରଜନନ କେନ୍ଦ୍ରରୁ ଛଡା ଯାଇଥିବା ଜଣାପଡିଛି। ତେବେ ଏତେ ସଂଖ୍ୟକ କୁମ୍ଭୀର ଛଡାଯାଇଥିବାବେଳେ ରିପୋର୍ଟରେ କୁମ୍ଭୀର କମିବା ବଢ଼ିବା ପରେ ୨୦୨୦ବେଳକୁ ପୂରା ହ୍ରାସ ପାଇଯାଇଛନ୍ତି। କୁମ୍ଭୀର ଗଣନା ରିପୋର୍ଟ କହୁଛି ୧୯୭୫-୭୬ରେ ୧୧, ୨୦୦୨-୦୩ରେ ୩, ୨୦୦୩-୦୪ରେ ୧, ୨୦୦୪-୦୫ରେ ୩, ୨୦୦୫-୦୬ରେ ୦୨, ୨୦୦୬-୦୭ରେ ୨, ୨୦୦୭-୦୮ରେ ୩, ୨୦୦୮-୦୯ରେ ୩, ୨୦୦୯-୧୦ରେ ୩, ୨୦୧୦-୧୧ରେ ୩, ୨୦୧୧-୧୨ରେ ୨, ୨୦୧୨-୧୩ରେ ୨, ୨୦୧୩-୧୪ରେ ୨, ୨୦୧୪-୧୫ରେ ୧, ୨୦୧୫-୧୬ରେ ୩, ୨୦୧୬-୧୭ରେ ୯, ୨୦୧୭-୧୮ରେ ୭, ୨୦୧୮-୧୯ରେ ୮ଟି ଘଡିଆଳ କୁମ୍ଭୀର ଥିଲେ ବୋଲି ଜଣାପଡିଛି। ଅନ୍ୟପକ୍ଷେ ୨୦୨୦ ରିପୋର୍ଟରେ ୩ ଥିବାବେଳେ ପୁଣି ୨ଟି କୁମ୍ଭୀର ଛଡାଯିବା ପରେ ସଂଖ୍ୟା ୫ରେ ପହଞ୍ଚିଛି।




ଘଡିଆଳ କୁମ୍ଭୀର।

- ୪୩ ବର୍ଷ ଭିତରେ ଛଡାଯାଇଛି ୮୬୭
- ସାତକୋଶିଆ ଗଣ୍ଡରେ ଅଛନ୍ତି ୫

## ବଂଶବୃଦ୍ଧି କରୁଛି ମଗର

ସାତକୋଶିଆ ଗଣ୍ଡରେ ମଗର କୁମ୍ଭୀର ବଂଶବୃଦ୍ଧି କରି ଚାଲିଛି। ୨୦୧୯ କୁମ୍ଭୀର ଗଣନାରେ ୫୦ ଥିବାବେଳେ ୨୦୨୦କୁ ସଂଖ୍ୟା ବୃଦ୍ଧିପାଇ ୫୨ରେ ପହଞ୍ଚିଛି । ଏଠାରେ ଘଡିଆଳ କୁମ୍ଭୀର ସଂଖ୍ୟା କମି ଯାଉଥିବାବେଳେ ମଗର ସଂଖ୍ୟା ବଢ଼ି ଚାଲିଛି। ଏନେଇ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡର ସହକାରୀ ବନସଂରକ୍ଷକ ବିଜୟ କୁମାର ମହାନ୍ତିକୁହନ୍ତିଶାନ୍ତ କୁମ୍ଭୀର ହେଲେ ଘଡିଆଳ । ସେମାନଙ୍କ ଉପରେ ମଗରଙ୍କ ଆକ୍ରମଣ ବଢ଼ି ଚାଲିଛି । ତେବେ ଅଧିକାଂଶ ସମୟରେ ଘଡିଆଳ କୁମ୍ଭୀର ଛଡା ଯାଉଥିଲେ ମଧ୍ୟ ବଂଶବୃଦ୍ଧି ନ ଘଟି ହ୍ରାସ ପାଉଛି । ୨୦୧୯ ରିପୋର୍ଟରେ ମଗର କୁମ୍ଭୀର ୫୦ ଓ ଘଡିଆଳ କୁମ୍ଭୀର ୪ ଥିଲେ । ୨୦୨୦ ରିପୋର୍ଟରେ ମଗର ୫୨ ଓ ଘଡିଆଳ କୁମ୍ଭୀର ୩ ଅଛନ୍ତି । ଶୁକ୍ରବାର ୨ ଛଡାଯିବା ପରେ ସଂଖ୍ୟା ୫ରେ ପହଞ୍ଚିଛି ବୋଲି କହିଛନ୍ତି।



## ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ



ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା।

ଖଣ୍ଡପଡା,୧୫।୨(ସ୍ୱ.ପ୍ର)

ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସନ୍ଧ୍ୟାରେ ଖଣ୍ଡପଡାଠାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଦେଶ ପାଇଁ ବଳିଦାନ ଦେଇଥିବା ଏହି ବୀର ଯବାନମାନଙ୍କ ଉଦ୍ଦଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଖଣ୍ଡପଡା ଜଗନ୍ନାଥ ମନ୍ଦିର ପରିସରରୁ ଟେନଷ୍ଟାର କ୍ଲବର ସମସ୍ତ ସଦସ୍ୟ, ଏବିଭିପି ଓ ଆରଏସଏସ୍ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ କ୍ଲବ ଓ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ହାତରେ କ୍ୟାଣ୍ଡେଲ ଧରି ସ୍ଲୋଗାନ ଦେଇ ଖଣ୍ଡପଡା ସହର ପରିକ୍ରମା କରିଥିଲେ। ସେହିପରି କଣ୍ଟିଲୋ ଜନକଲ୍ୟାଣ କ୍ଲବ ହାଟମୁଣ୍ଡପାଟଣା ପକ୍ଷରୁ ସମସ୍ତ ସଦସ୍ୟ ହାତରେ କ୍ୟାଣ୍ଡେଲ ଧରି ସ୍ଥାନୀୟ ତାରେଣୀ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ସହ ମାଘମେଳା ପଡିଆ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଅନୁଷ୍ଠାର ସମ୍ପାଦକ ସନ୍ତୋଷ କୁମାର ସାହୁ, ସଦସ୍ୟ ରାମଚନ୍ଦ୍ର ମହାପାତ୍ର, ସୁବ୍ରତ କୁମାର ମହାରଣା, ସୋମନାଥ ମହାରଣା, ବାସୁଦେବ ସାହୁ, ସନ୍ତୋଷ କୁମାର ମହାରଣା, ଭବାନୀ ଶଙ୍କର ବେହେରା, ପ୍ରଫୁଲ୍ଲ କୁମାର ବେହେରା, ପ୍ରଭାସ କୁମାର ବେହେରା, ସଂସାରୀ ସାହୁ, ଅକ୍ଷୟ କୁମାର ମହାରଣା ପ୍ରମୁଖ ଯୋଗଦେଇଥିଲେ।

## ଖଳିସାହିରେ ନାଗସାପ ଉଦ୍ଧାର

ଖଣ୍ଡପଡା,୧୫।୨(ସ୍ୱ.ପ୍ର)

ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଗ୍ରାମ ଗଉଡସାହିର ଶ୍ୟାମସୁନ୍ଦର ସାହୁଙ୍କ ଘର ମଧ୍ୟରୁ ୩ଫୁଟ ଲମ୍ବର ଏକ କୋଳଥିଆ ନାଗସାପ ଉଦ୍ଧାର କରାଯାଇଛି । ଗୃହକର୍ତ୍ତା ସାପଟିକୁ ଦେଖିବା ପରେ ସ୍ଥାନୀୟ ଅଞ୍ଚଳର ସ୍ନେକ ହେଲ୍ପ ଲାଇନ ସଦସ୍ୟ କହ୍ନେଇ ସାହୁଙ୍କୁ ଖବର ଦେଇଥିଲେ। ସ୍ନେକ ହେଲ୍ପ ଲାଇନର ଯୁବକ ସାହୁ ଉକ୍ତ ସ୍ଥାନରେ ପହଁଚି ଘର ମଧ୍ୟରୁ ନାଗସାପଟିକୁ ଉଦ୍ଧାର କରିବା ପରେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅକ୍ଷତ ଅବସ୍ଥାରେ ଛାଡି ଦେଇଥିବା ଜଣା ପଡିଛି ।

### ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୬।୨।୨୦, ରବିବାର**

- ହଷ୍ଟେଲର ବାର୍ଷିକୋତ୍ସବ
  **ସ୍ଥାନ:** ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ
  ସମୟ: ଅପରାହ୍ନ ୫ଟା

**୧୭।୨।୨୦୨୦, ସୋମବାର**

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ:** ବ୍ଲକ କାର୍ଯ୍ୟାଳୟ ପରିସର ଖଣ୍ଡପଡା,ସମୟ-ପୂର୍ବାହ୍ନ ୧୧ଟା

**୨୧।୨।୨୦୨୦, ଶୁକ୍ରବାର**

- ମହା ଶିବରାତ୍ରରେ ଜାଗର ଯାତ୍ରା ଆରମ୍ଭ
  **ସ୍ଥାନ:** ଶରଣକୂଳ ଲଡୁବାବା ପୀଠ
  ଭୋର-୪ଟା

## ପୋଲିସ ରିଜର୍ଭରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ନୟାଗଡ଼ ପୋଲିସ ରିଜର୍ଭରେ ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ।

**ମାଓବାଦୀ ଆକ୍ରମଣର ୧୨ ବର୍ଷ ପୂର୍ତ୍ତି**

ନୟାଗଡ ଅଫିସ,୧୫।୨

ମାଓବାଦୀଙ୍କ ନୟାଗଡ ଆକ୍ରମଣ ଶନିବାରକୁ ୧୨ ବର୍ଷ ପୂରିଛି। ୨୦୦୮ ଫେବୃୟାରୀ ୧୫ରେ ସଶସ୍ତ୍ର ମାଓବାଦୀଙ୍କ ଆକ୍ରମଣରେ ୧୫ ପୋଲିସଙ୍କ ସହ ଜଣେ ସାଧାରଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏହି ଅବସରରେ ନୟାଗଡ ପୋଲିସ ରିଜର୍ଭରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ନୟାଗଡ ପୋଲିସ ଜିଲାରୁ ଶହୀଦ ହୋଇଥିବା ୧୧ଜଣଙ୍କ ଫଟୋଚିତ୍ରରେ ନୟାଗଡ ଭାରପ୍ରାପ୍ତ ଏସପି ଦିଲୀପ ସାହାଣୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି, ରିଜର୍ଭ ଆରଆଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଲାଗି ସଚେତନତା

ଓଡ଼ଗାଁ,୧୫।୨(ସ୍ୱ.ପ୍ର.)

ନୟାଗଡ ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚଡିଙ୍କ ନିର୍ଦ୍ଦେଶକ୍ରମେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପ୍ରରିପ୍ରେକ୍ଷୀରେ ଓଡ଼ଗାଁ ବନାଞ୍ଚଳରେ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଛି । ଶନିବାର ସାକେରୀ ବନ ସୁରକ୍ଷା ସମିତି ସଦସ୍ୟଙ୍କ ସହିତ ବନ ସୁରକ୍ଷା ବଳ ଏବଂ ବନରକ୍ଷୀ ସୁବାସ ଚନ୍ଦ୍ର ନାୟକ ସାଇକେଲ ଶୋଭାଯାତ୍ରାରେ ବାହାରି ଶୁଳିଆ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ବିଭିନ୍ନ ଗ୍ରାମ ଓ ସାହି ପରିକ୍ରମା କରିଥିଲେ। ଏହି ସମୟରେ ଘର ପୋଡିଗଲେ ବଣକୁ ଯିବା, ବଣ ପୋଡିଗଲେ କୁଆଡେ ଯିବା, ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ, ଜଙ୍ଗଲ ଆମର ଜାତୀୟ ସମ୍ପଦ ଆଦି ସ୍ଲୋଗାନ ଦେବା ସହିତ ଜଙ୍ଗଲରେ ନିଆଁ ଲଗାଇଲେ ୧୦ ହଜାର ଟଙ୍କା ଜରିମନା ସହିତ ଜେଲ ଯିବାକୁ ପଡିବ ଆଦି ବାର୍ତ୍ତା ପ୍ରଚାର କରିଥିଲେ। ଏହିପରି ଗ୍ରୀଷ୍ମ ଋତୁ ଆସୁ ଆସୁ ସାଇକେଲ ଶୋଭାଯାତ୍ରା ସହିତ ଗାଁ ଗାଁରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ସଭା ସମିତି, ପ୍ରଚାର ପତ୍ର ଜରିଆରେ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା ସୂଚନା ଦେଇଛନ୍ତି।




ସଚେତନତା ପାଇଁ ସାଇକେଲ ଶୋଭାଯାତ୍ରା।

## ଟାଉନ ଥାନାରେ ନୀରବ ପ୍ରାର୍ଥନା

ନୟାଗଡ ଅଫିସ,୧୫।୨

ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା ପୋଲିସ କର୍ମଚାରୀ ଓ ଅଧିକାରୀଙ୍କ ଉଦ୍ଦେଶ୍ୟରେ ନୟାଗଡ ଟାଉନ ଥାନା ପରିସରରେ ନୀରବ ପ୍ରାର୍ଥନା କରାଯାଇଥିଲା। ନୟାଗଡ ଟାଉନ ଥାନା ଆଇଆଇସିଙ୍କ ସମେତ ଅନ୍ୟ କର୍ମଚାରୀ ଏଥିରେ ସାମିଲ ଥିଲେ। ପରେ ଶହୀଦଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ୨୦୦୮ ଫେବୃୟାରୀ ୧୪ରେ ମାଓବାଦୀମାନେ ନୟାଗଡ଼ ଆକ୍ରମଣ କରିଥିଲେ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜୟନ୍ତୀ

ଦଶପଲ୍ଲା,୧୫।୨(ଡି.ଏନ୍.ଏ.)

ଦଶପଲ୍ଲାସ୍ଥିତ ସତ୍‌ସଙ୍ଗ ବିହାରଠାରେ ଠାକୁର ଶ୍ରୀଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଭକ୍ତମାନଙ୍କ ଦ୍ୱାରା ସ୍ୱସ୍ତି ପତାକା ଉତ୍ତୋଳନ, ସଙ୍ଗୀତାଞ୍ଜଳି, ନଗର ପରିକ୍ରମା ପରେ ସଦାଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚନ କାର୍ଯ୍ୟକ୍ରମରେ ରିତିକ୍ ରବି ରଣା ଶ୍ରୀଠାକୁରଙ୍କର କେତେଗୋଟି ହିତ ଉପଦେଶ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଦାମୋଦର ସାହୁ, କ୍ଷେତ୍ରବାସୀ ପ୍ରଧାନ, ସୁଶାନ୍ତ କୁମାର ପାତ୍ର, ପ୍ରଫୁଲ କୁମାର ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ମହାନଦୀ, ବୃଉଙ୍ଗ ନଦୀ ଥାଇ ଜଳସେଚନ ନାହିଁ

- ଚିନିକଳରୁ ତାଲା ନ ଖୋଲିବାରୁ ଅସନ୍ତୋଷ
- ଋଣ ପରିଶୋଧ ପାଇଁ ଦାଦନ ଯାଉଛନ୍ତି ଚାଷୀ

ନୟାଗଡ ଅଫିସ,୧୫।୨

ନୟାଗଡ଼ ଜିଲା କିଷାନ୍ କଂଗ୍ରେସର ଡାକରା କ୍ରମେ ଜିଲା କିଷାନ କଂଗ୍ରେସ ସଭାପତି ବସନ୍ତ କୁମାର ମହାରଣାଙ୍କ ସଭାପତିତ୍ୱରେ କୃଷକମାନଙ୍କର ସମସ୍ୟା ନେଇ ଏକ ଉଚ୍ଚସ୍ତରୀୟ କର୍ମଶାଳା ନୟାଗଡରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଏହି କର୍ମଶାଳାରେ ପ୍ରଦେଶ କଂଗ୍ରେସ କମିଟି ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲା କଂଗ୍ରେସ କମିଟି ସଭାପତି ରଣଜିତ୍ ଦାଶ, କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସାହୁ, ଅନ୍ୟତମ କାର୍ଯ୍ୟକାରୀ ସଭାପତି ହୁସେନ ଖାଁ, ରଣପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଶୁଭଶ୍ରୀ ପଣ୍ଡା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଉମାରାଣୀ ପାଣି, ଜିଲା ସେବାଦଳ ଚେୟାରମ୍ୟାନ୍ ନରେନ୍ଦ୍ର କୁମାର ଦାସ, ଜିଲା ସଂଖ୍ୟାଲଘୁ ସେଲ୍ ସଦସ୍ୟ ଅମ୍‌ଜାନ ଖାଁ, ଜିଲା କୃଷକ ନେତା ଗିରିଧାରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୃଷି ଓ କୃଷକର ସମସ୍ୟା ଉପସ୍ଥାପନ କରିଥିଲେ । ବକ୍ତାମାନେ କୃଷିମନ୍ତ୍ରୀଙ୍କ ଜିଲାରେ କୃଷି ଓ କୃଷକ ଅବହେଳିତ ହୋଇ ରହିଛନ୍ତି ବୋଲି ଦର୍ଶାଇଥିଲେ। ମହାନଦୀ, ବୃଉଙ୍ଗ ନଦୀ ଥାଇ ଜଳସେଚନର ସୁବିଧା ନାହିଁ। ଜିଲାବାସୀଙ୍କର ବହୁଦିନର ଦାବି ବୃଉଙ୍ଗ ଜଳସେଚନ ଯୋଜନା ଶୀତଳଭଣ୍ଡାରରେ ପଡି ରହିଛି । ଜିଲାରୁ ଉତ୍ପାଦନ ହେଉଥିବା ପନିପରିବାକୁ ସଂରକ୍ଷଣ କରି ରଖିବା ପାଇଁ ଶୀତଳଭଣ୍ଡାର ନାହିଁ । ୫ବର୍ଷ ହେଲା ଚିନିକଳରୁ ତାଲା ଖୋଲିଲା ନାହିଁ । ଚାଷୀ ତାର ସମସ୍ୟା ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଦଯାତ୍ରା କରି ଯାଇଥିଲା । ହେଲେ ମୁଖ୍ୟମନ୍ତ୍ରୀ ସମୟ ନ ଦେବା ଘଟଣାକୁ ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଅନ୍ୟପକ୍ଷେ ଚିନିକଳକୁ ଆଖୁ ଦେଇ ଚାଷୀ ତାର ପ୍ରାପ୍ୟ ପାଇଲେ ନାହିଁ । ଶେଷରେ ଋଣ ପରିଶୋଧ ପାଇଁ ଚାଷୀ ଦାଦନ ଗଲାଣି । ଜିଲାରେ ଏବେ ଆଖୁଚାଷ ବନ୍ଦ ହେବାକୁ ଲାଗିଲାଣି। ଚିନିକଳ କ୍ରିୟାନୁଷ୍ଠାନ କମିଟି ତରଫରୁ ନୟାଗଡ଼କୁ ମାର୍ଚ୍ଚ ୬ ତାରିଖରେ ସମ୍ପୂର୍ଣ୍ଣ ବନ୍ଦ କରିବାପାଇଁ ଡାକରା ଦିଆଯାଇଛି। ଏହି ଡାକରାକୁ ଜିଲା କିଷାନ୍ ସେଲ୍ ସଂଗଠନ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି କୁହାଯାଇଛି । ପୂର୍ବତନ ସମିତିସଭ୍ୟ ଉମେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

**OFFICE OF THE PRINCIPAL,
NAYAGARH AUTONOMOUS COLLEGE**
NAYAGARH (ODISHA) - 752069
Phone : (06753)252234(O), www.ngrautocol.ac.in
No.537 e-mail : ngrautcol@yahoo.co.in Date: 15.02.2020

**QUOTATION CALL NOTICE**

Sealed quotations are invited from the registered firms/Authorised Dealers having valid GST, PAN & IT clearance for procurement of Fire Extinguisher, Dust Bin, Lab Equipments for Chemistry, Solar system, Sound system, Podium for Conference Hall and Teaching Aid from assistance for non-civil expenses under OHEPEE scheme, Govt. of Odisha.

The sealed quotations marking on the cover 'QUOTATIONS' should reach the office of the undersigned on or before 29th Feb, 2020 through Registered/Speed Post. The Authority reserves the right to reject or cancel any or all quotation without assigning any reason thereof. For further details log on www.ngrautocol.ac.in.

Sd./- (MAJ. M. Pati), Principal
Nayagarh Autonomous College, Nayagarh

nbt.india
एकः सूते सकलम्
**NATIONAL BOOK TRUST, INDIA**
Ministry of Human Resource Development
Government of India
in collaboration with
**RAMA DEVI WOMEN'S UNIVERSITY, BHUBANESWAR**
is organizing a job oriented

**CERTIFICATE COURSE IN BOOK PUBLISHING (EXCLUSIVELY FOR WOMEN)**
**16-27 MARCH 2020**

- Eligibility : Graduate in any discipline ▶ Age: No bar
- Course Fee : Rs. 2,000/-+18% GST=Rs.2,360/-
- Last date of application: 13 March 2020
- Venue : Rama Devi Women's University, Vidya Vihar Bhoi Nagar, Bhubaneswar 751022 (Odisha)

Application form can be downloaded from www.nbtindia.gov.in and submitted along with a Demand Draft of Rs. 2360/- drawn in favour of National Book Trust, India payable at New Delhi to Dr. Madhusmita Pati, Professor, PG Deptt of English, Rama Devi Women's University, Bhubaneswar, Odisha.

For further information please contact

Shri Manas Ranjan Mahapatra
Course Director
Mobile : 9891946178

Shri Narender Kumar
Training Incharge
Mobile : 9810743452

NATIONAL BOOK TRUST, INDIA
Nehru Bhawan
5, Institutional Area, Phase II
Vasant Kunj,
New Delhi-110070
E-mail: training.nbtindia@gmail.com
Tel : 011-26707843

Prof. Madhusmita Pati
Course Coordinator
PG Department of English
Mobile :09238511561
Rama Devi Women's University, Bhubaneswar
E-mail: hod.english@rdwu.ac.in

davp-21103/11/0057/1920

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଫାଇଲ ନଂ. DRM/Engg/KUR/19-20/E-Tender/51, ତା: 10.02.2020

1) ଟେଣ୍ଡର ବିଜ୍ଞପ୍ତି ସଂ. eTender-HQ-KUR-345-2019, ତା: 04.02.2020
ବିବରଣୀ : ସହାୟକ ମଣ୍ଡଳ ଯନ୍ତ୍ରୀ, ଟ୍ରାକ୍, ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ବ୍ରିଜ୍ ନଂ.66(Dn), 13(Up), 63(Up) ରେ ସମସ୍ତ ଫିକ୍ସଚର ଏବଂ ଫାଷ୍ଟେନିଙ୍ଗ୍ ସହିତ 'H' ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର 466 ଗୋଟି ଷ୍ଟିଲ୍ ଚ୍ୟାନେଲ ସ୍ଲିପରଗୁଡ଼ିକର ନବୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 109.45 ଲକ୍ଷ, EMD (ଟଙ୍କାରେ) : ₹ 2,04,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

2) ଟେଣ୍ଡର ବିଜ୍ଞପ୍ତି ସଂ. eTender-EAST-KUR-346-2019, ତା: 04.02.2020
ବିବରଣୀ : 50,000 ଘନ ମିଟରର କଠିନ ପଥରକୁ ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା 50mm ଆକାରରେ ଭାଙ୍ଗି ହରିଦାସପୁର ଡିପୋ ଠାରେ ଯୋଗାଣ ତଥା ତାହାକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯେକୌଣସି ପ୍ରକାର ରେଳବାଇ ୱାଗନଗୁଡିକରେ ବୋଝେଇ କରିବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 616.87 ଲକ୍ଷ, EMD (ଟଙ୍କାରେ) : ₹ 4,58,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର) ମାସ ।

3) ଟେଣ୍ଡର ବିଜ୍ଞପ୍ତି ସଂ. eTender-CENT-KUR-347-2019, ତା: 05.02.2020
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ଭୁବନେଶ୍ୱର-ଲିଙ୍ଗରାଜ ଟେମ୍ପଲ ରୋଡ୍ ମଧ୍ୟରେ କି.ମି.437/3 ଠାରୁ 438/7 ପର୍ଯ୍ୟନ୍ତ କଟିଙ୍ଗ୍ ସ୍ଲୋପ୍ ସୁରକ୍ଷା ନିମନ୍ତେ ଟୋ ୱାଲ (Toe Wall) ଏବଂ ଷ୍ଟୋନ୍ ପିଚିଙ୍ଗ୍ ବ୍ୟବସ୍ଥା, ସାଇଡ୍ ଡ୍ରେନ୍‌ଗୁଡ଼ିକର ସଫେଇ, ପ୍ରୋଟେକ୍ସନ ୱାଲ, ଟ୍ରୋଲି ରେଫ୍ୟୁଜି, କ୍ୟାଚ୍ ୱାଟର ଡ୍ରେନ୍ ବ୍ୟବସ୍ଥା ଦ୍ୱାରା ଟ୍ରାକ୍ ପ୍ରୋଫାଇଲ (Profile)ର ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 116.76 ଲକ୍ଷ, EMD (ଟଙ୍କାରେ) : ₹ 2,08,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.26.02.2020 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-709/K/19-20

See Career Appointment on every Wednesday & Saturday

**ଅତିରିକ୍ତ ସହକାରୀ, ଦେବୋତ୍ତର, ଆୟୁକ୍ତ, କଟକ**
ଓ.ଏ. ନଂ.- ୦୧/୨୦୨୦ ଧା୪୧ରା
ଶାନ୍ତିଲତା ମିଶ୍ର ଏବଂ ଅନ୍ୟଜଣେ ... ବାଦୀ
ବନାମ
ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁ
ପ୍ରତିନିଧିତ୍ୱ .... ତହସିଲଦାର, ଯାଜପୁର ଓଗେର ... ପ୍ରତିବାଦୀ

ଯାଜପୁର ଜିଲା ଶୀତଳେଶ୍ୱର ଅନ୍ତର୍ଗତ ମୌଜାରେ ଥିବା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ତାଙ୍କର ସମ୍ପତ୍ତି ସର୍ବସାଧାରଣ ଠାକୁର ନୁହନ୍ତି ଏବଂ ଏହା ଏକ ଘରୋଇ ଠାକୁର ଅଟନ୍ତି। ଶାନ୍ତିଲତା ମିଶ୍ର ଓଗେର ଆମ୍ଭ ଅଦାଲତରେ ଏହା ଏକ ଘରୋଇ ଠାକୁର ଓ ଘରୋଇ ସମ୍ପତ୍ତି ଦାବିକରି ହିନ୍ଦୁ ସର୍ବସାଧାରଣଙ୍କ ପକ୍ଷରୁ ଚନ୍ଦ୍ରମଣି ଦାସଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଉକ୍ତ ପ୍ରତିନିଧିତ୍ୱ ବିରୁଦ୍ଧରେ କାହାର କିଛି ଆପତ୍ତି ଥିଲେ ଆସନ୍ତା ତା୨୭।୦୩।୨୦୨୦ରିଖ ଆମ୍ଭ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ ଜଣାଇବେ। ତାରିଖ ଗତେ କାହାର ଆବେଦନ ଗ୍ରହଣ ଯୋଗ୍ୟ ନୁହେଁ।

ଶ୍ରୀ ଦେବାଶିଷ ଦାଶ, ଓ.ଜେ.ଏସ୍ (୧)
ସ୍ୱା./- ଅତିରିକ୍ତ ସହକାରୀ
ଦେବୋତ୍ତର ଆୟୁକ୍ତ, କଟକ

ଭୂ-ସମ୍ପତ୍ତିର ତାଲିକା
RoR Vide Tahasil No.-210
RSD Vide No. 612/608 Dt.18.3.1997
RSD Vide No. 488 Dt.1.3.1994
Mouza - Sitaleswar
Khata No. 18, Stitiban - A0.23Dec.
Plot No. - 811, A0.08 Decimiles
Hal Khata No. 550, Plot - 811, Area- A0.32Dec.

**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.), ଏସ୍.ଇ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫର୍‌କୁ ଅଣଦେଖା କରିଦିଆଯିବ। **କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇ.ଏମ୍.ଡି.:** (୧) ସିକେପି-ସେଣ୍ଟ୍ରାଲ-୧୯-୨୦-୪୫, ତାରିଖ: ୧୦।୦୨।୨୦୨୦। ଏଡିଇଏନ୍ (ୱେଷ୍ଟ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏକ ବର୍ଷର ମାଗଣା ପରିଚାଳନା ପରେ ଦୁଇବର୍ଷ ପାଇଁ ପରିଚାଳନା ସମେତ ୦୬ ଗୋଟି ଟ୍ରାକ୍ ଭିତ୍ତିକ ରେଲ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ ଏବଂ କମିଶନିଂ; ₹୪୧,୪୦,୫୯୭.୧୨; ₹୮୨,୮୦୦/-। (୨) ସିକେପି-ସେଣ୍ଟ୍ରାଲ-୧୯-୨୦-୪୬, ତାରିଖ: ୧୦।୦୨।୨୦୨୦। ଏଡିଇଏନ୍/ବିଏନ୍‌ଡିଏମ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଏକ ବର୍ଷର ମାଗଣା ପରିଚାଳନା ପରେ ଦୁଇବର୍ଷ ପାଇଁ ପରିଚାଳନା ସମେତ ୦୬ ଗୋଟି ଟ୍ରାକ୍ ଭିତ୍ତିକ ରେଲ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ ଏବଂ କମିଶନିଂ; ₹୪୧,୪୦,୫୯୭.୧୨; ₹୮୨,୮୦୦/- (୩) ସିକେପି-ସେଣ୍ଟ୍ରାଲ-୧୯-୨୦-୪୭, ତାରିଖ: ୧୦।୦୨।୨୦୨୦। ଏଡିଇଏନ୍ (ୱେଷ୍ଟ)/ସିକେପିଙ୍କ ଅଧୀନରେ ଆର୍‌ସିସି ଜ୍ୟାକେଟିଂ ତଥା ବିଦ୍ୟମାନ ୨୦ ଫୁଟ ଗାର୍ଡରକୁ ପିଏସ୍‌ସି ସ୍ଲାବ୍‌ରେ ପରିବର୍ତ୍ତନ କରିବା ଦ୍ୱାରା ପ୍ରମୁଖ ସେତୁଗୁଡ଼ିକର ସୁଦୃଢ଼ୀକରଣ। (୨ୟ ଆହ୍ୱାନ); ₹୨,୬୨,୦୧,୫୭୦.୭୪; ₹୨,୮୧,୦୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** କ୍ର.ସଂ. ୧ ଓ ୨ ପାଇଁ ₹୩,୦୦୦/- ଓ କ୍ର.ସଂ. ୩ ପାଇଁ ₹୧୦,୦୦୦/- **ଟେଣ୍ଡର ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୦୨।୦୩।୨୦୨୦ରିଖ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-1363)

## ସଂକ୍ଷେପରେ

### ବିଭିନ୍ନ ସମସ୍ୟା ସମ୍ପର୍କିତ ୨୦ ଅଭିଯୋଗ ଦାଖଲ

**ବ୍ରହ୍ମପୁର ଅଫିସ,୧୫।୨:** ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିରେ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଡେପୁଟି କମିଶନର ଆଶୁତୋଷ ସାମଲ, ସାଉଥକୋର ସିଟି ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଚନ୍ଦନ ଦାଶ, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀ ସୀତାରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସହରର ରାସ୍ତା ମରାମତି, ଓଡିଆରପି ଦ୍ୱାରା ନିର୍ମାଣାଧୀନ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟରେ ବିଳମ୍ବ, ପୋଖରୀର ପୁନରୁଦ୍ଧାର ସମ୍ପର୍କିତ ମୋଟ ୨୦ ଅଭିଯୋଗ ହୋଇଥିଲା । ଉକ୍ତ ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରାଯିବା ନେଇ ସୂଚନା ଦିଆଯାଇଥିଲା ।

### ରେଲୱେ ଓଭରବ୍ରିଜ ତଳ ରାସ୍ତା ନିର୍ମାଣ ଶେଷ ଯୋଜନା
### ପ୍ରଶାସନର ଜବରଦଖଲ ଉଚ୍ଛେଦ

**ବ୍ରହ୍ମପୁର ଅଫିସ,୧୫।୨:** ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ଛକରୁ ଆଙ୍କୁଲି ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ରେଲୱେ ଓଭରବ୍ରିଜ ପୂର୍ବପଟ ତଳ ରାସ୍ତାରେ ୧୦ ଘର ଜବରଦଖଲକୁ ଶନିବାର ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ବେଆଇନ ଜବରଦଖଲ ଯୋଗୁ ଓଭରବ୍ରିଜ ସମ୍ପୂର୍ଣ୍ଣ ହେବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। କେତେକ ଘର ମାଲିକ ଅଦାଲତକୁ ଯାଇଥିବାରୁ ଆନ୍ୟ ଏକ ସମସ୍ୟା ଦେଖାଦେଇଥିଲା। ସୂଚନାଯୋଗ୍ୟ, ୪୩.୨୯ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ଓଭରବ୍ରିଜ ନିର୍ମାଣ ପାଇଁ ୨୦୧୩ ଅକ୍ଟୋବର ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ୨୦୧୮ ସୁଦ୍ଧା କାମ ସମ୍ପୂର୍ଣ୍ଣ କରାଯିବାର ଧାର୍ଯ୍ୟ ହୋଇଥିଲା। ପୂର୍ତ୍ତ ବିଭାଗ ଗଞ୍ଜାମ ଡିଭିଜନ ନଂ. ୨କୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ସମ୍ପୂର୍ଣ୍ଣ ହେବାରେ ଅହେତୁକ ବିଳମ୍ବ ଯୋଗୁ ଆଙ୍କୁଲି ଓ ଶିଳ୍ପାଞ୍ଚଳର ହଜାର ହଜାର ଲୋକ ପ୍ରତିଦିନ ହଇରାଣ ହେଉଥିଲେ।

### ଉଦ୍ଭିଦ ବିଜ୍ଞାନ ବିଭାଗ ପାଠଚକ୍ର

**ବ୍ରହ୍ମପୁର ଅଫିସ, ୧୫।୨:** ମହାମାୟୀ ମହିଳା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗ ପାଠଚକ୍ର ଓ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ କୃଷ୍ଣପ୍ରସାଦ ମହାପାତ୍ର ଅଧକ୍ଷତା କରିଥିଲେ । କ୍ଷେତ୍ରମୋହନ ବିଜ୍ଞାନ କଲେଜ ଉଦ୍ଭିଦ ବିଜ୍ଞାନ ପ୍ରାଧାପକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠଚକ୍ର ସମ୍ବନ୍ଧୀୟ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ଡ଼. ଅରୁଣା ପଟ୍ଟନାୟକ, ଅଧାପିକା ଅମିତା ପଣ୍ଡା, ସ୍ୱର୍ଣ୍ଣଲତା ପଟ୍ଟନାୟକ ଓ ପ୍ରିୟଦର୍ଶିନୀ ମେକାପ ଛାତ୍ରୀଙ୍କୁ ଉପଦେଶ ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ଦୁଇ ଗୋଷ୍ଠୀ ଗଣ୍ଡଗୋଳ, ଜଣେ ଆହତ

**ଗଞ୍ଜାମ,୧୫।୨(ଡି.ଏନ.ଏ.):** ଗଞ୍ଜାମ ଥାନା ବଡ଼ବଜାରଠାରେ କୌଣସି ଘଟଣାକୁ କେନ୍ଦ୍ରକରି ପୁଇଁତୋଳା ଗ୍ରାମର କେତେଜଣ ବ୍ୟକ୍ତି କରଣ ସାହିର ଜଣଙ୍କୁ ଶନିବାର ଆକ୍ରମଣ କରିଥିଲେ। ଆହତ ହେଲେ କାହ୍ନୁ ନାହାକ (୨୫)। ଥାନାଧିକାରୀ ଦିଲୀପ କୁମାର ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ପୁଇଁତୋଳାର ଜଣେ ବ୍ୟକ୍ତିଙ୍କୁ ଆହତ ଗୋଷ୍ଠୀ ଠେଲାପେଲା କରିଥିଲେ। ଏହାକୁ ନେଇ ଉକ୍ତ ସନ୍ଧ୍ୟାରେ ପୁଇଁତୋଳାର ପ୍ରାୟ ୧୦ରୁ ୧୫ ଜଣ ଯାଇ ଏ ବିଷୟରେ ପଚାରିବା ସହ ଉଭୟଙ୍କ ମଧରେ ବୁଝାମଣା ହୋଇଥିଲା। ହେଲେ ଏହାର ରାଗ ରଖି ଶନିବାର ପୁଇଁତୋଳା ଗ୍ରାମର କେତେଜଣ ବ୍ୟକ୍ତି ସଂଘବଦ୍ଧ ଭାବେ କୋଡ଼ି ସାହାଯ୍ୟରେ କାହ୍ନୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ।


# କଲେଜ ପରିସରରେ ୧୧ କେଭି ବିଦ୍ୟୁତ୍ ତାର

## ବିପଦ ଆଶଙ୍କାରେ ଛାତ୍ରୀଛାତ୍ର

**ନୂଆଗାଁ,୧୫।୨(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତସ୍ଥିତ ଗତିଶ୍ୱର ମହାବିଦ୍ୟାଳୟ ପରିସର ମଧ୍ୟ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଛାତ୍ରୀଛାତ୍ର ଓ ଅଧ୍ୟାପକ, କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଯେଉଁଥିପାଇଁ କଲେଜର ସେହି ପାର୍ଶ୍ୱକୁ ଯିବାକୁ ସମସ୍ତେ ଭୟ କରୁଛନ୍ତି । ଏପରିକି କଲେଜରେ ଶ୍ରେଣୀ ଗୃହର ଅଭାବ ରହିଥିଲେ ମଧ୍ୟ ଉକ୍ତ ବିଦ୍ୟୁତ୍ ତାର ଲାଗି ଗୃହ ନିର୍ମାଣ କରିବା ସମ୍ଭବ ହେଉ ନ ଥିବା ଗତିଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ କହିଛନ୍ତି।

୧୯୯୨ ମସିହାରେ ପ୍ରତିଷ୍ଠିତ ଗତିଶ୍ୱର ମହାବିଦ୍ୟାଳୟ ପରିସର ମଧ୍ୟରେ ଥିବା କଲେଜରେ ସର୍ବମୋଟ ୧୬୬୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେଥି ମଧ୍ୟରୁ ଯୁକ୍ତ୨ କଳା ବିଭାଗରେ ୫୧୨ , ଯୁକ୍ତ ୨ ବିଜ୍ଞାନରେ ୩୮୪ ଏବଂ ଯୁକ୍ତ ୩ କଳା ବିଭାଗରେ ୭୬୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଥିସହ ୬୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଓ କର୍ମଚାରୀ ଅଛନ୍ତି। କଲେଜ ପରିସରରେ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ତାର ସମସ୍ତଙ୍କ ପାଇଁ ବିପଦ ସୃଷ୍ଟି କରିଛି। କଲେଜରେ ଯୁକ୍ତ ୩ରେ ଅନର୍ସ କ୍ଲାସ ପାଇଁ ଶ୍ରେଣୀ ଗୃହ ନ ଥିବାରୁ ମନୋବିଜ୍ଞାନ ଓ ଇତିହାସ ଅନର୍ସ କ୍ଲାସ କରିବାରେ



କଲେଜ ଘରକୁ ଲାଗି ଲାଇନ ତାର।

ବାଧା ଉପୁଜୁଛି । ଗୃହ ନିର୍ମାଣ କରିବା ପାଇଁ ଜାଗା ରହିଥିଲେ ମଧ୍ୟ ବିପଦ ସାଜିଛି କଲେଜକୁ ଲାଗି ଯାଇଥିବା ୧୧ କେଭି ବିଦ୍ୟୁତ ତାର । ବିଦ୍ୟୁତ ତାର ନ ଘୁଞ୍ଚାଇବା ଯାଏ ଘର ନିର୍ମାଣ କରିବା ସମ୍ଭବ ହେଉ ନ ଥିବା ବେଳେ ପାଠ ପଢାରେ ବାଧା ସୃଷ୍ଟି ହେଉଛି । ତାର ଘୁଞ୍ଚାଇବା ବାବଦରେ ନୟାଗଡ ସେସୁ କନିଷ୍ଠ ଯନ୍ତ୍ରୀ ଅନନ୍ତ ନାରାୟଣ କରଙ୍କୁ ପଚାରିବାରେ ତାର ଘୁଞ୍ଚାଇବା ପାଇଁ କଲେଜ ତରଫରୁ ବିଦ୍ୟୁତ୍ ବିଭାଗକୁ ୨୦୧୫ ମସିହାରେ ଆବେଦନ କରାଯାଇଥିଲା ଏବଂ ସେହି ଆବେଦନକୁ ବିଚାର କରି ଆବଶ୍ୟକ ଟଙ୍କା ଡିପୋଜିଟ କଲେ ବିଦ୍ୟୁତ ତାରକୁ ଅନ୍ୟତ୍ର ପରିବର୍ତ୍ତନ କରି ଦିଆଯିବ ବୋଲି କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା । କିନ୍ତୁ କଲେଜ ତରଫରୁ ଟଙ୍କା ଡିପୋଜିଟ ନ କରାଯିବାରୁ ତାର ଘୁଞ୍ଚାଇବା ସମ୍ଭବ ହେଉନାହିଁ ବୋଲି କନିଷ୍ଠ ଯନ୍ତ୍ରୀ କର କହିଛନ୍ତି । ଅନ୍ୟପକ୍ଷେ ବିଦ୍ୟୁତ ବିଭାଗ ତାର ଘୁଞ୍ଚାଇବା ପାଇଁ ମାଗୁଥିବା ଅର୍ଥ କଲେଜ ପକ୍ଷେ ଦେବା ସମ୍ଭବପର ନୁହେଁ। ତେଣୁ କଲେଜ ଛାତ୍ରୀଛାତ୍ର ତଥା କର୍ମଚାରୀଙ୍କ ଜୀବନକୁ ବିପଦ ମୁହଁକୁ ଠେଲି ଦେଇ ବିଦ୍ୟୁତ୍ ବିଭାଗ ନିଜ ସ୍ୱାର୍ଥରେ କାର୍ଯ୍ୟ କରୁଥିବାରୁ ଭବିଷ୍ୟତରେ ଯଦି କିଛି ଅଘଟଣ ଘଟେ ସେଥିପାଇଁ ବିଭାଗ ଦାୟୀ ରହିବ ବୋଲି ଗତିଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ନାୟକ କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ନୟାଗଡ ଅଫିସ,୧୫।୨**

ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆ ପକ୍ଷରୁ ଶନିବାର ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ ନୟାଗଡ ସିନେମା ହଲଠାରୁ ଏକ ଶୋଭାଯାତ୍ରା ବାହାରି ନୟାଗଡ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରି ଘେରାଉ କରିଥିଲେ। ଜିଲାନେତ୍ରୀ ଆଶାମଣି ନାୟକଙ୍କ ନେତୃତ୍ୱରେ ମୁରଲୀଧର ନାୟକ, ବୀଣା ନାୟକ, ବ୍ରଜ ବିହାରୀ ନାୟକ, ଗୀତା ନାୟକ, ଖଦାଳ ସେନାପତି, ଛବି ନାୟକ ପ୍ରମୁଖ ଯୋଗ ଦେଇ ସରକାରଙ୍କୁ ସମାଲୋଚନା କରିଥିଲେ । ଚାକିରି ନଥିବାରୁ ବେକାରୀମାନେ ଦାଦନ ଖଟିବାକୁ ଯାଉଛନ୍ତି । ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ । ଚାଷୀ ଓ ଚାଷ ଅବହେଳିତ। ଶ୍ରମିକଙ୍କୁ କାମ ମିଳୁନି। ଏହିପରି ଅନେକ ଅସୁବିଧା ଲାଗି ରହିଛି। ଏଭଳିସ୍ଥଳେ ସବୁ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ସହ ଏନଆରସି, ଏନପିଆରକୁ ପ୍ରତ୍ୟାହାର କରିବାକୁ କୁହାଯାଇଥିଲା। ପରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।

# ଘର ଆଗ ନା ବିଦ୍ୟୁତ୍ ତାର ଆଗ ନେଇ ଚର୍ଚ୍ଚା

**ଓଡ଼ଗାଁ, ୧୫।୨(ସ୍ୱ.ପ୍ର.)**

ଗଞ୍ଜାମ ଜିଲା ଗୋଳନ୍ଥରା ଅଞ୍ଚଳରେ ଯାତ୍ରୀବାହୀ ବସ ବିଦ୍ୟୁତ୍ ତାର ସମ୍ପର୍କରେ ଆସିବା ଏବଂ ୧୦ ଜଣଙ୍କ ମୃତ୍ୟୁ ହେବା ପରେ ସାଧାରଣରେ ବ୍ୟାପକ ସଚେତନତା ଦେଖାଦେଇଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି । ହେଲେ ଦୁଇରୁ ତିନି ଦଶନ୍ଧୀ ଧରି ଗାଁ ଗାଁରେ ବସାଯାଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ବିଛାଯାଇଥିବା ୧୧ ଓ ୩୩ କେଭି ବିଦ୍ୟୁତ୍ ତାର କାଳକ୍ରମେ ବିଭିନ୍ନ ସ୍କୁଲ, ଅନୁଷ୍ଠାନ ଓ ଘର ତଳେ ରହିଯାଇଛି । ହେଲେ ପ୍ରଥମେ ତାର ନା ପ୍ରଥମେ ଘର ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ବିନା ଅନୁମତିରେ ଲୋକେ ଘର ତିଆରି କରୁଥିବା ଏବଂ ଏଥି ନିମନ୍ତେ ଅନୁମତି ନେବା ଓ ଉଚ୍ଚଶକ୍ତି ସମ୍ପନ୍ନ ତାର ଅପସରାଣ କରିବା କଷ୍ଟସାଧ ପ୍ରମାଣିତ ହୋଇଛି । ଫଳ ସ୍ୱରୂପ ସାଧାରଣ ଲୋକେ ଆବଶ୍ୟକ ଅନୁସାରେ ଅସୁରକ୍ଷିତ ଭାବେ ବିଦ୍ୟୁତ୍ ତାର ତଳେ ଘର କରିବାକୁ ଏକରକମ ବାଧ ହୋଇଛନ୍ତି । ଅନ୍ୟପକ୍ଷେ ତତ୍‌ଜନିତ କୌଣସି ଅଘଟଣ ଘଟିଲେ ମୁଖ୍ୟତଃ ବିଦ୍ୟୁତ୍ ବିଭାଗ କିମ୍ବା କୌଣସି ସରକାରୀ ବିଭାଗକୁ ହିଁ ଉତ୍ତରଦାୟୀ କରାଯାଇଥାଏ। ଏରପିସ୍ଥଳେ ସ୍ଥାନୀୟ ସେସୁ ଅଧୀନ ଉଭୟ ସେକ୍ସନରେ ଏହିଭଳି ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଖୁଣ୍ଟ ଓ ତାର ଉଠାଇବା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ଜଣାଯାଇଛି । ହେଲେ ସେସୁ ସେକ୍ସନ ୧ ଅଧୀନରେ ଥିବା କୋମଣ୍ଡ ପ୍ରାଥମିକ ବିଦ୍ୟାଳୟ ଓ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ର ପରିସରରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଯାଇଥିବା ବେଳେ ସେଥିରୁ କେତେକ ଶ୍ରେଣୀ ଗୃହ ଉପର ଦେଇ ୧୧ କେଭି ବିଦ୍ୟୁତ୍ ତାର ଅନ୍ୟତ୍ର ନିଆଯାଇଥିବା ଦେଖିବାକୁ ମିଳିଛି । ଏନେଇ ସ୍କୁଲ ପ୍ରଧାନ ଶିକ୍ଷକ ଗତ ବର୍ଷ ଅଗଷ୍ଟ ୨୮ ତାରିଖରେ ଟ୍ରାନ୍ସଫର୍ମର ବିଦ୍ୟୁତ୍ ତାର ଅପସାରଣ କରିବା ନିମନ୍ତେ ଜିଲାପାଳଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ। ଅଦ୍ୟାବଧି ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଜଣାଯାଇଛି । ସେହିପରି ଓଡ଼ଗାଁ ଏନଏସି ଅନ୍ତର୍ଗତ ଧର୍ମଶାଳା ପଛ ପାଖ ଶ୍ରୀରାମ ନଗର, ଶ୍ରୀରାମ ଲଜ୍ ସାହି ପଛରେ ଆବାହନ କାଳରୁ ଯାଇଥିବା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ତଳେ ବହୁ କୋଠାବାଡି ଅସୁରକ୍ଷିତ ଭାବେ ନିର୍ମାଣ କରାଯାଇଛି । ଗତ ଦିନମାନଙ୍କରେ ଏକାଧିକ ଦୁର୍ଘଟଣା ଘଟିଥିବା ନଜିର ରହିଛି । ଏନେଇ ଘର ମାଲିକ ଓ ବିଭାଗୀୟ ଅଧିକାରୀଙ୍କ ମଧରେ ତାଳମେଳ ରହୁନଥିବାରୁ ଏଯାବତ୍ ଲୋକଙ୍କ ଘର ଉପରୁ ତାର ହଟାଇବା ନିମନ୍ତେ ସେମିତି କିଛି ତତ୍ପରତା ପ୍ରକାଶ ପାଇନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏନେଇ ସେସୁ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଖୁବଶିଘ୍ର କୋମଣ୍ଡ ସ୍କୁଲ ଉପରୁ ତାର ଅପସାରଣ କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି କହିଥିଲେ । ସେହିପରି ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ବିପଦଜନକ ଅବସ୍ଥାରେ ଝୁଲି ରହିଥିବା ତାର ଅପସାରଣ କରିବାକୁ ଆବଶ୍ୟକ ପଦକ୍ଷେପ ନିମନ୍ତେ ସେମାନେ ସର୍ଭେ କରୁଥିବା ପ୍ରକାଶ କରିଛନ୍ତି।



ସ୍କୁଲ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର।

# ଘରୋଇ କାରରେ ଭାରତ ସରକାରଙ୍କ ନାମଫଳକ




**ନୟାଗଡ ଅଫିସ,୧୫।୨**

ଘରୋଇ କାରରେ ଭାରତ ସରକାରଙ୍କ ନାମଫଳକ ଲାଗିଛି। ଦଶପଲ୍ଲା ବ୍ଲକ ଅଞ୍ଚଳରେ ୧ କୋଟି ୮୧ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଥିବା କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ଭୁବନେଶ୍ୱରର କର୍ମଚାରୀମାନେ ଏପରି ଏକ କାର ବ୍ୟବହାର କରିଥିବା ଶନିବାର ଦେଖିବାକୁ ମିଳିଥିଲା । କାରଟିର ନଂ ଓଡି୦୨ଏଏକ୍ସ ୫୩୨୭ ଥିବାବେଳେ ନମ୍ବର ପ୍ଲେଟ ଉପରେ ମିନିଷ୍ଟ୍ରି ଅଫ ଫାଇନାନ୍ସ ଭାରତ ସରକାର ଲେଖା ରହିଛି । ନୟାଗଡ ରିଜର୍ଭ କାର୍ଯ୍ୟାଳୟ ସମ୍ମୁଖରେ କିଛି ଗଣମାଧ୍ୟମର ପ୍ରତିନିଧି ଫଟୋ ଉତ୍ତୋଳନ କରୁଥିବାବେଳେ କାରରେ ଥିବା କର୍ମଚାରୀ ବାରଣ କରିଥିଲେ । ଏପରିକି ପ୍ରାଇଭେଟ କାରରେ କିପରି ଭାରତ ସରକାରଙ୍କ ନାମଫଳକ ଲଗାଇଛନ୍ତି ବୋଲି ପଚାରିବାରୁ କର୍ମଚାରୀମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବ

**ଖଣ୍ଡପଡା,୧୫।୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ ଢୋଲମରା ଗ୍ରାମରେ ଶୁକ୍ରବାର ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବ ଏବଂ ପୂଜ୍ୟପାଦ ବାବାଇଦାଙ୍କ ଶୁଭାନୁଗମନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦାମୋଦର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଢୋଲମରା ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବରେ ବ୍ରାହ୍ମ ମୁହୂର୍ତ୍ତରେ ଦେବ ମାଙ୍ଗଳିକ ଓ ନହବତ୍, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ପ୍ରାତଃ ସାଢେ଼୬ଟାରେ ଉଷା ବିନତୀ ଓ ପ୍ରଣାମ ପରେ ଠାକୁରଙ୍କ ଅମୀୟ ଗ୍ରନ୍ଥାଦି ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୯ଟାରେ ନଗର କୀର୍ତ୍ତନରେ ଠାକୁରଙ୍କ ବିଗ୍ରହକୁ ଏକ ସୁସଜ୍ଜିତ ରଥରେ ବିଜେ କରାଯାଇ ଗୁରୁ ଭାଇମାନେ ନଗର ପରିକ୍ରମା କରିଥିଲେ। ଏହି ଅବସରରେ ସହପ୍ରତି ଋତ୍ୱିକ ମନୋଜ କୁମାର ରାଉଳଙ୍କ ତତ୍ତ୍ୱାବଧାନରେ ପୂର୍ବାହ୍ନରେ ସତ୍‌ସଙ୍ଗ ଓ ସଙ୍ଗୀତାଞ୍ଜଳୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଆୟୋଜିତ ଉତ୍ସବରେ ଠାକୁରଙ୍କ ପାରିବାରିକ ଓ ଆଧ୍ୟାତ୍ମିକ ଜୀବନ ଉପରେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସହପ୍ରତି ଋତ୍ୱିକ ବସନ୍ତ କୁମାର ସାହୁ ଠାକୁରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ନୟାଗଡ ଜିଲା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଗୁରୁ ଭଉଣୀ ଭାଇ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଉତ୍ପଳ କୁମାର ସାହୁ, ଦିଲ୍ଲୀପ ବରାଡ, ଭାଗିରଥୀ ସାହୁ, ସୁରଜିତ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ।

# ଜଙ୍ଗଲ ସୁରକ୍ଷା ନେଇ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଦଶପଲ୍ଲା,୧୫।୨(ଡି.ଏନ୍.ଏ.)–** ଦଶପଲ୍ଲା ବ୍ଲକର ପୋଖରୀଗୋଚ୍ଛା ବନ ବିଭାଗ ତରଫରୁ ଜଙ୍ଗଲ ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଇଁଆଡିହସ୍ଥିତ ୟୁଜିଏସଏସ୍ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ସୁକାନ୍ତ ଜାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଫରେଷ୍ଟର ରାକେଶ ସାହୁ ଯୋଗଦାନ କରି ମୋ ଜଙ୍ଗଲ ମୋ ପରିବେଶ ଉପରେ ମତବ୍ୟକ୍ତ କରିଥିଲେ। ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲକୁ ନିଆଁରୁ କିପରି ମୁକ୍ତ ରଖାଯିବ ସେ ବିଷୟ ପରାମର୍ଶ ଦେଇଥିଲେ। ପୋଖରୀଗୋଚ୍ଛା ବନ ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ବହୁ ଜନସାଧାରଣ ଯୋଗଦାନ କରିଥିଲେ।

# ଶ୍ୱଶୁରଘରେ ଜ୍ୱାଇଁଙ୍କ ମୃତ୍ୟୁ

**ବୁଗୁଡ଼ା,୧୫।୨(ଡି.ଏନ.ଏ.):** ବୁଗୁଡ଼ା ଥାନା ବାଲିପଦର ଗ୍ରାମକୁ ଶାଶୁ ଲୁଗା ଦେବାକୁ ଆସିଥିବା ଜ୍ୱାଇଁଙ୍କର ମୃତ୍ୟୁ ଘଟିଛି। ସେ ହେଲେ କରବୁଲି ଗ୍ରାମର ବସନ୍ତ ସେଠୀ (୩୦)। ବସନ୍ତ ଶ୍ୱଶୁର ଘର ବାଲିପଦରସ୍ଥିତ ରାମଚନ୍ଦ୍ର ସେଠୀଙ୍କ ଘରକୁ ଶାଶୁଙ୍କ ଲୁଗା ଦେବା ପାଇଁ ଆସିଥିଲେ। ଶ୍ୱଶୁର ଘରେ ପହଞ୍ଚିବା ପରେ ତାଙ୍କ ମୁଣ୍ଡ ବୁଲାଇବାରୁ ତାଙ୍କୁ ବାଲିପଦର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ କୌଣସି ଡାକ୍ତର ନ ଥିବାରୁ ପୁଣି ତାଙ୍କୁ ଆସିକା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ନଂ. ୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିଲା। ଦୁଇବର୍ଷ ତଳେ ବିବାହ କରିଥିବା ବସନ୍ତଙ୍କ ଏକ ଶିଶୁପୁତ୍ର ଥିବା ଜଣାପଡ଼ିଛି।

**OFFICE OF THE MUNICIPAL COUNCIL, KEONJHARGARH**
email : keonjharm.hud@rediffmail.com
Invitation for Bids (IFB) 'e' Procurement Notice
Bid Identification No.KGM-10/2019-20

Letter No.1475 /KGM Date: 12.02.2020

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement.

1 - Nature of work- Civil Work
2 - No. of Work-31 Nos.
3 - Value of works: Rs.1,34 ,200 /- to 15,88,000 /-
4 - Date & Time of availability of Bid document in the portal: From. 15.02.2020 at 11.00 A.M. up to 25.02.2020 at 5.00 P.M.
5 - Last date & time of submission of bid in portal- upto 5 P.M of 25.02.2020
6 - Date of Opening of bid in portal. 27.02.2020 at 11 .30. A.M.
7- Name & address of the officer in Inviting Bid- EO, Keonjhargarh Municipality

Further details can be seen from Website: www.tendersorissa.gov.in

Sd./- Executive Officer
Keonjhargarh Municipality

**OFFICE OF THE EXECUTIVE ENGINEER**
**RURAL WATER SUPPLY & SANITATION DIVISION, MALKANGIRI**
No. O-1083
Phone - (06861) 231617email-eerwss_mal@nic.in,eerwssmlkg@gmail.com

**QUOTATION CALL NOTICE No. 03 / (EB-61)2020 Dt. 12.02.2020**

The Executive Engineer, RWS&S Division, Malkangiri on behalf of Governor of Odisha invites sealed quotations from Authorised Manufactures, Authorised Dealers/ Distributers for supply of Chemicals, Glassware, Consumables of reputed makes for testing of drinking water at RWS&S Divisional Laboratory, Malkangiri/ Sub-Divisional laboratory, Mathili.

The time schedule of quotation is as follows.

1) **Date for submission of quotation:- Dt.19.02.2020at 10.00 A.M.to 28.02.2020 up to 5.00P.M.**
2) **Date of Opening of Quotation:- Dt.29.02.2020 at 11.30A.M.**

The detailed list of items and term & condition are available in office of the Executive Engineer RWS&S Division,Malkangiriduring office hoursor can be downloaded from **www.odisha.gov.in, www.malkangiri.nic.in**

Sd/12.02.20
Executive Engineer RWS&S Division, Malkangiri
OIPR-25044/11/0010/1920

**SIEP centre for Divvyang** No. gg-20
**SIDR Building, Capital Hospital Campus, Unit-6, Bhubaneswar-751001**

**OPEN TENDER**
**for Procurement of Equipment for SIEP**

No. 132/SIEP Date: 14.02.2020
SIEP/MISC/0016/2019

The Tender aims to approve successful bidder/bidders that will be responsible for supply of different equipment for "SIEP (State Institute for Empowerment of Persons with Disabilities)" at Bhubaneswar. The details of scope of work, eligibility criteria and submission of details can be downloaded from websitehttp://www.ssepd.gov.in

1. Availability of tender document: SSEPDwebsite**www.ssepd.gov.in**
2. Date and time for submission of the Tender documents:
   By speed post/ Registered post / Courier/ hand in all working days up to **12:00 noon of 16/03/2020**
3. Pre Bid **26.02.2020 at 11.00 A.M**

This Tender does not entail any commitment on the part of SIEP either financial or otherwise. SIEP reserves the right to accept or reject any or all Tenders without incurring any obligation to inform the affected applicant/s of the grounds. The Tenders will be evaluated based on the information provided.

SD/-ExecutiveDirector,SIEP,Odisha
OIPR-46003/11/0004/1920

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Govt.of Odisha Undertaking)
Regd.Office: Janapath Bhubaneswar-751022
**OFFICE OF THE G.M.(ELECT) EHT (O&M)CIRCLE, JAJPUR ROAD.**
Fax/Phone No.06726-220965 (off), E-mail.id.ehtm.cle.jjp@optcl.co.in CIN: U401020R2004SGC007553
No.Tech-CR-150/156 Dated:15.02.2020

**EXPRESSION OF INTEREST(EOI)**

General Manager(Elect.),EHT(O&M) Circle, OPTCL, Jajpur Road indents to prepare a vendor list for minimum one year for execution of different Civil/Electrical works and supply of different materials for the estimated cost of more than 10(Ten) thousand up to 1(One) lakh. Interested suppliers, dealers, contractors and firm owners may apply with details documents on or before 04.03.2020 (during office hours).For details please visit our website:- www.optcl.co.in.
Corrigendum if any, will be published in the website only.

Sd./- General Manager (Elect)

**PRAGATIPATHE ATHMALIK PANCHAYAT SAMITI**

1. **RURAL HOUSING FOR THE FY 2019-20.**
   - PMAY-G Houses - 1922
   - BPGY Houses - 125
   - NSPGY Houses - 225
2. **MGNREGS FOR THE FY 2019-20**
   - Persondays Generation - 334265 days
   - House Hold 100 days completed - 166

**PROJECT COMPLETED UNDER MGNREGS**
   - AWC Building - 10
   - Playground - 3
   - Village Tank - 5
   - Check Dam - 4
   - Road - 14
3. **AGAB FOR THE FY 2019-20**
   - Project Completed - 112
4. **RURAL WATER SUPPLY AND SANITATION**
   - Pipe water supply completed - 28
   - Overhead tank completed - 11

Minakhi Dalei, Chairman
Chairman, Athmallik Block

Sanjay Kumar Acharya
Block Development Officer, Athmallik

**OFFICE OF THE D.F.O.-CUM-CEO.FFDA/ BFDA, BHADRAK AND SECRETARY, MANAGEMENT SOCIETY DHAMARA FISHING HARBOUR, DHAMARA**

**TENDER CALL NOTICE No. 49// Dt. 14.02.2020**
**ENGAGEMENT OF SECURITY GUARDS AND MANPOWER**

Management Society, Dhamara Fishing Harbour, Dhamara of Bhadrak District invites sealed tenders from registered private organizations / Agency for engagement of security Guards and Manpower Services. The agencies having good track record with Registration Certificate, trained manpower and relevant experience in this line is eligible to apply. The agency must be able to provide round the clock security services to Management Society, Dhamara Fishing Harbour, Dhamara. The details tender paper cost Rs. 2000/- (Rupees Two Thousand) only in shape of Cash/ Demand Draft in favour of "Secretary, Management Society, Dhamara Fishing Harbour, Dhamara" Payable at Dhamara may be obtained from the office of Manager, Management Society, Dhamara Fishing Harbour, Dhamara from Dt. 17.02.2020 to Dt. 02.03.2020 in office hours i.e. 10.00 AM to 5.30 PM should be submitted with their proposal (Technical as well as Financial Bids) along with all supporting documents in sealed envelope must superscribed with "Application for outsourcing of Security Services and Manpower at Management Society Dhamara Fishing Harbour, Dhamara" to the office of the D.F.O., Bhadrak and Secretary Management Society, Dhamara Fishing Harbour, Dhamara by Dt. 03.03.2020 till 5.30 PM. The tender will be opened on Dt. 04.03.2020 at 11.30 AM in the office of D.F.O.-cum-CEO, FFDA/BFDA, Bhadrak and Secretary, Management Society, Dhamara Fishing Harbour at Bhadrak. (Near Bonth Chaka Bus Stand). The Undersigned has reserve the rights to cancel any or all application without assigning any reason thereof.

Sd./- Santosh Kumar Dalai
D.F.O., Bhadrak & Secretary
Management Society Dhamara
Fishing Harbour, Dhamara